ଶ୍ରୀମଦ୍ଭ

# ଭଗବଦ୍ ଗୀତା

(ଅର୍ଥାନୁବାଦ ସହିତ)




ନିବେଦକ

**ଶ୍ରୀ ପ୍ରକାଶ ପ୍ରଧାନ**

ଓଁ ଶ୍ରୀ ଗଣେଶାୟ ନମଃ

# ଶ୍ରୀମଦ୍ ଭଗବଦ୍ ଗୀତା

**Shrimad-Bhagavad-Gita / श्रीमद्भगवद्गीता**

## ରଚନା - ମହର୍ଷି ବ୍ୟାସ ଦେବ

Written by – Maharshi Vyasa Deva

## ନିବେଦକ - ଶ୍ରୀ ପ୍ରକାଶ ପ୍ରଧାନ

– Prakash Pradhan

**ଭାଷା - ସଂସ୍କୃତ-ଓଡିଆ** (ଅର୍ଥ ସହିତ)

Language – Sanskrit – Odia (with meaning)



**ଶ୍ରୀ ପ୍ରକାଶ ପ୍ରଧାନ**

ନିବେଦକ,

ସଂସାରଫଳ, ପଟ୍ଟାମୁଣ୍ଡାଇ, କେନ୍ଦ୍ରାପଡା, ଓଡିଶା

prakash@scholarshoppe.com

# ପୂର୍ବାଭାଷ

ଓଁ ଶ୍ରୀ ଗଣେଶାୟ ନମଃ
ମାତାପିତୃଭ୍ୟାଂ ନମଃ ।
ସର୍ବଭ୍ୟୋ ଗୁରୁଭ୍ୟୋ ନମଃ ।
ଶ୍ରୀ ମହାଗଣପତୟେ ନମଃ ।
ଶ୍ରୀ ସରସ୍ୱତ୍ୟୈ ନମଃ ।
ସର୍ବଭ୍ୟୋ ଦେବେଭ୍ୟୋ ନମଃ ।
ଶ୍ରୀ ବେଦାୟ ନମଃ ।
ଶ୍ରୀ ବେଦପୁରୁଷାୟ ନମଃ ।

"ଶ୍ରୀମଦ୍ଧ ଭଗବଦ୍ ଗୀତା" ଓଡିଆରେ ଆଗରୁ ଅନେକ ଅର୍ଥାନୁବାଦ ଓ ବିଶ୍ଳେଷଣ ଉପଲବ୍ଧ ଅଛି । ମୁଁ ଯେତେବେଳେ ନିଜପାଇଁ ପଢୁଥିଲି, ଭାବିଲି ଏହାକୁ ଅନ୍ୟମାନଙ୍କ ପାଇଁ ମଧ୍ୟ ଡିଜିଟାଲ୍ ରୂପରେ ଓ ବିନା ମୂଲ୍ୟରେ ପ୍ରକାଶକଲେ ଭଗବଦ୍ ଜ୍ଞାନର ପ୍ରଚାର ପ୍ରସାର ହୋଇପାରିବ । ସେଥିପାଇଁ ଏହା ଏକ ପ୍ରୟାସ ମାତ୍ର ।

ଉକ୍ତ ଓଡିଆ ଅନୁବାଦରେ "ଗୀତାପ୍ରେସ ଗୋରଖପୁର" ପ୍ରକାଶିତ "ଶ୍ରୀ ଜୟଦୟାଲ ଗୋୟନ୍ଦକ"ଙ୍କ ଦ୍ୱାରା "ଶ୍ରୀମଦ୍ ଭଗବଦ୍ ଗୀତା" ପୁସ୍ତକ ବ୍ୟବହାର କରାଯାଇଛି । ଏହି ଅନୁବାଦରେ ଶ୍ଳୋକମାନଙ୍କର ଅର୍ଥ ଭଲଭାବରେ ବୁଝାପଡିବା ପାଇଁ କିଛି ନୂତନ ଶବ୍ଦମାନଙ୍କୁ ଯୋଗ କରାଯାଇଛି କିମ୍ବା ବାକ୍ୟର କ୍ରମ ପରିବର୍ତ୍ତନ କରାଯାଇଛି, କିମ୍ବା ପୁନଃ ସମାର୍ଥ ବାକ୍ୟ ଯୋଗ କରାଯାଇଛି ।

ଆଶାକରୁଛି ଏହା ପାଠକମାନଙ୍କର ଜ୍ଞାନ ବୃଦ୍ଧିକରିବା ସହିତ ମନମୋହକ ହେବ, ତଥା ଏହାକୁ ଅନ୍ୟମାନଙ୍କ ପାଖରେ ପହଞ୍ଚାଇ ଭଗବଦ୍ ଜ୍ଞାନର ପ୍ରଚାର-ପ୍ରସାରରେ ସହାୟକ ହେବେ ।

ଧନ୍ୟବାଦ

**ବିଜୟା ଦଶମୀ**
**ତାରିଖ - ୧୫.୧୦.୨୦୨୧**

**ଶ୍ରୀ ପ୍ରକାଶ ପ୍ରଧାନ**
**ନିବେଦକ**

# ସୂଚୀପତ୍ର


| କ୍ରମ | ଅଧ୍ୟାୟ | ବିଷୟ | ପୃଷ୍ଠା |
|---|---|---|---|
| ୧ | ପ୍ରଥମ ଅଧ୍ୟାୟ | ଅର୍ଜୁନବିଷାଦଯୋଗ | 6 |
| ୨ | ଦ୍ୱିତୀୟ ଅଧ୍ୟାୟ | ସାଙ୍ଖ୍ୟଯୋଗ | 18 |
| ୩ | ତୃତୀୟ ଅଧ୍ୟାୟଃ | କର୍ମଯୋଗ | 38 |
| ୪ | ଚତୁର୍ଥ ଅଧ୍ୟାୟ | ଜ୍ଞାନକର୍ମସଂନ୍ୟାସଯୋଗ | 51 |
| ୫ | ପଞ୍ଚମ ଅଧ୍ୟାୟ | ସଂନ୍ୟାସଯୋଗ | 63 |
| ୬ | ଷଷ୍ଠ ଅଧ୍ୟାୟ | ଆତ୍ମସଂୟମଯୋଗ | 72 |
| ୭ | ସପ୍ତମ ଅଧ୍ୟାୟ | ଜ୍ଞାନବିଜ୍ଞାନଯୋଗ | 85 |
| ୮ | ଅଷ୍ଟମ ଅଧ୍ୟାୟ | ଅକ୍ଷରବ୍ରହ୍ମଯୋଗ | 94 |
| ୯ | ନବମ ଅଧ୍ୟାୟ | ରାଜବିଦ୍ୟାରାଜଗୁହ୍ୟଯୋଗ | 103 |
| ୧୦ | ଦଶମ ଅଧ୍ୟାୟ | ବିଭୂତିଯୋଗ | 114 |
| ୧୧ | ଏକାଦଶ ଅଧ୍ୟାୟ | ବିଶ୍ୱରୂପଦର୍ଶନଯୋଗ | 126 |
| ୧୨ | ଦ୍ୱାଦଶ ଅଧ୍ୟାୟଃ | ଭକ୍ତିଯୋଗ | 143 |
| ୧୩ | ତ୍ରୟୋଦଶ ଅଧ୍ୟାୟଃ | କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗ | 150 |
| ୧୪ | ଚତୁର୍ଦଶ ଅଧ୍ୟାୟଃ | ଗୁଣତ୍ରୟବିଭାଗଯୋଗ | 161 |
| ୧୫ | ପଞ୍ଚଦଶ ଅଧ୍ୟାୟ | ପୁରୁଷୋତ୍ତମଯୋଗ | 170 |
| ୧୬ | ଷୋଡଶ ଅଧ୍ୟାୟ | ଦୈବାସୁରସମ୍ପଦ୍ୱିଭାଗଯୋଗ | 177 |
| ୧୭ | ସପ୍ତଦଶ ଅଧ୍ୟାୟ | ଶ୍ରଦ୍ଧାତ୍ରୟବିଭାଗଯୋଗ | 185 |
| ୧୮ | ଅଷ୍ଟାଦଶ ଅଧ୍ୟାୟ | ମୋକ୍ଷସଂନ୍ୟାସଯୋଗ | 195 |

# ପ୍ରଥମ ଅଧ୍ୟାୟ

(Chapter – 1)

## ଅର୍ଜୁନବିଷାଦଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ପ୍ରଥମୋଽଧ୍ୟାୟଃ ।।

।। ଓଁ ଶ୍ରୀ ପରମାତ୍ମନେ ନମଃ ।।

।। ଅଥ ଶ୍ରୀମଦ୍ ଭଗବଦ୍ ଗୀତା ।।

।। ଅଥ ପ୍ରଥମୋଽଧ୍ୟାୟଃ । ଅର୍ଜୁନବିଷାଦଯୋଗଃ ।।

**। ଧୃତରାଷ୍ଟ୍ର ଉବାଚ ।**

**ଧର୍ମକ୍ଷେତ୍ରେ କୁରୁକ୍ଷେତ୍ରେ ସମବେତା ଯୁଯୁତ୍ସବଃ ।**
**ମାମକାଃ ପାଣ୍ଡବାଶ୍ଚୈବ କିମକୁର୍ବତ ସଂଜୟ ।। ୧-୧ ।।**

(ଧୃତରାଷ୍ଟ୍ର ପଚାରିଲେ - ହେ ସଂଜୟ , ଧର୍ମଭୂମି କୁରୁକ୍ଷେତ୍ରରେ ଯୁଦ୍ଧ କରିବା ଇଚ୍ଛାରେ ଏକତ୍ରିତ ହୋଇଥିବା ମୋର ଓ ପାଣ୍ଡୁଙ୍କର ପୁତ୍ରମାନେ କ'ଣ କଲେ ? ।। ୧-୧ ।।)

**। ସଂଜୟ ଉବାଚ ।**

**ଦୃଷ୍ଟ୍ୱା ତୁ ପାଣ୍ଡବାନୀକଂ ବ୍ୟୂଢଂ ଦୁର୍ଯୋଧନସ୍ତଦା ।**
**ଆଚାର୍ଯ୍ୟମୁପସଂଗମ୍ୟ ରାଜା ବଚନମବ୍ରବୀତ୍ ।। ୧-୨।।**

(ସଂଜୟ କହିଲେ - ଯୁଦ୍ଧ ଆରମ୍ଭ ସମୟରେ ରାଜା ଦୁର୍ଯୋଧନ ବ୍ୟୂହରଚନାଯୁକ୍ତ ପାଣ୍ଡବସେନାକୁ ଦେଖି, ଦ୍ରୋଣାଚାର୍ଯ୍ୟଙ୍କ ପାଖକୁ ଯାଇ କହିଲେ, - ।। ୧.୨ ।।)

**ପଶ୍ୟୈତାଂ ପାଣ୍ଡୁପୁତ୍ରାଣାମାଚାର୍ଯ୍ୟ ମହତୀଂ ଚମୂମ୍ ।**
**ବ୍ୟୂଢାଂ ଦ୍ରୁପଦପୁତ୍ରେଣ ତବ ଶିଷ୍ୟେଣ ଧୀମତା ।। ୧-୩।।**

(ହେ ଆଚାର୍ଯ୍ୟ ; ଆପଣଙ୍କ ବୁଦ୍ଧିମାନ ଶିଷ୍ୟ ଦ୍ରୁପଦପୁତ୍ର ଧୃଷ୍ଟଦ୍ୟୁମ୍ନ ଦ୍ୱାରା ବ୍ୟୂହାକାରରେ ସଜ୍ଜିତ ପାଣ୍ଡୁପୁତ୍ରମାନଙ୍କର ଏହି ବିରାଟ ସେନାକୁ ଦେଖନ୍ତୁ - ।। ୧-୩ ।।)

**ଅତ୍ର ଶୂରା ମହେଷ୍ୱାସା ଭୀମାର୍ଜୁନସମା ଯୁଧି ।**
**ଯୁଯୁଧାନୋ ବିରାଟଶ୍ଚ ଦ୍ରୁପଦଶ୍ଚ ମହାରଥଃ ।। ୧-୪।।**
**ଧୃଷ୍ଟକେତୁଶ୍ଚେକିତାନଃ କାଶିରାଜଶ୍ଚ ବୀର୍ୟ୍ୟବାନ୍ ।**
**ପୁରୁଜିତ୍-କୁନ୍ତିଭୋଜଶ୍ଚ ଶୈବ୍ୟଶ୍ଚ ନରପୁଙ୍ଗବଃ ।। ୧-୫।।**
**ଯୁଧାମନ୍ୟୁଶ୍ଚ ବିକ୍ରାନ୍ତ ଉତ୍ତମୌଜାଶ୍ଚ ବୀର୍ୟ୍ୟବାନ୍ ।**
**ସୌଭଦ୍ରୋ ଦ୍ରୌପଦେୟାଶ୍ଚ ସର୍ବ ଏବ ମହାରଥାଃ ।। ୧-୬।।**

(ଏହି ସେନାରେ ମହା ମହା ଧନୁର୍ଦ୍ଧାରୀ ତଥା ଯୁଦ୍ଧରେ ଭୀମ ଓ ଅର୍ଜୁନଙ୍କ ସମାନ ଶୂରବୀର ସାତ୍ୟକି, ବିରାଟ ତଥା ମହାରଥୀ ରାଜା ଦ୍ରୁପଦ, ଧୃତକେତୁ ଓ ଚେକିତାନ ତଥା ବଳବାନ କାଶିରାଜ, ପୁରୁଜିତ୍, କୁନ୍ତିଭୋଜ ଓ ମନୁଷ୍ୟମାନଙ୍କ ମଧ୍ୟରେ ଶ୍ରେଷ୍ଠ ଶୈବ୍ୟ, ପରାକ୍ରମୀ ଯୁଧାମନ୍ୟୁ ତଥା ବଳବାନ ଉତ୍ତମୌଜା, ସୁଭଦ୍ରାପୁତ୍ର ଅଭିମନ୍ୟୁ ଏବଂ ଦ୍ରୌପଦୀଙ୍କ ପାଞ୍ଚପୁତ୍ର ଅଛନ୍ତି; ଏମାନେ ସମସ୍ତେ ମହାରଥୀ । - ।। ୧-୪, ୧-୫, ୧-୬ ।।)

**ଅସ୍ମାକଂ ତୁ ବିଶିଷ୍ଟା ଯେ ତାନ୍ନିବୋଧ ଦ୍ୱିଜୋତ୍ତମ ।**
**ନାୟକା ମମ ସୈନ୍ୟସ୍ୟ ସଂଜ୍ଞାର୍ଥଂ ତାନ୍-ବ୍ରବୀମି ତେ ।। ୧-୭।।**

(ହେ ବ୍ରାହ୍ମଣଶ୍ରେଷ୍ଠ ! ଆମ ପକ୍ଷରେ ବି ଯେଉଁ ପ୍ରଧାନ ଯୋଦ୍ଧାମାନେ ଅଛନ୍ତି, ସେମାନଙ୍କୁ ଆପଣ ଜାଣିନିଅନ୍ତୁ । ମୋ ସେନାର ଯେଉଁ ସେନାପତିମାନେ ଅଛନ୍ତି, ଆପଣଙ୍କ ଜାଣିବାନିମନ୍ତେ ସେମାନଙ୍କ ନାମ କହୁଛି । - ।। ୧-୭ ।।)

**ଭବାନ୍‌ଭୀଷ୍ମଶ୍ଚ କର୍ଣ୍ଣଶ୍ଚ କୃପଶ୍ଚ ସମିତିଞ୍ଜୟଃ ।**
**ଅଶ୍ୱତ୍ଥାମା ବିକର୍ଣ୍ଣଶ୍ଚ ସୌମଦତ୍ତିସ୍ତଥୈବ ଚ ।। ୧-୮।।** (ସୌମଦତ୍ତିର୍ଜୟଦ୍ରଥଃ)

(ଆପଣ ଦ୍ରୋଣାଚାର୍ଯ୍ୟ, ପିତାମହ ଭୀଷ୍ମ, କର୍ଣ୍ଣ ଏବଂ ସଂଗ୍ରାମବିଜୟୀ କୃପାଚାର୍ଯ୍ୟ ତଥା ସେହିପରି ଅଶ୍ୱତ୍ଥାମା, ବିକର୍ଣ୍ଣ ଓ ସୋମଦତ୍ତଙ୍କ ପୁତ୍ର ଭୂରିଶ୍ରବା ଏବଂ - ।। ୧.୮ ।।)

**ଅନ୍ୟେ ଚ ବହବଃ ଶୂରା ମଦର୍ଥେ ତ୍ୟକ୍ତଜୀବିତାଃ ।**
**ନାନାଶସ୍ତ୍ରପ୍ରହରଣାଃ ସର୍ବେ ଯୁଦ୍ଧବିଶାରଦାଃ ।। ୧-୯।।**

(ଏମାନଙ୍କ ଛଡା ମୋ ପାଇଁ ଜୀବନର ଆଶା ତ୍ୟାଗ କରିଦେଇଥିବା ଆହୁରି ବହୁ ଶୂରବୀର ମଧ୍ୟ ନାନାପ୍ରକାର ଅସ୍ତ୍ରଶସ୍ତ୍ରରେ ସଜ୍ଜିତ ହୋଇ ଉପସ୍ଥିତ ଅଛନ୍ତି । ସେମାନେ ସମସ୍ତେ ଯୁଦ୍ଧରେ ନିପୁଣ । - ।। ୧.୯ ।।)

**ଅପର୍ଯ୍ୟାପ୍ତଂ ତଦସ୍ମାକଂ ବଲଂ ଭୀଷ୍ମାଭିରକ୍ଷିତମ୍ ।**
**ପର୍ଯ୍ୟାପ୍ତଂ ତ୍ୱିଦମେତେଷାଂ ବଲଂ ଭୀମାଭିରକ୍ଷିତମ୍ ।। ୧-୧୦।।**

(ଭୀଷ୍ମଙ୍କଦ୍ୱାରା ରକ୍ଷିତ ଆମ୍ଭମାନଙ୍କର ସେନା ଅପରିମିତ, ଅର୍ଥାତ୍ ସବୁ ଦୃଷ୍ଟିରୁ ଅଜେୟ ଏବଂ ଭୀମଙ୍କ ଦ୍ୱାରା ରକ୍ଷିତ ଏମାନଙ୍କର ଏହି ସେନା ପରିମିତ, ଅର୍ଥାତ୍ ଏହାକୁ ଜୟ କରିବା ଅତି ସହଜ । - ।। ୧.୧୦ ।।)

**ଅୟନେଷୁ ଚ ସର୍ବେଷୁ ଯଥାଭାଗମବସ୍ଥିତାଃ ।**
**ଭୀଷ୍ମମେବାଭିରକ୍ଷନ୍ତୁ ଭବନ୍ତଃ ସର୍ବ ଏବ ହି ।। ୧-୧୧।।**

(ତେଣୁ ସକଳ ବ୍ୟୂହଦ୍ୱାରରେ ନିଜ ନିଜ ସ୍ଥାନରେ ରହି ଆପଣମାନେ ସମସ୍ତେ ନିଶ୍ଚିତଭାବରେ ଭୀଷ୍ମ ପିତାମହଙ୍କୁ ହିଁ ସକଳ ଦିଗରୁ ରକ୍ଷା କରନ୍ତୁ । - ।। ୧.୧୧ ।।)

**ତସ୍ୟ ସଞ୍ଜନୟନ୍ହର୍ଷଂ କୁରୁବୃଦ୍ଧଃ ପିତାମହଃ ।**
**ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖଂ ଦଧ୍ମୌ ପ୍ରତାପବାନ୍ ।। ୧-୧୨।।**

(କୁରୁବୃଦ୍ଧ ମହାପ୍ରତାପୀ ପିତାମହ ଭୀଷ୍ମ ଦୁର୍ଯ୍ୟୋଧନଙ୍କ ହୃଦୟରେ ହର୍ଷ ଉତ୍ପନ୍ନ କରାଇ ଉଚ୍ଚସ୍ୱରରେ ସିଂହନାଦପରି ଗର୍ଜନ କରି ଶଙ୍ଖ ବଜାଇଲେ । - ।। ୧.୧୨ ।।)

**ତତଃ ଶଙ୍ଖାଶ୍ଚ ଭେର୍ଯ୍ୟଶ୍ଚ ପଣବାନକଗୋମୁଖାଃ ।**
**ସହସୈବାଭ୍ୟହନ୍ୟନ୍ତ ସ ଶବ୍ଦସ୍ତୁମୁଲୋଽଭବତ୍ ।। ୧-୧୩।।**

Not For Commercial Use

(ତା' ପରେ ପରେ ବହୁ ଶଙ୍ଖ, ଭେରୀ, ନାଗରା, ମର୍ଦ୍ଦଳ ଓ ରଣଶିଙ୍ଗା ଆଦି ବାଦ୍ୟ ଏକସଙ୍ଗେ ବାଜିଉଠିଲା । ସେ'ସବୁର ଶବ୍ଦ ଅତି ଭୟଙ୍କର ହେଲା । - ।। ୧-୧୩ ।।)

**ତତଃ ଶ୍ୱେତୈର୍ହୟୈର୍ୟୁକ୍ତେ ମହତି ସ୍ୟନ୍ଦନେ ସ୍ଥିତୌ ।**
**ମାଧବଃ ପାଣ୍ଡବଶ୍ଚୈବ ଦିବ୍ୟୌ ଶଙ୍ଖୌ ପ୍ରଦଧ୍ମତୁଃ ।। ୧-୧୪।।**

(ତାହାପରେ ଧଳାଘୋଡା ଯୋଚା ଯାଇଥିବା ଉତ୍ତମ ରଥରେ ବସି ପରମାତ୍ମା ଶ୍ରୀକୃଷ୍ଣ ଓ ଅର୍ଜୁନ ମଧ୍ୟ ନିଜ ନିଜର ଦିବ୍ୟ ଶଙ୍ଖ ବଜାଇଲେ । - ।। ୧-୧୪ ।।)

**ପାଞ୍ଚଜନ୍ୟଂ ହୃଷୀକେଶୋ ଦେବଦତ୍ତଂ ଧନଞ୍ଜୟଃ ।**
**ପୌଣ୍ଡ୍ରଂ ଦଧ୍ମୌ ମହାଶଙ୍ଖଂ ଭୀମକର୍ମା ବୃକୋଦରଃ ।। ୧-୧୫।।**

(ପରମାତ୍ମା ଶ୍ରୀକୃଷ୍ଣ ପାଞ୍ଚଜନ୍ୟ ନାମକ, ଅର୍ଜୁନ ଦେବଦତ୍ତ ନାମକ, ଏବଂ ଭୟାନକ କର୍ମକାରୀ ଭୀମସେନ ପୌଣ୍ଡ୍ର ନାମକ ମହାଶଙ୍ଖ ବଜାଇଲେ । - ।। ୧-୧୫ ।।)

**ଅନନ୍ତବିଜୟଂ ରାଜା କୁନ୍ତୀପୁତ୍ରୋ ଯୁଧିଷ୍ଠିରଃ ।**
**ନକୁଲଃ ସହଦେବଶ୍ଚ ସୁଘୋଷମଣିପୁଷ୍ପକୌ ।। ୧-୧୬।।**

(କୁନ୍ତୀପୁତ୍ର ରାଜା ଯୁଧିଷ୍ଠିର ଅନନ୍ତବିଜୟ ନାମକ, ତଥା ନକୁଳ ଓ ସହଦେବ ଯଥାକ୍ରମେ ସୁଘୋଶ ଓ ମଣିପୁଷ୍ପକ ନାମକ ଶଙ୍ଖ ବଜାଇଲେ । - ।। ୧-୧୬ ।।)

**କାଶ୍ୟଶ୍ଚ ପରମେଷ୍ୱାସଃ ଶିଖଣ୍ଡୀ ଚ ମହାରଥଃ ।**
**ଧୃଷ୍ଟଦ୍ୟୁମ୍ନୋ ବିରାଟଶ୍ଚ ସାତ୍ୟକିଶ୍ଚାପରାଜିତଃ ।। ୧-୧୭।।**
**ଦ୍ରୁପଦୋ ଦ୍ରୌପଦେୟାଶ୍ଚ ସର୍ବଶଃ ପୃଥିବୀପତେ ।**
**ସୌଭଦ୍ରଶ୍ଚ ମହାବାହୁଃ ଶଙ୍ଖାନ୍ଦଧ୍ମୁଃ ପୃଥକ୍ପୃଥକ୍ ।। ୧-୧୮।।**

(ଶ୍ରେଷ୍ଠ ଧନୁର୍ଦ୍ଧାରୀ କାଶିରାଜା, ମହାରଥୀ ଶିଖଣ୍ଡି, ଧୃଷ୍ଟଦ୍ୟୁମ୍ନ, ରାଜା ବିରାଟ, ଅଜେୟ ସାତ୍ୟକି, ରାଜା ଦ୍ରୁପଦ, ଦ୍ରୌପଦିଙ୍କ ପାଞ୍ଚ ପୁତ୍ର, ସୁଭଦ୍ରାପୁତ୍ର ମହାବାହୁ ଅଭିମନ୍ୟୁ – – ହେ ରାଜନ୍ ! ଏ ସମସ୍ତେ ସକଳ ଦିଗରୁ ପୃଥକ୍ ପୃଥକ୍ ଶଙ୍ଖ ବଜାଇଲେ । - ।। ୧-୧୭, ୧-୧୮ ।।)

Not For Commercial Use

**ସ ଘୋଷୋ ଧାର୍ତରାଷ୍ଟ୍ରାଣାଂ ହୃଦୟାନି ବ୍ୟଦାରୟତ୍ ।**
**ନଭଶ୍ଚ ପୃଥିବୀଂ ଚୈବ ତୁମୁଲୋଽଭ୍ୟନୁନାଦୟନ୍ ।। ୧-୧୯।।** (ଓ ବ୍ୟନୁ)

(ଏବଂ ସେହି ଭୟଙ୍କର ଶବ୍ଦ ଆକାଶ ଓ ପୃଥିବୀକୁ ପ୍ରତିଧ୍ୱନିତ କରି ଦୁର୍ଯ୍ୟୋଧନାଦି କୌରବ ମାନଙ୍କର ହୃଦୟ ବିଦୀର୍ଣ୍ଣ କରିଦେଲା । - ।। ୧-୧୯ ।।)

**ଅଥ ବ୍ୟବସ୍ଥିତାନ୍ଦୃଷ୍ଟ୍ୱା ଧାର୍ତରାଷ୍ଟ୍ରାନ୍ କପିଧ୍ୱଜଃ ।**
**ପ୍ରବୃତ୍ତେ ଶସ୍ତ୍ରସମ୍ପାତେ ଧନୁରୁଦ୍ୟମ୍ୟ ପାଣ୍ଡବଃ ।। ୧-୨୦।।**
**ହୃଷୀକେଶଂ ତଦା ବାକ୍ୟମିଦମାହ ମହୀପତେ ।**

**। ଅର୍ଜୁନ ଉବାଚ ।**

**ସେନୟୋରୁଭୟୋର୍ମଧ୍ୟେ ରଥଂ ସ୍ଥାପୟ ମେଽଚ୍ୟୁତ ।। ୧-୨୧।।**
**ୟାବଦେତାନ୍ନିରୀକ୍ଷେଽହଂ ୟୋଦ୍ଧୁକାମାନବସ୍ଥିତାନ୍ ।**
**କୈର୍ମୟା ସହ ୟୋଦ୍ଧବ୍ୟମସ୍ମିନ୍ ରଣସମୁଦ୍ୟମେ ।। ୧-୨୨।।**

(ହେ ରାଜନ୍ ! ଏହାପରେ ବ୍ୟୂହରଚନା ପୂର୍ବକ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇ ରହିଥିବା ଧୃତରାଷ୍ଟ୍ରଙ୍କ ସମ୍ବନ୍ଧୀୟ ମାନଙ୍କୁ ଦେଖି ଶସ୍ତ୍ର ପ୍ରୟୋଗ କରିବାକୁ ଯାଉଥିବା ସମୟରେ କପିଧ୍ୱଜ ଅର୍ଜୁନ ନିଜ ଧନୁ ଉଠାଇ ହୃଷୀକେଶ ଶ୍ରୀକୃଷ୍ଣ ଭଗବାନଙ୍କୁ କହିଲେ, " ହେ ଅଚ୍ୟୁତ ! ମୋ ରଥକୁ ନେଇ ଦୁଇ ସେନାଙ୍କ ମଧ୍ୟରେ ଠିଆ କରାନ୍ତୁ ।" - ।। ୧-୨୦, ୧-୨୧ ।।

ଏହି ଯୁଦ୍ଧରୂପକ ବ୍ୟାପାରରେ ମୋତେ କେଉଁମାନଙ୍କ ସହିତ ଯୁଦ୍ଧ କରିବାକୁ ହେବ, ଯୁଦ୍ଧକ୍ଷେତ୍ରରେ ଠିଆ ହୋଇଥିବା ସେହି ଯୁଦ୍ଧାଭିଳାଷୀ ବିପକ୍ଷୀ ଯୋଦ୍ଧାମାନଙ୍କୁ ଯେ ପର୍ଯ୍ୟନ୍ତ ମୁଁ ଭଲରୂପେ ଦେଖି ଚିହ୍ନି ନ ନେଇଛି, ସେ'ପର୍ଯ୍ୟନ୍ତ ରଥ ଠିଆ କରାନ୍ତୁ । - ।। ୧-୨୨ ।।)

**ୟୋତ୍ସ୍ୟମାନାନବେକ୍ଷେଽହଂ ୟ ଏତେଽତ୍ର ସମାଗତାଃ ।**
**ଧାର୍ତରାଷ୍ଟ୍ରସ୍ୟ ଦୁର୍ବୁଦ୍ଧେର୍ୟୁଦ୍ଧେ ପ୍ରିୟଚିକୀର୍ଷବଃ ।। ୧-୨୩।।**

Not For Commercial Use

(ଦୁର୍ବୁଦ୍ଧି ଦୁର୍ଯ୍ୟୋଧନର ଯୁଦ୍ଧରେ ହିତାକାଂକ୍ଷୀ ହୋଇ ଯେଉଁ ରାଜାମାନେ ଏହି ସେନାରେ ଆସିଛନ୍ତି, ସେହି ଯୋଦ୍ଧା ମାନଙ୍କୁ ମୁଁ ଟିକିଏ ଭଲ କରି ଦେଖିବି । - ।। ୧-୨୩ ।।)

**। ସଂଜୟ ଉବାଚ ।**

**ଏବମୁକ୍ତୋ ହୃଷୀକେଶୋ ଗୁଡାକେଶେନ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ସ୍ଥାପୟିତ୍ୱା ରଥୋତ୍ତମମ୍ ।। ୧-୨୪।।**
**ଭୀଷ୍ମଦ୍ରୋଣପ୍ରମୁଖତଃ ସର୍ବେଷାଂ ଚ ମହୀକ୍ଷିତାମ୍ ।**
**ଉବାଚ ପାର୍ଥ ପଶ୍ୟୈତାନ୍‌ସମବେତାନ୍‌କୁରୂନିତି ।। ୧-୨୫।।**

(ସଂଜୟ କହିଲେ – ହେ ଧୃତରାଷ୍ଟ୍ର ! ଅର୍ଜୁନ ଏପରି କହିବାରୁ, ଭଗବାନ ଶ୍ରୀକୃଷ୍ଣ ଦୁଇସେନାଙ୍କ ମଧ୍ୟରେ ଭୀଷ୍ମ ଓ ଦ୍ରୋଣାଚାର୍ଯ୍ୟଙ୍କ ସମ୍ମୁଖରେ ତଥା ସମସ୍ତ ରାଜାଙ୍କ ସମ୍ମୁଖରେ ଉତ୍ତମ ରଥଟି ଠିଆ କରାଇଦେଇ କହିଲେ, "ହେ ପାର୍ଥ, ଯୁଦ୍ଧପାଇଁ ଏକତ୍ରିତ ହୋଇଥିବା ଏହି କୌରବ ମାନଙ୍କୁ ଦେଖ ।" - ।। ୧-୨୪, ୧-୨୫ ।।)

**ତତ୍ରାପଶ୍ୟତ୍‌ସ୍ଥିତାନ୍‌ପାର୍ଥଃ ପିତୃନଥ ପିତାମହାନ୍ ।**
**ଆଚାର୍ଯ୍ୟାନ୍ମାତୁଲାନ୍‌ଭ୍ରାତୃନ୍‌ପୁତ୍ରାନ୍‌ପୌତ୍ରାନ୍‌ସଖୀଂସ୍ତଥା ।। ୧-୨୬।।**
**ଶ୍ୱଶୁରାନ୍‌ସୁହୃଦଶ୍ଚୈବ ସେନୟୋରୁଭୟୋରପି ।**
**ତାନ୍‌ସମୀକ୍ଷ୍ୟ ସ କୌନ୍ତେୟଃ ସର୍ବାନ୍-ବନ୍ଧୂନବସ୍ଥିତାନ୍ ।। ୧-୨୭।।**
**କୃପୟା ପରୟାବିଷ୍ଟୋ ବିଷୀଦନ୍ନିଦମବ୍ରବୀତ୍ ।**

**। ଅର୍ଜୁନ ଉବାଚ ।**

**ଦୃଷ୍ଟ୍ୱେମଂ ସ୍ୱଜନଂ କୃଷ୍ଣ ଯୁୟୁତ୍ସୁଂ ସମୁପସ୍ଥିତମ୍ ।। ୧-୨୮।।**
**ସୀଦନ୍ତି ମମ ଗାତ୍ରାଣି ମୁଖଂ ଚ ପରିଶୁଷ୍ୟତି ।**
**ବେପଥୁଶ୍ଚ ଶରୀରେ ମେ ରୋମହର୍ଷଶ୍ଚ ଜାୟତେ ।। ୧-୨୯।।**



Not For Commercial Use

(ତା'ପରେ ପୃଥାପୁତ୍ର ଅର୍ଜୁନ ସେହି ଉଭୟସେନା ମଧ୍ୟରେ ବିଦ୍ୟମାନ ପିତୃ, ପିତାମହ, ଆଚାର୍ଯ୍ୟ, ମାମୁଁ, ଭାଇ, ପୁଅ, ନାତି, ମିତ୍ର, ଶ୍ୱଶୁର ଓ ସୁହୃଦ୍ ମାନଙ୍କୁ ହିଁ ଦେଖିବାକୁ ପାଇଲେ । - ।। ୧-୨୬ ଓ ୧-୨୭ ଶ୍ଳୋକର ପୂର୍ବାର୍ଦ୍ଧ ।।

ହେହି ଉପସ୍ଥିତ ସମସ୍ତ ବନ୍ଧୁଙ୍କୁ ଦେଖି କୁନ୍ତୀପୁତ୍ର ଅର୍ଜୁନ ଅତ୍ୟନ୍ତ କରୁଣାପରବଶ ହୋଇ ଶୋକ କରୁ କରୁ କହିଲେ – ।। ୧-୨୭ ଉତ୍ତରାର୍ଦ୍ଧ, ୧-୨୮ ପୂର୍ବାର୍ଦ୍ଧ ।।

ଅର୍ଜୁନ କହିଲେ - ହେ କୃଷ୍ଣ ! ଯୁଦ୍ଧକ୍ଷେତ୍ରରେ ଦୃଢଭାବରେ ଦଣ୍ଡାୟମାନ ହୋଇଥିବା ଏହି ଯୁଦ୍ଧାଭିଳାଷୀ ସ୍ୱଜନ ସମୁଦାୟକୁ ଦେଖି ମୋର ଅଙ୍ଗମାନ ଶିଥିଳ ହୋଇଯାଉଛି, ମୁଖ ଶୁଖିଯାଉଛି ଓ ଦେହରେ କମ୍ପ ତଥା ରୋମାଞ୍ଚ ଜାତ ହେଉଛି । - ।। ୧-୨୮ ଉତ୍ତରାର୍ଦ୍ଧ, ୧-୨୯ ।।)

**ଗାଣ୍ଡୀବଂ ସ୍ରଂସତେ ହସ୍ତାତ୍ୱକ୍-ଚୈବ ପରିଦହ୍ୟତେ ।**
**ନ ଚ ଶକ୍ନୋମ୍ୟବସ୍ଥାତୁଂ ଭ୍ରମତୀବ ଚ ମେ ମନଃ ।। ୧-୩୦।।**
**ନିମିତ୍ତାନି ଚ ପଶ୍ୟାମି ବିପରୀତାନି କେଶବ ।**
**ନ ଚ ଶ୍ରେୟୋଽନୁପଶ୍ୟାମି ହତ୍ୱା ସ୍ୱଜନମାହବେ ।। ୧-୩୧।।**

(ହାତରୁ ଗାଣ୍ଡିବ ଧନୁ ଖସିପଡୁଛି, ଚର୍ମ ବି ଭୀଷଣ ଜ୍ୱଳା କରୁଛି ତଥା ମୋର ମନ ଘୂର୍ଣ୍ଣିତ ହେଲାପରି ଲାଗୁଛି । ତେଣୁ ମୁଁ ଠିଆ ହୋଇ ରହିବାକୁ ବି ସମର୍ଥ ହୋଇପାରୁ ନାହିଁ - ।। ୧-୩୦ ।।

ହେ କେଶବ ! ମୁଁ ଲକ୍ଷଣ ସବୁକୁ ବିପରିତ ହିଁ ଦେଖୁଛି । ଯୁଦ୍ଧରେ ସ୍ୱଜନ ସମୁଦାୟକୁ ମାରିବାରେ କୌଣସି କଲ୍ୟାଣ ବି ଦେଖିପାରୁ ନାହିଁ । - ।। ୧-୩୧ ।।)

**ନ କାଙ୍-କ୍ଷେ ବିଜୟଂ କୃଷ୍ଣ ନ ଚ ରାଜ୍ୟଂ ସୁଖାନି ଚ ।**
**କିଂ ନୋ ରାଜ୍ୟେନ ଗୋବିନ୍ଦ କିଂ ଭୋଗୈର୍ଜୀବିତେନ ବା ।। ୧-୩୨।।**

(ହେ କୃଷ୍ଣ ! ମୁଁ ବିଜୟ ଚାହୁଁ ନାହିଁ, କି ରାଜ୍ୟ ତଥା ସୁଖ ମଧ୍ୟ ଚାହୁଁ ନାହିଁ । ହେ ଗୋବିନ୍ଦ ! ଆମର ଏପରି ରାଜ୍ୟରେ କି ପ୍ରୟୋଜନ ! ଅଥବା ଏପରି ଭୋଗମାନଙ୍କରେ ଓ ଜୀବନରେ ବି କି ଲାଭ ଅଛି ! - ।। ୧-୩୨ ।।)

Not For Commercial Use

**ଯେଷାମର୍ଥେ କାଙ୍-କ୍ଷିତଂ ନୋ ରାଜ୍ୟଂ ଭୋଗାଃ ସୁଖାନି ଚ ।**
**ତ ଇମେଽବସ୍ଥିତା ଯୁଦ୍ଧେ ପ୍ରାଣାଂସ୍ତ୍ୟକ୍ତ୍ୱା ଧନାନି ଚ ।। ୧-୩୩।।**

(ଆମେ ଯେଉଁମାନଙ୍କ ପାଇଁ ରାଜ୍ୟ, ଭୋଗ ଓ ସୁଖାଦି ଅଭିଳାଷ କରୁଛୁ, ଏହି ସେହିମାନେ ଧନ ଓ ଜୀବନର ଆଶା ପରିତ୍ୟାଗ କରି ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି । - ।। ୧-୩୩ ।।)

**ଆଚାର୍ଯ୍ୟାଃ ପିତରଃ ପୁତ୍ରାସ୍ତଥୈବ ଚ ପିତାମହାଃ ।**
**ମାତୁଲାଃ ଶ୍ୱଶୁରାଃ ପୌତ୍ରାଃ ଶ୍ୟାଲାଃ ସମ୍ବନ୍ଧିନସ୍ତଥା ।। ୧-୩୪।।**

(ଗୁରୁମାନେ, ପିତୃମାନେ, ପୁତ୍ରମାନେ ଏବଂ ସେହିପରି ପିତାମହମାନେ, ମାମୁଁମାନେ, ଶ୍ୱଶୁରମାନେ, ନାତିମାନେ, ଶାଳକମାନେ ତଥା ଅନ୍ୟ ସମ୍ବନ୍ଧୀୟମାନେ ବି ଅଛନ୍ତି । - ।। ୧-୩୪ ।।)

**ଏତାନ୍ନ ହନ୍ତୁମିଚ୍ଛାମି ଘ୍ନତୋଽପି ମଧୁସୂଦନ ।**
**ଅପି ତ୍ରୈଲୋକ୍ୟରାଜ୍ୟସ୍ୟ ହେତୋଃ କିଂ ନୁ ମହୀକୃତେ ।। ୧-୩୫।।**

(ହେ ମଧୁସୂଦନ ! ଏମାନେ ମୋତେ ମାରିଦେଲେ ବି ମୁଁ ଏମାନଙ୍କୁ ମାରିବାକୁ ଚାହେଁ ନାହିଁ । ପୃଥିବୀ ଲାଭ କରିବା କଥା କିଏ ପଚାରେ, ତିନିଲୋକର ରାଜ୍ୟାଧିକାର ମିଳିବାର ଥିଲେ ମଧ୍ୟ, ମୁଁ ଏମାନଙ୍କୁ ମାରିବାକୁ ଚାହେଁ ନାହିଁ । - ।। ୧-୩୫ ।।)

**ନିହତ୍ୟ ଧାର୍ତରାଷ୍ଟ୍ରାନ୍ନଃ କା ପ୍ରୀତିଃ ସ୍ୟାଜ୍ଜନାର୍ଦନ ।**
**ପାପମେବାଶ୍ରୟେଦସ୍ମାନ୍ ହତ୍ୱୈତାନାତତାୟିନଃ ।। ୧-୩୬।।**

(ହେ ଜନାର୍ଦ୍ଦନ ! ଧୃତରାଷ୍ଟ୍ରଙ୍କ ପୁତ୍ରମାନଙ୍କୁ ମାରିଦେଲେ ଆମକୁ କି ସୁଖ ମିଳିବ ? ଏହି ଆତତାୟୀ ମାନଙ୍କୁ ମାରିଲେ ତ ଆମକୁ ପାପ ହିଁ ଲାଗିବ । - ।। ୧-୩୬ ।।)

**ତସ୍ମାନ୍ନାର୍ହା ବୟଂ ହନ୍ତୁଂ ଧାର୍ତରାଷ୍ଟ୍ରାନ୍ସ୍ୱବାନ୍ଧବାନ୍ ।**
**ସ୍ୱଜନଂ ହି କଥଂ ହତ୍ୱା ସୁଖିନଃ ସ୍ୟାମ ମାଧବ ।। ୧-୩୭।।**

(ତେଣୁ ହେ ମାଧବ ! ନିଜର ବାନ୍ଧବ ଦୁର୍ଯ୍ୟୋଧନାଦିଙ୍କୁ ମାରିବା ଆମ ପକ୍ଷରେ ଉଚିତ ହେବ ନାହିଁ, କାରଣ ନିଜ କୁଟୁମ୍ବ ଲୋକଙ୍କୁ ମାରି ଆମେ କିପରି ସୁଖୀ ହୋଇପାରିବୁ ? - || ୧-୩୭ ||)

**ଯଦ୍ୟପ୍ୟେତେ ନ ପଶ୍ୟନ୍ତି ଲୋଭୋପହତଚେତସଃ |**
**କୁଲକ୍ଷୟକୃତଂ ଦୋଷଂ ମିତ୍ରଦ୍ରୋହେ ଚ ପାତକମ୍ || ୧-୩୮||**
**କଥଂ ନ ଜ୍ଞେୟମସ୍ମାଭିଃ ପାପାଦସ୍ମାନ୍ନିବର୍ତ୍ତିତୁମ୍ |**
**କୁଲକ୍ଷୟକୃତଂ ଦୋଷଂ ପ୍ରପଶ୍ୟଦ୍-ଭିର୍ଜନାର୍ଦନ || ୧-୩୯||**

(ଯଦ୍ୟପି ଲୋଭ ବଶତଃ ଭ୍ରଷ୍ଟଚିତ୍ତ ହୋଇଥିବା ଏହି ଲୋକେ କୁଳକ୍ଷୟ ଜନିତ ଦୋଷ ଓ ମିତ୍ରଦ୍ରୋହ ଜନିତ ପାପ ଜାଣିପାରୁ ନାହାନ୍ତି, ତଥାପି ହେ ଜନାର୍ଦ୍ଦନ ! କୁଳନାଶରୁ ଉତ୍ପନ୍ନ ଦୋଷକୁ ଜାଣିପାରୁଥିବା ଆମ୍ଭେମାନେ ଏପରି ପାପରୁ ଦୁରେଇଯିବାକୁ ବିଚାର ନ କରିବୁ କାହିଁକି ? || ୧-୩୮, ୧-୩୯ ||)

**କୁଲକ୍ଷୟେ ପ୍ରଣଶ୍ୟନ୍ତି କୁଲଧର୍ମାଃ ସନାତନାଃ |**
**ଧର୍ମେ ନଷ୍ଟେ କୁଲଂ କୃତ୍ସ୍ନମଧର୍ମୋଽଭିଭବତ୍ୟୁତ || ୧-୪୦||**

(କୁଳନାଶ ହେଲେ ସନାତନ କୁଳଧର୍ମ ନଷ୍ଟ ହୋଇଯାଏ | ଧର୍ମ ନଷ୍ଟ ହୋଇଗଲେ, ସମୁଦାୟ କୁଳକୁ ପାପ ମଧ୍ୟ ବିଶେଷ ଭାବରେ ବ୍ୟାପିଯାଏ || ୧-୪୦ ||)

**ଅଧର୍ମାଭିଭବାତ୍କୃଷ୍ଣ ପ୍ରଦୁଷ୍ୟନ୍ତି କୁଲସ୍ତ୍ରିୟଃ |**
**ସ୍ତ୍ରୀଷୁ ଦୁଷ୍ଟାସୁ ବାର୍ଷ୍ଣେୟ ଜାୟତେ ବର୍ଣ୍ଣସଙ୍କରଃ || ୧-୪୧||**

(ହେ କୃଷ୍ଣ ! ପାପ ଅଧିକ ବଢିଗଲେ କୁଳସ୍ତ୍ରୀମାନେ ଅତ୍ୟନ୍ତ ଦୂଷିତା ହୋଇଯାଆନ୍ତି; ହେ ବାର୍ଷ୍ଣେୟ ! ସ୍ତ୍ରୀମାନେ ଦୂଷିତା ହୋଇଗଲେ, ବର୍ଣ୍ଣସଙ୍କର ଉତ୍ପନ୍ନ ହୁଏ || ୧-୪୧ ||)

**ସଙ୍କରୋ ନରକାୟୈବ କୁଲଘ୍ନାନାଂ କୁଲସ୍ୟ ଚ |**
**ପତନ୍ତି ପିତରୋ ହ୍ୟେଷାଂ ଲୁପ୍ତପିଣ୍ଡୋଦକକ୍ରିୟାଃ || ୧-୪୨||**

Not For Commercial Use

(କୁଳନାଶକାରୀ ମାନଙ୍କୁ ତଥା କୁଳକୁ ନରକକୁ ନେଇଯିବା ଲାଗି ହିଁ ବର୍ଣ୍ଣସଙ୍କର ହୋଇଥାଏ । ପିଣ୍ଡକ୍ରିୟା ଓ ଜଳଦାନକ୍ରିୟା ଲୁପ୍ତ ହେବାରୁ ପିତୃଲୋକମାନେ ଶ୍ରାଦ୍ଧ ଓ ତର୍ପଣରୁ ବଞ୍ଚିତ ହୋଇ ଅଧୋଗତି ପ୍ରାପ୍ତ ହୁଅନ୍ତି ।। ୧-୪୨ ।।)

**ଦୋଷୈରେତୈଃ କୁଲଘ୍ନାନାଂ ବର୍ଣ୍ଣସଙ୍କରକାରକୈଃ ।**
**ଉତ୍ସାଦ୍ୟନ୍ତେ ଜାତିଧର୍ମାଃ କୁଲଧର୍ମାଶ୍ଚ ଶାଶ୍ୱତାଃ ।। ୧-୪୩।।**

(ଏହି ବର୍ଣ୍ଣସଙ୍କରକାରକ ଦୋଷମାନଙ୍କ ଦ୍ୱାରା କୁଳଘାତକ ମାନଙ୍କର ସନାତନ କୁଳଧର୍ମ ଓ ଜାତିଧର୍ମ ନଷ୍ଟ ହୋଇଯାଏ ।। ୧-୪୩ ।।)

**ଉତ୍ସନ୍ନକୁଲଧର୍ମାଣାଂ ମନୁଷ୍ୟାଣାଂ ଜନାର୍ଦନ ।**
**ନରକେଽନିୟତଂ ବାସୋ ଭବତୀତ୍ୟନୁଶୁଶ୍ରୁମ ।। ୧-୪୪।।** (ନରକେ ନିୟତଂ)

(ହେ ଜନାର୍ଦ୍ଦନ ! ଯେଉଁମାନଙ୍କର କୁଳଧର୍ମ ନଷ୍ଟ ହୋଇଯାଇଛି, ସେମାନଙ୍କର ଅନିଶ୍ଚିତ କାଳପର୍ଯ୍ୟନ୍ତ ନରକବାସ ହୁଏ ବୋଲି ଆମେ ଶୁଣିଆସିଛୁ ।। ୧-୪୪ ।।)

**ଅହୋ ବତ ମହତ୍ପାପଂ କର୍ତୁଂ ବ୍ୟବସିତା ବୟମ୍ ।**
**ଯଦ୍ରାଜ୍ୟସୁଖଲୋଭେନ ହନ୍ତୁଂ ସ୍ୱଜନମୁଦ୍ୟତାଃ ।। ୧-୪୫।।**

(ହାୟ ! କି ଦୁଃଖର କଥା ! ଆମ୍ଭେମାନେ ବୁଦ୍ଧିମାନ ହୋଇ ମଧ୍ୟ ମହାପାପ କରିବାକୁ ପ୍ରସ୍ତୁତ ହୋଇଯାଇଛୁ; ରାଜ୍ୟ ଓ ସୁଖପ୍ରାପ୍ତି ଲୋଭରେ ଆମେ ନିଜର ଆତ୍ମୀୟସ୍ୱଜନ ମାନଙ୍କୁ ମାରିଦେବାକୁ ଉଦ୍ୟତ ହୋଇଯାଇଛୁ ! ।। ୧-୪୫ ।।)

**ଯଦି ମାମପ୍ରତୀକାରମଶସ୍ତ୍ରଂ ଶସ୍ତ୍ରପାଣୟଃ ।**
**ଧାର୍ତରାଷ୍ଟ୍ରା ରଣେ ହନ୍ୟୁସ୍ତନ୍ମେ କ୍ଷେମତରଂ ଭବେତ୍ ।। ୧-୪୬।।**

(ଯଦି ମୋପରି ନିଃଶସ୍ତ୍ର ଓ ପ୍ରତିକାରରହିତ ଲୋକକୁ ଧୃତରାଷ୍ଟ୍ରଙ୍କ ଶସ୍ତ୍ରଧାରୀ ପୁତ୍ରମାନେ ଯୁଦ୍ଧରେ ମାରିଦିଅନ୍ତି, ତେବେ ବି ତାହା ମୋ ପକ୍ଷରେ ଅଧିକ ମଙ୍ଗଳକର ହେବ ।। ୧-୪୬ ।।)

Not For Commercial Use

**। ସଂଜୟ ଉବାଚ ।**

**ଏବମୁକ୍ତ୍ୱାର୍ଜୁନଃ ସଙ୍ଖ୍ୟେ ରଥୋପସ୍ଥ ଉପାବିଶତ୍ ।**
**ବିସୃଜ୍ୟ ସଶରଂ ଚାପଂ ଶୋକସଂବିଗ୍ନମାନସଃ ।। ୧-୪୭।।**

(ସଂଜୟ କହିଲେ – ରଣଭୂମିରେ ଶୋକରେ ଉଦ୍-ବିଗ୍ନମନା ଅର୍ଜୁନ ଏପରି କହି, ବାଣ ସହିତ ଧନୁ ତ୍ୟାଗ କରିଦେଇ ରଥର ପଛପଟେ ବସିପଡିଲେ ।। ୧-୪୭ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଅର୍ଜୁନବିଷାଦଯୋଗୋ ନାମ ପ୍ରଥମୋଽଧ୍ୟାୟଃ ।। ୧।।**

Not For Commercial Use

# ଦ୍ୱିତୀୟ ଅଧ୍ୟାୟ

(Chapter – 2)

## ସାଙ୍ଖ୍ୟଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଦ୍ୱିତୀୟୋଽଧ୍ୟାୟଃ ।।

।। ଅଥ ଦ୍ୱିତୀୟୋଽଧ୍ୟାୟଃ । ସାଙ୍ଖ୍ୟଯୋଗଃ ।।

**। ସଂଜୟ ଉବାଚ ।**

**ତଂ ତଥା କୃପୟାବିଷ୍ଟମଶ୍ରୁପୂର୍ଣ୍ଣାକୁଲେକ୍ଷଣମ୍ ।**
**ବିଷୀଦନ୍ତମିଦଂ ବାକ୍ୟମୁବାଚ ମଧୁସୂଦନଃ ।। ୨-୧।।**

(ସଂଜୟ କହିଲେ – ସେପରି କରୁଣାବିଷ୍ଟ ଏବଂ ଅଶ୍ରୁପୂର୍ଣ୍ଣ ବ୍ୟାକୁଳନେତ୍ର ଶୋକାକୁଳ ଅର୍ଜୁନଙ୍କୁ ଭଗବାନ୍ ମଧୁସୂଦନ ଏହି କଥା କହିଲେ, ।। ୨ - ୧ ।।)

**। ଶ୍ରୀଭଗବାନୁବାଚ ।**

**କୁତସ୍ତ୍ୱା କଶ୍ମଲମିଦଂ ବିଷମେ ସମୁପସ୍ଥିତମ୍ ।**
**ଅନାର୍ଯ୍ୟଜୁଷ୍ଟମସ୍ୱର୍ଗ୍ୟମକୀର୍ତିକରମର୍ଜୁନ ।। ୨-୨।।**

(ଶ୍ରୀଭଗବାନ୍ କହିଲେ – ହେ ଅର୍ଜୁନ ! ତୁମକୁ ଏହି ଅସମୟରେ ଏହି ମୋହ କେଉଁଠୁ ଆସିଗଲା ? କାରଣ ଏହା ଶ୍ରେଷ୍ଠ ପୁରୁଷମାନଙ୍କ ଦ୍ୱାରା ଆଚରିତ ନୁହେଁ, କିମ୍ବା ସ୍ୱର୍ଗପ୍ରଦାୟକ କି କୀର୍ତ୍ତିପ୍ରଦାୟକ ମଧ୍ୟ ନୁହେଁ । - ।। ୨ - ୨।।)

**କ୍ଳୈବ୍ୟଂ ମା ସ୍ମ ଗମଃ ପାର୍ଥ ନୈତତ୍ତ୍ୱୟ୍ୟୁପପଦ୍ୟତେ ।**
**କ୍ଷୁଦ୍ରଂ ହୃଦୟଦୌର୍ବଲ୍ୟଂ ତ୍ୟକ୍ତ୍ୱୋତ୍ତିଷ୍ଠ ପରନ୍ତପ ।। ୨-୩।।**

(ତେଣୁ ହେ ଅର୍ଜୁନ ! ନପୁଂସକତା ପ୍ରାପ୍ତ ହୁଅ ନାହିଁ । ତୁମ ପକ୍ଷରେ ଏହା ଉଚିତ ନୁହେଁ । ହେ ଶତ୍ରୁତାପନ ! ହୃଦୟର ତୁଚ୍ଛ ଦୁର୍ବଳତା ତ୍ୟାଗ କରି ଯୁଦ୍ଧ କରିବାକୁ ଠିଆ ହୋଇଯାଅ - ।। ୨ -୩ ।।)

Not For Commercial Use

**। ଅର୍ଜୁନ ଉବାଚ ।**

**କଥଂ ଭୀଷ୍ମମହଂ ସଙ୍ଖ୍ୟେ ଦ୍ରୋଣଂ ଚ ମଧୁସୂଦନ ।**
**ଇଷୁଭିଃ ପ୍ରତିୟୋତ୍ସ୍ୟାମି ପୂଜାର୍ହାବରିସୂଦନ ।। ୨-୪।।**

(ଅର୍ଜୁନ କହିଲେ - ହେ ମଧୁସୂଦନ ! ରଣଭୂମିରେ ଭୀଷ୍ମପିତାମହ ଓ ଦ୍ରୋଣାଚାର୍ଯ୍ୟଙ୍କ ବିରୁଦ୍ଧରେ ମୁଁ କିପରି ବାଣମାରି ଲଢିବି ? କାରଣ ହେ ଅରିସୂଦନ ! ସେ ଦୁହେଁ ମୋର ପୂଜନୀୟ ।। ୨ -୪ ।।)

**ଗୁରୂନହତ୍ୱା ହି ମହାନୁଭାବାନ୍ ଶ୍ରେୟୋ ଭୋକ୍ତୁଂ ଭୈକ୍ଷ୍ୟମପୀହ ଲୋକେ ।**
**ହତ୍ୱାର୍ଥକାମାଂସ୍ତୁ ଗୁରୂନିହୈବ ଭୁଞ୍ଜୀୟ ଭୋଗାନ୍ ରୁଧିରପ୍ରଦିଗ୍ଧାନ୍ ।। ୨-୫।।**

(ତେଣୁ ଏହି ମହାନୁଭବ ଗୁରୁଜନ ମାନଙ୍କୁ ମାରିବା ଅପେକ୍ଷା ମୁଁ ଏହି ଲୋକରେ ଭିକ୍ଷାନ୍ନ ଦ୍ୱାରା ଜୀବିକା ନିର୍ବାହ କରିବା କଲ୍ୟାଣକର ବୋଲି ମନେ କରୁଛି; କାରଣ ଗୁରୁଜନ ମାନଙ୍କୁ ମାରିଲେ ଏହି ଲୋକରେ ସେମାନଙ୍କ ରକ୍ତସିକ୍ତ ଅର୍ଥ ଓ କାମରୂପକ ଭୋଗସାମଗ୍ରୀ ହିଁ ତ
ଭୋଗ କରିବି ।। ୨ -୫।।)

**ନ ଚୈତଦ୍ୱିଦ୍ମଃ କତରନ୍ନୋ ଗରୀୟୋ ୟଦ୍ୱା ଜୟେମ ୟଦି ବା ନୋ ଜୟେୟୁଃ ।**
**ୟାନେବ ହତ୍ୱା ନ ଜିଜୀବିଷାମସ୍ତେଽବସ୍ଥିତାଃ ପ୍ରମୁଖେ ଧାର୍ତରାଷ୍ଟ୍ରାଃ ।। ୨-୬।।**

(ଆମର ଯୁଦ୍ଧ କରିବା ଓ ନ କରିବା – ଏହି ଦୁଇଟି ମଧ୍ୟରୁ କେଉଁଟି ଶ୍ରେଷ୍ଠ; ଆମେ ତାହା ଜାଣି ନାହୁଁ; ଆମେ ସେମାନଙ୍କୁ ଜିତିବୁ, କି ସେମାନେ ଆମକୁ ଜିତିବେ, ତାହା ମଧ୍ୟ ଜାଣି ନାହୁଁ, ଯେଉଁମାନଙ୍କୁ ମାରି ଆମେ ବଞ୍ଚିବାକୁ ଇଛା ମଧ୍ୟ କରୁ ନାହୁଁ, ଆମର ସେହି ଆତ୍ମୀୟ ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ହିଁ ଆମ ସମ୍ମୁଖରେ ଯୁଦ୍ଧ କରିବାକୁ ଠିଆ ହୋଇଛନ୍ତି ।। ୨ -୬ ।।)

Not For Commercial Use

**କାର୍ପଣ୍ୟଦୋଷୋପହତସ୍ୱଭାବଃ ପୃଚ୍ଛାମି ତ୍ୱାଂ ଧର୍ମସମ୍ମୂଢଚେତାଃ ।**
**ଯଚ୍ଛ୍ରେୟଃ ସ୍ୟାନ୍ନିଶ୍ଚିତଂ ବ୍ରୂହି ତନ୍ମେ ଶିଷ୍ୟସ୍ତେଽହଂ ଶାଧି ମାଂ ତ୍ୱାଂ ପ୍ରପନ୍ନମ୍** ।। ୨-୭।।

(ତେଣୁ କାପୁରୁଷତା ରୂପକ ଦୋଷହେତୁ ନଷ୍ଟ ସ୍ୱଭାବଯୁକ୍ତ ତଥା ଧର୍ମ ବିଷୟରେ ମୋହିତ ଚିତ୍ତ ହୋଇଥିବା ମୁଁ ଆପଣଙ୍କୁ ପଚାରୁଛି, ମୋ ପକ୍ଷରେ କ'ଣ କରିବା ନିଶ୍ଚିତ କଲ୍ୟାଣକର, ତାହା ମୋତେ କୁହନ୍ତୁ; କାରଣ ମୁଁ ଆପଣଙ୍କ ଶିଷ୍ୟ । ମୋ ଭଳି ଶରଣାଗତକୁ ଆପଣ ଉପଦେଶ ଦିଅନ୍ତୁ ।। ୨ -୭।।)

**ନ ହି ପ୍ରପଶ୍ୟାମି ମମାପନୁଦ୍ୟାଦ୍ ଯଚ୍ଛୋକମୁଚ୍ଛୋଷଣମିନ୍ଦ୍ରିୟାଣାମ୍ ।**
**ଅବାପ୍ୟ ଭୂମାବସପତ୍ନମୃଦ୍ଧଂ ରାଜ୍ୟଂ ସୁରାଣାମପି ଚାଧିପତ୍ୟମ୍ ।। ୨-୮।।**

(କାରଣ ଇହଲୋକରେ ନିଷ୍କଣ୍ଟକ, ଧନଧାନ୍ୟ ସମ୍ପନ୍ନ ରାଜ୍ୟ ଏବଂ ଦେବତା ମାନଙ୍କର ଆଧିପତ୍ୟ ପାଇଗଲେ ମଧ୍ୟ ମୁଁ ମୋର ଇନ୍ଦ୍ରିୟ ମାନଙ୍କୁ ଶୁଷ୍କ କରିଦେଉଥିବା ଶୋକକୁ ଦୂର କରିପାରିବା ଭଳି କୌଣସି ଉପାୟ ଦେଖିପାରୁ ନାହିଁ ।। ୨ -୮।।)

**। ସଂଜୟ ଉବାଚ ।**

**ଏବମୁକ୍ତ୍ୱା ହୃଷୀକେଶଂ ଗୁଡାକେଶଃ ପରନ୍ତପ ।**
**ନ ଯୋତ୍ସ୍ୟ ଇତି ଗୋବିନ୍ଦମୁକ୍ତ୍ୱା ତୂଷ୍ଣୀଂ ବଭୂବ ହ ।। ୨-୯।।**

(ସଂଜୟ ଧୃତରାଷ୍ଟ୍ରଙ୍କୁ କହିଲେ – ହେ ରାଜନ୍ ! ନିଦ୍ରାଜୟୀ ଅର୍ଜୁନ ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣଙ୍କୁ ଏହିଭଳି କହିଲେ ଓ ଶ୍ରୀ ଗୋବିନ୍ଦ ଭଗବାନଙ୍କୁ " ଯୁଦ୍ଧ କରିବି ନାହିଁ " ବୋଲି ସ୍ୱଷ୍ଟଭାବରେ କହିଦେଇ ଚୁପ୍ ହୋଇଗଲେ ।। ୨ -୯ ।।)

**ତମୁବାଚ ହୃଷୀକେଶଃ ପ୍ରହସନ୍ନିବ ଭାରତ ।**
**ସେନୟୋରୁଭୟୋର୍ମଧ୍ୟେ ବିଷୀଦନ୍ତମିଦଂ ବଚଃ ।। ୨-୧୦।।**

(ହେ ଭରତବଂଶୀ ଧୃତରାଷ୍ଟ୍ର ! ଅନ୍ତର୍ଯ୍ୟାମୀ ଶ୍ରୀକୃଷ୍ଣ ପରମାତ୍ମା ଦୁଇ ସେନାଙ୍କ ମଧ୍ୟରେ ଶୋକ କରୁଥିବା ସେହି ଅର୍ଜୁନଙ୍କୁ ସ୍ମିତହାସ କରି କହିଲେ, ।। ୨ -୧୦।।)

Not For Commercial Use

**। ଶ୍ରୀଭଗବାନୁବାଚ ।**

**ଅଶୋଚ୍ୟାନନ୍ୱଶୋଚସ୍ତ୍ୱଂ ପ୍ରଜ୍ଞାବାଦାଂଶ୍ଚ ଭାଷସେ ।**
**ଗତାସୂନଗତାସୂଂଶ୍ଚ ନାନୁଶୋଚନ୍ତି ପଣ୍ଡିତାଃ ।। ୨-୧୧।।**

(ଶ୍ରୀଭଗବାନ୍ କହିଲେ ! – ହେ ଅର୍ଜୁନ ! ଯାହାଙ୍କ ପାଇଁ ଶୋକ କରିବା ଉଚିତ ନୁହେଁ, ସେମାନଙ୍କ ପାଇଁ ଶୋକ କରୁଛ ଏବଂ ପଣ୍ଡିତଙ୍କ ଭଳି କଥା କହୁଛ ! କିନ୍ତୁ ଯାହାଙ୍କର ପ୍ରାଣ ଚାଲିଯାଇଛି, ସେମାନଙ୍କ ପାଇଁ ଏବଂ ଯାହାଙ୍କର ପ୍ରାଣ ଯାଇ ନାହିଁ, ସେମାନଙ୍କ ପାଇଁ ମଧ୍ୟ ପଣ୍ଡିତମାନେ ଶୋକ କରନ୍ତି ନାହିଁ ।। ୨ -୧୧ ।।)

**ନ ତ୍ୱେବାହଂ ଜାତୁ ନାସଂ ନ ତ୍ୱଂ ନେମେ ଜନାଧିପାଃ ।**
**ନ ଚୈବ ନ ଭବିଷ୍ୟାମଃ ସର୍ବେ ବୟମତଃ ପରମ୍ ।। ୨-୧୨।।**

(ଏଭଳି ନୁହେଁ ଯେ, କୌଣସି କାଳରେ ମୁଁ ନ ଥିଲି, କି ତୁମେ ନ ଥିଲ, ଅଥବା ଏହି ରାଜାମାନେ ନ ଥିଲେ । ପୁଣି ଏଭଳି ମଧ୍ୟ ଘଟିବ ନାହିଁ ଯେ, ଭବିଷ୍ୟତରେ ଆମେ ସମସ୍ତେ ରହିବା ନାହିଁ ।। ୨ -୧୨ ।।)

**ଦେହିନୋଽସ୍ମିନ୍ୟଥା ଦେହେ କୌମାରଂ ଯୌବନଂ ଜରା ।**
**ତଥା ଦେହାନ୍ତରପ୍ରାପ୍ତିର୍ଧୀରସ୍ତତ୍ର ନ ମୁହ୍ୟତି ।। ୨-୧୩।।**

(ଯେଉଁଭଳି ଏହି ଦେହରେ ଜୀବାତ୍ମାର ବାଲ୍ୟାବସ୍ଥା, ଯୌବନାବସ୍ଥା, ଓ ବୃଦ୍ଧାବସ୍ଥା ହୋଇଥାଏ, ସେହିଭଳି ଅନ୍ୟ ଶରୀର ମଧ୍ୟ ପ୍ରାପ୍ତ ହୁଏ; ସେହି ବିଷୟରେ ଧୀର ପୁରୁଷ ମୋହଗ୍ରସ୍ତ ହୁଅନ୍ତି ନାହିଁ ।। ୨ -୧୩।।)

**ମାତ୍ରାସ୍ପର୍ଶାସ୍ତୁ କୌନ୍ତେୟ ଶୀତୋଷ୍ଣସୁଖଦୁଃଖଦାଃ ।**
**ଆଗମାପାୟିନୋଽନିତ୍ୟାସ୍ତାଂସ୍ତିତିକ୍ଷସ୍ୱଭାରତ ।। ୨-୧୪।।**

(କାରଣ, ହେ କୁନ୍ତୀପୁତ୍ର ! ଶୀତ-ଉଷ୍ଣ ଓ ସୁଖ-ଦୁଃଖ ଦେଉଥିବା ଇନ୍ଦ୍ରିୟ ବିଷୟ ମାନଙ୍କର ସଂଯୋଗ ତ ଉତ୍ପତ୍ତି-ବିନାଶଶୀଳ ଓ ଅନିତ୍ୟ; ତେଣୁ ହେ ଭାରତ ! ତୁମେ ସେଗୁଡିକ ସହିଯାଅ ।। ୧ -୧୪ ।।)

Not For Commercial Use

**ଯଂ ହି ନ ବ୍ୟଥୟନ୍ତ୍ୟେତେ ପୁରୁଷଂ ପୁରୁଷର୍ଷଭ ।**
**ସମଦୁଃଖସୁଖଂ ଧୀରଂ ସୋଽମୃତତ୍ୱାୟ କଳ୍ପତେ ।। ୨-୧୫।।**

(କାରଣ, ହେ ପୁରୁଷଶ୍ରେଷ୍ଠ ! ସୁଖ-ଦୁଃଖକୁ ସମାନ ଦୃଷ୍ଟିରେ ଦେଖୁଥିବା ଯେଉଁ ଧୀର ପୁରୁଷଙ୍କୁ ଏହି ଇନ୍ଦ୍ରିୟ ଓ ବିଷୟର ସଂଯୋଗ ବ୍ୟାକୁଳ କରିପାରେ ନାହିଁ, ସେ ହିଁ ମୋକ୍ଷ ପାଇଁ ଯୋଗ୍ୟ ହୁଅନ୍ତି ।। ୨ -୧୫।।)

**ନାସତୋ ବିଦ୍ୟତେ ଭାବୋ ନାଭାବୋ ବିଦ୍ୟତେ ସତଃ ।**
**ଉଭୟୋରପି ଦୃଷ୍ଟୋଽନ୍ତସ୍ତ୍ୱନୟୋସ୍ତତ୍ତ୍ୱଦର୍ଶିଭିଃ ।। ୨-୧୬।।**

(ଅସତ୍ ବସ୍ତୁର ଅସ୍ତିତ୍ୱ ନାହିଁ, ଏବଂ ସତ୍ ବସ୍ତୁର ଅଭାବ ନାହିଁ । ଏପରିଭାବରେ ଉକ୍ତ ଦୁଇଟିଯାକର ତତ୍ତ୍ୱ, ତତ୍ତ୍ୱଜ୍ଞାନୀ ପୁରୁଷ ମାନଙ୍କ ଦ୍ୱାରା ଦେଖାଯାଇଛି ।। ୨ -୧୬ ।।)

**ଅବିନାଶି ତୁ ତଦ୍ୱିଦ୍ଧି ଯେନ ସର୍ବମିଦଂ ତତମ୍ ।**
**ବିନାଶମବ୍ୟୟସ୍ୟାସ୍ୟ ନ କଶ୍ଚିତ୍କର୍ତୁମର୍ହତି ।। ୨-୧୭।।**

(ଏହି ନ୍ୟାୟରେ ଯାହାଙ୍କ ଦ୍ୱାରା ଏହି ସଂପୂର୍ଣ୍ଣ ଦୃଶ୍ୟଜଗତ ବ୍ୟାପ୍ତ ହୋଇଛି, ତାହାଙ୍କୁ ଅବିନାଶୀ ବୋଲି ଜାଣ । ସେହି ଅବିନାଶୀଙ୍କୁ ବିନାଶ କରିବାକୁ କେହି ହେଲେ ସମର୍ଥ ନୁହଁନ୍ତି ।। ୨ -୧୭ ।।)

**ଅନ୍ତବନ୍ତ ଇମେ ଦେହା ନିତ୍ୟସ୍ୟୋକ୍ତାଃ ଶରୀରିଣଃ ।**
**ଅନାଶିନୋଽପ୍ରମେୟସ୍ୟ ତସ୍ମାଦ୍ୟୁଧ୍ୟସ୍ୱ ଭାରତ ।। ୨-୧୮।।**

(ନାଶରହିତ, ଅପ୍ରମେୟ, ନିତ୍ୟସ୍ୱରୂପ ଜୀବାତ୍ମାର ଏହି ଶରୀର ଗୁଡିକ ନାଶବାନ ବୋଲି କୁହାଯାଇଛି । ତେଣୁ ହେ ଭରତବଂଶୀ ଅର୍ଜୁନ ! ତୁମେ ଯୁଦ୍ଧ କର ।। ୨ -୧୮ ।।)

Not For Commercial Use

**ୟ ଏନଂ ବେତ୍ତି ହନ୍ତାରଂ ୟଶ୍ଚୈନଂ ମନ୍ୟତେ ହତମ୍ ।**
**ଉଭୌ ତୌ ନ ବିଜାନୀତୋ ନାୟଂ ହନ୍ତି ନ ହନ୍ୟତେ ।। ୨-୧୯।।**

(ଯେ ଏହି ଆତ୍ମା ହତ୍ୟା କରେ ବୋଲି ବୁଝନ୍ତି, ତଥା ଯେ ଏହା ନିହତ ହୁଏ ବୋଲି ସ୍ୱୀକାର କରନ୍ତି, ସେ ଉଭୟେ ଆତ୍ମା ବିଷୟରେ କିଛି ଜାଣନ୍ତି ନାହିଁ; କାରଣ ଏହି ଆତ୍ମା ବାସ୍ତବରେ କାହାରିକୁ ହତ୍ୟା କରେ ନାହିଁ, କି କାହାରି ଦ୍ୱାରା ନିହତ ହୁଏ ନାହିଁ ।। ୨ -୧୯ ।।)

**ନ ଜାୟତେ ମ୍ରିୟତେ ବା କଦାଚିନ୍ ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।**
**ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ ନ ହନ୍ୟତେ ହନ୍ୟମାନେ ଶରୀରେ** ।। ୨-୨୦।।

(ଏହି ଆତ୍ମା କୌଣସି କାଳରେ ବି ଜନ୍ମ ହୁଏ ନାହିଁ, କି ମରେ ନାହିଁ, ତଥା ଏହା ଉତ୍ପନ୍ନ ହେବା ପରେ ଯେ ହୁଏ, ସେଭଳି ନୁହେଁ; କାରଣ ଏହା ହେଉଛି ଅଜନ୍ମା, ନିତ୍ୟ, ସନାତନ ଏବଂ ପୁରାତନ । ଶରୀରକୁ ବଧ କରିଦେଲେ ମଧ୍ୟ ଏହା ନିହତ ହୁଏ ନାହିଁ ।। ୨ -୨୦ ।।)

**ବେଦାବିନାଶିନଂ ନିତ୍ୟଂ ୟ ଏନମଜମବ୍ୟୟମ୍ ।**
**କଥଂ ସ ପୁରୁଷଃ ପାର୍ଥ କଂ ଘାତୟତି ହନ୍ତି କମ୍ ।। ୨-୨୧।।**

(ହେ ପୃଥାପୁତ୍ର ଅର୍ଜୁନ ! ଯେଉଁ ପୁରୁଷ ଏହି ଆତ୍ମାକୁ ନାଶରହିତ, ନିତ୍ୟ, ଅଜନ୍ମା, ଓ ଅବ୍ୟୟ ବୋଲି ଜାଣନ୍ତି, ସେହି ପୁରୁଷ କାହକୁ କିପରି ବଧ କରିବେ ବା ବଧ କରାଇବେ ? ।। ୨ -୨୧।।)

**ବାସାଂସି ଜୀର୍ଣ୍ଣାନି ୟଥା ବିହାୟ ନବାନି ଗୃହ୍ଣାତି ନରୋଽପରାଣି ।**
**ତଥା ଶରୀରାଣି ବିହାୟ ଜୀର୍ଣ୍ଣାନ୍ୟନ୍ୟାନି ସଂୟାତି ନବାନି ଦେହୀ ।। ୨-୨୨।।**

(ମନୁଷ୍ୟ ଯେପରି ପୁରୁଣା ବସ୍ତ୍ରମାନ ତ୍ୟାଗକରି ଅନ୍ୟ ନୂତନ ବସ୍ତ୍ର ଗ୍ରହଣ କରେ, ଜୀବାତ୍ମା ସେହିପରି ପୁରାତନ ଶରୀରମାନ ତ୍ୟାଗକରି ଅନ୍ୟ ନୂତନ ଶରୀରମାନ ପ୍ରାପ୍ତ କରିଥାଏ ।। ୨ -୨୨।।)

Not For Commercial Use

**ନୈନଂ ଛିନ୍ଦନ୍ତି ଶସ୍ତ୍ରାଣି ନୈନଂ ଦହତି ପାବକଃ ।**
**ନ ଚୈନଂ କ୍ଲେଦୟନ୍ତ୍ୟାପୋ ନ ଶୋଷୟତି ମାରୁତଃ ।। ୨-୨୩।।**

(ଏହି ଆତ୍ମାକୁ କୌଣସି ଶସ୍ତ୍ର ବି କାଟିପାରେ ନାହିଁ; ଅଗ୍ନି ଏହାକୁ ଜଳାଇପାରେ ନାହିଁ; ଜଳ ଏହାକୁ ଭିଜାଇପାରେ ନାହିଁ, ଏବଂ ବାୟୁ ଏହାକୁ ଶୁଖାଇପାରେ ନାହିଁ ।। ୨ -୨୩ ।।)

**ଅଚ୍ଛେଦ୍ୟୋଽୟମଦାହ୍ୟୋଽୟମକ୍ଲେଦ୍ୟୋଽଶୋଷ୍ୟଏବ ଚ ।**
**ନିତ୍ୟଃ ସର୍ବଗତଃ ସ୍ଥାଣୁରଚଲୋଽୟଂ ସନାତନଃ ।। ୨-୨୪।।**

(କାରଣ ଏହି ଆତ୍ମା ଅଚ୍ଛେଦ୍ୟ; ଏହା ଅଦାହ୍ୟ, ଅକ୍ଲେଦ୍ୟ, ଓ ନିଃସନ୍ଦେହ ଅଶୋଷ୍ୟ ତଥା ଏହା ହେଉଛି ନିତ୍ୟ, ସର୍ବଗତ, ସ୍ଥିର, ଅଚଳ, ଓ ସନାତନ ।। ୨ -୨୪ ।।)

**ଅବ୍ୟକ୍ତୋଽୟମଚିନ୍ତ୍ୟୋଽୟମବିକାର୍ୟୋଽୟମୁଚ୍ୟତେ ।**
**ତସ୍ମାଦେବଂ ବିଦିତ୍ୱୈନଂ ନାନୁଶୋଚିତୁମର୍ହସି ।। ୨-୨୫।।**

(ଏହି ଆତ୍ମା ଅବ୍ୟକ୍ତ; ଏହା ଅଚିନ୍ତ୍ୟ ଏବଂ ଏହାକୁ ବିକାରରହିତ କୁହାଯାଏ । ଏଣୁ ହେ ଅର୍ଜୁନ ! ଏହି ଆତ୍ମା ଏପରି ବୋଲି ଜାଣି ତୁମେ ଶୋକ କରିବା ଉଚିତ ନୁହେଁ ।। ୨ -୨୫ ।।)

**ଅଥ ଚୈନଂ ନିତ୍ୟଜାତଂ ନିତ୍ୟଂ ବା ମନ୍ୟସେ ମୃତମ୍ ।**
**ତଥାପି ତ୍ୱଂ ମହାବାହୋ ନୈବଂ ଶୋଚିତୁମର୍ହସି ।। ୨-୨୬।।**

(ପକ୍ଷାନ୍ତରେ, ଯଦି ତୁମେ ଏହି ଆତ୍ମାକୁ ନିତ୍ୟ ଜନ୍ମ ହେଉଛି ଏବଂ ନିତ୍ୟ ମରୁଛି ବୋଲି ସ୍ୱୀକାର କରୁଥାଅ, ତଥାପି ହେ ମହାବାହୁ ! ତୁମେ ଏପରି ଶୋକ କରିବା ଉଚିତ ନୁହେଁ ।। ୨ -୨୬ ।।)

**ଜାତସ୍ୟ ହି ଧ୍ରୁବୋ ମୃତ୍ୟୁର୍ଧ୍ରୁବଂ ଜନ୍ମ ମୃତସ୍ୟ ଚ ।**
**ତସ୍ମାଦପରିହାର୍ୟେଽର୍ଥେ ନ ତ୍ୱଂ ଶୋଚିତୁମର୍ହସି ।। ୨-୨୭।।**

(କାରଣ ଏହି ମାନ୍ୟତା ଅନୁସାରେ ଜନ୍ମ ହୋଇଥିବା ଲୋକର ମୃତ୍ୟୁ ନିଶ୍ଚିତ ଏବଂ ମରିଥିବା ଲୋକର ଜନ୍ମ ନିଶ୍ଚିତ । ଏହିହେତୁ ମଧ୍ୟ ଯାହା ଅନିବାର୍ଯ୍ୟ, ସେହି ବିଷୟରେ ତୁମେ ଶୋକ କରିବା ଉଚିତ ନୁହେଁ

Not For Commercial Use

**ଅବ୍ୟକ୍ତାଦୀନି ଭୂତାନି ବ୍ୟକ୍ତମଧ୍ୟାନି ଭାରତ ।**
**ଅବ୍ୟକ୍ତନିଧନାନ୍ୟେବ ତତ୍ର କା ପରିଦେବନା ।। ୨-୨୮।।**

(ହେ ଅର୍ଜୁନ ! ସମସ୍ତ ପ୍ରାଣୀ ଜନ୍ମ ହେବା ପୂର୍ବରୁ ଅପ୍ରକଟ ହୋଇ ରହିଥାନ୍ତି, ଏବଂ ମୃତ୍ୟୁ ପରେ ମଧ୍ୟ ଅପ୍ରକଟ ହୋଇଯାଆନ୍ତି । ସେମାନେ କେବଳ ଏହି ମଧ୍ୟବର୍ତ୍ତୀ କାଳରେ ହିଁ ପ୍ରକଟ ହୁଅନ୍ତି । ଏପରି ସ୍ଥିତିରେ ଶୋକ କରିବା କ'ଣ ? ।। ୨ -୨୮ ।।)

**ଆଶ୍ଚର୍ଯ୍ୟବତ୍ପଶ୍ୟତି କଶ୍ଚିଦେନମାଶ୍ଚର୍ଯ୍ୟବଦ୍ୱଦତି ତଥୈବ ଚାନ୍ୟଃ ।**
**ଆଶ୍ଚର୍ଯ୍ୟବଚ୍ଚୈନମନ୍ୟଃ ଶୃଣୋତି ଶ୍ରୁତ୍ୱାପ୍ୟେନଂ ବେଦ ନ ଚୈବ କଶ୍ଚିତ୍ ।। ୨-୨୯।।**

(କୌଣସି ଜଣେ ମହାପୁରୁଷ ହିଁ ଏହି ଆତ୍ମାକୁ ଆଶ୍ଚର୍ଯ୍ୟପରି ଦେଖନ୍ତି ଏବଂ ସେହିପରି ଅନ୍ୟ କେହି ମହାପୁରୁଷ ଏହାର ତତ୍ତ୍ୱକୁ ଆଶ୍ଚର୍ଯ୍ୟପରି ବର୍ଣ୍ଣନା କରନ୍ତି ତଥା ଅନ୍ୟ କେହି ଅଧିକାରୀ ପୁରୁଷ ଏହାକୁ ଆଶ୍ଚର୍ଯ୍ୟପରି ଶୁଣନ୍ତି ଏବଂ କେହି କେହି ଶୁଣି ମଧ୍ୟ ଏହାକୁ ଜାଣି ପାରନ୍ତି ନାହିଁ ।। ୨ -୨୯।।)

**ଦେହୀ ନିତ୍ୟମବଧ୍ୟୋଽୟଂ ଦେହେ ସର୍ବସ୍ୟ ଭାରତ ।**
**ତସ୍ମାତ୍ସର୍ବାଣି ଭୂତାନି ନ ତ୍ୱଂ ଶୋଚିତୁମର୍ହସି ।। ୨-୩୦।।**

(ହେ ଅର୍ଜୁନ ! ଏହି ଆତ୍ମା ସମସ୍ତଙ୍କ ଶରୀରରେ ସର୍ବଦା ଅବଧ୍ୟ ।ତେଣୁ ସକଳ ପ୍ରାଣୀଙ୍କ ପାଇଁ, ଅର୍ଥାତ୍ କୌଣସି ବି ପ୍ରାଣୀ ପାଇଁ ତୁମେ ଶୋକ କରିବା ଉଚିତ ନୁହେଁ ।। ୨ -୩୦ ।।)

**ସ୍ୱଧର୍ମମପି ଚାବେକ୍ଷ୍ୟ ନ ବିକମ୍ପିତୁମର୍ହସି ।**
**ଧର୍ମ୍ୟାଦ୍ଧି ଯୁଦ୍ଧାଚ୍ଛ୍ରେୟୋଽନ୍ୟତ୍କ୍ଷତ୍ରିୟସ୍ୟ ନ ବିଦ୍ୟତେ ।। ୨-୩୧।।**

(ପୁଣି ନିଜର ଧର୍ମଦୃଷ୍ଟିରୁ ବି ତୁମେ ଭୟ କରିବା ଉଚିତ ନୁହେଁ; କାରଣ କ୍ଷତ୍ରିୟ ନିମନ୍ତେ ଧର୍ମଯୁଦ୍ଧଠାରୁ ବଳି କଲ୍ୟାଣକର କର୍ତ୍ତବ୍ୟ ଆଉ କିଛି ନାହିଁ ।। ୨ -୩୧ ।।)

Not For Commercial Use

**ଯଦୃଚ୍ଛୟା ଚୋପପନ୍ନଂ ସ୍ୱର୍ଗଦ୍ୱାରମପାବୃତମ୍ ।**
**ସୁଖିନଃ କ୍ଷତ୍ରିୟାଃ ପାର୍ଥ ଲଭନ୍ତେ ଯୁଦ୍ଧମୀଦୃଶମ୍ ।। ୨-୩୨।।**

(ହେ ପାର୍ଥ ! ସ୍ୱତଃ ପ୍ରାପ୍ତ ହୋଇଥିବା, ଏବଂ ଉନ୍ମୁକ୍ତ ସ୍ୱର୍ଗଦ୍ୱାର ରୂପକ ଏହିପରି ଯୁଦ୍ଧ ଭାଗ୍ୟବାନ କ୍ଷତ୍ରିୟମାନେ ହିଁ ଲାଭ କରନ୍ତି ।। ୨ -୩୨।।)

**ଅଥ ଚେତ୍ତ୍ୱମିମଂ ଧର୍ମ୍ୟଂ ସଙ୍ଗ୍ରାମଂ ନ କରିଷ୍ୟସି ।**
**ତତଃ ସ୍ୱଧର୍ମଂ କୀର୍ତିଂ ଚ ହିତ୍ୱା ପାପମବାପ୍ସ୍ୟସି ।। ୨-୩୩।।**

(କିନ୍ତୁ ଯଦି ତୁମେ ଏହି ଧର୍ମମୟ ଯୁଦ୍ଧ ନ କରିବ, ତେବେ ସ୍ୱଧର୍ମ ଓ ସୁଯଶ ହରାଇ ପାପଭାଗୀ ହେବ ।। ୨ - ୩୩ ।।)

**ଅକୀର୍ତିଂ ଚାପି ଭୂତାନି କଥୟିଷ୍ୟନ୍ତି ତେଽବ୍ୟୟାମ୍ ।**
**ସମ୍ଭାବିତସ୍ୟ ଚାକୀର୍ତିର୍ମରଣାଦତିରିଚ୍ୟତେ ।। ୨-୩୪।।**

(ତଥା ସମସ୍ତେ ଦୀର୍ଘକାଳସ୍ଥାୟୀ ତୁମର ଅପକୀର୍ତ୍ତି ବି ଆଲୋଚନା କରିବେ, ଏବଂ ସମ୍ମାନନୀୟ ପୁରୁଷ ମାନଙ୍କ ନିମନ୍ତେ ଅପକୀର୍ତ୍ତି ହେଉଛି ମରଣଠୁ ବଳି ଦୁଃଖଦାୟକ ।। ୨ -୩୪ ।।)

**ଭୟାଦ୍ରଣାଦୁପରତଂ ମଂସ୍ୟନ୍ତେ ତ୍ୱାଂ ମହାରଥାଃ ।**
**ଯେଷାଂ ଚ ତ୍ୱଂ ବହୁମତୋ ଭୂତ୍ୱା ଯାସ୍ୟସି ଲାଘବମ୍ ।। ୨-୩୫।।**

(ଏବଂ ଯେଉଁମାନଙ୍କ ଦୃଷ୍ଟିରେ ତୁମେ ବିଶେଷରୂପେ ସମ୍ମାନିତ ହୋଇସାରିଛ, ସେମାନଙ୍କ ଦୃଷ୍ଟିରେ ବର୍ତ୍ତମାନ ହୀନ ହୋଇଯିବ; ସେହି ମହାରଥୀମାନେ ମନେ କରିବେ ଯେ, ତୁମେ ଭୟଭୀତ ହୋଇ ଯୁଦ୍ଧରୁ ଓହରି ଗଲ ।। ୨ -୩୫ ।।)

Not For Commercial Use

**ଅବାଚ୍ୟବାଦାଂଶ୍ଚ ବହୂନ୍ବଦିଷ୍ୟନ୍ତି ତବାହିତାଃ ।**
**ନିନ୍ଦନ୍ତସ୍ତବ ସାମର୍ଥ୍ୟଂ ତତୋ ଦୁଃଖତରଂ ନୁ କିମ୍ ।। ୨-୩୬।।**

(ତୁମର ଶତ୍ରୁମାନେ ତୁମ ସାମର୍ଥ୍ୟକୁ ନିନ୍ଦା କରି କରି ତୁମକୁ ବହୁ ଅକଥ୍ୟ ବଚନ ମଧ୍ୟ କହିବେ । ତା'ଠାରୁ ବଳି ଦୁଃଖର ବିଷୟ ଆଉ କ'ଣ ହୋଇପାରେ ! ।। ୨ -୩୬ ।।)

**ହତୋ ବା ପ୍ରାପ୍ସ୍ୟସି ସ୍ୱର୍ଗଂ ଜିତ୍ୱା ବା ଭୋକ୍ଷ୍ୟସେ ମହୀମ୍ ।**
**ତସ୍ମାଦୁତ୍ତିଷ୍ଠ କୌନ୍ତେୟ ଯୁଦ୍ଧାୟ କୃତନିଶ୍ଚୟଃ ।। ୨-୩୭।।**

(ତୁମେ ଯୁଦ୍ଧରେ ନିହତ ହେଲେ ସ୍ୱର୍ଗ ପ୍ରାପ୍ତ କରିବ; ନାହିଁ ତ ଯୁଦ୍ଧରେ ଜୟୀ ହେଲେ ଭୂମଣ୍ଡଳର ରାଜ୍ୟ ଭୋଗ କରିବ । ତେଣୁ ହେ ଅର୍ଜୁନ ! ତୁମେ ଯୁଦ୍ଧ କରିବାକୁ ସଂକଳ୍ପବଦ୍ଧ ହୋଇ ଦଣ୍ଡାୟମାନ ହୋଇଯାଅ ।। ୨ - ୩୭ ।।)

**ସୁଖଦୁଃଖେ ସମେ କୃତ୍ୱା ଲାଭାଲାଭୌ ଜୟାଜୟୌ ।**
**ତତୋ ଯୁଦ୍ଧାୟ ଯୁଜ୍ୟସ୍ୱ ନୈବଂ ପାପମବାପ୍ସ୍ୟସି ।। ୨-୩୮।।**

(ଜୟ-ପରାଜୟ, ଲାଭ-କ୍ଷତି, ଓ ସୁଖ-ଦୁଃଖ କୁ ସମାନ ମନେ କରି, ତାହା ପରେ ତୁମେ ଯୁଦ୍ଧ କରିବାକୁ ପ୍ରସ୍ତୁତ ହୋଇଯାଅ । ଏହିପରି ଯୁଦ୍ଧ କଲେ ତୁମେ ପାପଭାଗୀ ହେବ ନାହିଁ ।। ୨ -୩୮ ।।)

**ଏଷା ତେଽଭିହିତା ସାଙ୍ଖ୍ୟେ ବୁଦ୍ଧିର୍ଯୋଗେ ତ୍ୱିମାଂ ଶୃଣୁ ।**
**ବୁଦ୍ଧ୍ୟା ଯୁକ୍ତୋ ଯୟା ପାର୍ଥ କର୍ମବନ୍ଧଂ ପ୍ରହାସ୍ୟସି ।। ୨-୩୯।।**

(ହେ ପାର୍ଥ ! ଏହି ବୁଦ୍ଧି ତୁମକୁ ଜ୍ଞାନଯୋଗ ଦୃଷ୍ଟିରୁ କୁହାଗଲା । ବର୍ତ୍ତମାନ ତୁମେ ଏହାକୁ କର୍ମଯୋଗ ଦୃଷ୍ଟିରୁ ଶୁଣ; ଏହି ବୁଦ୍ଧିରେ ଯୁକ୍ତ ହେଲେ ତୁମେ କର୍ମବନ୍ଧନକୁ ଭଲରୂପେ ତ୍ୟାଗ କରିଦେଇ ପାରିବ, ଅର୍ଥାତ୍ କର୍ମବନ୍ଧନରୁ ସର୍ବଥା ମୁକ୍ତ ହୋଇଯିବ ।। ୨ - ୩୯ ।।)

Not For Commercial Use

**ନେହାଭିକ୍ରମନାଶୋଽସ୍ତି ପ୍ରତ୍ୟବାୟୋ ନ ବିଦ୍ୟତେ ।**
**ସ୍ୱଳ୍ପମପ୍ୟସ୍ୟ ଧର୍ମସ୍ୟ ତ୍ରାୟତେ ମହତୋ ଭୟାତ୍ ।। ୨-୪୦।।**

(ଏହି କର୍ମଯୋଗରେ ଆରମ୍ଭର ଅର୍ଥାତ୍ ବୀଜର ନାଶ ହୁଏ ନାହିଁ, ଏବଂ ବିପରୀତ ଫଳରୂପକ ଦୋଷ ମଧ୍ୟ ଏଥିରେ ହୁଏ ନାହିଁ । ବରଂ ଏହି କର୍ମଯୋଗ ରୂପକ ଧର୍ମର ସାମାନ୍ୟ ମାତ୍ର ସାଧନା ବି ଜନ୍ମମୃତ୍ୟୁ ରୂପକ ବିରାଟ ଭୟରୁ ରକ୍ଷା କରିଦିଏ ।। ୨ -୪୦ ।।)

**ବ୍ୟବସାୟାତ୍ମିକା ବୁଦ୍ଧିରେକେହ କୁରୁନନ୍ଦନ ।**
**ବହୁଶାଖା ହ୍ୟନନ୍ତାଶ୍ଚ ବୁଦ୍ଧୟୋଽବ୍ୟବସାୟିନାମ୍ ।। ୨-୪୧।।**

(ହେ ଅର୍ଜୁନ ! ଏହି କର୍ମଯୋଗରେ ନିଶ୍ଚୟାତ୍ମିକା ବୁଦ୍ଧି ଗୋଟିଏ ମାତ୍ର ହୁଏ, କିନ୍ତୁ ଅସ୍ଥିର ବିଚାରଯୁକ୍ତ ବିବେକହୀନ ସକାମ ମନୁଷ୍ୟ ମାନଙ୍କର ବୁଦ୍ଧି ନିଶ୍ଚିତ ଭାବରେ ବହୁପ୍ରକାର ଓ ଅସଂଖ୍ୟ ହୋଇଥାଏ)

**ୟାମିମାଂ ପୁଷ୍ପିତାଂ ବାଚଂ ପ୍ରବଦନ୍ତ୍ୟବିପଶ୍ଚିତଃ ।**
**ବେଦବାଦରତାଃ ପାର୍ଥ ନାନ୍ୟଦସ୍ତୀତି ବାଦିନଃ ।। ୨-୪୨।।**
**କାମାତ୍ମାନଃ ସ୍ୱର୍ଗପରା ଜନ୍ମକର୍ମଫଲପ୍ରଦାମ୍ ।**
**କ୍ରିୟାବିଶେଷବହୁଳାଂ ଭୋଗୈଶ୍ୱର୍ୟଗତିଂ ପ୍ରତି ।। ୨-୪୩।।**
**ଭୋଗୈଶ୍ୱର୍ୟପ୍ରସକ୍ତାନାଂ ତୟାପହୃତଚେତସାମ୍ ।**
**ବ୍ୟବସାୟାତ୍ମିକା ବୁଦ୍ଧିଃ ସମାଧୌ ନ ବିଧୀୟତେ ।। ୨-୪୪।।**

(ହେ ଅର୍ଜୁନ ! ଯେଉଁମାନେ ଭୋଗରେ ବୁଡି ରହିଛନ୍ତି, ଯେଉଁମାନେ କର୍ମଫଳର ପ୍ରଶଂସା କରୁଥିବା ବେଦବାକ୍ୟରେ ପ୍ରୀତି ରଖନ୍ତି, ଯେଉଁମାନଙ୍କର ବୁଦ୍ଧିରେ ସ୍ୱର୍ଗ ହିଁ ପରମ ପ୍ରାପ୍ୟ ବସ୍ତୁ, ଏବଂ ଯେଉଁମାନେ ସ୍ୱର୍ଗଠୁ ବଳି ଅନ୍ୟ କୌଣସି ବସ୍ତୁ ନାହିଁ ବୋଲି କୁହନ୍ତି, ସେହି ଅବିବେକୀମାନେ ଭୋଗ-ଐଶ୍ବର୍ଯ୍ୟ ପ୍ରାପ୍ତି ନିମନ୍ତେ ଜନ୍ମରୂପକ କର୍ମଫଳ ଦେଉଥିବା କ୍ରୀୟାବହୁଳ ଶ୍ରୁତିମଧୁର ସୁନ୍ଦର ପୁଷ୍ପିତ ବାଣୀ କୁହନ୍ତି । ସେପରି ବାଣୀଦ୍ୱାରା ଯେଉଁମାନଙ୍କର ଚିତ୍ତ ହରଣ ହୋଇଯାଇଛି, ଯେଉଁମାନେ ଭୋଗ ଓ ଐଶ୍ବର୍ଯ୍ୟରେ ଅତ୍ୟନ୍ତ ଆସକ୍ତ, ସେହି ପୁରୁଷ ମାନଙ୍କର ପରମାତ୍ମାଙ୍କ ଠାରେ ନିଶ୍ଚୟାତ୍ମିକା ବୁଦ୍ଧି ହୁଏ ନାହିଁ ।। ୨ -୪୨, ୨ -୪୩, ୨ -୪୪ ।।)

Not For Commercial Use

**ତ୍ରୈଗୁଣ୍ୟବିଷୟା ବେଦା ନିସ୍ତ୍ରୈଗୁଣ୍ୟୋ ଭବାର୍ଜୁନ ।**
**ନିର୍ଦ୍ୱନ୍ଦ୍ୱୋ ନିତ୍ୟସତ୍ତ୍ୱସ୍ଥୋ ନିର୍ଯୋଗକ୍ଷେମ ଆତ୍ମବାନ୍ ।। ୨-୪୫।।**

(ହେ ଅର୍ଜୁନ! ବେଦମାନେ ଉପରୋକ୍ତ ପ୍ରକାରେ ତିନିଗୁଣର କାର୍ଯ୍ୟରୂପ ସମସ୍ତ ଭୋଗ, ଏବଂ ସେସବୁର ସାଧନ ମାନଙ୍କର ପ୍ରତିପାଦନ କରନ୍ତି । ତୁମେ ସେସବୁ ଭୋଗ ଏବଂ ସେସବୁର ସାଧନରେ ଆସକ୍ତି ତ୍ୟାଗ କର; ହର୍ଷ-ଶୋକାଦି ଦ୍ୱନ୍ଦରୁ ରହିତ ହୋଇଯାଅ; ନିତ୍ୟବସ୍ତୁ ପରମାତ୍ମାରେ ସ୍ଥିତ ହୋଇ, ଯୋଗକ୍ଷେମ ନ ଚାହିଁ ସ୍ୱାଧୀନ-ଅନ୍ତଃକରଣଯୁକ୍ତ ହୋଇଯାଅ ।। ୨ -୪୫ ।।)

**ଯାବାନର୍ଥ ଉଦପାନେ ସର୍ବତଃ ସଂପ୍ଲୁତୋଦକେ ।**
**ତାବାନ୍‌ସର୍ବେଷୁ ବେଦେଷୁ ବ୍ରାହ୍ମଣସ୍ୟ ବିଜାନତଃ ।। ୨-୪୬।।**

(ସବୁଦିଗରୁ ପରିପୂର୍ଣ୍ଣ ଜଳାଶୟଟିଏ ପାଇଗଲେ ଛୋଟ ଜଳାଶୟରେ ମନୁଷ୍ୟର ଯେତିକି ପ୍ରୟୋଜନ ରହେ, ବ୍ରହ୍ମଜ୍ଞାନ ଲାଭକରିଥିବା ବ୍ରାହ୍ମଣଙ୍କର ସମସ୍ତ ବେଦରେ ସେତିକି ପ୍ରୟୋଜନ ରହିଯାଏ ।।୨-୪୬।।)

**କର୍ମଣ୍ୟେବାଧିକାରସ୍ତେ ମା ଫଲେଷୁ କଦାଚନ ।**
**ମା କର୍ମଫଲହେତୁର୍ଭୂର୍ମା ତେ ସଙ୍ଗୋଽସ୍ତ୍ୱକର୍ମଣି ।। ୨-୪୭।।**

(କର୍ମ କରିବାରେ ହିଁ ତୁମର ଅଧିକାର ରହିଛି; କର୍ମଫଳ ଉପରେ ତୁମର କଦାପି ଅଧିକାର ନାହିଁ । ତେଣୁ ତୁମେ କର୍ମଫଳର କାରଣ ହୁଅ ନାହିଁ, ତଥା ତୁମର କର୍ମ ନ କରିବାରେ ବି ଆସକ୍ତି ନ ହେଉ ।। ୨ - ୪୭ ।।)

**ଯୋଗସ୍ଥଃ କୁରୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଧନଂଜୟ ।**
**ସିଦ୍ଧ୍ୟସିଦ୍ଧ୍ୟୋଃ ସମୋ ଭୂତ୍ୱା ସମତ୍ୱଂ ଯୋଗ ଉଚ୍ୟତେ ।। ୨-୪୮।।**

(ହେ ଧନଞ୍ଜୟ! ତୁମେ ଆସକ୍ତି ତ୍ୟାଗକରି, ତଥା ସିଦ୍ଧି ଓ ଅସିଦ୍ଧିରେ ସମାନ ବୁଦ୍ଧିରଖି ଯୋଗସ୍ଥ ହୋଇ କର୍ତ୍ତବ୍ୟକର୍ମ କର; ସମତ୍ୱକୁ ହିଁ ଯୋଗ କୁହାଯାଏ ।। ୨ -୪୮ ।।)

Not For Commercial Use

**ଦୂରେଣ ହ୍ୟବରଂ କର୍ମ ବୁଦ୍ଧିଯୋଗାଦ୍ଧନଂଜୟ ।**
**ବୁଦ୍ଧୌ ଶରଣମନ୍ୱିଚ୍ଛ କୃପଣାଃ ଫଲହେତବଃ ।। ୨-୪୯।।**

(ଏହି ସମତ୍ୱରୂପକ ବୁଦ୍ଧିଯୋଗ ଅପେକ୍ଷା ସକାମ କର୍ମ ଅତ୍ୟନ୍ତ ନିମ୍ନଶ୍ରେଣୀର ଅଟେ । ତେଣୁ ହେ ଧନଞ୍ଜୟ ! ତୁମେ ସମବୁଦ୍ଧିରେ ହିଁ ରକ୍ଷାର ଉପାୟ ଖୋଜ, ଅର୍ଥାତ୍ ବୁଦ୍ଧିଯୋଗର ହିଁ ଆଶ୍ରୟ ଗ୍ରହଣ କର; କାରଣ, ଫଳର କାରଣ ହେଉଥିବା ଲୋକେ ଅତ୍ୟନ୍ତ ଦୀନ ।। ୨ - ୪୯ ।।)

**ବୁଦ୍ଧିଯୁକ୍ତୋ ଜହାତୀହ ଉଭେ ସୁକୃତଦୁଷ୍କୃତେ ।**
**ତସ୍ମାଦ୍ୟୋଗାୟ ଯୁଜ୍ୟସ୍ୱ ଯୋଗଃ କର୍ମସୁ କୌଶଲମ୍ ।। ୨-୫୦।।**

(ସମବୁଦ୍ଧିଯୁକ୍ତ ପୁରୁଷ ପୁଣ୍ୟ ଓ ପାପ ଉଭୟକୁ ଇହଲୋକରେ ତ୍ୟାଗ କରିଦିଅନ୍ତି, ଅର୍ଥାତ୍ ସେଥିରୁ ମୁକ୍ତ ହୋଇଯାଆନ୍ତି । ତେଣୁ ତୁମେ ସମତ୍ୱ ରୂପକ ଯୋଗରେ ଲାଗିଯାଅ । ଏହି ସମତ୍ୱରୂପକ ଯୋଗ ହିଁ କର୍ମରେ କୁଶଳତା, ଅର୍ଥାତ୍ କର୍ମବନ୍ଧନରୁ ମୁକ୍ତି ପାଇବାର ଉପାୟ ।। ୨ - ୫୦ ।।)

**କର୍ମଜଂ ବୁଦ୍ଧିଯୁକ୍ତା ହି ଫଲଂ ତ୍ୟକ୍ତ୍ୱା ମନୀଷିଣଃ ।**
**ଜନ୍ମବନ୍ଧବିନିର୍ମୁକ୍ତାଃ ପଦଂ ଗଚ୍ଛନ୍ତ୍ୟନାମୟମ୍ ।। ୨-୫୧।।**

(କାରଣ ସମବୁଦ୍ଧିଯୁକ୍ତ ଜ୍ଞାନୀଜନମାନେ କର୍ମଦ୍ୱାରା ଉତ୍ପନ୍ନ ହେଉଥିବା ଫଳ ତ୍ୟାଗକରି, ଜନ୍ମରୂପକ ବନ୍ଧନରୁ ମୁକ୍ତ ହୋଇ ନିର୍ବିକାର ପରମପଦ ପ୍ରାପ୍ତ ହୋଇଯାଆନ୍ତି ।। ୨ -୫୧ ।।)

**ଯଦା ତେ ମୋହକଲିଲଂ ବୁଦ୍ଧିର୍ବ୍ୟତିତରିଷ୍ୟତି ।**
**ତଦା ଗନ୍ତାସି ନିର୍ବେଦଂ ଶ୍ରୋତବ୍ୟସ୍ୟ ଶ୍ରୁତସ୍ୟ ଚ ।। ୨-୫୨।।**

(ଯେତେବେଳେ ତୁମର ବୁଦ୍ଧି ମୋହରୂପକ ପଙ୍କକୁ ସମ୍ପୂର୍ଣ୍ଣରୂପେ ଅତିକ୍ରମ କରିଯିବ, ସେତେବେଳେ ତୁମର ଶୁଣିଥିବା ଏବଂ ଶୁଣିବାକୁ ଥିବା ଇହଲୋକ ଏବଂ ପରଲୋକ ସମ୍ବନ୍ଧୀୟ ସମସ୍ତ ପ୍ରକାର ଭୋଗ ପ୍ରତି ବୈରାଗ୍ୟ ଆସିଯିବ ।। ୨ -୫୨ ।।)

Not For Commercial Use

**ଶ୍ରୁତିବିପ୍ରତିପନ୍ନା ତେ ଯଦା ସ୍ଥାସ୍ୟତି ନିଶ୍ଚଲା ।**
**ସମାଧାବଚଲା ବୁଦ୍ଧିସ୍ତଦା ଯୋଗମବାପ୍ସ୍ୟସି ।। ୨-୫୩।।**

(ବିଭିନ୍ନ ପ୍ରକାର କଥା ଶୁଣି ଶୁଣି ବିଚଳିତ ହୋଇଯାଇଥିବା ତୁମର ବୁଦ୍ଧି ଯେତେବେଳେ ପରମାତ୍ମାଙ୍କ ଠାରେ ଅଚଳ ଓ ସ୍ଥିର ହୋଇଯିବ, ସେତେବେଳେ ତୁମେ ଯୋଗପ୍ରାପ୍ତ ହୋଇଯିବ, ଅର୍ଥାତ୍ ପରମାତ୍ମାଙ୍କ ସହିତ ତୁମର ନିତ୍ୟସଂଯୋଗ ହୋଇଯିବ ।। ୨ -୫୩ ।।)

**। ଅର୍ଜୁନ ଉବାଚ ।**

**ସ୍ଥିତପ୍ରଜ୍ଞସ୍ୟ କା ଭାଷା ସମାଧିସ୍ଥସ୍ୟ କେଶବ ।**
**ସ୍ଥିତଧୀଃ କିଂ ପ୍ରଭାଷେତ କିମାସୀତ ବ୍ରଜେତ କିମ୍ ।। ୨-୫୪।।**

(ଅର୍ଜୁନ ପଚାରିଲେ – ହେ କେଶବ ! ସମାଧୀରେ ସ୍ଥିତ ପରମାତ୍ମାପ୍ରାପ୍ତ ସ୍ଥିରବୁଦ୍ଧି ପୁରୁଷଙ୍କ ଲକ୍ଷଣ କ'ଣ ? ସେହି ସ୍ଥିରବୁଦ୍ଧି ପୁରୁଷ କିପରି କୁହନ୍ତି, କିପରି ବସନ୍ତି, ଏବଂ କିପରି ଚଳନ୍ତି ? ।। ୨ -୫୪।।)

**। ଶ୍ରୀଭଗବାନୁବାଚ ।**

**ପ୍ରଜହାତି ଯଦା କାମାନ୍‌ସର୍ବାନ୍‌ପାର୍ଥ ମନୋଗତାନ୍ ।**
**ଆତ୍ମନ୍ୟେବାତ୍ମନା ତୁଷ୍ଟଃ ସ୍ଥିତପ୍ରଜ୍ଞସ୍ତଦୋଚ୍ୟତେ ।। ୨-୫୫।।**

(ଶ୍ରୀଭଗବାନ କହିଲେ – ହେ ଅର୍ଜୁନ ! ଯେତେବେଳେ ଏହି ପୁରୁଷ ମନ ମଧ୍ୟରେ ଥିବା ସମସ୍ତ କାମନା ପୂର୍ଣ୍ଣରୂପେ ତ୍ୟାଗ କରିଦିଅନ୍ତି, ଏବଂ ଆତ୍ମା ଦ୍ୱାରା ଆତ୍ମାରେ ହିଁ ସନ୍ତୁଷ୍ଟ ହୋଇ ରହନ୍ତି, ସେତେବେଳେ ତାଙ୍କୁ ସ୍ଥିତପ୍ରଜ୍ଞ ବୋଲି କୁହାଯାଏ ।। ୨ - ୫୫ ।।)

Not For Commercial Use

**ଦୁଃଖେଷ୍ୱନୁଦ୍ୱିଗ୍ନମନାଃ ସୁଖେଷୁ ବିଗତସ୍ପୃହଃ ।**
**ବୀତରାଗଭୟକ୍ରୋଧଃ ସ୍ଥିତଧୀର୍ମୁନିରୁଚ୍ୟତେ ।। ୨-୫୬।।**

(ଦୁଃଖ ଆସିଗଲେ ବି ଯାହାଙ୍କ ମନରେ ଉଦବେଗ ଜାତ ହୁଏ ନାହିଁ, ସୁଖ ମିଳିଗଲେ ବି ଯେ ସର୍ବଥା ନିଃସ୍ପୃହ ରହନ୍ତି, ଯାହାଙ୍କର ରାଗ, ଭୟ ଓ କ୍ରୋଧ ନଷ୍ଟ ହୋଇଯାଇଛି, ସେହିପରି ମୁନିଙ୍କୁ ସ୍ଥିରବୁଦ୍ଧି କୁହାଯାଏ ।। ୨ -୫୬ ।।)

**ୟଃ ସର୍ବତ୍ରାନଭିସ୍ନେହସ୍ତତ୍ତତ୍ପ୍ରାପ୍ୟ ଶୁଭାଶୁଭମ୍ ।**
**ନାଭିନନ୍ଦତି ନ ଦ୍ୱେଷ୍ଟି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୨-୫୭।।**

(ଯେଉଁ ପୁରୁଷ ସର୍ବତ୍ର ସ୍ନେହରହିତ ହୋଇ ଶୁଭ ବସ୍ତୁ ପାଇଲେ ପ୍ରସନ୍ନ ହୁଅନ୍ତି ନାହିଁ, କି ଅଶୁଭ ବସ୍ତୁ ପାଇଲେ ଦ୍ୱେଷ କରନ୍ତି ନାହିଁ, ତାଙ୍କର ବୁଦ୍ଧି ସ୍ଥିର ଅଟେ ।। ୨ -୫୭ ।।)

**ୟଦା ସଂହରତେ ଚାୟଂ କୂର୍ମୋଽଙ୍ଗାନୀବ ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୨-୫୮।।**

(ଏବଂ କଇଁଛ ଯେପରି ନିଜର ଅଙ୍ଗପ୍ରତ୍ୟଙ୍ଗ ଗୁଡିକୁ ସବୁଦିଗରୁ ସଙ୍କୁଚିତ କରିଆଣେ, ଏହି ପୁରୁଷ ଯେତେବେଳେ ଠିକ୍ ସେହିପରି ନିଜର ଇନ୍ଦ୍ରିୟମାନଙ୍କୁ ଇନ୍ଦ୍ରିୟଗ୍ରାହ୍ୟ ବିଷୟ ମାନଙ୍କରୁ ସକଳ ପ୍ରକାରେ ହଟାଇ ଆଣନ୍ତି, ସେତେବେଳେ ତାଙ୍କର ବୁଦ୍ଧି ସ୍ଥିର ଅଟେ ବୋଲି ଜାଣିବା ଉଚିତ ।। ୨ -୫୮।।)

**ବିଷୟା ବିନିବର୍ତନ୍ତେ ନିରାହାରସ୍ୟ ଦେହିନଃ ।**
**ରସବର୍ଜଂ ରସୋଽପ୍ୟସ୍ୟ ପରଂ ଦୃଷ୍ଟ୍ୱା ନିବର୍ତତେ ।। ୨-୫୯।।**

(ଇନ୍ଦ୍ରିୟମାନଙ୍କ ଦ୍ୱାରା ବିଷୟମାନଙ୍କୁ ଗ୍ରହଣ କରୁ ନ ଥିବା ପୁରୁଷର କେବଳ ବିଷୟମାନେ ନିବୃତ ହୋଇଯାଆନ୍ତି; କିନ୍ତୁ ବିଷୟଭୋଗ ପ୍ରତି ରହିଥିବା ଆସକ୍ତି ନିବୃତ ହୁଏ ନାହିଁ; କିନ୍ତୁ ପରମାତ୍ମାଙ୍କ ସାକ୍ଷାତକାର କରିଥିବାରୁ ଏହି ସ୍ଥିତପ୍ରଜ୍ଞ ପୁରୁଷଙ୍କର ଆସକ୍ତି ବି ନିବୃତ ହୋଇଯାଇଥାଏ ।। ୨ -୫୯।।)

Not For Commercial Use

**ଯତତୋ ହ୍ୟପି କୌନ୍ତେୟ ପୁରୁଷସ୍ୟ ବିପଶ୍ଚିତଃ ।**
**ଇନ୍ଦ୍ରିୟାଣି ପ୍ରମାଥୀନି ହରନ୍ତି ପ୍ରସଭଂ ମନଃ ।। ୨-୬୦।।**

(ହେ ଅର୍ଜୁନ ! ଆସକ୍ତି ନାଶ ହୋଇ ନ ଥିବାରୁ ଏହି ପ୍ରମଥନ ସ୍ୱଭାବ ବିଶିଷ୍ଟ ଇନ୍ଦ୍ରିୟମାନେ ଯତ୍ନଶୀଳ ବୁଦ୍ଧିମାନ ପୁରୁଷଙ୍କର ମନକୁ ମଧ୍ୟ ବଳପୂର୍ବକ ହରଣ କରିନିଅନ୍ତି ।। ୨ -୬୦ ।।)

**ତାନି ସର୍ବାଣି ସଂୟମ୍ୟ ଯୁକ୍ତ ଆସୀତ ମତ୍ପରଃ ।**
**ବଶେ ହି ଯସ୍ୟେନ୍ଦ୍ରିୟାଣି ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୨-୬୧।।**

(ତେଣୁ ସାଧକଙ୍କ ପକ୍ଷରେ ଏହା ଆବଶ୍ୟକ ଯେ, ତାଙ୍କୁ ସକଳ ଇନ୍ଦ୍ରିୟ ବଶକରି, ସମାହିତ ଚିତ୍ତ ହୋଇ ଧ୍ୟାନରେ ବସିବାକୁ ହେବ, କାରଣ ଯେଉଁ ପୁରୁଷଙ୍କ ଇନ୍ଦ୍ରିୟମାନେ ବଶୀଭୂତ ହୋଇଥାନ୍ତି, ତାହାଙ୍କର ବୁଦ୍ଧି ସ୍ଥିର ହୋଇଥାଏ ।। ୨ -୬୧।।)

**ଧ୍ୟାୟତୋ ବିଷୟାନ୍ପୁଂସଃ ସଙ୍ଗସ୍ତେଷୂପଜାୟତେ ।**
**ସଙ୍ଗାତ୍ସଂଜାୟତେ କାମଃ କାମାତ୍କ୍ରୋଧୋଽଭିଜାୟତେ ।। ୨-୬୨।।**

(ବିଷୟଚିନ୍ତନ କରୁଥିବା ପୁରୁଷର ସେହି ବିଷୟ ମାନଙ୍କରେ ଆସକ୍ତି ହୋଇଯାଏ; ଆସକ୍ତିରୁ ସେହି ବିଷୟ ମାନଙ୍କ ପ୍ରତି କାମନା ଉତ୍ପନ୍ନ ହୋଇଥାଏ, ଏବଂ କାମନାରେ ବାଧା ଉପୁଜିଲେ କ୍ରୋଧ ଜାତ ହୋଇଥାଏ ।। ୨ -୬୨।।)

**କ୍ରୋଧାଦ୍-ଭବତି ସମ୍ମୋହଃ ସମ୍ମୋହାତ୍-ସ୍ମୃତିବିଭ୍ରମଃ ।**
**ସ୍ମୃତିଭ୍ରଂଶାଦ୍ ବୁଦ୍ଧିନାଶୋ ବୁଦ୍ଧିନାଶାତ୍-ପ୍ରଣଶ୍ୟତି ।। ୨-୬୩।।**

(କ୍ରୋଧରୁ ଅତ୍ୟନ୍ତ ମୂଢଭାବ ଉତ୍ପନ୍ନ ହୋଇଥାଏ; ମୂଢଭାବରୁ ସ୍ମୃତିଭ୍ରମ ହୋଇଥାଏ; ସ୍ମୃତିବିଭ୍ରମ ହେବାରୁ ବୁଦ୍ଧି ନାଶ ହୋଇଥାଏ, ଏବଂ ବୁଦ୍ଧିନାଶ ହେବାରୁ ସେହି ପୁରୁଷ ନିଜର ସ୍ଥିତିରୁ ଖସିପଡେ ।। ୨ -୬୩।।)

Not For Commercial Use

**ରାଗଦ୍ୱେଷବିମୁକ୍ତୈସ୍ତୁ ବିଷୟାନିନ୍ଦ୍ରିୟୈଶ୍ଚରନ୍ ।** (ବିୟୁକ୍ତୈସ୍ତୁ)
**ଆତ୍ମବଶ୍ୟୈର୍ବିଧେୟାତ୍ମା ପ୍ରସାଦମଧିଗଚ୍ଛତି ।। ୨-୬୪।।**

(କିନ୍ତୁ ଅନ୍ତଃକରଣକୁ ନିଜର ଅଧୀନ କରିଥିବା ସାଧକ ନିଜ ବଶରେ ରଖିଥିବା ରାଗଦ୍ୱେଷରହିତ ଇନ୍ଦ୍ରିୟ ମାନଙ୍କ ଦ୍ୱାରା ବିଷୟ ମାନଙ୍କରେ ବିଚରଣ କରୁଥାଇ ମଧ୍ୟ ଅନ୍ତଃକରଣର ପ୍ରସନ୍ନତା ଲାଭ କରନ୍ତି ।। ୨ -୬୪ ।।)

**ପ୍ରସାଦେ ସର୍ବଦୁଃଖାନାଂ ହାନିରସ୍ୟୋପଜାୟତେ ।**
**ପ୍ରସନ୍ନଚେତସୋ ହ୍ୟାଶୁ ବୁଦ୍ଧିଃ ପର୍ୟ୍ୟବତିଷ୍ଠତେ ।। ୨-୬୫।।**

(ଅନ୍ତଃଅକରଣର ପ୍ରସନ୍ନତା ଆସିବା ଫଳରେ ତାଙ୍କର ସମସ୍ତ ଦୁଃଖର ବିନାଶ ହୋଇଥାଏ, ଏବଂ ସେହି ପ୍ରସନ୍ନଚିତ୍ତ କର୍ମଯୋଗୀଙ୍କର ବୁଦ୍ଧି ଶୀଘ୍ର ହିଁ ସକଳ ଦିଗରୁ ଅପସରି ଆସି ଏକ ପରମାତ୍ମାଙ୍କ ଠାରେ ସ୍ଥିର ହୋଇଯାଏ ।। ୨ -୬୫ ।।)

**ନାସ୍ତି ବୁଦ୍ଧିରୟୁକ୍ତସ୍ୟ ନ ଚାୟୁକ୍ତସ୍ୟ ଭାବନା ।**
**ନ ଚାଭାବୟତଃ ଶାନ୍ତିରଶାନ୍ତସ୍ୟ କୁତଃ ସୁଖମ୍ ।। ୨-୬୬।।**

(ମନ ଓ ଇନ୍ଦ୍ରିୟାମାନଙ୍କୁ ଜୟ କରି ନ ଥିବା ମନୁଷ୍ୟର ନିଶ୍ଚୟାତ୍ମିକା ବୁଦ୍ଧି ହୁଏ ନାହିଁ, ଏବଂ ସେହିପରି ଅୟୁକ୍ତ ମନୁଷ୍ୟର ଅନ୍ତଃକରଣରେ ଆସ୍ତିକ ଭାବନା ବି ଆସେ ନାହିଁ; ଆସ୍ତିକ ଭାବନାହୀନ ମନୁଷ୍ୟକୁ ଶାନ୍ତି ମିଳେ ନାହିଁ; ଶାନ୍ତି ବିନା ମନୁଷ୍ୟକୁ ସୁଖ ବା କେଉଁଠୁ ମିଳିବ ? ।। ୨ -୬୬।।)

**ଇନ୍ଦ୍ରିୟାଣାଂ ହି ଚରତାଂ ୟନ୍ମନୋଽନୁବିଧୀୟତେ ।**
**ତଦସ୍ୟ ହରତି ପ୍ରଜ୍ଞାଂ ବାୟୁର୍ନାବମିବାମ୍ଭସି ।। ୨-୬୭।।**

(କାରଣ ବାୟୁ ଯେପରି ଜଳରେ ଚାଲୁଥିବା ନୌକାକୁ ହରଣ କରିନିଏ, ବିଷୟରେ ବିଚରଣ କରୁଥିବା ଇନ୍ଦ୍ରିୟମାନଙ୍କ ମଧ୍ୟରୁ ଯେଉଁ ଇନ୍ଦ୍ରିୟଟିର ସହିତ ମନ ରହିଥାଏ, ସେହି ଗୋଟିକ ଇନ୍ଦ୍ରିୟ ବି ସେହିପରି ଉକ୍ତ ଅୟୁକ୍ତ ମନୁଷ୍ୟର ବୁଦ୍ଧିକୁ ହରଣ କରିନିଏ ।। ୨ -୬୭।।)

Not For Commercial Use

**ତସ୍ମାଦ୍ୟସ୍ୟ ମହାବାହୋ ନିଗୃହୀତାନି ସର୍ବଶଃ ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଭ୍ୟସ୍ତସ୍ୟ ପ୍ରଜ୍ଞା ପ୍ରତିଷ୍ଠିତା ।। ୨-୬୮।।**

(ତେଣୁ ହେ ମହାବାହୁ ! ଯେଉଁ ପୁରୁଷଙ୍କ ଇନ୍ଦ୍ରିୟମାନେ ଇନ୍ଦ୍ରିୟମାନଙ୍କର ବିଷୟମାନଙ୍କ ଠାରୁ ସକଳ ପ୍ରକାରେ ନିଗୃହୀତ ହୋଇଯାଇଥାନ୍ତି, ତାଙ୍କର ବୁଦ୍ଧି ସ୍ଥିର ଅଟେ ।। ୨ -୬୮।।)

**ୟା ନିଶା ସର୍ବଭୂତାନାଂ ତସ୍ୟାଂ ଜାଗର୍ତି ସଂୟମୀ ।**
**ୟସ୍ୟାଂ ଜାଗ୍ରତି ଭୂତାନି ସା ନିଶା ପଶ୍ୟତୋ ମୁନେଃ ।। ୨-୬୯।।**

(ଯେଉଁ ପରମାନନ୍ଦପ୍ରାପ୍ତି ସକଳ ପ୍ରାଣୀଙ୍କ ନିମନ୍ତେ ରାତ୍ରି ସମାନ, ସେହି ନିତ୍ୟଜ୍ଞାନ ସ୍ୱରୂପ ପରମାନନ୍ଦପ୍ରାପ୍ତିରେ ସ୍ଥିତପ୍ରଜ୍ଞ ଯୋଗୀ ଜାଗ୍ରତ ରହନ୍ତି, ଏବଂ ଯେଉଁ ନାଶବାନ ସାଂସାରିକ ସୁଖ ଲାଭରେ ସକଳ ପ୍ରାଣୀ ଜାଗ୍ରତ ରହନ୍ତି, ପରମାତ୍ମତତ୍ତ୍ୱ ଜାଣିଥିବା ମୁନିଙ୍କ ନିମନ୍ତେ ତାହା ରାତ୍ରି ସମାନ ।। ୨ - ୬୯ ।।)

**ଆପୂର୍ୟମାଣମଚଲପ୍ରତିଷ୍ଠଂ ସମୁଦ୍ରମାପଃ ପ୍ରବିଶନ୍ତି ୟଦ୍ୱତ୍ ।**
**ତଦ୍ୱତ୍କାମା ୟଂ ପ୍ରବିଶନ୍ତି ସର୍ବେ ସ ଶାନ୍ତିମାପ୍ନୋତି ନ କାମକାମୀ ।। ୨-୭୦।।**

(ନାନା ନଦୀର ଜଳ ଯେପରି ସକଳ ଦିଗରୁ ପରିପୂର୍ଣ୍ଣ ଅଚଳ ପ୍ରତିଷ୍ଠାଯୁକ୍ତ ସମୁଦ୍ରକୁ ବିଚଳିତ ନ କରି ତା'ଭିତରେ ପ୍ରବେଶ କରେ, ସକଳ ଭୋଗ ସେହିପରି ଯେଉଁ ସ୍ଥିତପ୍ରଜ୍ଞ ପୁରୁଷଙ୍କ ଠାରେ କୌଣସି ପ୍ରକାର ବିକାର ଉତ୍ପନ୍ନ ନ କରି ପ୍ରବେଶ କରନ୍ତି, ସେହି ପୁରୁଷ ପରମ ଶାନ୍ତି ପ୍ରାପ୍ତ କରନ୍ତି । ଭୋଗ ଚାହୁଁଥିବା ଲୋକ ତାହା ପାଏ ନାହିଁ ।। ୨ -୭୦ ।।)

**ବିହାୟ କାମାନ୍ୟଃ ସର୍ବାନ୍ପୁମାଂଶ୍ଚରତି ନିଃସ୍ପୃହଃ ।**
**ନିର୍ମମୋ ନିରହଙ୍କାରଃ ସ ଶାନ୍ତିମଧିଗଚ୍ଛତି ।। ୨-୭୧।।**

(ଯେଉଁ ପୁରୁଷ ସମସ୍ତ କାମନା ତ୍ୟାଗକରି ମମତା ବିନା, ଅହଙ୍କାର ବିନା, ଏବଂ ସ୍ପୃହା ବିନା ବିଚରଣ କରନ୍ତି, ସେ ହିଁ ଶାନ୍ତି ପ୍ରାପ୍ତ କରିଥାନ୍ତି ।। ୨ -୭୧।।)

**ଏଷା ବ୍ରାହ୍ମୀ ସ୍ଥିତିଃ ପାର୍ଥ ନୈନାଂ ପ୍ରାପ୍ୟ ବିମୁହ୍ୟତି ।**
**ସ୍ଥିତ୍ୱାସ୍ୟାମନ୍ତକାଲେଽପି ବ୍ରହ୍ମନିର୍ବାଣମୃଚ୍ଛତି ।। ୨-୭୨।।**

(ହେ ଅର୍ଜୁନ ! ଏହା ହେଉଛି ବ୍ରହ୍ମକୁ ପ୍ରାପ୍ତ ହୋଇଥିବା ପୁରୁଷଙ୍କ ସ୍ଥିତି । ଏହାକୁ ପ୍ରାପ୍ତକରି ଯୋଗୀ କେବେହେଲେ ମୋହିତ ହୁଅନ୍ତି ନାହିଁ, ଏବଂ ଅନ୍ତକାଳରେ ମଧ୍ୟ ଏହି ବ୍ରାହ୍ମୀ ସ୍ଥିତିରେ ସ୍ଥିତ ହୋଇ ବ୍ରହ୍ମାନନ୍ଦ ପ୍ରାପ୍ତ କରନ୍ତି ।। ୨ -୭୨ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ସାଙ୍ଖ୍ୟଯୋଗୋ ନାମ ଦ୍ୱିତୀୟୋଽଧ୍ୟାୟଃ ।। ୨।।**

Not For Commercial Use

# ତୃତୀୟ ଅଧ୍ୟାୟ

(Chapter – 3)

## କର୍ମଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ତୃତୀୟୋଽଧ୍ୟାୟଃ ।।

।। ଅଥ ତୃତୀୟୋଽଧ୍ୟାୟଃ । କର୍ମଯୋଗଃ ।।

**। ଅର୍ଜୁନ ଉବାଚ ।**

**ଜ୍ୟାୟସୀ ଚେତ୍କର୍ମଣସ୍ତେ ମତା ବୁଦ୍ଧିର୍ଜନାର୍ଦନ ।**
**ତତ୍କିଂ କର୍ମଣି ଘୋରେ ମାଂ ନିୟୋଜୟସି କେଶବ ।। ୩-୧।।**

(ଅର୍ଜୁନ ପଚାରିଲେ - ହେ ଜନାର୍ଦ୍ଦନ ! ଯଦି ଆପଣଙ୍କ ମତରେ କର୍ମ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ, ତେବେ ହେ କେଶବ ! ମୋତେ କାହିଁକି ଏ ଭୟଙ୍କର କର୍ମରେ ଲଗାଉଛନ୍ତି ? ।। ୩ -୧ ।।)

**ବ୍ୟାମିଶ୍ରେଣେବ ବାକ୍ୟେନ ବୁଦ୍ଧିଂ ମୋହୟସୀବ ମେ ।**
**ତଦେକଂ ବଦ ନିଶ୍ଚିତ୍ୟ ୟେନ ଶ୍ରେୟୋଽହମାପ୍ନୁୟାମ୍ ।। ୩-୨।।**

(ଆପଣଙ୍କ ଗୋଳିଆମିଶାଭଳି ଲାଗୁଥିବା କଥା ଦ୍ୱାରା ମୋର ବୁଦ୍ଧିକୁ ମୋହିତପ୍ରାୟ କରିଦେଉଛନ୍ତି; ତେଣୁ ନିଶ୍ଚୟ କରି ଗୋଟିଏ କଥା କୁହନ୍ତୁ, ଯାହାଦ୍ୱାରା କି ମୁଁ କଲ୍ୟାଣ ପ୍ରାପ୍ତ ହେବି ।। ୩ -୨ ।।)

**। ଶ୍ରୀଭଗବାନୁବାଚ ।**

**ଲୋକେଽସ୍ମିନ୍ ଦ୍ୱିବିଧା ନିଷ୍ଠା ପୁରା ପ୍ରୋକ୍ତା ମୟାନଘ ।**
**ଜ୍ଞାନୟୋଗେନ ସାଙ୍ଖ୍ୟାନାଂ କର୍ମୟୋଗେନ ୟୋଗିନାମ୍ ।। ୩-୩।।**

(ଶ୍ରୀଭଗବାନ କହିଲେ – ହେ ନିଷ୍ପାପ ! ଏହି ଲୋକରେ ଦୁଇପ୍ରକାର ନିଷ୍ଠା ହୁଏ ବୋଲି ମୁଁ ଆଗରୁ କହିସାରିଛି । ତନ୍ମଧ୍ୟରୁ ସାଙ୍ଖ୍ୟଯୋଗୀ ମାନଙ୍କର ନିଷ୍ଠା ଜ୍ଞନଯୋଗ ଦ୍ୱାରା ଏବଂ ଯୋଗୀ ମାନଙ୍କର ନିଷ୍ଠା କର୍ମଯୋଗ ଦ୍ୱାରା ହୋଇଥାଏ ।। ୩ -୩ ।।)

Not For Commercial Use

**ନ କର୍ମଣାମନାରମ୍ଭାନ୍ନୈଷ୍କର୍ମ୍ୟଂ ପୁରୁଷୋଽଶ୍ନୁତେ ।**
**ନ ଚ ସଂନ୍ୟସନାଦେବ ସିଦ୍ଧିଂ ସମଧିଗଚ୍ଛତି ।। ୩-୪।।**

(ମନୁଷ୍ୟ କର୍ମାଚରଣ ନ କରି ନିଷ୍କର୍ମତା ବା ଯୋଗନିଷ୍ଠା ପାଇପାରେ ନାହିଁ, କି କେବଳ କର୍ମ ତ୍ୟାଗ କରିଦେଇ ସିଦ୍ଧି, ଅର୍ଥାତ୍ ସାଙ୍ଖ୍ୟନିଷ୍ଠା ପାଇପାରେ ନାହିଁ ।। ୩ -୪ ।।)

**ନ ହି କଶ୍ଚିତ୍କ୍ଷଣମପି ଜାତୁ ତିଷ୍ଠତ୍ୟକର୍ମକୃତ୍ ।**
**କାର୍ଯ୍ୟତେ ହ୍ୟବଶଃ କର୍ମ ସର୍ବଃ ପ୍ରକୃତିଜୈର୍ଗୁଣୈଃ ।। ୩-୫।।**

(ଏହା ନିଃସନ୍ଦେହ ଯେ, କୌଣସି ମନୁଷ୍ୟ କୌଣସି ସମୟରେ କ୍ଷଣେ ସୁଦ୍ଧା କର୍ମ ନ କରି ରହିପାରିବ ନାହିଁ । କାରଣ ସମସ୍ତ ପ୍ରାଣୀ ପ୍ରକୃତିରୁ ଉତ୍ପନ୍ନ ଗୁଣମାନଙ୍କ ଦ୍ୱାରା ପ୍ରରବଶ ହୋଇ କର୍ମ କରିବାକୁ ବାଧ୍ୟ ହୁଅନ୍ତି ।। ୩ -୫ ।।)

**କର୍ମେନ୍ଦ୍ରିୟାଣି ସଂୟମ୍ୟ ୟ ଆସ୍ତେ ମନସା ସ୍ମରନ୍ ।**
**ଇନ୍ଦ୍ରିୟାର୍ଥାନ୍ୱିମୂଢାତ୍ମା ମିଥ୍ୟାଚାରଃ ସ ଉଚ୍ୟତେ ।। ୩-୬।।**

(ଯେଉଁ ମୂଢବୁଦ୍ଧି ମନୁଷ୍ୟ ସମସ୍ତ ଇନ୍ଦ୍ରିୟଙ୍କୁ ବଳପୂର୍ବକ ଉପରୁ ଉପରୁ ରୁଦ୍ଧ କରିଦେଇ ମନଦ୍ୱାରା ସେହି ଇନ୍ଦ୍ରିୟ ମାନଙ୍କର ବିଷୟକୁ ଚିନ୍ତନ କରୁଥାଏ, ସେ ମିଥ୍ୟାଚାରୀ, ଅର୍ଥାତ୍ ଦମ୍ଭୀ ବୋଲି କଥିତ ହୁଏ ।। ୩ -୬।।)

**ୟସ୍ତ୍ୱିନ୍ଦ୍ରିୟାଣି ମନସା ନିୟମ୍ୟାରଭତେଽର୍ଜୁନ ।**
**କର୍ମେନ୍ଦ୍ରିୟୈଃ କର୍ମୟୋଗମସକ୍ତଃ ସ ବିଶିଷ୍ୟତେ ।। ୩-୭।।**

(ହେ ଅର୍ଜୁନ ! ଯେଉଁ ପୁରୁଷ ମନଦ୍ୱାରା ଇନ୍ଦ୍ରିୟ ମାନଙ୍କୁ ବଶକରି ଅନାସକ୍ତ ହୋଇ ସମସ୍ତ ଇନ୍ଦ୍ରିୟ ଦ୍ୱାରା କର୍ମଯୋଗ ଆଚରଣ କରନ୍ତି, ସେ ଶ୍ରେଷ୍ଠ ଅଟନ୍ତି ।। ୩ -୭ ।।)

Not For Commercial Use

**ନିୟତଂ କୁରୁ କର୍ମ ତ୍ୱଂ କର୍ମ ଜ୍ୟାୟୋ ହ୍ୟକର୍ମଣଃ ।**
**ଶରୀରଯାତ୍ରାପି ଚ ତେ ନ ପ୍ରସିଦ୍ଧ୍ୟେଦକର୍ମଣଃ ।। ୩-୮।।**

(ତୁମେ ଶାସ୍ତ୍ରବିହିତ କର୍ତ୍ତବ୍ୟକର୍ମ କର, କାରଣ କର୍ମ ନ କରିବାଠାରୁ କର୍ମ କରିବା ଶ୍ରେଷ୍ଠ, ତଥା କର୍ମ ନ କଲେ ତୁମର ଶରୀର ନିର୍ବାହ ମଧ୍ୟ ସିଦ୍ଧ ହୋଇପାରିବ ନାହିଁ ।। ୩ -୮ ।।)

**ଯଜ୍ଞାର୍ଥାତ୍କର୍ମଣୋଽନ୍ୟତ୍ର ଲୋକୋଽୟଂ କର୍ମବନ୍ଧନଃ ।**
**ତଦର୍ଥଂ କର୍ମ କୌନ୍ତେୟ ମୁକ୍ତସଙ୍ଗଃ ସମାଚର ।। ୩-୯।।**

(ଯଜ୍ଞପାଇଁ କରାଯାଉଥିବା କର୍ମ ଛଡା ଅନ୍ୟ କର୍ମ ମାନଙ୍କରେ ଲାଗିରହିଥିବା ଫଳରେ ହିଁ ଏହି ମନୁଷ୍ୟ ସମୁଦାୟ କର୍ମଦ୍ୱାରା ବାନ୍ଧି ହୁଅନ୍ତି । ତେଣୁ ହେ ଅର୍ଜୁନ ! ତୁମେ ଆସକ୍ତି ମୁକ୍ତ ହୋଇ କେବଳ ଯଜ୍ଞ ନିମିତ୍ତ ହିଁ ଭଲଭାବରେ କର୍ତ୍ତବ୍ୟକର୍ମ ଆଚରଣ କର ।। ୩ -୯ ।।)

**ସହଯଜ୍ଞାଃ ପ୍ରଜାଃ ସୃଷ୍ଟ୍ୱା ପୁରୋବାଚ ପ୍ରଜାପତିଃ ।**
**ଅନେନ ପ୍ରସବିଷ୍ୟଧ୍ୱମେଷ ବୋଽସ୍ତ୍ୱିଷ୍ଟକାମଧୁକ୍ ।। ୩-୧୦।।**

(ପ୍ରଜାପତି ବ୍ରହ୍ମା କଳ୍ପର ପ୍ରାରମ୍ଭରେ ଯଜ୍ଞସହିତ ପ୍ରଜାମାନଙ୍କୁ ରଚନା କରି ସେମାନଙ୍କୁ କହିଥିଲେ, "ତୁମ୍ଭେମାନେ ଏହି ଯଜ୍ଞଦ୍ୱାରା ବୃଦ୍ଧିପ୍ରାପ୍ତ ହୁଅ, ଏବଂ ଏହି ଯଜ୍ଞ ତୁମ୍ଭମାନଙ୍କର ବାଞ୍ଛିତଭୋଗ ପ୍ରଦାୟକ ହେଉ" ।। ୩ -୧୦ ।।)

**ଦେବାନ୍ଭାବୟତାନେନ ତେ ଦେବା ଭାବୟନ୍ତୁ ବଃ ।**
**ପରସ୍ପରଂ ଭାବୟନ୍ତଃ ଶ୍ରେୟଃ ପରମବାପ୍ସ୍ୟଥ ।। ୩-୧୧।।**

(ତୁମ୍ଭେମାନେ ଏହି ଯଜ୍ଞଦ୍ୱାରା ଦେବତା ମାନଙ୍କୁ ଉନ୍ନତ କର, ଏବଂ ସେହି ଦେବତାମାନେ ତୁମକୁ ଉନ୍ନତ କରନ୍ତୁ । ଏଭଳି ନିଃସ୍ୱାର୍ଥ ଭାବରେ ଏକ ଅନ୍ୟକୁ ଉନ୍ନତ କରିବା ଦ୍ୱାରା ତୁମ୍ଭେମାନେ ପରମ କଲ୍ୟାଣ ପ୍ରାପ୍ତ ହେବ ।। ୩ -୧୧ ।।)

Not For Commercial Use

**ଇଷ୍ଟାନ୍-ଭୋଗାନ୍‌ହି ବୋ ଦେବା ଦାସ୍ୟନ୍ତେ ଯଜ୍ଞଭାବିତାଃ ।**
**ତୈର୍ଦତ୍ତାନପ୍ରଦାୟୈଭ୍ୟୋ ଯୋ ଭୁଙ୍କ୍‌ତେ ସ୍ତେନ ଏବ ସଃ ।। ୩-୧୨।।**

(ଯଜ୍ଞଦ୍ୱାରା ସଂବର୍ଦ୍ଧିତ ଦେବତାମାନେ ତୁମକୁ ବିନା ପ୍ରାଥନାରେ ବାଞ୍ଛିତଭୋଗ ନିଶ୍ଚୟ ପ୍ରଦାନ କରିଚାଲିବେ । ସେହି ଦେବତା ମାନଙ୍କ ଦ୍ୱାରା ଏହିପରି ପ୍ରଦତ୍ତ ଭୋଗପଦାର୍ଥ ଗୁଡିକୁ ଯେଉଁ ମନୁଷ୍ୟ ସେମାନଙ୍କୁ ସମର୍ପଣ ନ କରି ସ୍ୱୟଂ ଭୋଗ କରେ, ସେ ଚୋର ହିଁ ଅଟେ ।। ୩ -୧୨ ।।)

**ଯଜ୍ଞଶିଷ୍ଟାଶିନଃ ସନ୍ତୋ ମୁଚ୍ୟନ୍ତେ ସର୍ବକିଲ୍ବିଷୈଃ ।**
**ଭୁଞ୍ଜତେ ତେ ତ୍ୱଘଂ ପାପା ଯେ ପଚନ୍ତ୍ୟାତ୍ମକାରଣାତ୍ ।। ୩-୧୩।।**

(ଯଜ୍ଞରୁ ବଳିଥିବା ଅନ୍ନକୁ ଭୋଜନ କରୁଥିବା ଶ୍ରେଷ୍ଠ ପୁରୁଷମାନେ ସମସ୍ତ ପାପରୁ ମୁକ୍ତ ହୋଇଯାଆନ୍ତି, ଏବଂ ଯେଉଁ ପାପୀ ଲୋକମାନେ କେବଳ ନିଜ ପାଇଁ ଅନ୍ନ ରନ୍ଧନ କରନ୍ତି, ସେମାନେ ପାପ ହିଁ ଭୋଜନ କରନ୍ତି ।। ୩ -୧୩ ।।)

**ଅନ୍ନାଦ୍-ଭବନ୍ତି ଭୂତାନି ପର୍ଜନ୍ୟାଦନ୍ନସମ୍ଭବଃ ।**
**ଯଜ୍ଞାଦ୍-ଭବତି ପର୍ଜନ୍ୟୋ ଯଜ୍ଞଃ କର୍ମସମୁଦ୍-ଭବଃ ।। ୩-୧୪।।**
**କର୍ମ ବ୍ରହ୍ମୋଦ୍-ଭବଂ ବିଦ୍ଧି ବ୍ରହ୍ମାକ୍ଷରସମୁଦ୍-ଭବମ୍ ।**
**ତସ୍ମାତ୍ସର୍ବଗତଂ ବ୍ରହ୍ମ ନିତ୍ୟଂ ଯଜ୍ଞେ ପ୍ରତିଷ୍ଠିତମ୍ ।। ୩-୧୫।।**

(ସମସ୍ତ ପ୍ରାଣୀ ଅନ୍ନରୁ ଉତ୍ପନ୍ନ ହୁଅନ୍ତି; ଅନ୍ନର ଉତ୍ପତ୍ତି ବୃଷ୍ଟିରୁ ହୁଏ; ବୃଷ୍ଟି ଯଜ୍ଞରୁ ଉତ୍ପନ୍ନ ହୁଏ, ଏବଂ ଯଜ୍ଞ ବିହିତ କର୍ମରୁ ଉତ୍ପନ୍ନ ହୁଏ । କର୍ମ ସମୁଦାୟ ବେଦରୁ ଉତ୍ପନ୍ନ ହୁଅନ୍ତି, ଏବଂ ବେଦ ବ୍ରହ୍ମରୁ ଉତ୍ପନ୍ନ ହୁଅନ୍ତି ବୋଲି ଜାଣ । ତେଣୁ ସର୍ବବ୍ୟାପୀ ବ୍ରହ୍ମ ସଦାସର୍ବଦା ଯଜ୍ଞରେ ପ୍ରତିଷ୍ଠିତ ଥାଆନ୍ତି ।। ୩ -୧୪, ୩ -୧୫।।)

Not For Commercial Use

**ଏବଂ ପ୍ରବର୍ତିତଂ ଚକ୍ରଂ ନାନୁବର୍ତୟତୀହ ୟଃ ।**
**ଅଘାୟୁରିନ୍ଦ୍ରିୟାରାମୋ ମୋଘଂ ପାର୍ଥ ସ ଜୀବତି ।। ୩-୧୬।।**

(ହେ ପାର୍ଥ ! ଯେଉଁ ପୁରୁଷ ଏହି ଲୋକରେ ଏହିପ୍ରକାର ପରମ୍ପରା କ୍ରମେ ପ୍ରଚଳିତ ହୋଇ ଆସିଥିବା ସୃଷ୍ଟିଚକ୍ରର ଅନୁକୂଳ ହୋଇ ଚଳେ ନାହିଁ, ଅର୍ଥାତ୍ ନିଜର କର୍ତ୍ତବ୍ୟ ପାଳନ କରେ ନାହିଁ, ତଥା ଇନ୍ଦ୍ରିୟ ମାନଙ୍କ ଦ୍ୱାରା ଭୋଗରେ ରମଣ କରୁଥିବା ସେହି ପାପାୟୁ ପୁରୁଷ ବୃଥାରେ ଜୀବନ ଧାରଣ କରେ ।। ୩ -୧୬ ।।)

**ୟସ୍ତ୍ୱାତ୍ମରତିରେବ ସ୍ୟାଦାତ୍ମତୃପ୍ତଶ୍ଚ ମାନବଃ ।**
**ଆତ୍ମନ୍ୟେବ ଚ ସନ୍ତୁଷ୍ଟସ୍ତସ୍ୟ କାର୍ୟଂ ନ ବିଦ୍ୟତେ ।। ୩-୧୭।।**

(କିନ୍ତୁ, ଯେଉଁ ପୁରୁଷ ଆତ୍ମାରେ ରମଣ କରୁଥାଆନ୍ତି, ଏବଂ ଆତ୍ମାରେ ତୃପ୍ତ ତଥା ଆତ୍ମାରେ ସନ୍ତୁଷ୍ଟ ହୋଇ ରହିଥାଆନ୍ତି, ତାହାଙ୍କ ପାଇଁ କୌଣସି କର୍ତ୍ତବ୍ୟ ନାହିଁ ।। ୩ -୧୭ ।।)

**ନୈବ ତସ୍ୟ କୃତେନାର୍ଥୋ ନାକୃତେନେହ କଶ୍ଚନ ।**
**ନ ଚାସ୍ୟ ସର୍ବଭୂତେଷୁ କଶ୍ଚିଦର୍ଥବ୍ୟପାଶ୍ରୟଃ ।। ୩-୧୮।।**

(ସେହି ମହାପୁରୁଷଙ୍କର ଏହି ବିଶ୍ୱରେ କର୍ମ କରିବାରେ କୌଣସି ପ୍ରୟୋଜନ ରହେ ନାହିଁ କିମ୍ବା, କର୍ମ ନ କରିବାରେ କୌଣସି ପ୍ରୟୋଜନ ରହେ ନାହିଁ, ତଥା କୌଣସି ପ୍ରାଣୀ ସହିତ ମଧ୍ୟ ତାଙ୍କର କିଛି ବି ସ୍ୱାର୍ଥସମ୍ବନ୍ଧ ରହେ ନାହିଁ ।। ୩ -୧୮ ।।)

**ତସ୍ମାଦସକ୍ତଃ ସତତଂ କାର୍ୟଂ କର୍ମ ସମାଚର ।**
**ଅସକ୍ତୋ ହ୍ୟାଚରନ୍-କର୍ମ ପରମାପ୍ନୋତି ପୂରୁଷଃ ।। ୩-୧୯।।**

(ତେଣୁ ନିରନ୍ତର ଆସକ୍ତ ମୁକ୍ତ ହୋଇ ନିଷ୍ଠାର ସହିତ କର୍ତ୍ତବ୍ୟକର୍ମ କର; କାରଣ ଆସକ୍ତ ମୁକ୍ତ ହୋଇ କର୍ମ କରୁଥିବା ମନୁଷ୍ୟ ପରମାତ୍ମାଙ୍କୁ ପ୍ରାପ୍ତ ହୋଇଯାଏ ।। ୩ -୧୯ ।।)

Not For Commercial Use

**କର୍ମଣୈବ ହି ସଂସିଦ୍ଧିମାସ୍ଥିତା ଜନକାଦୟଃ ।**
**ଲୋକସଂଗ୍ରହମେବାପି ସମ୍ପଶ୍ୟନ୍-କର୍ତୁମର୍ହସି ।। ୩-୨୦।।**

(ଜନକାଦି ଜ୍ଞାନୀମାନେ ମଧ୍ୟ ଆସକ୍ତମୁକ୍ତ କର୍ମଦ୍ୱାରା ହିଁ ପରମ ସିଦ୍ଧି ପ୍ରାପ୍ତ ହୋଇଥିଲେ । ସେଥିପାଇଁ ତଥା ଲୋକକଲ୍ୟାଣ ଦୃଷ୍ଟିରୁ ତୁମେ କର୍ମ କରିବା ହିଁ ଉଚିତ ।। ୩- ୨୦ ।।)

**ଯଦ୍ୟଦାଚରତି ଶ୍ରେଷ୍ଠସ୍ତତ୍ତଦେବେତରୋ ଜନଃ ।**
**ସ ଯତ୍-ପ୍ରମାଣଂ କୁରୁତେ ଲୋକସ୍ତଦନୁବର୍ତତେ ।। ୩-୨୧।।**

(ଶ୍ରେଷ୍ଠ ପୁରୁଷ ଯେଉଁ ଯେଉଁ ଆଚରଣ କରନ୍ତି, ଅନ୍ୟ ପୁରୁଷମାନେ ମଧ୍ୟ ସେହି ସେହି ଆଚରଣ କରନ୍ତି, ଏବଂ ସେ ଯାହା କିଛି ପ୍ରମାଣ କରିଦିଅନ୍ତି, ସମସ୍ତ ମନୁଷ୍ୟ ତାହା ଅନୁସରଣ କରନ୍ତି ।। ୩ -୨୧ ।।)

**ନ ମେ ପାର୍ଥାସ୍ତି କର୍ତବ୍ୟଂ ତ୍ରିଷୁ ଲୋକେଷୁ କିଞ୍ଚନ ।**
**ନାନବାପ୍ତମବାପ୍ତବ୍ୟଂ ବର୍ତ ଏବ ଚ କର୍ମଣି ।। ୩-୨୨।।**

(ହେ ଅର୍ଜୁନ ! ତିନି ଲୋକରେ ମୋ ପାଇଁ କୌଣସି କର୍ତ୍ତବ୍ୟ ନାହିଁ, କୌଣସି ପ୍ରାପ୍ତିଯୋଗ୍ୟ ବସ୍ତୁ ମୋତେ ଅପ୍ରାପ୍ତ ନୁହେଁ; ତଥାପି ମୁଁ କର୍ମରେ ହିଁ ଲାଗିରହିଛି ।। ୩ -୨୨ ।।)

**ଯଦି ହ୍ୟହଂ ନ ବର୍ତେୟଂ ଜାତୁ କର୍ମଣ୍ୟତନ୍ଦ୍ରିତଃ ।**
**ମମ ବର୍ତ୍ମାନୁବର୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।। ୩-୨୩।।**

(କାରଣ, ହେ ପାର୍ଥ ! ଯଦି କଦାଚିତ୍ ମୁଁ ସାବଧାନ ହୋଇ କର୍ମରେ ଲାଗି ନ ରହେ, ତେବେ ବଡ କ୍ଷତି ହୋଇଯିବ; କାରଣ, ମନୁଷ୍ୟମାନେ ସବୁ ଦିଗରୁ ମୋରି ମାର୍ଗ ଅନୁସରଣ କରନ୍ତି ।। ୩ -୨୩ ।।)

Not For Commercial Use

**ଉତ୍ସୀଦେୟୁରିମେ ଲୋକା ନ କୁର୍ଯ୍ୟାଂ କର୍ମ ଚେଦହମ୍ ।**
**ସଙ୍କରସ୍ୟ ଚ କର୍ତା ସ୍ୟାମୁପହନ୍ୟାମିମାଃ ପ୍ରଜାଃ ।। ୩-୨୪।।**

(ତେଣୁ ଯଦି ମୁଁ କର୍ମ ନ କରିବି, ତେବେ ଏ ସମସ୍ତ ମନୁଷ୍ୟ ନଷ୍ଟଭ୍ରଷ୍ଟ ହୋଇଯିବେ, ଏବଂ ମୁଁ ସଙ୍କରତାର କର୍ତ୍ତା ହୋଇଯିବି, ତଥା ଏହି ସମସ୍ତ ପ୍ରଜାଙ୍କୁ ନଷ୍ଟ କରିବାର କାରଣ ହୋଇଯିବି ।। ୩ -୨୪ ।।)

**ସକ୍ତାଃ କର୍ମଣ୍ୟବିଦ୍ୱାଂସୋ ଯଥା କୁର୍ବନ୍ତି ଭାରତ ।**
**କୁର୍ଯ୍ୟାଦ୍ୱିଦ୍ୱାଂସ୍ତଥାସକ୍ତଶ୍ଚିକୀର୍ଷୁର୍ଲୋକସଂଗ୍ରହମ୍ ।। ୩-୨୫।।**

(ହେ ଭାରତ ! କର୍ମରେ ଆସକ୍ତ ହୋଇଥିବା ଅଜ୍ଞାନୀମାନେ ଯେଉଁପରି କର୍ମ କରନ୍ତି, ଆସକ୍ତମୁକ୍ତ ବିଦ୍ୱାନ ମଧ୍ୟ ଲୋକକଲ୍ୟାଣ କରିବାକୁ ଇଚ୍ଛୁକ ହୋଇ ସେହିପରି କର୍ମ କରିବା ଉଚିତ ।। ୩ -୨୫ ।।)

**ନ ବୁଦ୍ଧିଭେଦଂ ଜନୟେଦଜ୍ଞାନାଂ କର୍ମସଙ୍ଗିନାମ୍ ।**
**ଜୋଷୟେତ୍ସର୍ବକର୍ମାଣି ବିଦ୍ୱାନ୍ୟୁକ୍ତଃ ସମାଚରନ୍ ।। ୩-୨୬।।**

(ପରମାତ୍ମାଙ୍କ ସ୍ୱରୂପରେ ଅଟଳଭାବରେ ସ୍ଥିତ ଜ୍ଞାନୀ ପୁରୁଷ ଶାସ୍ତ୍ରବିହିତ କର୍ମରେ ଆସକ୍ତିଯୁକ୍ତ ଅଜ୍ଞାନୀ ମାନଙ୍କ ବୁଦ୍ଧିରେ ଭ୍ରମ, ଅର୍ଥାତ୍ କର୍ମରେ ଅଶ୍ରଦ୍ଧା ଉତ୍ପନ୍ନ କରାଇବା ଉଚିତ ନୁହେଁ; ବରଂ ସ୍ୱୟଂ ଶାସ୍ତ୍ରବିହିତ ସମସ୍ତ କର୍ମ ଭଲଭାବରେ ଆଚରଣ କରି ସେମାନଙ୍କ ଦ୍ୱାରା ମଧ୍ୟ ସେହିପରି ଆଚରଣ କରାଇବା ଉଚିତ ।। ୩ -୨୬।।)

**ପ୍ରକୃତେଃ କ୍ରିୟମାଣାନି ଗୁଣୈଃ କର୍ମାଣି ସର୍ବଶଃ ।**
**ଅହଙ୍କାରବିମୂଢାତ୍ମା କର୍ତାହମିତି ମନ୍ୟତେ ।। ୩-୨୭।।**

(ବସ୍ତୁତଃ ସମସ୍ତ କର୍ମ ସବୁପ୍ରକାରେ ପ୍ରକୃତିର ଗୁଣ ମାନଙ୍କ ଦ୍ୱାରା କରାଯାଉଥାଏ; ତଥାପି ଯାହାର ଅନ୍ତଃକରଣ ଅହଙ୍କାର ଦ୍ୱାରା ମୋହିତ ହୋଇ ରହିଥାଏ, ସେହି ଅଜ୍ଞାନୀ "ମୁଁ ହିଁ କର୍ତ୍ତା ଅଟେ" ବୋଲି ମନେ କରେ ।। ୩ -୨୭ ।।)

Not for Commercial Use

**ତତ୍ତ୍ୱବିତ୍ତୁ ମହାବାହୋ ଗୁଣକର୍ମବିଭାଗୟୋଃ ।**
**ଗୁଣା ଗୁଣେଷୁ ବର୍ତ୍ତନ୍ତ ଇତି ମତ୍ୱା ନ ସଜ୍ଜତେ ।। ୩-୨୮।।**

(କିନ୍ତୁ ହେ ମହାବାହୁ ! ଗୁଣବିଭାଗ ଓ କର୍ମବିଭାଗର ତତ୍ତ୍ୱ ଜାଣିଥିବା ଜ୍ଞାନଯୋଗୀ ଗୁଣୀମାନେ ହିଁ ଗୁଣ ମାନଙ୍କରେ ପ୍ରବୃତ୍ତ ହୁଅନ୍ତି ବୋଲି ବୁଝି ସେଥିରେ ଆସକ୍ତ ହୁଅନ୍ତି ନାହିଁ ।। ୩ -୨୮ ।।)

**ପ୍ରକୃତେର୍ଗୁଣସମ୍ମୂଢାଃ ସଜ୍ଜନ୍ତେ ଗୁଣକର୍ମସୁ ।**
**ତାନକୃତ୍ସ୍ନବିଦୋ ମନ୍ଦାନ୍-କୃତ୍ସ୍ନବିନ୍ନ ବିଚାଲୟେତ୍ ।। ୩-୨୯।।**

(ପ୍ରକୃତିର ଗୁଣମାନଙ୍କ ଦ୍ୱାରା ଅତ୍ୟନ୍ତ ମୋହିତ ହୋଇଥିବା ମନୁଷ୍ୟମାନେ ଗୁଣମାନଙ୍କରେ ଓ କର୍ମମାନଙ୍କରେ ଆସକ୍ତ ରହନ୍ତି; ପୂର୍ଣ୍ଣଭାବରେ ବୁଝି ନ ଥିବା ସେହି ମନ୍ଦବୁଦ୍ଧି ଅଜ୍ଞାନୀମାନଙ୍କୁ, ଏହାକୁ ପୂର୍ଣ୍ଣଭାବରେ ଜାଣିଥିବା ଜ୍ଞାନୀ ବିଚଳିତ କରିବା ଉଚିତ ନୁହେଁ ।। ୩ -୨୯ ।।)

**ମୟି ସର୍ବାଣି କର୍ମାଣି ସଂନ୍ୟସ୍ୟାଧ୍ୟାତ୍ମଚେତସା ।**
**ନିରାଶୀର୍ନିର୍ମମୋ ଭୂତ୍ୱା ଯୁଧ୍ୟସ୍ୱ ବିଗତଜ୍ୱରଃ ।। ୩-୩୦।।**

(ଅନ୍ତର୍ଯାମୀ ପରମାତ୍ମାଙ୍କ ଠାରେ ଲାଗିରହିଥିବା ଚିତ୍ତ ଦ୍ୱାରା ସମସ୍ତ କର୍ମକୁ ମୋ ଠାରେ ଅର୍ପଣ କରି ଆଶାମୁକ୍ତ, ମମତାମୁକ୍ତ ଓ ସନ୍ତାପମୁକ୍ତ ହୋଇ ଯୁଦ୍ଧ କର ।। ୩ -୩୦ ।।)

**ୟେ ମେ ମତମିଦଂ ନିତ୍ୟମନୁତିଷ୍ଠନ୍ତି ମାନବାଃ ।**
**ଶ୍ରଦ୍ଧାବନ୍ତୋଽନସୂୟନ୍ତୋ ମୁଚ୍ୟନ୍ତେ ତେଽପି କର୍ମଭିଃ ।। ୩-୩୧।।**

(ଯେଉଁ ମନୁଷ୍ୟମାନେ ଦୋଷଦୃଷ୍ଟିରୁ ମୁକ୍ତ ହୋଇ ଏବଂ ଶ୍ରଦ୍ଧାଯୁକ୍ତ ହୋଇ ମୋର ଏହି ମତକୁ ସଦାସର୍ବଦା ଅନୁସରଣ କରନ୍ତି, ସେମାନେ ମଧ୍ୟ ସମସ୍ତ କର୍ମରୁ ମୁକ୍ତ ହୋଇଯାଆନ୍ତି ।। ୩ -୩୧ ।।)

Not For Commercial Use

**ଯେ ତ୍ୱେତଦଭ୍ୟସୂୟନ୍ତୋ ନାନୁତିଷ୍ଠନ୍ତି ମେ ମତମ୍ ।**
**ସର୍ବଜ୍ଞାନବିମୂଢାଂସ୍ତାନ୍ୱିଦ୍ଧି ନଷ୍ଟାନଚେତସଃ ।। ୩-୩୨।।**

(କିନ୍ତୁ ଯେଉଁ ମନୁଷ୍ୟମାନେ ମୋ ଠାରେ ଦୋଷାରୋପଣ କରି ମୋର ଏହି ମତ ଅନୁସାରେ ଚଳନ୍ତି ନାହିଁ, ସେହି ମୂର୍ଖମାନଙ୍କୁ ତୁମେ ସମସ୍ତ ଜ୍ଞାନରେ ମୂଢ ବୋଲି ଓ ସେମାନେ ନଷ୍ଟ ହୋଇଯାଇଛନ୍ତି ବୋଲି ଜାଣ ।। ୩ -୩୨ ।।)

**ସଦୃଶଂ ଚେଷ୍ଟତେ ସ୍ୱସ୍ୟାଃ ପ୍ରକୃତେର୍ଜ୍ଞାନବାନପି ।**
**ପ୍ରକୃତିଂ ଯାନ୍ତି ଭୂତାନି ନିଗ୍ରହଃ କିଂ କରିଷ୍ୟତି ।। ୩-୩୩।।**

(ସମସ୍ତ ପ୍ରାଣୀ ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି, ଅର୍ଥାତ୍ ନିଜ ସ୍ୱଭାବର ପରବଶ ହୋଇ କର୍ମ କରନ୍ତି । ଜ୍ଞାନବାନ ବ୍ୟକ୍ତି ମଧ୍ୟ ନିଜ ପ୍ରକୃତି ଅନୁସାରେ ଚେଷ୍ଟା କରନ୍ତି । ତେଣୁ ଏଥିରେ କାହାର ଜିଦି ବା କ'ଣ କରିବ ?।। ୩ -୩୩।।)

**ଇନ୍ଦ୍ରିୟସ୍ୟେନ୍ଦ୍ରିୟସ୍ୟାର୍ଥେ ରାଗଦ୍ୱେଷୌ ବ୍ୟବସ୍ଥିତୌ ।**
**ତୟୋର୍ନ ବଶମାଗଚ୍ଛେତ୍ତୌ ହ୍ୟସ୍ୟ ପରିପନ୍ଥିନୌ ।। ୩-୩୪।।**

(ଇନ୍ଦ୍ରିୟ-ଇନ୍ଦ୍ରିୟର ଅର୍ଥରେ, ଅର୍ଥାତ୍ ପ୍ରତ୍ୟେକ ଇନ୍ଦ୍ରିୟର ବିଷୟରେ ରାଗ ଓ ଦ୍ୱେଷ ଲୁଚି ରହିଛି । ମନୁଷ୍ୟ ସେହି ଦୁଇଟିର ବଶବର୍ତ୍ତୀ ହେବା ଉଚିତ ନୁହେଁ; କାରଣ ସେ ଦୁହେଁ ତା'ର କଲ୍ୟାଣ ମାର୍ଗରେ ବିଘ୍ନ ସୃଷ୍ଟି କରୁଥିବା ମହାନ ଶତ୍ରୁ ଅଟନ୍ତି ।। ୩ -୩୪ ।।)

**ଶ୍ରେୟାନ୍ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍ସ୍ୱନୁଷ୍ଠିତାତ୍ ।**
**ସ୍ୱଧର୍ମେ ନିଧନଂ ଶ୍ରେୟଃ ପରଧର୍ମୋ ଭୟାବହଃ ।। ୩-୩୫।।**

(ଉତ୍ତମ ଆଚରଣ ସହିତ ପାଳିତ ହେଉଥିବା ଅନ୍ୟର ଧର୍ମଠାରୁ ନିର୍ଗୁଣ ହେଲେ ମଧ୍ୟ ସ୍ୱଧର୍ମ ଅଧିକ ମଙ୍ଗଳକର । ନିଜ ଧର୍ମରେ ମରିବା ବରଂ କଲ୍ୟାଣକାରକ; କିନ୍ତୁ ଅନ୍ୟର ଧର୍ମ ଭୟାବହ ଅଟେ ।। ୩ -୩୫ ।।)

Not For Commercial Use

**। ଅର୍ଜୁନ ଉବାଚ ।**

**ଅଥ କେନ ପ୍ରଯୁକ୍ତୋଽୟଂ ପାପଂ ଚରତି ପୂରୁଷଃ ।**
**ଅନିଚ୍ଛନ୍ନପି ବାର୍ଷ୍ଣେୟ ବଲାଦିବ ନିୟୋଜିତଃ ।। ୩-୩୬।।**

(ଅର୍ଜୁନ ପଚାରିଲେ – ହେ କୃଷ୍ଣ ! ପୁଣି ଏହି ମନୁଷ୍ୟ ସ୍ୱୟଂ ଇଛା ନ କଲେ ମଧ୍ୟ ବଳପୂର୍ବକ ନିୟୋଜିତ ହେଲାପରି କାହା ଦ୍ୱାରା ପ୍ରେରିତ ହୋଇ ପାପ ଆଚରଣ କରେ ? ।। ୩ -୩୬।।)

**। ଶ୍ରୀଭଗବାନୁବାଚ ।**

**କାମ ଏଷ କ୍ରୋଧ ଏଷ ରଜୋଗୁଣସମୁଦ୍-ଭବଃ ।**
**ମହାଶନୋ ମହାପାପ୍ମା ବିଦ୍-ଧ୍ୟେନମିହ ବୈରିଣମ୍ ।। ୩-୩୭।।**

(ଶ୍ରୀଭଗବାନ କହିଲେ – ରଜୋ ଗୁଣରୁ ଉତ୍ପନ୍ନ ଏହି କାମ ହିଁ କ୍ରୋଧ ଅଟେ; ଏହି କାମ ବଡ ଭୋଜନିଆ, ଅର୍ଥାତ୍ ଭୋଗରେ କେବେ ହେଲେ ତୃପ୍ତ ହୁଏ ନାହିଁ ଓ ସେ ବଡ ପାପୀ ଅଟେ । ଏହି ବିଷୟରେ ଏହାକୁ ହିଁ ତୁମେ ଶତ୍ରୁ ବୋଲି ଜାଣ ।। ୩ -୩୭ ।।)

**ଧୂମେନାବ୍ରିୟତେ ବହ୍ନିର୍ୟଥାଦର୍ଶୋ ମଲେନ ଚ ।**
**ୟଥୋଲ୍ବେନାବୃତୋ ଗର୍ଭସ୍ତଥା ତେନେଦମାବୃତମ୍ ।। ୩-୩୮।।**

(ଯେପରି ଧୂଆଁ ଦ୍ୱାରା ଅଗ୍ନି ଆବୃତ ହୋଇଥାଏ, ଧୂଳି ଦ୍ୱାରା ଦର୍ପଣ ଆବୃତ ହୋଇଥାଏ, ତଥା ଜରାୟୁ ଦ୍ୱାରା ଗର୍ଭ ଆବୃତ ହୋଇ ରହିଥାଏ, କାମ ଦ୍ୱାରା ଏହି ଜ୍ଞାନ ସେହିପରି ଆବୃତ ହୋଇ ରହିଥାଏ ।। ୩ -୩୮ ।।)

**ଆବୃତଂ ଜ୍ଞାନମେତେନ ଜ୍ଞାନିନୋ ନିତ୍ୟବୈରିଣା ।**
**କାମରୂପେଣ କୌନ୍ତେୟ ଦୁଷ୍ପୂରେଣାନଲେନ ଚ ।। ୩-୩୯।।**

(ଏବଂ ହେ ଅର୍ଜୁନ ! ଅଗ୍ନିପରି କେବେ ତୃପ୍ତ ହେଉ ନ ଥିବା ଏହି କାମ, ଜ୍ଞାନୀମାନଙ୍କର ନିତ୍ୟଶତ୍ରୁ ଅଟେ, ଯାହା ଦ୍ୱାରା ମନୁଷ୍ୟର ଜ୍ଞାନ ଆବୃତ ହୋଇ ରହିଅଛି ।। ୩ -୩୯ ।।)

Not For Commercial Use

**ଇନ୍ଦ୍ରିୟାଣି ମନୋ ବୁଦ୍ଧିରସ୍ୟାଧିଷ୍ଠାନମୁଚ୍ୟତେ ।**
**ଏତୈର୍ବିମୋହୟତ୍ୟେଷ ଜ୍ଞାନମାବୃତ୍ୟ ଦେହିନମ୍ ।। ୩-୪୦।।**

(ଇନ୍ଦ୍ରିୟଗଣ, ମନ ଓ ବୁଦ୍ଧି – ଏସବୁକୁ କାମର ବାସସ୍ଥାନ ବୋଲି କୁହାଯାଏ । ଏହି କାମ ଏମାନଙ୍କ ସାହାଯ୍ୟ ଦ୍ୱାରା, ଅର୍ଥାତ୍ ମନ, ବୁଦ୍ଧି, ଓ ଇନ୍ଦ୍ରିୟମାନଙ୍କ ଦ୍ୱାରା ହିଁ ଜ୍ଞାନକୁ ଆଚ୍ଛାଦିତ କରି ଜୀବାତ୍ମାକୁ ବିମୋହିତ କରେ ।। ୩ -୪୦ ।।)

**ତସ୍ମାତ୍ତ୍ୱମିନ୍ଦ୍ରିୟାଣ୍ୟାଦୌ ନିୟମ୍ୟ ଭରତର୍ଷଭ ।**
**ପାପ୍ମାନଂ ପ୍ରଜହି ହ୍ୟେନଂ ଜ୍ଞାନବିଜ୍ଞାନନାଶନମ୍ ।। ୩-୪୧।।**

(ତେଣୁ ହେ ଭରତ ବଂଶର ଶ୍ରେଷ୍ଠ ଅର୍ଜୁନ ! ତୁମେ ପ୍ରଥମେ ଇନ୍ଦ୍ରିୟ ମାନଙ୍କୁ ବଶ କରି ଜ୍ଞାନ ଓ ବିଜ୍ଞାନକୁ ନାଶ କରୁଥିବା ଏହି ମହାପାପୀ କାମକୁ ଅବଶ୍ୟ ବଳପୂର୍ବକ ମାରିଦିଅ ।। ୩ -୪୧ ।।)

**ଇନ୍ଦ୍ରିୟାଣି ପରାଣ୍ୟାହୁରିନ୍ଦ୍ରିୟେଭ୍ୟଃ ପରଂ ମନଃ ।**
**ମନସସ୍ତୁ ପରା ବୁଦ୍ଧିର୍ଯୋ ବୁଦ୍ଧେଃ ପରତସ୍ତୁ ସଃ ।। ୩-୪୨।।**

(ଇନ୍ଦ୍ରିୟମାନଙ୍କୁ ସ୍ଥୂଳଶରୀର ଅପେକ୍ଷା ଶ୍ରେଷ୍ଠ, ବଳବାନ ଓ ସୂକ୍ଷ୍ମ ବୋଲି କୁହନ୍ତି; ଇନ୍ଦ୍ରିୟମାନଙ୍କ ଠାରୁ ମନ ଶ୍ରେଷ୍ଠ; ମନ ଠାରୁ ବୁଦ୍ଧି ଶ୍ରେଷ୍ଠ, ଓ ଯାହା ବୁଦ୍ଧି ଠାରୁ ଅତ୍ୟନ୍ତ ଶ୍ରେଷ୍ଠ, ତାହା ହେଉଛି ଆତ୍ମା ।। ୩ -୪୨ ।।)

**ଏବଂ ବୁଦ୍ଧେଃ ପରଂ ବୁଦ୍ଧ୍ୱା ସଂସ୍ତଭ୍ୟାତ୍ମାନମାତ୍ମନା ।**
**ଜହି ଶତ୍ରୁଂ ମହାବାହୋ କାମରୂପଂ ଦୁରାସଦମ୍ ।। ୩-୪୩।।**

(ଏପରିଭାବରେ ଆତ୍ମାକୁ ବୁଦ୍ଧି ଠାରୁ ମହତ, ଅର୍ଥାତ୍ ସୂକ୍ଷ୍ମ, ବଳବାନ, ଓ ଅତ୍ୟନ୍ତ ଶ୍ରେଷ୍ଠ ବୋଲି ଜାଣି, ଏବଂ ବୁଦ୍ଧି ଦ୍ୱାରା ମନକୁ ବଶକରି, ହେ ମହାବାହୁ ! ତୁମେ ଏହି କାମରୂପୀ ଦୁର୍ଜୟ ଶତ୍ରୁକୁ ମାରିଦିଅ ।। ୩ -୪୩ ।।)

Not For Commercial Use

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କର୍ମଯୋଗୋ ନାମ ତୃତୀୟୋଽଧ୍ୟାୟଃ ।। ୩।।**

Not For Commercial Use

# ଚତୁର୍ଥ ଅଧ୍ୟାୟ

(Chapter – 4)

## ଜ୍ଞାନକର୍ମସଂନ୍ୟାସ ଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଚତୁର୍ଥୋଽଧ୍ୟାୟଃ ।।

।। ଅଥ ଚତୁର୍ଥୋଽଧ୍ୟାୟଃ । ଜ୍ଞାନକର୍ମସଂନ୍ୟାସଯୋଗଃ ।।

**। ଶ୍ରୀଭଗବାନୁବାଚ ।**

**ଇମଂ ବିବସ୍ୱତେ ଯୋଗଂ ପ୍ରୋକ୍ତବାନହମବ୍ୟୟମ୍ ।**
**ବିବସ୍ୱାନ୍ମନବେ ପ୍ରାହ ମନୁରିକ୍ଷ୍ୱାକବେଽବ୍ରବୀତ୍ ।। ୪-୧।।**

(ଶ୍ରୀ ଭଗବାନ କହିଲେ,– ମୁଁ ଏହି ଅବିନାଶୀ ଯୋଗ ସୂର୍ଯ୍ୟଙ୍କୁ କହିଥିଲି, ସୂର୍ଯ୍ୟ ନିଜର ପୁତ୍ର ବୈବସ୍ୱତ ମନୁଙ୍କୁ ତାହା କହିଥିଲେ ଏବଂ ମନୁ ନିଜର ପୁତ୍ର ରାଜା ଇକ୍ଷ୍ୱାକୁଙ୍କୁ ତାହା କହିଥିଲେ ।। ୪.୦୧ ।।)

**ଏବଂ ପରମ୍ପରାପ୍ରାପ୍ତମିମଂ ରାଜର୍ଷୟୋ ବିଦୁଃ ।**
**ସ କାଲେନେହ ମହତା ଯୋଗୋ ନଷ୍ଟଃ ପରନ୍ତପ ।। ୪-୨।।**

(ହେ ପରନ୍ତପ ଅର୍ଜୁନ ! ଏପରିଭାବରେ ପରମ୍ପରାରୁ ପ୍ରାପ୍ତ ଏହି ଯୋଗ ରାଜର୍ଷିମାନେ ଜାଣିଥିଲେ; କିନ୍ତୁ ତା'ପରେ ସେହି ଯୋଗ ବହୁକାଳରୁ ଏହି ପୃଥିବୀଲୋକରେ ଲୁପ୍ତପ୍ରାୟ ହୋଇଯାଇଛି ।। ୪-୦୨ ।।)

**ସ ଏବାୟଂ ମୟା ତେଽଦ୍ୟ ଯୋଗଃ ପ୍ରୋକ୍ତଃ ପୁରାତନଃ ।**
**ଭକ୍ତୋଽସି ମେ ସଖା ଚେତି ରହସ୍ୟଂ ହ୍ୟେତଦୁତ୍ତମମ୍ ।। ୪-୩।।**

(ତେଣୁ ମୋର ଭକ୍ତ ଓ ପ୍ରୀୟସଖା; ଏଣୁ ଏହି ପୁରାତନ ଯୋଗ ହିଁ ଆଜି ମୁଁ ତୁମକୁ କହିଦେଲି; କାରଣ ଏହା ହେଉଛି ଅତ୍ୟନ୍ତ ଉତ୍ତମ ରହସ୍ୟ, ଅର୍ଥାତ୍, ଗୁପ୍ତ ରଖିବାଯୋଗ୍ୟ ବିଷୟ ।। ୪-୦୩ ।।)



Not For Commercial Use

**। ଅର୍ଜୁନ ଉବାଚ ।**

**ଅପରଂ ଭବତୋ ଜନ୍ମ ପରଂ ଜନ୍ମ ବିବସ୍ୱତଃ ।**
**କଥମେତଦ୍ବିଜାନୀୟାଂ ତ୍ୱମାଦୌ ପ୍ରୋକ୍ତବାନିତି ।। ୪-୪।।**

(ଅର୍ଜୁନ କହିଲେ – ଆପଣଙ୍କର ଜନ୍ମ ତ ଅର୍ବାଚୀନ – ଏବେ ହୋଇଛି ଏବଂ ସୂର୍ଯ୍ୟଙ୍କର ଜନ୍ମ ବହୁ ପୁରାତନ, ଅର୍ଥାତ୍, କଳ୍ପର ଆରମ୍ଭରେ ହୋଇଥିଲା; ତେଣୁ ଆପଣ କଳ୍ପର ଆରମ୍ଭରେ ସୂର୍ଯ୍ୟଙ୍କୁ ଏହି ଯୋଗ କହିଥିଲେ ବୋଲି ମୁଁ କିପରି ବୁଝିପାରିବି ? ।। ୪-୦୪ ।।)

**। ଶ୍ରୀଭଗବାନୁବାଚ ।**

**ବହୂନି ମେ ବ୍ୟତୀତାନି ଜନ୍ମାନି ତବ ଚାର୍ଜୁନ ।**
**ତାନ୍ୟହଂ ବେଦ ସର୍ବାଣି ନ ତ୍ୱଂ ବେତ୍ଥ ପରନ୍ତପ ।। ୪-୫।।**

(ଶ୍ରୀ ଭଗବାନ କହିଲେ – ହେ ପରନ୍ତପ ଅର୍ଜୁନ ! ମୋର ଓ ତୁମର ଅନେକ ଜନ୍ମ ଅତିବାହିତ ହୋଇସାରିଛି । ତୁମେ ସେସବୁ ଜାଣ ନାହିଁ; କିନ୍ତୁ ମୁଁ ଜାଣେ ।। ୪-୦୫ ।।)

**ଅଜୋଽପି ସନ୍ନବ୍ୟୟାତ୍ମା ଭୂତାନାମୀଶ୍ୱରୋଽପି ସନ୍ ।**
**ପ୍ରକୃତିଂ ସ୍ୱାମଧିଷ୍ଠାୟ ସମ୍ଭବାମ୍ୟାତ୍ମମାୟୟା ।। ୪-୬।।**

(ମୁଁ ଅଜନ୍ମା ଏବଂ ଅବିନାଶୀ ସ୍ୱରୂପ ହୋଇଥିଲେ ମଧ୍ୟ ଏବଂ ସମସ୍ତ ପ୍ରାଣୀମାନଙ୍କର ଈଶ୍ୱର ହୋଇଥିଲେ ମଧ୍ୟ ନିଜ ପ୍ରକୃତିକୁ ଅଧୀନ କରି ନିଜ ଯୋଗମାୟା ବଳରେ ପ୍ରକଟ ହୋଇଥାଏ ।। ୪-୦୬ ।।)

**ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ ।**
**ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହମ୍ ।। ୪-୭।।**

(ହେ ଭାରତ ! ଯେଉଁ ଯେଉଁ ସମୟରେ ଧର୍ମର ଅବକ୍ଷୟ ହୁଏ ଏବଂ ଅଧର୍ମର ବୃଦ୍ଧି ହୁଏ, ସେହି ସେହି ସମୟରେ ମୁଁ ନିଜର ରୂପ ସୃଷ୍ଟି କରିଥାଏ, ଅର୍ଥାତ, ସାକାରରୂପରେ ଲୋକମାନଙ୍କ ସମ୍ମୁଖରେ ପ୍ରକଟ ହୁଏ ।। ୪-୦୭ ।।)

Not For Commercial Use

**ପରିତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାମ୍ ।**
**ଧର୍ମସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ ।। ୪-୮।।**

(ସାଧୁ ପୁରୁଷମାନଙ୍କୁ ଉଦ୍ଧାର କରିବାପାଇଁ, ପାପୀମାନଙ୍କୁ ବିନାଶ କରିବାପାଇଁ ଏବଂ ଧର୍ମ ସଂସ୍ଥାପନା କରିବାପାଇଁ ମୁଁ ଯୁଗେ ଯୁଗେ ପ୍ରକଟ ହୋଇଥାଏ ।। ୪-୦୮ ।।)

**ଜନ୍ମ କର୍ମ ଚ ମେ ଦିବ୍ୟମେବଂ ଯୋ ବେତ୍ତି ତତ୍ତ୍ୱତଃ ।**
**ତ୍ୟକ୍ତ୍ୱା ଦେହଂ ପୁନର୍ଜନ୍ମ ନୈତି ମାମେତି ସୋଽର୍ଜୁନ ।। ୪-୯।।**

(ହେ ଅର୍ଜୁନ ! ମୋର ଜନ୍ମ ଏବଂ କର୍ମ ଦିବ୍ୟ, ଅର୍ଥାତ, ନିର୍ମଳ ଓ ଅଲୌକିକ ବୋଲି ଯେଉଁ ମନୁଷ୍ୟ ତତ୍ୱତଃ ଜାଣିପାରେ, ସେ ଶରୀର ତ୍ୟାଗ କରି ପୁନରଜନ୍ମ ପାଏ ନାହିଁ | ସେ ମୋତେ ହିଁ ପାଇଥାଏ ।। ୪-୦୯ ।।)

**ବୀତରାଗଭୟକ୍ରୋଧା ମନ୍ମୟା ମାମୁପାଶ୍ରିତାଃ ।**
**ବହବୋ ଜ୍ଞାନତପସା ପୂତା ମଦ୍-ଭାବମାଗତାଃ ।। ୪-୧୦।।**

(ପୂର୍ବକାଳରେ ବି ଯେଉଁମାନଙ୍କର ରାଗ, ଭୟ ଓ କ୍ରୋଧ ସର୍ବଥା ନଷ୍ଟ ହୋଇଯାଇଥିଲା ଏବଂ ଯେଉଁମାନେ ମୋଠାରେ ଅନନ୍ୟ ପ୍ରେମପୂର୍ବକ ତନ୍ମୟ ହୋଇ ରହିଥିଲେ, ମୋତେ ଆଶ୍ରୟ କରି ରହିଥିବା ସେହିସବୁ ଭକ୍ତ ଉପରୋକ୍ତ ଜ୍ଞାନରୂପକ ତପଦ୍ୱାରା ପବିତ୍ର ହୋଇ ମୋର ସ୍ୱରୂପ ପ୍ରାପ୍ତ ହୋଇସାରିଛନ୍ତି ।। ୪-୧୦ ।।)

**ଯେ ଯଥା ମାଂ ପ୍ରପଦ୍ୟନ୍ତେ ତାଂସ୍ତଥୈବ ଭଜାମ୍ୟହମ୍ ।**
**ମମ ବର୍ତ୍ମାନୁବର୍ତନ୍ତେ ମନୁଷ୍ୟାଃ ପାର୍ଥ ସର୍ବଶଃ ।। ୪-୧୧।।**

(ହେ ଅର୍ଜୁନ ! ଯେଉଁ ଭକ୍ତମାନେ ମୋତେ ଯେଉଁପରି ଭଜନ କରନ୍ତି, ମୁଁ ସେମାନଙ୍କୁ ସେହିପରି ଭଜନ କରେ; କାରଣ ମନୁଷ୍ୟମାନେ ସବୁପ୍ରକାରେ ମୋର ହିଁ ମାର୍ଗ ଅନୁସରଣ କରନ୍ତି ।। ୪-୧୧ ।।)

Not For Commercial Use

**କାଙ୍କ୍ଷନ୍ତଃ କର୍ମଣାଂ ସିଦ୍ଧିଂ ୟଜନ୍ତ ଇହ ଦେବତାଃ ।**
**କ୍ଷିପ୍ରଂ ହି ମାନୁଷେ ଲୋକେ ସିଦ୍ଧିର୍ଭବତି କର୍ମଜା ।। ୪-୧୨।।**

(ଏହି ମନୁଷ୍ୟଲୋକରେ କର୍ମଫଳ ଆକାଂକ୍ଷା କରୁଥିବା ଲୋକେ ଦେବତାମାନଙ୍କୁ ପୂଜା କରନ୍ତି; କାରଣ ସେମାନଙ୍କୁ କର୍ମରୁ ଉତ୍ପନ୍ନ ହୋଇଥିବା ସିଦ୍ଧି ଶୀଘ୍ର ମିଳିଯାଏ ।। ୪-୧୨ ।।)

**ଚାତୁର୍ବର୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ ।**
**ତସ୍ୟ କର୍ତାରମପି ମାଂ ବିଦ୍ଧ୍ୟକର୍ତାରମବ୍ୟୟମ୍ ।। ୪-୧୩।।**

(ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୂଦ୍ର – ଏହି ଚାରି ବର୍ଣ୍ଣର ସମୂହ ଗୁଣ ଓ କର୍ମର ବିଭାଗପୂର୍ବକ ମୋ ଦ୍ୱାରା ରଚିତ ହୋଇଛି । ଏପରିଭାବରେ ମୁଁ ସେହି ସୃଷ୍ଟିରଚନାଦି କର୍ମର କର୍ତ୍ତା ହୋଇଥିଲେ ମଧ୍ୟ, ତୁମେ ମୋତେ, ଅର୍ଥାତ, ଅବିନାଶୀ ପରମେଶ୍ୱରଙ୍କୁ ବସ୍ତୁତଃ ଅକର୍ତ୍ତା ବୋଲି ହିଁ ଜାଣ ।। ୪-୧୩ ।।)

**ନ ମାଂ କର୍ମାଣି ଲିମ୍ପନ୍ତି ନ ମେ କର୍ମଫଲେ ସ୍ପୃହା ।**
**ଇତି ମାଂ ୟୋଽଭିଜାନାତି କର୍ମଭିର୍ନ ସ ବଧ୍ୟତେ ।। ୪-୧୪।।**

(କର୍ମଫଳରେ ମୋର ସ୍ପୃହା ନାହିଁ, ତେଣୁ ମୋତେ କର୍ମମାନେ ଲିପ୍ତ କରନ୍ତି ନାହିଁ । ଯିଏ ମୋତେ ଏହିପରି ତତ୍ତ୍ୱତଃ ଜାଣିପାରନ୍ତି, ସେ ମଧ୍ୟ କର୍ମମାନଙ୍କ ଦ୍ୱାରା ବାନ୍ଧିହୁଅନ୍ତି ନାହିଁ ।। ୪-୧୪ ।।)

**ଏବଂ ଜ୍ଞାତ୍ୱା କୃତଂ କର୍ମ ପୂର୍ବୈରପି ମୁମୁକ୍ଷୁଭିଃ ।**
**କୁରୁ କର୍ମୈବ ତସ୍ମାତ୍ତ୍ୱଂ ପୂର୍ବୈଃ ପୂର୍ବତରଂ କୃତମ୍ ।। ୪-୧୫।।**

(ପୂର୍ବକାଳର ମୁମୁକ୍ଷୁମାନେ ମଧ୍ୟ ଏହା ଜାଣି କର୍ମ କରିଥିଲେ । ତେଣୁ ତୁମେ ମଧ୍ୟ ପୂର୍ବଜମାନଙ୍କ ଦ୍ୱାରା ଆଦିକାଳରୁ କରାଯାଇଥିବା କର୍ମ ହିଁ କର ।। ୪-୧୫ ।।)

Not For Commercial Use

**କିଂ କର୍ମ କିମକର୍ମେତି କବୟୋଽପ୍ୟତ୍ର ମୋହିତାଃ ।**
**ତତ୍ତେ କର୍ମ ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ।। ୪-୧୬।।**

(କର୍ମ କ'ଣ ଏବଂ ଅକର୍ମ କ'ଣ, ତାହା ନିର୍ଣ୍ଣୟ କରିବାବେଳେ ବୁଦ୍ଧିମାନ ପୁରୁଷମାନେ ମଧ୍ୟ ଭ୍ରମରେ ପଡିଯାଆନ୍ତି । ତେଣୁ ମୁଁ ତୁମକୁ ସେହି କର୍ମତତ୍ତ୍ୱ ଭଲଭାବରେ ବୁଝାଇ କହିଦେବି, ଯାହା ଜାଣିଲେ ତୁମେ ଅଶୁଭରୁ, ଅର୍ଥାତ, କର୍ମବନ୍ଧନରୁ ମୁକ୍ତ ହୋଇଯିବ ।। ୪-୧୬।।)

**କର୍ମଣୋ ହ୍ୟପି ବୋଦ୍ଧବ୍ୟଂ ବୋଦ୍ଧବ୍ୟଂ ଚ ବିକର୍ମଣଃ ।**
**ଅକର୍ମଣଶ୍ଚ ବୋଦ୍ଧବ୍ୟଂ ଗହନା କର୍ମଣୋ ଗତିଃ ।। ୪-୧୭।।**

(କର୍ମର ସ୍ୱରୂପ ବି ଜାଣିବା ଉଚିତ ଓ ଅକର୍ମର ସ୍ୱରୂପ ବି ଜାଣିବା ଉଚିତ ତଥା ବିକର୍ମର ସ୍ୱରୂପ ମଧ୍ୟ ଜାଣିବା ଉଚିତ; କାରଣ କର୍ମର ଗତି ବଡ ଗହନ ।। ୪-୧୭ ।।)

**କର୍ମଣ୍ୟକର୍ମ ଯଃ ପଶ୍ୟେଦକର୍ମଣି ଚ କର୍ମ ଯଃ ।**
**ସ ବୁଦ୍ଧିମାନ୍ମନୁଷ୍ୟେଷୁ ସ ଯୁକ୍ତଃ କୃତ୍ସ୍ନକର୍ମକୃତ୍ ।। ୪-୧୮।।**

(ଯିଏ କର୍ମରେ ଅକର୍ମ ଦର୍ଶନ କରନ୍ତି ଏବଂ ଅକର୍ମରେ କର୍ମ ଦର୍ଶନ କରନ୍ତି, ସେ ମନୁଷ୍ୟମାନଙ୍କ ମଧ୍ୟରେ ବୁଦ୍ଧିମାନ ଏବଂ ସେହି ଯୋଗୀ ସମସ୍ତ କର୍ମ କରିଥାନ୍ତି ।। ୪-୧୮ ।।)

**ଯସ୍ୟ ସର୍ବେ ସମାରମ୍ଭାଃ କାମସଙ୍କଳ୍ପବର୍ଜିତାଃ ।**
**ଜ୍ଞାନାଗ୍ନିଦଗ୍ଧକର୍ମାଣଂ ତମାହୁଃ ପଣ୍ଡିତଂ ବୁଧାଃ ।। ୪-୧୯।।**

(ଯାହାଙ୍କର ସମସ୍ତ ଶାସ୍ତ୍ରସମ୍ମତ କର୍ମ କାମନାଶୂନ୍ୟ ଓ ସଙ୍କଳ୍ପଶୂନ୍ୟ ହୋଇଥାଏ, ତଥା ଯାହାଙ୍କର ସମସ୍ତ କର୍ମ ଜ୍ଞାନରୂପକ ଅଗ୍ନିଦ୍ୱାରା ଭସ୍ମ ହୋଇଯାଇଛି, ସେହି ମହାପୁରୁଷଙ୍କୁ ଜ୍ଞାନୀମାନେ ମଧ୍ୟ ପଣ୍ଡିତ ବୋଲି କହନ୍ତି ।। ୪-୧୯ ।।)

Not For Commercial Use

**ତ୍ୟକ୍ତ୍ୱା କର୍ମଫଲାସଙ୍ଗଂ ନିତ୍ୟତୃପ୍ତୋ ନିରାଶ୍ରୟଃ ।**
**କର୍ମଣ୍ୟଭିପ୍ରବୃତ୍ତୋଽପି ନୈବ କିଞ୍ଚିତ୍କରୋତି ସଃ ।। ୪-୨୦।।**

(ଯେଉଁ ପୁରୁଷ ସମସ୍ତ କର୍ମରେ ଏବଂ ତାହାର ଫଳରେ ସର୍ବଥା ଆସକ୍ତି ତ୍ୟାଗ କରି ସଂସାରର ଆଶ୍ରୟରୁ ମୁକ୍ତ ହୋଇଯାଇଛନ୍ତି ଏବଂ ପରମାତ୍ମାଙ୍କ ଠାରେ ନିତ୍ୟତୃପ୍ତ ହୋଇ ରହିଛନ୍ତି, ସେ କର୍ମରେ ଭଲଭାବରେ ପ୍ରବୃତ୍ତ ହୋଇ ମଧ୍ୟ ବସ୍ତୁତଃ କିଛି ବି କରନ୍ତି ନାହିଁ ।। ୪-୨୦ ।।)

**ନିରାଶୀର୍ୟତଚିତ୍ତାତ୍ମା ତ୍ୟକ୍ତସର୍ବପରିଗ୍ରହଃ ।**
**ଶାରୀରଂ କେବଳଂ କର୍ମ କୁର୍ବନ୍ନାପ୍ନୋତି କିଲ୍-ବିଷମ୍ ।। ୪-୨୧।।**

(ଯିଏ ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ଜୟ କରିନେଛନ୍ତି, ଯିଏ ସମସ୍ତ ଭୋଗ ସାମଗ୍ରୀ ପରିତ୍ୟାଗ କରିଦେଇଛନ୍ତି, ସେ ଆଶାମୁକ୍ତ ପୁରୁଷ କେବଳ ଶରୀର ସମ୍ବନ୍ଧୀ କର୍ମ କରୁଥିଲେ ମଧ୍ୟ ପାପଭାଗୀ ହୁଅନ୍ତି ନାହିଁ ।। ୪-୨୧ ।।)

**ଯଦୃଚ୍ଛାଲାଭସନ୍ତୁଷ୍ଟୋ ଦ୍ୱନ୍ଦ୍ୱାତୀତୋ ବିମତ୍ସରଃ ।**
**ସମଃ ସିଦ୍ଧାବସିଦ୍ଧୌ ଚ କୃତ୍ୱାପି ନ ନିବଧ୍ୟତେ ।। ୪-୨୨।।**

(ଯିଏ ବିନା ଇଛାରେ ସ୍ୱତଃ ମିଳୁଥିବା ପଦାର୍ଥରେ ସଦା ସନ୍ତୁଷ୍ଟ ରହନ୍ତି; ଯିଏ ସର୍ବଥା ଇର୍ଷାଶୂନ୍ୟ ହୋଇଯାଇଛନ୍ତି; ଯିଏ ହର୍ଷଶୋକ ଆଦି ଦ୍ୱନ୍ଦରୁ ସର୍ବଥା ଅତୀତ ହୋଇଯାଇଛନ୍ତି; ସିଦ୍ଧି ଓ ଅସିଦ୍ଧିରେ ସମ ରହୁଥିବା ସେହି କର୍ମଯୋଗୀ କର୍ମକରି ମଧ୍ୟ ସେଥିରେ ବାନ୍ଧି ହୁଅନ୍ତି ନାହିଁ, ଅର୍ଥାତ, ସେ କର୍ମବନ୍ଧନରେ ପଡନ୍ତି ନାହିଁ ।। ୪-୨୨ ।।)

**ଗତସଙ୍ଗସ୍ୟ ମୁକ୍ତସ୍ୟ ଜ୍ଞାନାବସ୍ଥିତଚେତସଃ ।**
**ଯଜ୍ଞାୟାଚରତଃ କର୍ମ ସମଗ୍ରଂ ପ୍ରବିଲୀୟତେ ।। ୪-୨୩।।**

(ଯାହାଙ୍କର ଆସକ୍ତି ସର୍ବଥା ନଷ୍ଟ ହୋଇଯାଇଛି, ଯିଏ ଦେହାଭିମାନ ଓ ମମତ୍ୱରୁ ମୁକ୍ତ ହୋଇଯାଇଛନ୍ତି, ଯାହାଙ୍କ ଚିତ୍ତ ନିରନ୍ତର ପରମାତ୍ମାଙ୍କ ଜ୍ଞାନରେ ଲାଗିରହିଛି, କେବଳ ଯଜ୍ଞାସମ୍ପାଦନ ନିମିତ୍ତ କର୍ମ କରୁଥିବା ସେହି ମନୁଷ୍ୟଙ୍କର ସକଳ କର୍ମ ଭଲଭାବରେ ବିଲୀନ ହୋଇଯାଏ ।। ୪-୨୩ ।।)

Not For Commercial Use

**ବ୍ରହ୍ମାର୍ପଣଂ ବ୍ରହ୍ମ ହବିର୍ବ୍ରହ୍ମାଗ୍ନୌ ବ୍ରହ୍ମଣା ହୁତମ୍ ।**
**ବ୍ରହ୍ମୈବ ତେନ ଗନ୍ତବ୍ୟଂ ବ୍ରହ୍ମକର୍ମସମାଧିନା ।। ୪-୨୪।।**

(ଯେଉଁ ଯଜ୍ଞରେ ଅର୍ପଣ, ଅର୍ଥାତ ସ୍ରୁବ ଆଦି ଉପକରଣ ମଧ୍ୟ ବ୍ରହ୍ମ ଏବଂ ହବନଯୋଗ୍ୟ ଦ୍ରବ୍ୟ ମଧ୍ୟ ବ୍ରହ୍ମ, ତଥା ବ୍ରହ୍ମରୂପକ କର୍ତ୍ତାଙ୍କ ଦ୍ଵାରା ବ୍ରହ୍ମରୂପକ ଅଗ୍ନିରେ ଆହୁତିଦାନରୂପକ କ୍ରିୟା ମଧ୍ୟ ବ୍ରହ୍ମ, ସେହି ବ୍ରହ୍ମକର୍ମରେ ସ୍ଥିତ ରହୁଥିବା ଯୋଗୀଙ୍କଦ୍ଵାରା ପାଇବାଯୋଗ୍ୟ ଫଳ ମଧ୍ୟ ବ୍ରହ୍ମ ହିଁ ଅଟେ ।। ୪-୨୪ ।।)

**ଦୈବମେବାପରେ ଯଜ୍ଞଂ ଯୋଗିନଃ ପର୍ଯୁପାସତେ ।**
**ବ୍ରହ୍ମାଗ୍ନାବପରେ ଯଜ୍ଞଂ ଯଜ୍ଞେନୈବୋପଜୁହ୍ଵତି ।। ୪-୨୫।।**

(କେତେକ ଯୋଗୀ ଦେବତାମାନଙ୍କର ପୂଜନରୂପକ ଯଜ୍ଞକୁ ହିଁ ଭଲଭାବରେ ଅନୁଷ୍ଠାନ କରନ୍ତି ଏବଂ ଅନ୍ୟ କେତେକ ଯୋଗୀ ପରବ୍ରହ୍ମ-ପରମାତ୍ମା ରୂପକ ଅଗ୍ନିରେ ଅଭେଦଦର୍ଶନ ରୂପକ ଯଜ୍ଞଦ୍ଵାରା ହିଁ ଆତ୍ମାରୂପକ ଯଜ୍ଞକୁ ହବନ କରନ୍ତି ।। ୪-୨୫ ।।)

**ଶ୍ରୋତ୍ରାଦୀନୀନ୍ଦ୍ରିୟାଣ୍ୟନ୍ୟେ ସଂଯମାଗ୍ନିଷୁ ଜୁହ୍ଵତି ।**
**ଶବ୍ଦାଦୀନ୍ଵିଷୟାନନ୍ୟ ଇନ୍ଦ୍ରିୟାଗ୍ନିଷୁ ଜୁହ୍ଵତି ।। ୪-୨୬।।**

(କେତେକ ଯୋଗୀମାନେ ଶ୍ରୋତ୍ର ଆଦି ଇନ୍ଦ୍ରିୟମାନଙ୍କୁ ସଂଯମରୂପକ ଅଗ୍ନିମାନଙ୍କରେ ହୋମ କରନ୍ତି, ଏବଂ ଆଉ କେତେକ ଯୋଗୀ ଶବ୍ଦାଦି ବିଷୟମାନଙ୍କୁ ଇନ୍ଦ୍ରିୟରୂପକ ଅଗ୍ନିମାନଙ୍କରେ ହୋମ କରନ୍ତି ।। ୪-୨୬ ।।)

**ସର୍ବାଣୀନ୍ଦ୍ରିୟକର୍ମାଣି ପ୍ରାଣକର୍ମାଣି ଚାପରେ ।**
**ଆତ୍ମସଂଯମଯୋଗାଗ୍ନୌ ଜୁହ୍ଵତି ଜ୍ଞାନଦୀପିତେ ।। ୪-୨୭।।**

(ଆଉ କେତେକ ଯୋଗୀମାନେ ଇନ୍ଦ୍ରିୟମାନଙ୍କର ସମସ୍ତ କ୍ରିୟା ଏବଂ ପ୍ରାଣୀମାନଙ୍କର ସମସ୍ତ କ୍ରିୟା, ଜ୍ଞାନଦ୍ଵାରା ପ୍ରକାଶିତ ଆତ୍ମସଂଯମଯୋଗ ରୂପକ ଅଗ୍ନିରେ ହୋମ କରିଦିଅନ୍ତି ।। ୪-୨୭ ।।)

Not For Commercial Use

**ଦ୍ରବ୍ୟଯଜ୍ଞାସ୍ତପୋଯଜ୍ଞା ଯୋଗଯଜ୍ଞାସ୍ତଥାପରେ ।**
**ସ୍ୱାଧ୍ୟାୟଜ୍ଞାନଯଜ୍ଞାଶ୍ଚ ଯତୟଃ ସଂଶିତବ୍ରତାଃ ।। ୪-୨୮।।**

(କେତେକ ପୁରୁଷ ଦ୍ରବ୍ୟସମ୍ବନ୍ଧୀ ଯଜ୍ଞ କରନ୍ତି; କେତେକ ତପସ୍ୟାରୂପକ ଯଜ୍ଞ କରନ୍ତି; ତଥା ଆଉ କେତେକ ଯୋଗରୂପକ ଯଜ୍ଞ କରନ୍ତି; ପୁଣି ଆଉ କେତେକ ଅହିଂସାଦି ତୀକ୍ଷ୍ଣବ୍ରତରେ ଯୁକ୍ତ ପ୍ରଯତ୍ନଶୀଳ ପୁରୁଷ ସ୍ୱାଧ୍ୟାୟରୂପକ ଜ୍ଞାନଯଜ୍ଞ କରନ୍ତି ।। ୪-୨୮ ।।)

**ଅପାନେ ଜୁହ୍ୱତି ପ୍ରାଣଂ ପ୍ରାଣେଽପାନଂ ତଥାପରେ ।**
**ପ୍ରାଣାପାନଗତୀ ରୁଦ୍ଧ୍ୱା ପ୍ରାଣାୟାମପରାୟଣାଃ ।। ୪-୨୯।।**
**ଅପରେ ନିୟତାହାରାଃ ପ୍ରାଣାନ୍ପ୍ରାଣେଷୁ ଜୁହ୍ୱତି ।**
**ସର୍ବେଽପ୍ୟେତେ ଯଜ୍ଞବିଦୋ ଯଜ୍ଞକ୍ଷପିତକଲ୍ମଷାଃ ।। ୪-୩୦।।**

(ଅନ୍ୟ କେତେକ ଯୋଗୀ ଅପାନବାୟୁରେ ପ୍ରାଣବାୟୁକୁ ହବନ କରନ୍ତି; ସେହିପରି ଅନ୍ୟ ଯୋଗୀମାନେ ପ୍ରାଣବାୟୁରେ ଅପାନବାୟୁକୁ ହବନ କରନ୍ତି, ତଥା ଅନ୍ୟ କେତେକ ନିୟମିତ ଆହାର କରୁଥିବା ପ୍ରାଣାୟାମପରାୟଣ ପୁରୁଷ ପ୍ରାଣ ଓ ଅପାନର ଗତିକୁ ରୋଧ କରି ପ୍ରାଣମାନଙ୍କୁ ପ୍ରାଣମାନଙ୍କରେ ହିଁ ହବନ କରନ୍ତି । ଏହି ସମସ୍ତ ସାଧକ ଯଜ୍ଞଦ୍ୱାରା ପାପ ନାଶ କରାଇଦିଅନ୍ତି; ଏମାନେ ଯଜ୍ଞର ଜ୍ଞାତା ଅଟନ୍ତି ।। ୪-୨୯, ୪-୩୦ ।।)

**ଯଜ୍ଞଶିଷ୍ଟାମୃତଭୁଜୋ ଯାନ୍ତି ବ୍ରହ୍ମ ସନାତନମ୍ ।**
**ନାୟଂ ଲୋକୋଽସ୍ତ୍ୟଯଜ୍ଞସ୍ୟ କୁତୋଽନ୍ୟଃ କୁରୁସତ୍ତମ ।। ୪-୩୧।।**

(ହେ କୁରୁଶ୍ରେଷ୍ଠ ଅର୍ଜୁନ ! ଯଜ୍ଞରୁ ବଳିଥିବା ଅମୃତକୁ ସେବନ କରୁଥିବା ଯୋଗୀମାନେ ସନାତନ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି; ଏବଂ ଯଜ୍ଞ କରୁ ନ ଥିବା ପୁରୁଷପାଇଁ ତ ଏହି ମନୁଷ୍ୟଲୋକ ମଧ୍ୟ ସୁଖଦାୟକ ନୁହେଁ; ପୁଣି ପରଲୋକ ବା କିପରି ସୁଖଦାୟକ ହୋଇପାରିବ ! ।। ୪-୩୧ ।।)

**ଏବଂ ବହୁବିଧା ଯଜ୍ଞା ବିତତା ବ୍ରହ୍ମଣୋ ମୁଖେ ।**
**କର୍ମଜାନ୍ବିଦ୍ଧି ତାନ୍ସର୍ବାନେବଂ ଜ୍ଞାତ୍ୱା ବିମୋକ୍ଷ୍ୟସେ ।। ୪-୩୨।।**

(ଏହିପରି ଆହୁରି ବହୁପ୍ରକାର ଯଜ୍ଞ ବେଦବାଣୀ ଦ୍ୱାରା ବିସ୍ତାରିତ ଭାବରେ କୁହାଯାଇଛି । ସେସବୁ ମନ, ଇନ୍ଦ୍ରିୟ ଏବଂ ଶରୀରର କ୍ରିୟା ଦ୍ୱାରା ସମ୍ପନ୍ନ ହୁଏ ବୋଲି ଜାଣ । ଏହିପରି ତତ୍ତ୍ୱତଃ ଜାଣି ଯଜ୍ଞ ନିମିତ୍ତ କର୍ମାନୁଷ୍ଠାନ କଲେ ତୁମେ କର୍ମବନ୍ଧନରୁ ସର୍ବଥା ମୁକ୍ତ ହୋଇଯିବ ।। ୪-୩୨ ।।)

**ଶ୍ରେୟାନ୍ଦ୍ରବ୍ୟମୟାଦ୍ୟଜ୍ଞାଜ୍ଜ୍ଞାନଯଜ୍ଞଃପରନ୍ତପ ।**
**ସର୍ବଂ କର୍ମାଖିଲଂ ପାର୍ଥ ଜ୍ଞାନେ ପରିସମାପ୍ୟତେ ।। ୪-୩୩।।**

(ହେ ପରନ୍ତପ ଅର୍ଜୁନ ! ଦ୍ରବ୍ୟମୟ ଯଜ୍ଞ ଅପେକ୍ଷା ଜ୍ଞାନଯଜ୍ଞ ଅତ୍ୟନ୍ତ ଶ୍ରେଷ୍ଠ; କାରଣ ଯେକୌଣସି ପ୍ରକାର କର୍ମ ହେଉ ନା କାହିଁକି, ସକଳ କର୍ମର ପରିସମାପ୍ତି ଜ୍ଞାନରେ ହୋଇଥାଏ ।। ୪-୩୩ ।।)

**ତଦ୍ୱିଦ୍ଧି ପ୍ରଣିପାତେନ ପରିପ୍ରଶ୍ନେନ ସେବୟା ।**
**ଉପଦେକ୍ଷ୍ୟନ୍ତି ତେ ଜ୍ଞାନଂ ଜ୍ଞାନିନସ୍ତତ୍ତ୍ୱଦର୍ଶିନଃ ।। ୪-୩୪।।**

(ସେହି ଜ୍ଞାନକୁ ତୁମେ ତତ୍ତ୍ୱଦର୍ଶୀ ଜ୍ଞାନୀମାନଙ୍କ ନିକଟକୁ ଯାଇ ବୁଝ । ତାଙ୍କୁ ଭଲଭାବେ ଦଣ୍ଡବତ ପ୍ରଣାମକରି, ସେବାକରି ଏବଂ କପଟ ତ୍ୟାଗକରି ସରଳତାପୂର୍ବକ ପ୍ରଶ୍ନ କଲେ, ଭଲଭାବରେ ପରମାତ୍ମତତ୍ତ୍ୱ ଜାଣିଥିବା ସେହି ଜ୍ଞାନୀ ମହାତ୍ମାମାନେ ତୁମକୁ ତତ୍ତ୍ୱଜ୍ଞାନ ଉପଦେଶ ଦେବେ......... ।। ୪-୩୪ ।।)

**ଯଜ୍ଜ୍ଞାତ୍ୱା ନ ପୁନର୍ମୋହମେବଂ ଯାସ୍ୟସି ପାଣ୍ଡବ ।**
**ଯେନ ଭୂତାନ୍ୟଶେଷେଣ ଦ୍ରକ୍ଷ୍ୟସ୍ୟାତ୍ମନ୍ୟଥୋ ମୟି ।। ୪-୩୫।।** (ଅଶେଷାଣି)

(ଯାହା ଜାଣି ତୁମେ ଆଉ ଏହିପରି ମୋହପ୍ରାପ୍ତ ହେବ ନାହିଁ; ତଥା ହେ ଅର୍ଜୁନ ! ସେହି ଜ୍ଞାନଦ୍ୱାରା ତୁମେ ସକଳଭୂତଙ୍କୁ ସମ୍ପୂର୍ଣ୍ଣ ଭାବରେ ପ୍ରଥମେ ନିଜଠାରେ ଏବଂ ପରେ ମୋଠାରେ, ଅର୍ଥାତ୍ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ଦେଖିବ ।। ୪-୩୫ ।।)



Not For Commercial Use

**ଅପି ଚେଦସି ପାପେଭ୍ୟଃ ସର୍ବେଭ୍ୟଃ ପାପକୃତ୍ତମଃ ।**
**ସର୍ବଂ ଜ୍ଞାନପ୍ଲବେନୈବ ବୃଜିନଂ ସନ୍ତରିଷ୍ୟସି ।। ୪-୩୬।।**

(ଯଦି ତୁମେ ସମସ୍ତ ପାପୀଙ୍କଠାରୁ ମଧ୍ୟ ଅଧିକ ପାପୀ ହୋଇଯାଅ, ତେବେ ମଧ୍ୟ ତୁମେ ଜ୍ଞାନରୂପକ ନୌକାଦ୍ୱାରା ନିଃସନ୍ଦେହ ସମ୍ପୁର୍ଣ୍ଣ ପାପ ସମୁଦ୍ରକୁ ଭଲଭାବରେ ପାର ହୋଇଯିବ ।। ୪-୩୬ ।।)

**ଯଥୈଧାଂସି ସମିଦ୍ଧୋଽଗ୍ନିର୍ଭସ୍ମସାତ୍କୁରୁତେଽର୍ଜୁନ ।**
**ଜ୍ଞାନାଗ୍ନିଃ ସର୍ବକର୍ମାଣି ଭସ୍ମସାତ୍କୁରୁତେ ତଥା ।। ୪-୩୭।।**

(କାରଣ ହେ ଅର୍ଜୁନ ! ପ୍ରଜ୍ୱଳିତ ଅଗ୍ନି ଯେପରି ଇନ୍ଧନସବୁ ଭସ୍ମୀଭୂତ କରିଦିଏ, ଜ୍ଞାନରୂପକ ଅଗ୍ନି ସେହିପରି ସମସ୍ତ କର୍ମ ଭସ୍ମୀଭୂତ କରିଦିଏ ।। ୪-୩୭ ।।)

**ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ ।**
**ତତ୍ସ୍ୱୟଂ ଯୋଗସଂସିଦ୍ଧଃ କାଲେନାତ୍ମନି ବିନ୍ଦତି ।। ୪-୩୮।।**

(ଏହି ସଂସାରରେ ଜ୍ଞାନ ସମାନ ପବିତ୍ରକାରକ ବସ୍ତୁ ନିଃସନ୍ଦେହ ଆଉ କିଛି ନାହିଁ । ଦୀର୍ଘକାଳ ଧରି କର୍ମଯୋଗ ସାଧନା ଦ୍ୱାରା ଶୁଦ୍ଧାନ୍ତଃକରଣ ହୋଇଥିବା ମନୁଷ୍ୟ ଏହି ଜ୍ଞାନ, ସ୍ୱତଃ ନିଜ ଆତ୍ମାରେ ପାଇପାରନ୍ତି ।। ୪-୩୮ ।।)

**ଶ୍ରଦ୍ଧାବାଁଲ୍ଲଭତେ ଜ୍ଞାନଂ ତତ୍ପରଃ ସଂଯତେନ୍ଦ୍ରିୟଃ ।**
**ଜ୍ଞାନଂ ଲବ୍ଧ୍ୱା ପରାଂ ଶାନ୍ତିମଚିରେଣାଧିଗଚ୍ଛତି ।। ୪-୩୯।।**

(ଜିତେନ୍ଦ୍ରିୟ, ସାଧନ ପରାୟଣ ଏବଂ ଶ୍ରଦ୍ଧାବାନ ପୁରୁଷ ଜ୍ଞାନପ୍ରାପ୍ତ ହୁଅନ୍ତି, ତଥା ଜ୍ଞାନପ୍ରାପ୍ତ ହୋଇ ସେ ଅବିଳମ୍ବେ ତତ୍କାଳ ହିଁ ଭଗବତପ୍ରାପ୍ତି ରୂପକ ପରମ ଶାନ୍ତି ପ୍ରାପ୍ତ ହୋଇଯାଆନ୍ତି ।। ୪-୩୯ ।।)

Not For Commercial Use

**ଅଜ୍ଞଶ୍ଚାଶ୍ରଦ୍ଦଧାନଶ୍ଚ ସଂଶୟାତ୍ମା ବିନଶ୍ୟତି ।**
**ନାୟଂ ଲୋକୋଽସ୍ତି ନ ପରୋ ନ ସୁଖଂ ସଂଶୟାତ୍ମନଃ ।। ୪-୪୦।।**

(ବିବେକହୀନ, ଶ୍ରଦ୍ଧାହୀନ ଏବଂ ସଂଶୟଯୁକ୍ତ ମନୁଷ୍ୟ ପରମାର୍ଥରୁ ଅବଶ୍ୟ ଭ୍ରଷ୍ଟ ହୋଇଯାଏ । ଏପରି ସଂଶୟଯୁକ୍ତ ମନୁଷ୍ୟପାଇଁ ଇହଲୋକ ନାହିଁ, କି ପରଲୋକ ନାହିଁ, କି ସୁଖ ମଧ୍ୟ ନାହିଁ ।। ୪-୪୦ ।।)

**ଯୋଗସଂନ୍ୟସ୍ତକର୍ମାଣଂ ଜ୍ଞାନସଞ୍ଛିନ୍ନସଂଶୟମ୍ ।**
**ଆତ୍ମବନ୍ତଂ ନ କର୍ମାଣି ନିବଧ୍ନନ୍ତି ଧନଂଜୟ ।। ୪-୪୧।।**

(ହେ ଧନଂଜୟ ! ଯିଏ କର୍ମଯୋଗ ବିଧିରେ ସମସ୍ତ କର୍ମ ପରମାତ୍ମାଙ୍କ ଠାରେ ଅର୍ପଣ କରିଦେଇଛନ୍ତି, ଏବଂ ଯିଏ ବିବେକ ଦ୍ୱାରା ସମସ୍ତ ସଂଶୟ ନାଶ କରିଦେଇଛନ୍ତି, ସେପରି ବଶୀକୃତ ଅନ୍ତଃକରଣଯୁକ୍ତ ପୁରୁଷଙ୍କୁ କର୍ମମାନେ ବାନ୍ଧିପାରନ୍ତି ନାହିଁ ।। ୪-୪୧ ।।)

**ତସ୍ମାଦଜ୍ଞାନସଂଭୂତଂ ହୃତ୍ସ୍ଥଂ ଜ୍ଞାନାସିନାତ୍ମନଃ ।**
**ଛିତ୍ତ୍ୱୈନଂ ସଂଶୟଂ ଯୋଗମାତିଷ୍ଠୋତ୍ତିଷ୍ଠ ଭାରତ ।। ୪-୪୨।।**

(ତେଣୁ ହେ ଭରତବଂଶୀ ଅର୍ଜୁନ ! ତୁମେ ବିବେକଜ୍ଞାନରୂପକ ତରବାରି ଦ୍ୱାରା ହୃଦୟରେ ରହିଥିବା ନିଜର ଅଜ୍ଞାନଜନିତ ସଂଶୟ ଛେଦନକରି ସମତ୍ୱରୂପକ କର୍ମଯୋଗରେ ସ୍ଥିତ ହୁଅ, ଏବଂ ଯୁଦ୍ଧପାଇଁ ଠିଆ ହୋଇଯାଅ ।। ୪-୪୨ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଜ୍ଞାନକର୍ମସଂନ୍ୟାସଯୋଗୋ ନାମ ଚତୁର୍ଥୋଽଧ୍ୟାୟଃ ।। ୪।।**

Not For Commercial Use

# ପଞ୍ଚମ ଅଧ୍ୟାୟ

(Chapter – 5)

## ସଂନ୍ୟାସଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ପଞ୍ଚମୋଽଧ୍ୟାୟଃ ।।

।। ଅଥ ପଞ୍ଚମୋଽଧ୍ୟାୟଃ । ସଂନ୍ୟାସଯୋଗଃ ।।

**। ଅର୍ଜୁନ ଉବାଚ ।**

**ସଂନ୍ୟାସଂ କର୍ମଣାଂ କୃଷ୍ଣ ପୁନର୍ଯୋଗଂ ଚ ଶଂସସି ।**
**ଯଚ୍ଛ୍ରେୟ ଏତୟୋରେକଂ ତନ୍ମେ ବ୍ରୂହି ସୁନିଶ୍ଚିତମ୍ ।। ୫-୧।।**

(ଅର୍ଜୁନ କହିଲେ – ହେ କୃଷ୍ଣ ! ଆପଣ କର୍ମମାନଙ୍କର ସଂନ୍ୟାସକୁ ପ୍ରଶଂସା କରୁଛନ୍ତି, ପୁଣି କର୍ମଯୋଗର ମଧ୍ୟ ପ୍ରଶଂସା କରୁଛନ୍ତି । ତେଣୁ ଏହି ଦୁଇଟି ମଧ୍ୟରୁ ଯେଉଁଟି ମୋପାଇଁ ଭଲଭାବରେ ନିଶ୍ଚିତ କଲ୍ୟାଣକାରକ ସାଧନା ହେବ, ତାହା ମୋତେ କୁହନ୍ତୁ ।। ୫-୦୧ ।।)

**। ଶ୍ରୀଭଗବାନୁବାଚ ।**

**ସଂନ୍ୟାସଃ କର୍ମଯୋଗଶ୍ଚ ନିଃଶ୍ରେୟସକରାବୁଭୌ ।**
**ତୟୋସ୍ତୁ କର୍ମସଂନ୍ୟାସାତ୍କର୍ମଯୋଗୋ ବିଶିଷ୍ୟତେ ।। ୫-୨।।**

(ଶ୍ରୀ ଭଗବାନ କହିଲେ – କର୍ମସଂନ୍ୟାସ ଓ କର୍ମଯୋଗ, ଏ ଉଭୟ ପରମ କଲ୍ୟାଣକାରକ ଅଟନ୍ତି, କିନ୍ତୁ ଏହି ଦୁଇଟି ମଧ୍ୟରୁ କର୍ମସଂନ୍ୟାସ ଅପେକ୍ଷା ସାଧନାରେ ସୁଗମ ହୋଇଥିବାରୁ କର୍ମଯୋଗ ଶ୍ରେଷ୍ଠ ଅଟେ ।। ୫-୦୨ ।।)

Not For Commercial Use

**ଜ୍ଞେୟଃ ସ ନିତ୍ୟସଂନ୍ୟାସୀ ୟୋ ନ ଦ୍ୱେଷ୍ଟି ନ କାଙ୍କ୍ଷତି ।**
**ନିର୍ଦ୍ୱନ୍ଦ୍ୱୋ ହି ମହାବାହୋ ସୁଖଂ ବନ୍ଧାତ୍-ପ୍ରମୁଚ୍ୟତେ ।। ୫-୩।।**

(ହେ ଅର୍ଜୁନ ! ଯେଉଁ ପୁରୁଷ କାହା ସହିତ ଦ୍ୱେଷ କରନ୍ତି ନାହିଁ କି, କିଛି ଆକାଂକ୍ଷା କରନ୍ତି ନାହିଁ, ସେହି କର୍ମଯୋଗୀ ସଦା ସନ୍ନ୍ୟାସୀ ବୋଲାଯିବାର ଯୋଗ୍ୟ ଅଟନ୍ତି, କାରଣ ରାଗଦ୍ୱେଷାଦି ଦ୍ୱନ୍ଦରୁ ମୁକ୍ତ ପୁରୁଷ ସୁଖପୂର୍ବକ ସଂସାର ବନ୍ଧନରୁ ମୁକ୍ତ ହୋଇଯାଆନ୍ତି ।। ୫-୦୩ ।।)

**ସାଙ୍ଖ୍ୟୟୋଗୌ ପୃଥଗ୍-ବାଲାଃ ପ୍ରବଦନ୍ତି ନ ପଣ୍ଡିତାଃ ।**
**ଏକମପ୍ୟାସ୍ଥିତଃ ସମ୍ୟଗୁଭୟୋର୍ବିନ୍ଦତେ ଫଲମ୍ ।। ୫-୪।।**

(ଉପରୋକ୍ତ ସଂନ୍ୟାସ ଓ କର୍ମଯୋଗକୁ ମୂର୍ଖଲୋକେ ପୃଥକ ପୃଥକ ଫଳଦାତା ବୋଲି କହନ୍ତି, କିନ୍ତୁ ପଣ୍ଡିତମାନେ ତାହା କହନ୍ତି ନାହିଁ; କାରଣ ସେହି ଦୁଇଟି ମଧ୍ୟରୁ କୌଣସି ଗୋଟିକରେ ବି ସମ୍ୟକଭାବରେ ସ୍ଥିତ ହୋଇଥିବା ପୁରୁଷ ଉଭୟର ଫଳରୂପକ ପରମାତ୍ମାଙ୍କୁ ପାଇଯାଆନ୍ତି ।। ୫-୦୪ ।।)

**ୟତ୍ସାଙ୍ଖ୍ୟୈଃ ପ୍ରାପ୍ୟତେ ସ୍ଥାନଂ ତଦ୍ୟୋଗୈରପି ଗମ୍ୟତେ ।**
**ଏକଂ ସାଙ୍ଖ୍ୟଂ ଚ ୟୋଗଂ ଚ ୟଃ ପଶ୍ୟତି ସ ପଶ୍ୟତି ।। ୫-୫।।**

(ଜ୍ଞାନଯୋଗୀମାନଙ୍କ ଦ୍ୱାରା ଯେଉଁ ପରମଧାମ ପ୍ରାପ୍ତ କରାଯାଏ, କର୍ମଯୋଗୀମାନଙ୍କ ଦ୍ୱାରା ମଧ୍ୟ ସେହି ପରମଧାମ ପ୍ରାପ୍ତ କରାଯାଏ । ତେଣୁ ଯେଉଁ ପୁରୁଷ ଜ୍ଞାନଯୋଗ ଓ କର୍ମଯୋଗକୁ ଫଳରୂପରେ ଏକ ବୋଲି ଦେଖନ୍ତି, ସେ ହିଁ ଯଥାର୍ଥ ଦେଖନ୍ତି ।। ୫-୦୫ ।।)

**ସଂନ୍ୟାସସ୍ତୁ ମହାବାହୋ ଦୁଃଖମାପ୍ତୁମୟୋଗତଃ ।**
**ୟୋଗୟୁକ୍ତୋ ମୁନିର୍ବ୍ରହ୍ମ ନଚିରେଣାଧିଗଚ୍ଛତି ।। ୫-୬।।**

(କିନ୍ତୁ ହେ ଅର୍ଜୁନ ! କର୍ମଯୋଗ ବିନା ସଂନ୍ୟାସ, ଅର୍ଥାତ, ମନ, ଇନ୍ଦ୍ରିୟ ଓ ଶରୀର ଦ୍ୱାରା ହେଉଥିବା ସକଳ କର୍ମରେ କର୍ତ୍ତାପଣ ତ୍ୟାଗ ପାଇପାରିବା କଠିନ ଏବଂ ଭଗବତସ୍ୱରୂପକୁ ମନନ କରୁଥିବା କର୍ମଯୋଗୀ ପରବ୍ରହ୍ମ ପରମାତ୍ମାଙ୍କୁ ଶ୍ରୀଘ୍ର ହିଁ ପାଇଯାଆନ୍ତି ।। ୫-୦୬ ।।)

Not for Commercial Use

**ଯୋଗଯୁକ୍ତୋ ବିଶୁଦ୍ଧାତ୍ମା ବିଜିତାତ୍ମା ଜିତେନ୍ଦ୍ରିୟଃ ।**
**ସର୍ବଭୂତାତ୍ମଭୂତାତ୍ମା କୁର୍ବନ୍ନପି ନ ଲିପ୍ୟତେ ।। ୫-୭।।**

(ଯାହାଙ୍କର ମନ ନିଜ ବଶରେ ଥାଏ, ଯିଏ ଜିତେନ୍ଦ୍ରିୟ ଓ ଯାହାଙ୍କର ଅନ୍ତଃକରଣ ବିଶୁଦ୍ଧ ଏବଂ ସକଳ ପ୍ରାଣୀଙ୍କର ଆତ୍ମରୂପ ପରମାତ୍ମା ହିଁ ଯାହାଙ୍କର ଆତ୍ମା, ସେହି କର୍ମଯୋଗୀ କର୍ମ କରୁଥିଲେ ମଧ୍ୟ କର୍ମରେ ଲିପ୍ତ ହୁଅନ୍ତି ନାହିଁ ।। ୫-୦୭।।)

**ନୈବ କିଞ୍ଚିତ୍କରୋମୀତି ଯୁକ୍ତୋ ମନ୍ୟେତ ତତ୍ତ୍ୱବିତ୍ ।**
**ପଶ୍ୟଞ୍ଛୃଣ୍ୱନ୍ସ୍ପୃଶଞ୍ଜିଘ୍ରନ୍ନଶ୍ନନ୍ଗଚ୍ଛନ୍ସ୍ୱପଞ୍ଶ୍ୱସନ୍ ।। ୫-୮।।**
**ପ୍ରଲପନ୍-ବିସୃଜନ୍-ଗୃହ୍ଣନ୍ନୁନ୍ମିଷନ୍ନିମିଷନ୍ନପି ।**
**ଇନ୍ଦ୍ରିୟାଣୀନ୍ଦ୍ରିୟାର୍ଥେଷୁ ବର୍ତନ୍ତ ଇତି ଧାରୟନ୍ ।। ୫-୯।।**

(ତତ୍ତ୍ୱଜ୍ଞ ସାଂଖ୍ୟଯୋଗୀ ଦେଖୁଥିଲେ, ଶୁଣୁଥିଲେ, ଛୁଉଁଥିଲେ, ଶୁଙ୍ଘୁଥିଲେ, ଖାଉଥିଲେ, ଯାଉଥିଲେ, ଶୋଉଥିଲେ, ଶ୍ୱାସକ୍ରିୟା କରୁଥିଲେ, କଥା କହୁଥିଲେ, ତ୍ୟାଗ କରୁଥିଲେ, ଗ୍ରହଣ କରୁଥିଲେ ତଥା ଆଖି ଖୋଲୁଥିଲେ, ବୁଜୁଥିଲେ ଇତ୍ୟାଦି ସବୁ କରୁଥିଲେ ବି ଇନ୍ଦ୍ରିୟମାନେ ହିଁ ନିଜ ନିଜ ଅର୍ଥରେ ପ୍ରବୃତ୍ତ ହେଉଛନ୍ତି ବୋଲି ଜାଣି "ମୁଁ କିଛି ବି କରୁ ନାହିଁ" ବୋଲି ଭାବିବା ଉଚିତ ।। ୫-୦୮, ୫-୦୯ ।।)

**ବ୍ରହ୍ମଣ୍ୟାଧାୟ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା କରୋତି ୟଃ ।**
**ଲିପ୍ୟତେ ନ ସ ପାପେନ ପଦ୍ମପତ୍ରମିବାମ୍ଭସା ।। ୫-୧୦।।**

(ଯେଉଁ ପୁରୁଷ ସକଳ କର୍ମ ପରମାତ୍ମାଙ୍କ ଠାରେ ଅର୍ପଣ କରି ଓ ଆସକ୍ତି ତ୍ୟାଗ କରି କର୍ମ କରନ୍ତି, ପଦ୍ମପତ୍ର ଯେପରି ଜଳଦ୍ୱାରା ଲିପ୍ତ ହୁଏ ନାହିଁ, ସେହି ପୁରୁଷ ସେହିପରି ପାପଦ୍ୱାରା ଲିପ୍ତ ହୁଅନ୍ତି ନାହିଁ ।। ୫-୧୦ ।।)

Not For Commercial Use

**କାୟେନ ମନସା ବୁଦ୍-ଧ୍ୟା କେବଲୈରିନ୍ଦ୍ରିୟୈରପି ।**
**ୟୋଗିନଃ କର୍ମ କୁର୍ବନ୍ତି ସଙ୍ଗଂ ତ୍ୟକ୍ତ୍ୱାତ୍ମଶୁଦ୍ଧୟେ ।। ୫-୧୧।।**

(କର୍ମଯୋଗୀମାନେ ମମତ୍ୱବୁଦ୍ଧିରହିତ ହୋଇ କେବଳ ଇନ୍ଦ୍ରିୟ, ମନ, ବୁଦ୍ଧି ଓ ଶରୀର ଦ୍ୱାରା ମଧ୍ୟ ସକଳ ଆସକ୍ତି ତ୍ୟାଗ କରି ଅନ୍ତଃକରଣର ଶୁଦ୍ଧି ନିମନ୍ତେ କର୍ମ କରନ୍ତି ।। ୫-୧୧ ।।)

**ୟୁକ୍ତଃ କର୍ମଫଲଂ ତ୍ୟକ୍ତ୍ୱା ଶାନ୍ତିମାପ୍ନୋତି ନୈଷ୍ଠିକୀମ୍ ।**
**ଅୟୁକ୍ତଃ କାମକାରେଣ ଫଲେ ସକ୍ତୋ ନିବଧ୍ୟତେ ।। ୫-୧୨।।**

(କର୍ମଯୋଗୀ କର୍ମଫଳ ତ୍ୟାଗ କରି ଭଗବତପ୍ରାପ୍ତି ରୂପକ ଶାନ୍ତି ଲାଭ କରନ୍ତି, ଏବଂ ସକାମପୁରୁଷ କାମନାର ପ୍ରେରଣା ଦ୍ୱାରା ଫଳାସକ୍ତ ହୋଇ ବନ୍ଧନରେ ପଡେ ।। ୫-୧୨ ।।)

**ସର୍ବକର୍ମାଣି ମନସା ସଂନ୍ୟସ୍ୟାସ୍ତେ ସୁଖଂ ବଶୀ ।**
**ନବଦ୍ୱାରେ ପୁରେ ଦେହୀ ନୈବ କୁର୍ବନ୍ନ କାରୟନ୍ ।। ୫-୧୩।।**

(ଅନ୍ତଃକରଣକୁ ବଶୀଭୂତ କରି ସାଂଖ୍ୟଯୋଗ ଆଚରଣ କରୁଥିବା ପୁରୁଷ କିଛି ନ କରି ଓ ନ କରାଇ ହିଁ ନବଦ୍ୱାର ବିଶିଷ୍ଟ ଶରୀର ରୂପକ ପୁରରେ ମନ ଦ୍ୱାରା ସକଳ କର୍ମ ତ୍ୟାଗ କରିଦେଇ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ସ୍ୱରୂପରେ ଆନନ୍ଦପୂର୍ବକ ଅବସ୍ଥାନ କରନ୍ତି ।। ୫-୧୩ ।।)

**ନ କର୍ତ୍ତୃତ୍ୱଂ ନ କର୍ମାଣି ଲୋକସ୍ୟ ସୃଜତି ପ୍ରଭୁଃ ।**
**ନ କର୍ମଫଲସଂୟୋଗଂ ସ୍ୱଭାବସ୍ତୁ ପ୍ରବର୍ତତେ ।। ୫-୧୪।।**

(ପରମେଶ୍ୱର ମନୁଷ୍ୟମାନଙ୍କର କର୍ତ୍ତାପଣକୁ, କର୍ମମାନକୁ, କିମ୍ବା କର୍ମଫଳର ସଂଯୋଗକୁ ରଚନା କରନ୍ତି ନାହିଁ; କିନ୍ତୁ ସ୍ୱଭାବ ଅର୍ଥାତ, ପ୍ରକୃତି ହିଁ ପ୍ରବୃତ୍ତ ହୁଏ ।। ୫-୧୪ ।।)

Not For Commercial Use

**ନାଦତ୍ତେ କସ୍ୟଚିତ୍ପାପଂ ନ ଚୈବ ସୁକୃତଂ ବିଭୁଃ ।**
**ଅଜ୍ଞାନେନାବୃତଂ ଜ୍ଞାନଂ ତେନ ମୁହ୍ୟନ୍ତି ଜନ୍ତବଃ ।। ୫-୧୫।।**

(ସର୍ବବ୍ୟାପି ପରମେଶ୍ୱର କାହାରି ପାପକର୍ମ କି କାହାରି ପୂଣ୍ୟକର୍ମକୁ ଗ୍ରହଣ କରନ୍ତି ନାହିଁ; କିନ୍ତୁ ଅଜ୍ଞାନ ଦ୍ୱାରା ଜ୍ଞାନ ଢାଙ୍କିହୋଇ ରହିଛି; ତେଣୁ ଅଜ୍ଞାନୀ ମନୁଷ୍ୟମାନେ ମୋହିତ ହେଉଛନ୍ତି ।। ୫-୧୫ ।।)

**ଜ୍ଞାନେନ ତୁ ତଦଜ୍ଞାନଂ ଯେଷାଂ ନାଶିତମାତ୍ମନଃ ।**
**ତେଷାମାଦିତ୍ୟବଜ୍ଜ୍ଞାନଂ ପ୍ରକାଶୟତି ତତ୍ପରମ୍ ।। ୫-୧୬।।**

(କିନ୍ତୁ ଯେଉଁମାନଙ୍କର ସେହି ଅଜ୍ଞାନ ପରମାତ୍ମାଙ୍କର ତତ୍ତ୍ୱଜ୍ଞାନଦ୍ୱାରା ନଷ୍ଟ କରାଯାଇଛି, ସେମାନଙ୍କର ଜ୍ଞାନ ସୂର୍ଯ୍ୟସଦୃଶ ସେହି ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ପ୍ରକାଶିତ କରିଦିଏ ।। ୧-୧୬ ।।)

**ତଦ୍-ବୁଦ୍ଧୟସ୍ତଦାତ୍ମାନସ୍ତନ୍ନିଷ୍ଠାସ୍ତତ୍ପରାୟଣାଃ ।**
**ଗଚ୍ଛନ୍ତ୍ୟପୁନରାବୃତ୍ତିଂ ଜ୍ଞାନନିର୍ଧୂତକଲ୍ମଷାଃ ।। ୫-୧୭।।**

(ଯେଉଁମାନଙ୍କର ମନ ତଦ୍ରୂପ ହୋଇଯାଇଛି, ଯେଉଁମାନଙ୍କର ବୁଦ୍ଧି ତଦ୍ରୂପ ହୋଇଯାଇଛି ଓ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ହିଁ ଯେଉଁମାନେ ନିରନ୍ତର ଏକୀଭାବରେ ସ୍ଥିତ ଅଟନ୍ତି, ଏତାଦୃଶ ତତ୍ପରାୟଣ ପୁରୁଷମାନେ ଜ୍ଞାନଦ୍ୱାରା ପାପଶୁନ୍ୟ ହୋଇ ଅପୁନରାବୃତ୍ତି ଅର୍ଥାତ, ପରମଗତି ପ୍ରାପ୍ତ ହୁଅନ୍ତି ।। ୫-୧୭ ।।)

**ବିଦ୍ୟାବିନୟସମ୍ପନ୍ନେ ବ୍ରାହ୍ମଣେ ଗବି ହସ୍ତିନି ।**
**ଶୁନି ଚୈବ ଶ୍ୱପାକେ ଚ ପଣ୍ଡିତାଃ ସମଦର୍ଶିନଃ ।। ୫-୧୮।।**

(ସେହି ଜ୍ଞାନୀମାନେ ବିଦ୍ୟା ଓ ବିନୟଯୁକ୍ତ ବ୍ରାହ୍ମଣଙ୍କ ଠାରେ ତଥା ଗାଇ, ହସ୍ତୀ, କୁକୁର, ଏବଂ ଚଣ୍ଡାଳ ଠାରେ ମଧ୍ୟ ସମଦର୍ଶୀ ହୋଇଥାନ୍ତି ।। ୫-୧୮ ।।)

Not For Commercial Use

**ଇହୈବ ତୈର୍ଜିତଃ ସର୍ଗୋ ୟେଷାଂ ସାମ୍ୟେ ସ୍ଥିତଂ ମନଃ ।**
**ନିର୍ଦୋଷଂ ହି ସମଂ ବ୍ରହ୍ମ ତସ୍ମାଦ୍ ବ୍ରହ୍ମଣି ତେ ସ୍ଥିତାଃ ।। ୫-୧୯।।**

(ଯେଉଁମାନଙ୍କର ମନ ସମଭାବରେ ଅବସ୍ଥିତ, ସେମାନଙ୍କ ଦ୍ୱାରା ଏହି ଜୀବିତ ଅବସ୍ଥାରେ ହିଁ ସମଗ୍ର ସଂସାର ବିଜିତ ହୋଇଥାଏ; ଯେହେତୁ ସଚ୍ଚିଦାନନ୍ଦଘନ ପରମାତ୍ମା ନିର୍ଦୋଷ ଓ ସମ, ତେଣୁ ସେମାନେ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଠାରେ ହିଁ ଅବସ୍ଥାନ କରିଥାନ୍ତି ।। ୫-୧୯ ।।)

**ନ ପ୍ରହୃଷ୍ୟେତ୍-ପ୍ରିୟଂ ପ୍ରାପ୍ୟ ନୋଦ୍ୱିଜେତ୍-ପ୍ରାପ୍ୟ ଚାପ୍ରିୟମ୍ ।**
**ସ୍ଥିରବୁଦ୍ଧିରସମ୍ମୂଢୋ ବ୍ରହ୍ମବିଦ୍ ବ୍ରହ୍ମଣି ସ୍ଥିତଃ ।। ୫-୨୦।।**

(ଯେଉଁ ପୁରୁଷ ପ୍ରୀୟବସ୍ତୁ ପ୍ରାପ୍ତ ହୋଇ ହର୍ଷିତ ହୁଅନ୍ତି ନାହିଁ, କି ଅପ୍ରୀୟ ବସ୍ତୁ ପ୍ରାପ୍ତ ହୋଇ ଉଦବିଗ୍ନ ହୁଅନ୍ତି ନାହିଁ, ସେହି ସ୍ଥିରବୁଦ୍ଧି ସଂଶୟଶୂନ୍ୟ ବ୍ରହ୍ମବେତ୍ତା ପୁରୁଷ ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାରେ ଏକୀଭାବରେ ନିତ୍ୟସ୍ଥିତ ଅଟନ୍ତି ।। ୫-୨୦ ।।)

**ବାହ୍ୟସ୍ପର୍ଶେଷ୍ୱସକ୍ତାତ୍ମା ବିନ୍ଦତ୍ୟାତ୍ମନି ୟତ୍ସୁଖମ୍ ।**
**ସ ବ୍ରହ୍ମୟୋଗୟୁକ୍ତାତ୍ମା ସୁଖମକ୍ଷୟମଶ୍ନୁତେ ।। ୫-୨୧।।**

(ବାହ୍ୟ ବିଷୟରେ ଆସକ୍ତିମୁକ୍ତ ଅନ୍ତଃକରଣବିଶିଷ୍ଟ ସାଧକ ଆତ୍ମାରେ ଯେଉଁ ଧ୍ୟାନଜନିତ ସାତ୍ତ୍ୱିକ ଆନନ୍ଦ ରହିଛି, ତାହା ପ୍ରାପ୍ତ ହୁଅନ୍ତି; ତା'ପରେ ସଚ୍ଚିଦାନନ୍ଦଘନ ପରବ୍ରହ୍ମ ପରମାତ୍ମାଙ୍କର ଧ୍ୟାନରୂପକ ଯୋଗରେ ଅଭିନ୍ନଭାବରେ ଅବସ୍ଥିତ ହୋଇଥିବା ସେହି ପୁରୁଷ ଅକ୍ଷୟ ଆନନ୍ଦ ଅନୁଭବ କରନ୍ତି ।। ୫-୨୧ ।।)

**ୟେ ହି ସଂସ୍ପର୍ଶଜା ଭୋଗା ଦୁଃଖୟୋନୟ ଏବ ତେ ।**
**ଆଦ୍ୟନ୍ତବନ୍ତଃ କୌନ୍ତେୟ ନ ତେଷୁ ରମତେ ବୁଧଃ ।। ୫-୨୨।।**

(ଇନ୍ଦ୍ରିୟ ବିଷୟମାନଙ୍କ ସଂଯୋଗରୁ ଉତ୍ପନ୍ନ ହେଉଥିବା ଯେଉଁ ଭୋଗଗୁଡିକ ରହିଛି, ସେଗୁଡିକ ବିଷୟୀ ପୁରୁଷମାନଙ୍କୁ ସୁଖରୂପ ପ୍ରତୀତ ହେଉଥିଲେ ବି, ନିଃସନ୍ଦେହ ଦୁଃଖର ହିଁ କାରଣ ଅଟନ୍ତି ଏବଂ ଏହା ଆଦି-ଅନ୍ତ ବିଶିଷ୍ଟ ଅର୍ଥାତ, ଅନିତ୍ୟ ଅଟନ୍ତି । ହେ ଅର୍ଜୁନ ! ତେଣୁ ବୁଦ୍ଧିମାନ ବିବେକୀ ପୁରୁଷ ସେଥିରେ ରମଣ କରନ୍ତି ନାହିଁ ।। ୫-୨୨ ।।)

Not For Commercial Use

**ଶକ୍ନୋତୀହୈବ ଯଃ ସୋଢୁଂ ପ୍ରାକ୍-ଶରୀରବିମୋକ୍ଷଣାତ୍ ।**
**କାମକ୍ରୋଧୋଦ୍-ଭବଂ ବେଗଂ ସ ଯୁକ୍ତଃ ସ ସୁଖୀ ନରଃ ।। ୫-୨୩।।**

(ଯେଉଁ ସାଧକ ଏହି ମନୁଷ୍ୟଶରୀରରେ ଶରୀର ନାଶ ହୋଇଯିବା ପୂର୍ବରୁ ହିଁ କାମ-କ୍ରୋଧରୁ ଉତ୍ପନ୍ନ ହେଉଥିବା ବେଗ ସହିଯିବାକୁ ସମର୍ଥ ହୋଇଥାଆନ୍ତି, ସେହି ପୁରୁଷ ଯୋଗୀ; ସେ ସୁଖୀ ।। ୫-୨୩ ।।)

**ଯୋଽନ୍ତଃସୁଖୋଽନ୍ତରାରାମସ୍ତଥାନ୍ତର୍ଜ୍ୟୋତିରେବଯଃ ।**
**ସ ଯୋଗୀ ବ୍ରହ୍ମନିର୍ବାଣଂ ବ୍ରହ୍ମଭୂତୋଽଧିଗଚ୍ଛତି ।। ୫-୨୪।।**

(ଯେଉଁ ପୁରୁଷ ବ୍ରହ୍ମଭିନ୍ନ ଅନ୍ୟ କିଛି ନାହିଁ ବୋଲି ନିଶ୍ଚୟ କରି ଅନ୍ତରାତ୍ମାରେ ସୁଖଯୁକ୍ତ, ଆତ୍ମାରେ ରମଣକାରୀ, ତଥା ଆତ୍ମାରେ ଜ୍ଞାନଯୁକ୍ତ ଅଟନ୍ତି, ସେହି ଯୋଗୀ ବ୍ରହ୍ମରେ ଏକ ହୋଇଯିବା ସହିତ ନିର୍ବାଣ ପ୍ରାପ୍ତ କରିଥାନ୍ତି ।। ୫-୨୪ ।।)

**ଲଭନ୍ତେ ବ୍ରହ୍ମନିର୍ବାଣମୃଷୟଃ କ୍ଷୀଣକଲ୍ମଷାଃ ।**
**ଛିନ୍ନଦ୍ୱୈଧା ଯତାତ୍ମାନଃ ସର୍ବଭୂତହିତେ ରତାଃ ।। ୫-୨୫।।**

(ଯେଉଁମାନଙ୍କର ସକଳ ପାପ ନଷ୍ଟ ହୋଇଯାଇଛି, ଯେଉଁମାନଙ୍କର ସକଳ ସଂଶୟ ଜ୍ଞାନଦ୍ୱାରା ନିବୃତ୍ତ ହୋଇଯାଇଛି, ଯେଉଁମାନେ ସକଳ ପ୍ରାଣୀଙ୍କ ହିତରେ ରତ ଏବଂ ଯେଉଁମାନଙ୍କର ବିଜିତ ମନ ନିଶ୍ଚଳଭାବରେପରମାତ୍ମାଙ୍କ ଠାରେ ସ୍ଥିତ, ସେହି ବ୍ରହ୍ମବେତ୍ତା ପୁରୁଷମାନେ ପରବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି ।। ୫-୨୫ ।।)

**କାମକ୍ରୋଧବିଯୁକ୍ତାନାଂ ଯତୀନାଂ ଯତଚେତସାମ୍ ।**
**ଅଭିତୋ ବ୍ରହ୍ମନିର୍ବାଣଂ ବର୍ତତେ ବିଦିତାତ୍ମନାମ୍ ।। ୫-୨୬।।**

(କାମ-କ୍ରୋଧମୁକ୍ତ, ବିଜିତଚିତ୍ତ ଏବଂ ପରବ୍ରହ୍ମ ପରମାତ୍ମାଙ୍କର ସାକ୍ଷାତକାର କରିଥିବା ଜ୍ଞାନୀ ପୁରୁଷମାନଙ୍କ ପାଇଁ ସକଳ ଦିଗରେ ଶାନ୍ତ ପରବ୍ରହ୍ମ ପରମାତ୍ମା ହିଁ ପରିପୂର୍ଣ୍ଣ ହୋଇ ରହିଥାନ୍ତି ।। ୫-୨୬ ।।)

Not For Commercial Use

**ସ୍ପର୍ଶାନ୍-କୃତ୍ବା ବହିର୍ବାହ୍ୟାଂଶ୍ଚକ୍ଷୁଶ୍ଚୈବାନ୍ତରେଭ୍ରୁବୋଃ ।**
**ପ୍ରାଣାପାନୌ ସମୌ କୃତ୍ବା ନାସାଭ୍ୟନ୍ତରଚାରିଣୌ ।। ୫-୨୭।।**
**ଯତେନ୍ଦ୍ରିୟମନୋବୁଦ୍ଧିର୍ମୁନିର୍ମୋକ୍ଷପରାୟଣଃ ।**
**ବିଗତେଚ୍ଛାଭୟକ୍ରୋଧୋ ଯଃ ସଦା ମୁକ୍ତ ଏବ ସଃ ।। ୫-୨୮।।**

(ବାହ୍ୟ ବିଷୟ ଭୋଗମାନଙ୍କୁ ଚିନ୍ତନ ନ କରି, ସେସବୁକୁ ବାହାରେ ହିଁ ତ୍ୟାଗ କରିଦେଇ ଏବଂ ନେତ୍ରର ଦୃଷ୍ଟିକୁ ଭ୍ରୂଦ୍ଵୟର ମଧ୍ୟବର୍ତ୍ତୀ ସ୍ଥାନରେ ନିବଦ୍ଧ କରି, ନାସିକା ଦ୍ଵୟର ଅଭ୍ୟନ୍ତରରେ ବିଚରଣ କରୁଥିବା ପ୍ରାଣ ଓ ଅପାନ ବାୟୁକୁ ସମଗତି କରି, ଯେଉଁ ମୋକ୍ଷପରାୟଣ ମୁନି ମନ, ବୁଦ୍ଧି ଓ ଇନ୍ଦ୍ରିୟମାନଙ୍କୁ ସଂଯତ କରିଥାନ୍ତି; ଇଚ୍ଛା, ଭୟ ଓ କ୍ରୋଧରୁ ମୁକ୍ତ ହୋଇଥିବା ସେହି ମୁନି ସର୍ବଦା ମୁକ୍ତ ହିଁ ଅଟନ୍ତି ।। ୫-୨୭, ୫-୨୮ ।।)

**ଭୋକ୍ତାରଂ ଯଜ୍ଞତପସାଂ ସର୍ବଲୋକମହେଶ୍ଵରମ୍ ।**
**ସୁହୃଦଂ ସର୍ବଭୂତାନାଂ ଜ୍ଞାତ୍ବା ମାଂ ଶାନ୍ତିମୃଚ୍ଛତି ।। ୫-୨୯।।**

(ମୋର ଭକ୍ତ ମୋତେ ସକଳ ଯଜ୍ଞର ଓ ତପର ଭୋକ୍ତା, ସମସ୍ତ ଲୋକର ଇଶ୍ଵରମାନଙ୍କର ବି ଇଶ୍ଵର ତଥା ସକଳ ପ୍ରାଣୀମାନଙ୍କର ସୁହୃଦ ଅର୍ଥାତ, ସ୍ଵାର୍ଥଶୂନ୍ୟ ଦୟାଳୁ ଓ ପ୍ରେମୀ ବୋଲି ତତ୍ତ୍ଵତଃ ଜାଣିପାରି ଶାନ୍ତି ପ୍ରାପ୍ତ ହୁଅନ୍ତି ।। ୫-୨୯ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ସଂନ୍ୟାସଯୋଗୋ ନାମ ପଞ୍ଚମୋଽଧ୍ୟାୟଃ ।। ୫।।**

Not For Commercial Use

# ଷଷ୍ଠ ଅଧ୍ୟାୟ

(Chapter – 6)

## ଆତ୍ମସଂଯମଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଷଷ୍ଠୋଽଧ୍ୟାୟଃ ।।

।। ଅଥ ଷଷ୍ଠୋଽଧ୍ୟାୟଃ । ଆତ୍ମସଂୟମଯୋଗଃ ।।

**। ଶ୍ରୀଭଗବାନୁବାଚ ।**

**ଅନାଶ୍ରିତଃ କର୍ମଫଲଂ କାର୍ୟଂ କର୍ମ କରୋତି ଯଃ ।**
**ସ ସଂନ୍ୟାସୀ ଚ ଯୋଗୀ ଚ ନ ନିରଗ୍ନିର୍ନ ଚାକ୍ରିୟଃ ।। ୬-୧।।**

(ଶ୍ରୀଭଗବାନ କହିଲେ – ଯେଉଁ ପୁରୁଷ କର୍ମଫଳକୁ ଆଶ୍ରୟ ନ କରି କର୍ତ୍ତବ୍ୟ କର୍ମ କରନ୍ତି, ସେ ସନ୍ନ୍ୟାସୀ ତଥା ଯୋଗୀ ଅଟନ୍ତି । କେବଳ ଅଗ୍ନି ତ୍ୟାଗ କରିଥିବା ମନୁଷ୍ୟ ସନ୍ନ୍ୟାସୀ ନୁହେଁ, କି କେବଳ କ୍ରିୟା ତ୍ୟାଗ କରିଥିବା ମନୁଷ୍ୟ ଯୋଗୀ ନୁହେଁ ।। ୬-୦୧ ।।)

**ଯଂ ସଂନ୍ୟାସମିତି ପ୍ରାହୁର୍ଯୋଗଂ ତଂ ବିଦ୍ଧି ପାଣ୍ଡବ ।**
**ନ ହ୍ୟସଂନ୍ୟସ୍ତସଂକଲ୍ପୋ ଯୋଗୀ ଭବତି କଶ୍ଚନ ।। ୬-୨।।**

(ହେ ଅର୍ଜୁନ ! ଯାହାକୁ ସନ୍ନ୍ୟାସ ବୋଲି କହନ୍ତି, ତାହାକୁ ହିଁ ତୁମେ ଯୋଗ ବୋଲି ଜାଣ, କାରଣ ସ୍ୱାର୍ଥ ସଂକଳ୍ପ ତ୍ୟାଗ କରି ନ ଥିବା କୌଣସି ବି ପୁରୁଷ ଯୋଗୀ ହୁଏ ନାହିଁ ।। ୬-୦୨ ।।)

**ଆରୁରୁକ୍ଷୋର୍ମୁନେର୍ଯୋଗଂ କର୍ମ କାରଣମୁଚ୍ୟତେ ।**
**ଯୋଗାରୂଢସ୍ୟ ତସ୍ୟୈବ ଶମଃ କାରଣମୁଚ୍ୟତେ ।। ୬-୩।।**

(ଯୋଗାରୂଢ ହେବାକୁ ଇଚ୍ଛୁକ ମନନଶୀଳ ପୁରୁଷଙ୍କ ନିମନ୍ତେ ନିଷ୍କାମଭାବରେ କର୍ମ କରିବା ହିଁ ଯୋଗପ୍ରାପ୍ତିର ହେତୁ ବୋଲି କୁହାଯାଏ ଏବଂ ଯୋଗାରୂଢ ହୋଇଯିବା ପରେ ସେହି ଯୋଗାରୂଢ ପୁରୁଷଙ୍କର ସର୍ବସଂକଳ୍ପଶୂନ୍ୟତା ହିଁ ତାଙ୍କ କଲ୍ୟାଣର କାରଣ ବୋଲି କୁହାଯାଏ ।। ୬-୦୩ ।।)

Not For Commercial Use

**ଯଦା ହି ନେନ୍ଦ୍ରିୟାର୍ଥେଷୁ ନ କର୍ମସ୍ୱନୁଷଜ୍ଜତେ ।**
**ସର୍ବସଂକଳ୍ପସଂନ୍ୟାସୀ ଯୋଗାରୂଢସ୍ତଦୋଚ୍ୟତେ ।। ୬-୪।।**

(ପୁରୁଷ ଯେତେବେଳେ ଇନ୍ଦ୍ରିୟମାନଙ୍କର ଭୋଗରେ ଓ କର୍ମମାନଙ୍କରେ ମଧ୍ୟ ଆସକ୍ତ ହୁଅନ୍ତି ନାହିଁ, ସେତେବେଳେ ସେହି ସର୍ବସଂକଳ୍ପତ୍ୟାଗୀ ଯୋଗାରୁଢ ବୋଲି କଥିତ ହୁହନ୍ତି ।। ୬-୦୪ ।।)

**ଉଦ୍ଧରେଦାତ୍ମନାତ୍ମାନଂ ନାତ୍ମାନମବସାଦୟେତ୍ ।**
**ଆତ୍ମୈବ ହ୍ୟାତ୍ମନୋ ବନ୍ଧୁରାତ୍ମୈବ ରିପୁରାତ୍ମନଃ ।। ୬-୫।।**

(ନିଜଦ୍ୱାରା ନିଜକୁ ସଂସାର ସାଗରରୁ ଉଦ୍ଧାର କରିବା ଉଚିତ; ନିଜକୁ ଅଧୋଗତିରେ ପକାଇବା ଉଚିତ ନୁହେଁ; କାରଣ ମନୁଷ୍ୟ ନିଜେ ହିଁ ନିଜର ମିତ୍ର ଓ ନିଜେ ହିଁ ନିଜର ଶତ୍ରୁ ।। ୬-୦୫ ।।)

**ବନ୍ଧୁରାତ୍ମାତ୍ମନସ୍ତସ୍ୟ ଯେନାତ୍ମୈବାତ୍ମନା ଜିତଃ ।**
**ଅନାତ୍ମନସ୍ତୁ ଶତ୍ରୁତ୍ୱେ ବର୍ତେତାତ୍ମୈବ ଶତ୍ରୁବତ୍ ।। ୬-୬।।**

(ଯେଉଁ ଜୀବାତ୍ମା ଦ୍ୱାରା ମନ ଓ ଇନ୍ଦ୍ରିୟ ସହିତ ଶରୀରକୁ ଜୟ କରାଯାଇଛି, ସେହି ଜୀବାତ୍ମା ନିଜେ ହିଁ ନିଜର ମିତ୍ର ଏବଂ ଯାହାଦ୍ୱାରା ମନ, ଇନ୍ଦ୍ରିୟ ଓ ଶରୀରକୁ ଜୟ କରାଯାଇ ନାହିଁ, ସେ ନିଜେ ହିଁ ନିଜର ଶତ୍ରୁପରି ଆଚରଣ କରେ ।। ୬-୦୬ ।।)

**ଜିତାତ୍ମନଃ ପ୍ରଶାନ୍ତସ୍ୟ ପରମାତ୍ମା ସମାହିତଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ତଥା ମାନାପମାନୟୋଃ ।। ୬-୭।।**

(ଶୀତ-ଉଷ୍ଣ ଓ ସୁଖ-ଦୁଃଖରେ ତଥା ମାନ-ଅପମାନରେ ଯାହାଙ୍କ ଅନ୍ତଃକରଣର ବୃତ୍ତିଗୁଡିକ ଭଲରୂପେ ଶାନ୍ତ ରହନ୍ତି, ସେପରି ସ୍ୱାଧୀନ-ଆତ୍ମା ବିଶିଷ୍ଟ ପୁରୁଷଙ୍କ ଜ୍ଞାନରେ ସଚ୍ଚିଦାନନ୍ଦଘନ ପରମାତ୍ମା ସ୍ଥିତ ଅଟନ୍ତି ଅର୍ଥାତ, ତାଙ୍କ ଜ୍ଞାନରେ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ହିଁ ନାହିଁ ।। ୬-୦୭ ।।)

Not For Commercial Use

**ଜ୍ଞାନବିଜ୍ଞାନତୃପ୍ତାତ୍ମା କୂଟସ୍ଥୋ ବିଜିତେନ୍ଦ୍ରିୟଃ ।**
**ଯୁକ୍ତ ଇତ୍ୟୁଚ୍ୟତେ ଯୋଗୀ ସମଲୋଷ୍ଟାଶ୍ମକାଞ୍ଚନଃ ।। ୬-୮।।**

(ଯାହାଙ୍କର ଅନ୍ତଃକରଣ ଜ୍ଞାନବିଜ୍ଞାନରେ ତୃପ୍ତ, ଯାହାଙ୍କର ସ୍ଥିତି ବିକାରଶୂନ୍ୟ, ଯାହାଙ୍କର ଇନ୍ଦ୍ରିୟମାନେ ଭଲଭାବରେ ବଶୀଭୂତ ହୋଇଛନ୍ତି ଏବଂ ଯାହାଙ୍କ ପାଇଁ ମାଟି, ପଥର ଓ ସୁନା ସମାନ, ସେହି ହିଁ ଯୋଗୀଯୁକ୍ତ, ଅର୍ଥାତ ଭଗବତପ୍ରାପ୍ତ ବୋଲି କୁହାଯାଆନ୍ତି ।। ୬-୦୮ ।।)

**ସୁହୃନ୍ମିତ୍ରାର୍ୟୁଦାସୀନମଧ୍ୟସ୍ଥଦ୍ୱେଷ୍ୟବନ୍ଧୁଷୁ ।**
**ସାଧୁଷ୍ୱପି ଚ ପାପେଷୁ ସମବୁଦ୍ଧିର୍ବିଶିଷ୍ୟତେ ।। ୬-୯।।**

(ସୁହୃଦ, ମିତ୍ର, ବୈରୀ, ଉଦାସୀନ, ମଧ୍ୟସ୍ଥ, ଦ୍ୱେଷ୍ୟ ଓ ବନ୍ଧୁଗଣଙ୍କ ଠାରେ, ଧର୍ମାତ୍ମାମାନଙ୍କ ଠାରେ ଓ ପାପୀମାନଙ୍କ ଠାରେ ମଧ୍ୟ ସମାନ ଭାବ ରଖୁଥିବା ପୁରୁଷ ଅତ୍ୟନ୍ତ ଶ୍ରେଷ୍ଠ ଅଟନ୍ତି ।। ୬-୦୯ ।।)

**ଯୋଗୀ ଯୁଞ୍ଜୀତ ସତତମାତ୍ମାନଂ ରହସି ସ୍ଥିତଃ ।**
**ଏକାକୀ ଯତଚିତ୍ତାତ୍ମା ନିରାଶୀରପରିଗ୍ରହଃ ।। ୬-୧୦।।**

(ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶ କରି ରଖୁଥିବା, ଅଶାମୁକ୍ତ ଓ ସଂଗ୍ରହଶୂନ୍ୟ ଯୋଗୀ ଏକାକୀ ହିଁ ଏକାନ୍ତ ସ୍ଥାନରେ ଅବସ୍ଥିତ ହୋଇ ଆତ୍ମାକୁ ନିରନ୍ତର ପରମାତ୍ମାରେ ଲଗାଇବା ଉଚିତ ।। ୬-୧୦ ।।)

**ଶୁଚୌ ଦେଶେ ପ୍ରତିଷ୍ଠାପ୍ୟ ସ୍ଥିରମାସନମାତ୍ମନଃ ।**
**ନାତ୍ୟୁଚ୍ଛ୍ରିତଂ ନାତିନୀଚଂ ଚୈଲାଜିନକୁଶୋତ୍ତରମ୍ ।। ୬-୧୧।।**

(ଶୁଦ୍ଧ ଭୂମି ଉପରେ କ୍ରମଶଃ କୁଶ, ତା'ଉପରେ ମୃଗଚର୍ମ ଓ ତା'ଉପରେ ବସ୍ତ୍ର ବିଛାଇ ଅତି ଉଚ୍ଚା କିମ୍ବା ଅତି ନୀଚା ନ କରି ନିଜର ଆସନ ସ୍ଥିରକରି ପକାଇ,...... ।। ୬-୧୧ ।।)

Not For Commercial Use

**ତତ୍ରୈକାଗ୍ରଂ ମନଃ କୃତ୍ୱା ୟତଚିତ୍ତେନ୍ଦ୍ରିୟକ୍ରିୟଃ ।**
**ଉପବିଶ୍ୟାସନେ ୟୁଞ୍ଜ୍ୟାଦ୍ୟୋଗମାତ୍ମବିଶୁଦ୍ଧୟେ ।। ୬-୧୨।।**

(ସେଇ ଆସନରେ ବସି ଚିତ୍ତ ଓ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ବଶରେ ରଖି ମନ ଏକାଗ୍ର କରି ଅନ୍ତଃକରଣ ଶୁଦ୍ଧିପାଇଁ ଯୋଗ ଅଭ୍ୟାସ କରିବା ଉଚିତ ।। ୬-୧୨ ।।)

**ସମଂ କାୟଶିରୋଗ୍ରୀବଂ ଧାରୟନ୍ନଚଲଂ ସ୍ଥିରଃ ।**
**ସଂପ୍ରେକ୍ଷ୍ୟ ନାସିକାଗ୍ରଂ ସ୍ୱଂ ଦିଶଶ୍ଚାନବଲୋକୟନ୍ ।। ୬-୧୩।।**

(ଶରୀର, ଶିର ଏବଂ ଗ୍ରୀବା (ବେକ) ସଳଖ ଓ ଅଚଳ ରଖି ଏବଂ ସ୍ଥିରହୋଇ ନିଜ ନାସିକାର ଅଗ୍ରଭାଗରେ ଦୃଷ୍ଟି ନିବଦ୍ଧ କରି ଅନ୍ୟ ଆଡେ ନ ଚାହିଁ .... ।। ୬-୧୩ ।।)

**ପ୍ରଶାନ୍ତାତ୍ମା ବିଗତଭୀର୍ବ୍ରହ୍ମଚାରିବ୍ରତେ ସ୍ଥିତଃ ।**
**ମନଃ ସଂୟମ୍ୟ ମଚ୍ଚିତ୍ତୋ ୟୁକ୍ତ ଆସୀତ ମତ୍ପରଃ ।। ୬-୧୪।।**

(ବ୍ରହ୍ମଚାରି ବ୍ରତରେ ସ୍ଥିତ ଭୟଶୂନ୍ୟ ପ୍ରଶାନ୍ତ ଅନ୍ତଃକରଣ ବିଶିଷ୍ଟ ତଥା ସାବଧାନ ଯୋଗୀ ମନକୁ ସଂଯତ କରି, ମୋଠାରେ ଯୁକ୍ତଚିତ୍ତ ହୋଇ ଏବଂ ମୋର ପରାୟଣ ହୋଇ ବସିବା ଉଚିତ ।। ୬-୧୪ ।।)

**ୟୁଞ୍ଜନ୍ନେବଂ ସଦାତ୍ମାନଂ ୟୋଗୀ ନିୟତମାନସଃ ।**
**ଶାନ୍ତିଂ ନିର୍ବାଣପରମାଂ ମତ୍ସଂସ୍ଥାମଧିଗଚ୍ଛତି ।। ୬-୧୫।।**

(ମନକୁ ବଶ କରିଥିବା ଯୋଗୀ ଏପରିଭାବରେ ଆତ୍ମାକୁ ନିରନ୍ତର ମୋର ଅର୍ଥାତ, ପରମେଶ୍ୱରଙ୍କ ସ୍ୱରୂପରେ ଲଗାଇ, ମୋଠାରେ ଥିବା ପରମାନନ୍ଦର ପରାକାଷ୍ଠାରୂପକ ଶାନ୍ତି ପ୍ରାପ୍ତ ହୁଅନ୍ତି ।। ୬-୧୫ ।।)

**ନାତ୍ୟଶ୍ନତସ୍ତୁ ୟୋଗୋଽସ୍ତି ନ ଚୈକାନ୍ତମନଶ୍ନତଃ ।**
**ନ ଚାତିସ୍ୱପ୍ନଶୀଲସ୍ୟ ଜାଗ୍ରତୋ ନୈବ ଚାର୍ଜୁନ ।। ୬-୧୬।।**

(ହେ ଅର୍ଜୁନ ! ଯିଏ ବହୁତ ଭୋଜନ କରେ କିମ୍ବା ଯିଏ ଆଦୌ ଭୋଜନ କରେ ନାହିଁ, ଯିଏ ବହୁତ ଶୁଏ କିମ୍ବା ଯିଏ ଆଦୌ ଶୁଏ ନାହିଁ, ତାଙ୍କ ଦ୍ୱାରା ଏହି ଯୋଗ ସିଦ୍ଧ ହୁଏ ନାହିଁ ।। ୬-୧୬ ।।)

Not For Commercial Use

**ଯୁକ୍ତାହାରବିହାରସ୍ୟ ଯୁକ୍ତଚେଷ୍ଟସ୍ୟ କର୍ମସୁ ।**
**ଯୁକ୍ତସ୍ୱପ୍ନାବବୋଧସ୍ୟ ଯୋଗୋ ଭବତି ଦୁଃଖହା ।। ୬-୧୭।।**

(ଏହି ଦୁଃଖନାଶକାରୀ ଯୋଗ ତ ଯଥାଯୋଗ୍ୟ ଆହାର-ବିହାର କରୁଥିବା ଲୋକର, କର୍ମ କରିବାକୁ ଯଥାଯୋଗ୍ୟ ଚେଷ୍ଟା କରୁଥିବା ଲୋକର, ତଥା ଯଥାଯୋଗ୍ୟ ଶୋଉଥିବା ଓ ଚେଉଁଥିବା ଲୋକର ହିଁ ସିଦ୍ଧ ହୁଏ ।। ୬-୧୭ ।।)

**ଯଦା ବିନିୟତଂ ଚିତ୍ତମାତ୍ମନ୍ୟେବାବତିଷ୍ଠତେ ।**
**ନିଃସ୍ପୃହଃ ସର୍ବକାମେଭ୍ୟୋ ଯୁକ୍ତ ଇତ୍ୟୁଚ୍ୟତେ ତଦା ।। ୬-୧୮।।**

(ଅତ୍ୟନ୍ତ ବଶୀଭୂତ ହୋଇଥିବା ଚିତ୍ତ ଯେତେବେଳେ ପରମାତ୍ମାଙ୍କ ଠାରେ ହିଁ ଭଲଭାବରେ ଅବସ୍ଥାନ କରେ, ସେତେବେଳେ ସକଳ ଭୋଗରୁ ନିଃସ୍ପୃହ ପୁରୁଷ ଯୋଗଯୁକ୍ତ ହୁହନ୍ତି ବୋଲି କୁହାଯାଏ ।। ୬-୧୮ ।।)

**ଯଥା ଦୀପୋ ନିବାତସ୍ଥୋ ନେଙ୍ଗତେ ସୋପମା ସ୍ମୃତା ।**
**ଯୋଗିନୋ ଯତଚିତ୍ତସ୍ୟ ଯୁଞ୍ଜତୋ ଯୋଗମାତ୍ମନଃ ।। ୬-୧୯।।**

(ପବନ ନ ଥିବା ସ୍ଥାନରେ ରହିଥିବା ଦୀପର ଶିଖା ଯେପରି ଚଞ୍ଚଳ ହୁଏ ନାହିଁ, ପରମାତ୍ମାଙ୍କ ଧ୍ୟାନରେ ଲାଗିରହିଥିବା ଯୋଗୀଙ୍କର ବଶୀଭୂତ ଚିତ୍ତ ସେହିପରି ସ୍ଥିର ରହେ ବୋଲି କୁହାଯାଏ ।। ୬-୧୯ ।।)

**ଯତ୍ରୋପରମତେ ଚିତ୍ତଂ ନିରୁଦ୍ଧଂ ଯୋଗସେବୟା ।**
**ଯତ୍ର ଚୈବାତ୍ମନାତ୍ମାନଂ ପଶ୍ୟନ୍ନାତ୍ମନି ତୁଷ୍ୟତି ।। ୬-୨୦।।**

(ଯୋଗାଭ୍ୟାସ ଦ୍ୱାରା ନିରୁଦ୍ଧ ହୋଇଥିବା ଚିତ୍ତ ଯେଉଁ ଅବସ୍ଥାରେ ଉପରତି ପ୍ରାପ୍ତ ହୋଇଥାଏ ଓ ଯେଉଁ ଅବସ୍ଥାରେ ପରମାତ୍ମାଙ୍କ ଧ୍ୟାନରେ ଶୁଦ୍ଧ ହୋଇଥିବା ସୂକ୍ଷ୍ମବୁଦ୍ଧି ଦ୍ୱାରା ପରମାତ୍ମାଙ୍କୁ ସାକ୍ଷାତ କରି ସଚ୍ଚିଦାନନ୍ଦଘନ ପରମାତ୍ମାରେ ହିଁ ସନ୍ତୁଷ୍ଟ ହୋଇ ରହେ.... ।। ୬-୨୦ ।।)

Not For Commercial Use

**ସୁଖମାତ୍ୟନ୍ତିକଂ ଯତ୍ତଦ୍ ବୁଦ୍ଧିଗ୍ରାହ୍ୟମତୀନ୍ଦ୍ରିୟମ୍ ।**
**ବେତ୍ତି ଯତ୍ର ନ ଚୈବାୟଂ ସ୍ଥିତଶ୍ଚଲତି ତତ୍ତ୍ୱତଃ ।। ୬-୨୧।।**

(କେବଳ ବିଶୁଦ୍ଧ ଓ ସୂକ୍ଷ୍ମ ବୁଦ୍ଧି ଦ୍ୱାରା ଗ୍ରହଣଯୋଗ୍ୟ ଯେଉଁ ଇନ୍ଦ୍ରିୟାତୀତ ଅନନ୍ତ ଆନନ୍ଦ ରହିଛି, ଯୋଗୀ ତାହାକୁ ଯେଉଁ ଅବସ୍ଥାରେ ଅନୁଭବ କରନ୍ତି ଓ ଯେଉଁ ଅବସ୍ଥାରେ ସ୍ଥିତ ହେଲେ ଏହି ଯୋଗୀ ପରମାତ୍ମାଙ୍କ ସ୍ୱରୂପରୁ କଦାପି ବିଚଳିତ ହୁଅନ୍ତି ନାହିଁ ।। ୬-୨୧ ।।)

**ୟଂ ଲବ୍ଧ୍ୱା ଚାପରଂ ଲାଭଂ ମନ୍ୟତେ ନାଧିକଂ ତତଃ ।**
**ୟସ୍ମିନ୍‌ସ୍ଥିତୋ ନ ଦୁଃଖେନ ଗୁରୁଣାପି ବିଚାଲ୍ୟତେ ।। ୬-୨୨।।**

(ପରମାତ୍ମାପ୍ରାପ୍ତିରୂପକ ଯେଉଁ ଲାଭ ପ୍ରାପ୍ତ ହେଲେ, ତା'ଠାରୁ ଅଧିକ ଅନ୍ୟ କିଛି ଲାଭ ଅଛି ବୋଲି ଯୋଗୀ ମାନନ୍ତି ନାହିଁ ଓ ପରମାତ୍ମାପ୍ରାପ୍ତିରୂପକ ଯେଉଁ ଅବସ୍ଥାରେ ସ୍ଥିତ ହେଲେ ଯୋଗୀ ଅତିଶୟ ଦୁଃଖରେ ମଧ୍ୟ ବିଚଳିତ ହୁଅନ୍ତି ନାହିଁ, .... ।। ୬-୨୨ ।।)

**ତଂ ବିଦ୍ୟାଦ୍ ଦୁଃଖସଂୟୋଗବିୟୋଗଂ ୟୋଗସଂଜ୍ଞିତମ୍ ।**
**ସ ନିଶ୍ଚୟେନ ୟୋକ୍ତବ୍ୟୋ ୟୋଗୋଽନିର୍ବିଣ୍ଣଚେତସା ।। ୬-୨୩।।**

(ଯାହା ଦୁଃଖରୂପକ ସଂସାରର ସଂଯୋଗରୁ ମୁକ୍ତ, ତଥା ଯାହାର ନାମ ଯୋଗ, ତାହା ଜାଣିବା ଆବଶ୍ୟକ । କ୍ଷୁର୍ଣ୍ଣ ନ ହୋଇ ଅର୍ଥାତ, ଧୈର୍ଯ୍ୟ ଓ ଉତ୍ସାହଯୁକ୍ତ ଚିତ୍ତରେ ନିଶ୍ଚୟପୂର୍ବକ ସେହି ଯୋଗସାଧନା କରିବା କର୍ତ୍ତବ୍ୟ ଅଟେ ।। ୬-୨୩ ।।)

**ସଂକଳ୍ପପ୍ରଭବାନ୍-କାମାଂସ୍ତ୍ୟକ୍ତ୍ୱା ସର୍ବାନଶେଷତଃ ।**
**ମନସୈବେନ୍ଦ୍ରିୟଗ୍ରାମଂ ବିନିୟମ୍ୟ ସମନ୍ତତଃ ।। ୬-୨୪।।**

(ସଂକଳ୍ପରୁ ଉତ୍ପନ୍ନ ହେଉଥିବା ସକଳ କାମନା ନିଃଶେଷରୂପେ ତ୍ୟାଗ କରି, ସମସ୍ତ ଇନ୍ଦ୍ରିୟଙ୍କୁ ସବୁ ଦିଗରୁ ଭଲଭାବେ ମନଦ୍ୱାରା ନିରୋଧ କରି .... ।। ୬-୨୪ ।।)

**ଶନୈଃ ଶନୈରୁପରମେଦ୍ ବୁଦ୍ଧ୍ୟା ଧୃତିଗୃହୀତୟା ।**
**ଆତ୍ମସଂସ୍ଥଂ ମନଃ କୃତ୍ୱା ନ କିଞ୍ଚିଦପି ଚିନ୍ତୟେତ୍ ।। ୬-୨୫।।**

(କ୍ରମଶଃ ଅଭ୍ୟାସ କରି କରି ଉପରତି ପ୍ରାପ୍ତ ହେବା ଉଚିତ, ତଥା ଧୈର୍ଯ୍ୟଯୁକ୍ତ ବୁଦ୍ଧିଦ୍ୱାରା ମନକୁ ପରମାତ୍ମାରେ ଲଗାଇ ପରମାତ୍ମାଙ୍କ ବ୍ୟତୀତ ଅନ୍ୟ କିଛି ବି ଚିନ୍ତନ କରିବା ଉଚିତ ନୁହେଁ ।। ୬-୨୫ ।।)

**ଯତୋ ଯତୋ ନିଶ୍ଚରତି ମନଶ୍ଚଞ୍ଚଲମସ୍ଥିରମ୍ ।**
**ତତସ୍ତତୋ ନିୟମ୍ୟୈତଦାତ୍ମନ୍ୟେବ ବଶଂ ନୟେତ୍ ।। ୬-୨୬।।**

(ଏହି ଅସ୍ଥିର ଚଞ୍ଚଳ ମନ ଯେଉଁ ଯେଉଁ ଶବ୍ଦାଦି ବିଷୟ ନିମନ୍ତେ ସଂସାରରେ ବିଚରଣ କରେ, ତାହାକୁ ସେହି ସେହି ବିଷୟରୁ ରୋଧ କରି ଅର୍ଥାତ, ହଟାଇ ଆଣି ବାରମ୍ବାର ପରମାତ୍ମାଙ୍କ ଠାରେ ହିଁ ନିରୁଦ୍ଧ କରିବା ଉଚିତ ।। ୬-୨୬ ।।)

**ପ୍ରଶାନ୍ତମନସଂ ହ୍ୟେନଂ ଯୋଗିନଂ ସୁଖମୁତ୍ତମମ୍ ।**
**ଉପୈତି ଶାନ୍ତରଜସଂ ବ୍ରହ୍ମଭୂତମକଲ୍ମଷମ୍ ।। ୬-୨୭।।**

(ଯାହାଙ୍କର ମନ ଭଲଭାବରେ ଶାନ୍ତ ଅଟେ, ଯିଏ ପାପରୁ ମୁକ୍ତ ଓ ଯାହାଙ୍କର ରଜୋଗୁଣ ଶାନ୍ତ ହୋଇଗଲାଣି, ସଚ୍ଚିଦାନନ୍ଦଘନ ବ୍ରହ୍ମଙ୍କ ସହିତ ଏକତ୍ୱଭାବ ପ୍ରାପ୍ତ ହୋଇଥିବା ସେହି ଯୋଗୀଙ୍କୁ ଉତ୍ତମ ଆନନ୍ଦ ପ୍ରାପ୍ତ ହୁଏ ।। ୬-୨୭ ।।)

**ଯୁଞ୍ଜନ୍ନେବଂ ସଦାତ୍ମାନଂ ଯୋଗୀ ବିଗତକଲ୍ମଷଃ ।**
**ସୁଖେନ ବ୍ରହ୍ମସଂସ୍ପର୍ଶମତ୍ୟନ୍ତଂ ସୁଖମଶ୍ନୁତେ ।। ୬-୨୮।।**

(ସେହି ନିଷ୍ପାପ ଯୋଗୀ ଏହିପରି ଭାବରେ ନିରନ୍ତର ଆତ୍ମାକୁ ପରମାତ୍ମାରେ ଲଗାଇରଖି ସୁଖପୂର୍ବକ ପରବ୍ରହ୍ମ ପରମାତ୍ମାପ୍ରାପ୍ତି ରୂପକ ଅନନ୍ତ ଆନନ୍ଦ ଅନୁଭବ କରନ୍ତି ।। ୬-୨୮ ।।)

Not For Commercial Use

**ସର୍ବଭୂତସ୍ଥମାତ୍ମାନଂ ସର୍ବଭୂତାନି ଚାତ୍ମନି ।**
**ଇକ୍ଷତେ ଯୋଗଯୁକ୍ତାତ୍ମା ସର୍ବତ୍ର ସମଦର୍ଶନଃ ।। ୬-୨୯।।**

(ସର୍ବବ୍ୟାପୀ ଅନନ୍ତ ଚେତନରେ ଅର୍ଥାତ, ପରବ୍ରହ୍ମ ପରମାତ୍ମାରେ ଏକୀଭାବରେ ସ୍ଥିତିରୂପ ଯୋଗ ଦ୍ୱାରା ଯୁକ୍ତ ଆତ୍ମବାନ, ତଥା ସର୍ବତ୍ର ସମଭାବ ଦର୍ଶନ କରୁଥିବା ଯୋଗୀ ଆତ୍ମାକୁ ସକଳ ଭୂତରେ ଅବସ୍ଥିତ ଓ ସକଳ ଭୂତଙ୍କୁ ଆତ୍ମାରେ କଳ୍ପିତ ହୋଇଥିବା ଦେଖନ୍ତି ।। ୬-୨୯ ।।)

**ଯୋ ମାଂ ପଶ୍ୟତି ସର୍ବତ୍ର ସର୍ବଂ ଚ ମୟି ପଶ୍ୟତି ।**
**ତସ୍ୟାହଂ ନ ପ୍ରଣଶ୍ୟାମି ସ ଚ ମେ ନ ପ୍ରଣଶ୍ୟତି ।। ୬-୩୦।।**

(ଯେଉଁ ପୁରୁଷ ସକଳପ୍ରାଣୀ ଠାରେ ସକଳଙ୍କର ଆତ୍ମାରୂପେ ମୋତେ ବ୍ୟାପି ରହିଥିବା ଦେଖନ୍ତି ଓ ସକଳ ପ୍ରାଣୀଙ୍କୁ ମୋର ଅନ୍ତର୍ଗତ ଥିବା ଦେଖନ୍ତି, ତାଙ୍କପାଇଁ ମୁଁ ଅଦୃଶ୍ୟ ହୁଏ ନାହିଁ, କି ସେ ମୋ ପାଇଁ ଅଦୃଶ୍ୟ ହୁଅନ୍ତି ନାହିଁ ।। ୬-୩୦ ।।)

**ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।**
**ସର୍ବଥା ବର୍ତମାନୋଽପି ସ ଯୋଗୀ ମୟି ବର୍ତତେ ।। ୬-୩୧।।**

(ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ ଭଜନ୍ତି, ସେହି ଯୋଗୀ ସକଳ ପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି ।। ୬-୩୧ ।।)

**ଆତ୍ମୌପମ୍ୟେନ ସର୍ବତ୍ର ସମଂ ପଶ୍ୟତି ଯୋଽର୍ଜୁନ ।**
**ସୁଖଂ ବା ଯଦି ବା ଦୁଃଖଂ ସ ଯୋଗୀ ପରମୋ ମତଃ ।। ୬-୩୨।।**

(ହେ ଅର୍ଜୁନ ! ସକଳଭୂତରେ ଆତ୍ମଭାବ ହୋଇଥିବାରୁ ଯେଉଁ ଯୋଗୀ ସମସ୍ତଙ୍କୁ ନିଜପରି ସମଭାବରେ ଦେଖନ୍ତି ଏବଂ ସମସ୍ତଙ୍କର ସୁଖଦୁଃଖକୁ ବି ନିଜର ସୁଖଦୁଃଖ ସମାନ ଦେଖନ୍ତି, ତାଙ୍କୁ ପରମ ଶ୍ରେଷ୍ଠ ବୋଲି ସ୍ୱୀକାର କରାଯାଏ ।। ୬-୩୨ ।।)

Not For Commercial Use

**। ଅର୍ଜୁନ ଉବାଚ ।**

**ଯୋଽୟଂ ଯୋଗସ୍ତ୍ୱୟା ପ୍ରୋକ୍ତଃ ସାମ୍ୟେନ ମଧୁସୂଦନ ।**
**ଏତସ୍ୟାହଂ ନ ପଶ୍ୟାମି ଚଞ୍ଚଲତ୍ୱାତ୍ସ୍ଥିତିଂ ସ୍ଥିରାମ୍ ।। ୬-୩୩।।**

(ଅର୍ଜୁନ କହିଲେ – ହେ ମଧୁସୂଦନ ! ଆପଣଙ୍କ ଦ୍ୱାରା ଏହି ଯେଉଁ ସମତ୍ୱରୂପକ ଯୋଗ କୁହାଗଲା, ମନର ଚଞ୍ଚଳତା ହେତୁ ମୁଁ ତାହାର ନିତ୍ୟସ୍ଥିତି ଦେଖିପାରୁ ନାହିଁ ।। ୬-୩୩ ।।)

**ଚଞ୍ଚଲଂ ହି ମନଃ କୃଷ୍ଣ ପ୍ରମାଥି ବଲବଦ୍ ଦୃଢମ୍ ।**
**ତସ୍ୟାହଂ ନିଗ୍ରହଂ ମନ୍ୟେ ବାୟୋରିବ ସୁଦୁଷ୍କରମ୍ ।। ୬-୩୪।।**

(କାରଣ ହେ ଶ୍ରୀକୃଷ୍ଣ ! ଏହି ମନ ବଡ ଚଞ୍ଚଳ, ଇନ୍ଦ୍ରିୟ ବିକ୍ଷୋଭକାରୀ, ବଡ ଦୃଢ ଓ ବଳବାନ ଅଟେ, ତେଣୁ ମୁଁ ଭାବୁଛି, ତାହାକୁ ବଶ କରିବା ବାୟୁକୁ ବଶ କରିବାପରି ଅତ୍ୟନ୍ତ ଦୁଷ୍କର ।। ୬-୩୪ ।।)

**। ଶ୍ରୀଭଗବାନୁବାଚ ।**

**ଅସଂଶୟଂ ମହାବାହୋ ମନୋ ଦୁର୍ନିଗ୍ରହଂ ଚଲମ୍ ।**
**ଅଭ୍ୟାସେନ ତୁ କୌନ୍ତେୟ ବୈରାଗ୍ୟେଣ ଚ ଗୃହ୍ୟତେ ।। ୬-୩୫।।**

(ଶ୍ରୀଭଗବାନ କହିଲେ – ହେ ମହାବାହୁ ! ମନ ଯେ ଚଞ୍ଚଳ ଓ ବଡ କଷ୍ଟରେ ବଶୀଭୂତ ହୁଏ, ତାହା ନିଃସନ୍ଦେହ । କିନ୍ତୁ ହେ କୁନ୍ତିପୁତ୍ର ଅର୍ଜୁନ ! ଏହା ଅଭ୍ୟାସ ଓ ବୈରାଗ୍ୟ ଦ୍ୱାରା ବଶୀଭୂତ ହୋଇଥାଏ ।। ୬-୩୫ ।।)

**ଅସଂୟତାତ୍ମନା ଯୋଗୋ ଦୁଷ୍ପ୍ରାପ ଇତି ମେ ମତିଃ ।**
**ବଶ୍ୟାତ୍ମନା ତୁ ଯତତା ଶକ୍ୟୋଽବାପ୍ତୁମୁପାୟତଃ ।। ୬-୩୬।।**

(ଯାହାର ମନ ସଂଯତ ହୋଇ ନାହିଁ, ତା'ଦ୍ୱାରା ଯୋଗ ଦୁଷ୍ପ୍ରାପ୍ୟ ଓ ମନକୁ ବଶ କରିଥିବା ପ୍ରଯତ୍ନଶୀଳ ପୁରୁଷଙ୍କ ଦ୍ୱାରା ସାଧନା ବଳରେ ତାହା ପ୍ରାପ୍ତ ହେବା ସହଜ – ଏହା ମୋର ମତ ।। ୬-୩୬ ।।)



Not For Commercial Use

**। ଅର୍ଜୁନ ଉବାଚ ।**

**ଅୟତିଃ ଶ୍ରଦ୍ଧୟୋପେତୋ ଯୋଗାଚ୍ଚଲିତମାନସଃ ।**
**ଅପ୍ରାପ୍ୟ ଯୋଗସଂସିଦ୍ଧିଂ କାଂ ଗତିଂ କୃଷ୍ଣ ଗଚ୍ଛତି ।। ୬-୩୭।।**

(ଅର୍ଜୁନ ପଚାରିଲେ – ହେ ଶ୍ରୀକୃଷ୍ଣ ! ଯିଏ ଯୋଗରେ ଶ୍ରଦ୍ଧା ରଖନ୍ତି କିନ୍ତୁ ସଂଯମୀ ନୁହନ୍ତି ଏବଂ ସେହି କାରଣରୁ ଯାହାଙ୍କ ମନ ଅନ୍ତକାଳରେ ଯୋଗରୁ ବିଚଳିତ ହୋଇଯାଏ, ସେପରି ସାଧକ ଯୋଗସିଦ୍ଧି ଅର୍ଥାତ, ଭଗବତ ସାକ୍ଷାତକାର ପ୍ରାପ୍ତି କରି ନ ପାରି କେଉଁ ଗତି ପ୍ରାପ୍ତ ହୁଅନ୍ତି ? ।। ୬-୩୭ ।।)

**କଚ୍ଚିନ୍ନୋଭୟବିଭ୍ରଷ୍ଟଶ୍ଛିନ୍ନାଭ୍ରମିବନଶ୍ୟତି ।**
**ଅପ୍ରତିଷ୍ଠୋ ମହାବାହୋ ବିମୂଢୋ ବ୍ରହ୍ମଣଃ ପଥି ।। ୬-୩୮।।**

(ହେ ମହାବାହୋ ! କ'ଣ ସେହି ଭଗବତପ୍ରାପ୍ତି ମାର୍ଗରେ ମୋହିତ ଓ ଆଶ୍ରୟରୁ ବଞ୍ଚିତ ହୋଇଯାଇଥିବା ପୁରୁଷ ଛିନ୍ନଭିନ୍ନ ମେଘପରି ଉଭୟ ଦିଗରୁ ଭ୍ରଷ୍ଟହୋଇ ନଷ୍ଟ ହୋଇଯାନ୍ତି ନାହିଁ କି ?

**ଏତନ୍ମେ ସଂଶୟଂ କୃଷ୍ଣ ଛେତ୍ତୁମର୍ହସ୍ୟଶେଷତଃ ।**
**ତ୍ୱଦନ୍ୟଃ ସଂଶୟସ୍ୟାସ୍ୟ ଛେତ୍ତା ନ ହ୍ୟୁପପଦ୍ୟତେ ।। ୬-୩୯।।**

(ହେ ଶ୍ରୀକୃଷ୍ଣ ! ମୋର ଏହି ସଂଶୟ ସଂପୂର୍ଣ୍ଣରୂପେ ଛେଦନ କରିବାକୁ ଆପଣ ହିଁ ସମର୍ଥ ଅଟନ୍ତି; କାରଣ ଆପଣଙ୍କ ବ୍ୟତୀତ ଅନ୍ୟ କେହି ଏହି ସଂଶୟର ଛେଦନକାରୀ ମିଳିବା ସମ୍ଭବ ନୁହେଁ ।। ୬-୩୯ ।।)

**। ଶ୍ରୀଭଗବାନୁବାଚ ।**

**ପାର୍ଥ ନୈବେହ ନାମୁତ୍ର ବିନାଶସ୍ତସ୍ୟ ବିଦ୍ୟତେ ।**
**ନ ହି କଲ୍ୟାଣକୃତ୍କଶ୍ଚିଦ୍ ଦୁର୍ଗତିଂ ତାତ ଗଚ୍ଛତି ।। ୬-୪୦।।**

(ଶ୍ରୀଭଗବାନ କହିଲେ – ହେ ପାର୍ଥ ! ସେହି ପୁରୁଷଙ୍କର ଇହଲୋକରେ ବିନାଶ ହୁଏ ନାହିଁ, କି ପରଲୋକରେ ବିନାଶ ହୁଏ ନାହିଁ; କାରଣ ହେ ପ୍ରୀୟ ! ଆତ୍ମୋଦ୍ଧାର ପାଇଁ ଅର୍ଥାତ, ଭଗବତପ୍ରାପ୍ତି ପାଇଁ କର୍ମ କରୁଥିବା କୌଣସି ବି ପୁରୁଷ ଦୁର୍ଗତି ପ୍ରାପ୍ତ ହୁଅନ୍ତି ନାହିଁ ।। ୬-୪୦ ।।)

Not For Commercial Use

**ପ୍ରାପ୍ୟ ପୁଣ୍ୟକୃତାଂ ଲୋକାନୁଷିତ୍ୱା ଶାଶ୍ୱତୀଃ ସମାଃ ।**
**ଶୁଚୀନାଂ ଶ୍ରୀମତାଂ ଗେହେ ଯୋଗଭ୍ରଷ୍ଟୋଽଭିଜାୟତେ ।। ୬-୪୧।।**

(ଯୋଗଭ୍ରଷ୍ଟ ପୁରୁଷ ପୁନ୍ୟବାନମାନଙ୍କର ଲୋକ ଅର୍ଥାତ, ସ୍ୱର୍ଗାଦି ଉତ୍ତମଲୋକ ପ୍ରାପ୍ତ ହୋଇ, ବହୁ ବର୍ଷଯାଏ ସେଠାରେ ନିବାସ କରି, ଶୁଦ୍ଧ ଆଚରଣ ବିଶିଷ୍ଟ ଶ୍ରୀମନ୍ତ (ଲକ୍ଷ୍ମୀମନ୍ତ) ପୁରୁଷମାନଙ୍କ ଗୃହରେ ଜନ୍ମ ନିଅନ୍ତି ।। ୬-୪୧ ।।)

**ଅଥବା ଯୋଗିନାମେବ କୁଲେ ଭବତି ଧୀମତାମ୍ ।**
**ଏତଦ୍ଧି ଦୁର୍ଲଭତରଂ ଲୋକେ ଜନ୍ମ ଯଦୀଦୃଶମ୍ ।। ୬-୪୨।।**

(ଅଥବା, ବୈରାଗ୍ୟବାନ ପୁରୁଷ ସେସବୁ ଲୋକକୁ ନ ଯାଇ ଜ୍ଞାନବାନ ଯୋଗୀମାନଙ୍କର କୁଳରେ ହିଁ ଜନ୍ମନ୍ତି; କିନ୍ତୁ ଏପରି ଜନ୍ମ ସଂସାରରେ ନିଃସନ୍ଦେହ ଅତ୍ୟନ୍ତ ଦୁର୍ଲଭ ।। ୬-୪୨ ।।)

**ତତ୍ର ତଂ ବୁଦ୍ଧିସଂଯୋଗଂ ଲଭତେ ପୌର୍ବଦେହିକମ୍ ।**
**ଯତତେ ଚ ତତୋ ଭୂୟଃ ସଂସିଦ୍ଧୌ କୁରୁନନ୍ଦନ ।। ୬-୪୩।।**

(ସେଠାରେ ପୂର୍ବଜନ୍ମର ଶରୀରରେ ସଂଗ୍ରହ କରିଥିବା ବୁଦ୍ଧିର ସେହି ସଂଯୋଗକୁ ଅର୍ଥାତ, ସମବୁଦ୍ଧିରୂପକ ଯୋଗ ସଂସ୍କାରମାନଙ୍କୁ ସେ ସହଜରେ ପ୍ରାପ୍ତ ହୋଇଯାନ୍ତି ଏବଂ ହେ କୁରୁନନ୍ଦନ ! ତାହାର ପ୍ରଭାବରେ ସେ ପୁଣିଥରେ ପରମାତ୍ମାପ୍ରାପ୍ତି ରୂପକ ସିଦ୍ଧିପାଇଁ ପୂର୍ବ ଅପେକ୍ଷା ଅଧିକ ପ୍ରଯତ୍ନ କରନ୍ତି ।। ୬-୪୩ ।।)

**ପୂର୍ବାଭ୍ୟାସେନ ତେନୈବ ହ୍ରିୟତେ ହ୍ୟବଶୋଽପି ସଃ ।**
**ଜିଜ୍ଞାସୁରପି ଯୋଗସ୍ୟ ଶବ୍ଦବ୍ରହ୍ମାତିବର୍ତତେ ।। ୬-୪୪।।**

(ଲକ୍ଷ୍ମୀବାନ ଲୋକଙ୍କ ଘରେ ଜନ୍ମ ହୋଇଥିବା ସେହି ଯୋଗଭ୍ରଷ୍ଟ ପୁରୁଷ ପରାଧୀନ ହୋଇ ମଧ୍ୟ ପୂର୍ବାଭ୍ୟାସ ପ୍ରଭାବରେ ହିଁ ନିଃସନ୍ଦେହ ଭଗବାନଙ୍କ ପ୍ରତି ଆକର୍ଷିତ ହୁଅନ୍ତି, ତଥା ସମବୁଦ୍ଧିରୂପକ ଯୋଗର ଜିଜ୍ଞାସୁ ମଧ୍ୟ ବେଦରେ କଥିତ ସକାମକର୍ମର ଫଳକୁ ଅତିକ୍ରମ କରିଯାଆନ୍ତି ।। ୬-୪୪ ।।)

Not For Commercial Use

**ପ୍ରଯତ୍ନାଦ୍ୟତମାନସ୍ତୁ ଯୋଗୀ ସଂଶୁଦ୍ଧକିଲ୍‌ବିଷଃ ।**
**ଅନେକଜନ୍ମସଂସିଦ୍ଧସ୍ତତୋ ଯାତି ପରାଂ ଗତିମ୍ ।। ୬-୪୫।।**

(ପରନ୍ତୁ ପ୍ରଯତ୍ନପୂର୍ବକ ଅଭ୍ୟାସ କରୁଥିବା ଯୋଗୀ ତ ପୂର୍ବର ଅନେକ ଜନ୍ମର ସଂସ୍କାର ବଳରେ ଇହଜନ୍ମରେ ସଂସିଦ୍ଧ ହୋଇ, ସମସ୍ତ ପାପରୁ ମୁକ୍ତ ହୋଇ, ତତ୍କାଳ ହିଁ ପରମଗତି ପ୍ରାପ୍ତ ହୋଇଯାଆନ୍ତି ।। ୬-୪୫ ।।)

**ତପସ୍ୱିଭ୍ୟୋଽଧିକୋ ଯୋଗୀ ଜ୍ଞାନିଭ୍ୟୋଽପି ମତୋଽଧିକଃ ।**
**କର୍ମିଭ୍ୟଶ୍ଚାଧିକୋ ଯୋଗୀ ତସ୍ମାଦ୍ୟୋଗୀ ଭବାର୍ଜୁନ ।। ୬-୪୬।।**

(ଯୋଗୀ ତପସ୍ୱୀମାନଙ୍କ ଠାରୁ ଶ୍ରେଷ୍ଠ; ଶାସ୍ତ୍ରଜ୍ଞାନୀମାନଙ୍କ ଠାରୁ ମଧ୍ୟ ଶ୍ରେଷ୍ଠ ବୋଲି ଗଣ୍ୟ ଏବଂ ସକାମକର୍ମ କରୁଥିବା ଲୋକଙ୍କ ଠାରୁ ମଧ୍ୟ ଯୋଗୀ ଶ୍ରେଷ୍ଠ; ତେଣୁ ହେ ଅର୍ଜୁନ ! ତୁମେ ଯୋଗୀ ହୋଇଯାଅ ।। ୬-୪୬।।)

**ଯୋଗିନାମପି ସର୍ବେଷାଂ ମଦ୍ଗତେନାନ୍ତରାତ୍ମନା ।**
**ଶ୍ରଦ୍ଧାବାନ୍ ଭଜତେ ଯୋ ମାଂ ସ ମେ ଯୁକ୍ତତମୋ ମତଃ ।। ୬-୪୭।।**

(ସମସ୍ତ ଯୋଗୀମାନଙ୍କ ମଧ୍ୟରେ ବି ଯେଉଁ ଶ୍ରଦ୍ଧାବାନ ଯୋଗୀ ମୋଠାରେ ଲାଗିରହିଥିବା ଅନ୍ତରାତ୍ମା ଦ୍ୱାରା ମୋତେ ନିରନ୍ତର ଭଜୁଥାନ୍ତି, ସେହି ଯୋଗୀ ମୋ ପକ୍ଷରେ ପରମ ଶ୍ରେଷ୍ଠ ବୋଲି ମାନ୍ୟ ଅଟନ୍ତି ।। ୬-୪୭ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଆତ୍ମସଂଯମଯୋଗୋ ନାମ ଷଷ୍ଠୋଽଧ୍ୟାୟଃ ।। ୬।।**

Not For Commercial Use

# ସପ୍ତମ ଅଧ୍ୟାୟ

(Chapter – 7)

## ଜ୍ଞାନବିଜ୍ଞାନଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ସପ୍ତମୋଽଧ୍ୟାୟଃ ।।

।। ଅଥ ସପ୍ତମୋଽଧ୍ୟାୟଃ । ଜ୍ଞାନବିଜ୍ଞାନଯୋଗଃ ।।

**। ଶ୍ରୀଭଗବାନୁବାଚ ।**

**ମୟ୍ୟାସକ୍ତମନାଃ ପାର୍ଥ ଯୋଗଂ ଯୁଞ୍ଜନ୍ମଦାଶ୍ରୟଃ ।**
**ଅସଂଶୟଂ ସମଗ୍ରଂ ମାଂ ଯଥା ଜ୍ଞାସ୍ୟସି ତଚ୍ଛୃଣୁ ।। ୭-୧।।**

(ଶ୍ରୀଭଗବାନ କହିଲେ – ହେ ପାର୍ଥ ! ଅନନ୍ୟପ୍ରେମରେ ମୋଠାରେ ଆସକ୍ତିଚିତ୍ତ ହୋଇ ତଥା ଅନନ୍ୟଭାବରେ ମୋର ପରାୟଣ ହୋଇ ଯୋଗରତ ହେଲେ ତୁମେ ଯେପରି ସକଳ ବିଭୁତି, ବଳ, ଐଶ୍ୱର୍ଯ୍ୟାଦି ଗୁଣଯୁକ୍ତ ଓ ସମସ୍ତଙ୍କର ଆତ୍ମରୂପ ମୋତେ ନିଃସଂଶୟଭାବରେ ଜାଣିପାରିବ, ତାହା ଶୁଣ ।। ୭-୦୧ ।।)

**ଜ୍ଞାନଂ ତେଽହଂ ସବିଜ୍ଞାନମିଦଂ ବକ୍ଷ୍ୟାମ୍ୟଶେଷତଃ ।**
**ଯଜ୍ଜ୍ଞାତ୍ୱା ନେହ ଭୂୟୋଽନ୍ୟଜ୍ଜ୍ଞାତବ୍ୟମବଶିଷ୍ୟତେ ।। ୭-୨।।**

(ମୁଁ ତୁମକୁ ବିଜ୍ଞାନ ସହିତ ଏହି ତତ୍ତ୍ୱଜ୍ଞାନ ସଂପୂର୍ଣ୍ଣଭାବରେ କହିଦେବି; ଏହା ଜାଣିଗଲେ ସଂସାରରେ ଆଉ କିଛି ଜାଣିବାର ଯୋଗ୍ୟ ବସ୍ତୁ ବାକି ରହିଯାଏ ନାହିଁ ।। ୭-୦୨।।)

**ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ୟତତି ସିଦ୍ଧୟେ ।**
**ଯତତାମପି ସିଦ୍ଧାନାଂ କଶ୍ଚିନ୍ମାଂ ବେତ୍ତି ତତ୍ତ୍ୱତଃ ।। ୭-୩।।**

(ସହସ୍ର ସହସ୍ର ମନୁଷ୍ୟଙ୍କ ମଧ୍ୟରୁ କ୍ୱଚିତ କେହି ଜଣେ ମୋର ପ୍ରାପ୍ତିପାଇଁ ଯତ୍ନ କରିଥାନ୍ତି ଏବଂ ସେହି ଯତ୍ନ କରୁଥିବା ଯୋଗୀମାନଙ୍କ ମଧ୍ୟରୁ ବି କ୍ୱଚିତ କେହି ଜଣେ ମୋର ପରାୟଣ ହୋଇ ମୋତେ ତତ୍ତ୍ୱତଃ ଯଥାର୍ଥରୂପରେ ଜାଣନ୍ତି ।। ୭-୦୩ ।।)

**ଭୂମିରାପୋଽନଲୋ ବାୟୁଃ ଖଂ ମନୋ ବୁଦ୍ଧିରେବ ଚ ।**
**ଅହଂକାର ଇତୀୟଂ ମେ ଭିନ୍ନା ପ୍ରକୃତିରଷ୍ଟଧା ।। ୭-୪।।**
**ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।**
**ଜୀବଭୂତାଂ ମହାବାହୋ ୟୟେଦଂ ଧାର୍ୟତେ ଜଗତ୍ ।। ୭-୫।।**

(ଭୂମି, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଂକାର – ଏପରି ଆଠ ପ୍ରକାରରେ ବିଭକ୍ତ ପ୍ରକୃତି ମୋର ହିଁ ପ୍ରକୃତି ଅଟେ । ଏହି ଆଠପ୍ରକାରେ ବିଭକ୍ତ ପ୍ରକୃତି ତ ମୋର ଅପରା ଅର୍ଥାତ, ଜଡପ୍ରକୃତି । ହେ ମହାବାହୁ ! ଏହିଠାରୁ ଭିନ୍ନ ଅନ୍ୟ ପ୍ରକୃତି, ଯାହା କି ସମସ୍ତ ଜଗତକୁ ଧରିରଖିଛି, ତାହା ମୋର ଜୀବରୂପା ପରା ଅର୍ଥାତ, ଚେତନପ୍ରକୃତି ବୋଲି ଜାଣ ।। ୭-୦୪, ୭-୦୫ ।।)

**ଏତଦ୍ୟୋନୀନି ଭୂତାନି ସର୍ବାଣୀତ୍ୟୁପଧାରୟ ।**
**ଅହଂ କୃତ୍ସ୍ନସ୍ୟ ଜଗତଃ ପ୍ରଭବଃ ପ୍ରଳୟସ୍ତଥା ।। ୭-୬।।**

(ହେ ଅର୍ଜୁନ ! ତୁମେ ଜାଣ ଯେ, ସକଳ ଭୂତ ଏହି ଦୁଇ ପ୍ରକୃତିରୁ ହିଁ ଜାତ ହୋଇଛନ୍ତି ଏବଂ ମୁଁ ହେଉଛି ସମଗ୍ର ଜଗତର ଉତ୍ପତ୍ତି ତଥା ପ୍ରଳୟର ହେତୁ; ଅର୍ଥାତ ମୁଁ ସଂପୂର୍ଣ୍ଣ ଜଗତର ମୂଳକାରଣ ।।)

**ମତ୍ତଃ ପରତରଂ ନାନ୍ୟତ୍କିଞ୍ଚିଦସ୍ତି ଧନଂଜୟ ।**
**ମୟି ସର୍ବମିଦଂ ପ୍ରୋତଂ ସୂତ୍ରେ ମଣିଗଣା ଇବ ।। ୭-୭।।**

(ହେ ଧନଂଜୟ ! ମୋଠାରୁ ଭିନ୍ନ ଅନ୍ୟ କୌଣସି ପରମକାରଣ ନାହିଁ । ସୂତାରେ ସୂତାର ମଣିଗୁଡିଏ ଗୁନ୍ଥି ହୋଇଥିବା ପରି ଏହି ସମସ୍ତ ଜଗତ ମୋଠାରେ ଗୁନ୍ଥା ହୋଇ ରହିଛି, ଅର୍ଥାତ ଏହି ସମସ୍ତ ଜଗତରେ ମୁଁ ଓତପ୍ରୋତ ହୋଇ ରହିଛି ।। ୭-୦୭ ।।)

**ରସୋଽହମପ୍ସୁ କୌନ୍ତେୟ ପ୍ରଭାସ୍ମି ଶଶିସୂର୍ୟୟୋଃ ।**
**ପ୍ରଣବଃ ସର୍ବବେଦେଷୁ ଶବ୍ଦଃ ଖେ ପୌରୁଷଂ ନୃଷୁ ।। ୭-୮।।**

(ମୁଁ ଅର୍ଜୁନ ! ମୁଁ ହେଉଛି ଜଳରେ ରସ, ଚନ୍ଦ୍ର ଓ ସୂର୍ୟ୍ୟରେ ଆଲୋକ, ସକଳ ବେଦରେ ଓଁକାର, ଆକାଶରେ ଶବ୍ଦ ଏବଂ ପୁରୁଷମାନଙ୍କ ଠାରେ ପୁରୁଷତ୍ୱ ।। ୭-୦୮ ।।)

Not For Commercial Use

**ପୁଣ୍ୟୋ ଗନ୍ଧଃ ପୃଥିବ୍ୟାଂ ଚ ତେଜଶ୍ଚାସ୍ମି ବିଭାବସୌ ।**
**ଜୀବନଂ ସର୍ବଭୂତେଷୁ ତପଶ୍ଚାସ୍ମି ତପସ୍ୱିଷୁ ।। ୭-୯।।**

(ମୁଁ ପୃଥିବୀରେ ପବିତ୍ର ଗନ୍ଧ, ଅଗ୍ନିରେ ତେଜ ତଥା ସକଳ ଜୀବଙ୍କ ଠାରେ ଜୀବନ ଓ ତପସ୍ୱୀମାନଙ୍କ ଠାରେ ତପ ଅଟେ ।। ୭-୦୯ ।।)

**ବୀଜଂ ମାଂ ସର୍ବଭୂତାନାଂ ବିଦ୍ଧି ପାର୍ଥ ସନାତନମ୍‌ ।**
**ବୁଦ୍ଧିର୍ବୁଦ୍ଧିମତାମସ୍ମି ତେଜସ୍ତେଜସ୍ୱିନାମହମ୍‌ ।। ୭-୧୦।।**

(ହେ ଅର୍ଜୁନ ! ତୁମେ ମୋତେ ହିଁ ସକଳ ଭୂତଙ୍କର ସନାତନ ବୀଜ ବୋଲି ଜାଣ । ମୁଁ ହିଁ ବୁଦ୍ଧିମାନମାନଙ୍କର ବୁଦ୍ଧି ଓ ତେଜସ୍ୱୀମାନଙ୍କର ତେଜ ଅଟେ ।। ୭-୧୦ ।।)

**ବଲଂ ବଲବତାଂ ଚାହଂ କାମରାଗବିବର୍ଜିତମ୍‌ ।**
**ଧର୍ମାବିରୁଦ୍ଧୋ ଭୂତେଷୁ କାମୋଽସ୍ମି ଭରତର୍ଷଭ ।। ୭-୧୧।।**

(ହେ ଭରତଶ୍ରେଷ୍ଠ ! ମୁଁ ବଳବାନମାନଙ୍କର ଆସକ୍ତିଶୂନ୍ୟ ଓ କାମନାଶୂନ୍ୟ ବଳ ଅର୍ଥାତ, ସାମର୍ଥ୍ୟ ଏବଂ ସକଳ ପ୍ରାଣୀମାନଙ୍କ ମଧ୍ୟରେ ଧର୍ମର ଅବିରୁଦ୍ଧ, ଅର୍ଥାତ ଶାସ୍ତ୍ରର ଅନୁକୂଳ କାମ ଅଟେ ।। ୭-୧୧ ।।)

**ୟେ ଚୈବ ସାତ୍ତ୍ୱିକା ଭାବା ରାଜସାସ୍ତାମସାଶ୍ଚ ୟେ ।**
**ମତ୍ତ ଏବେତି ତାନ୍ୱିଦ୍ଧି ନ ତ୍ୱହଂ ତେଷୁ ତେ ମୟି ।। ୭-୧୨।।**

(ଆହୁରି ମଧ୍ୟ ସତ୍ତ୍ୱଗୁଣରୁ ଜାତ ଯେଉଁସବୁ ଭାବ ରହିଛି ଏବଂ ରଜୋଗୁଣରୁ ତଥା ତମୋଗୁଣରୁ ଜାତ ଯେଉଁସବୁ ଭାବ ରହିଛି, ସେସବୁ ମୋଠାରୁ ଉତ୍ପନ୍ନ ବୋଲି ଜାଣ; କିନ୍ତୁ ପ୍ରକୃତରେ ମୁଁ ସେସବୁରେ ନାହିଁ, କି ସେସବୁ ମୋଠାରେ ନାହାନ୍ତି ।। ୭-୧୨ ।।)

Not For Commercial Use

**ତ୍ରିଭିର୍ଗୁଣମୟୈର୍ଭାବୈରେଭିଃସର୍ବମିଦଂ ଜଗତ୍ ।**
**ମୋହିତଂ ନାଭିଜାନାତି ମାମେଭ୍ୟଃ ପରମବ୍ୟୟମ୍ ।। ୭-୧୩।।**

(ଗୁଣମାନଙ୍କର କାର୍ଯ୍ୟରୂପ ସାତ୍ତ୍ୱିକ, ରାଜସ ଓ ତାମସ - ଏହି ତିନିପ୍ରକାର ଭାବଦ୍ୱାରା ଏହି ସାରା ସଂସାର ଅର୍ଥାତ, ପ୍ରାଣୀସମୁଦାୟ ମୋହିତ ହେଉଛି, ଏଣୁ ଏହି ତିନିଗୁଣରୁ ଅତୀତ ହୋଇ ରହିଥିବା ଅବିନାଶୀସ୍ୱରୂପକୁ ଚିହ୍ନି ପାରୁନାହିଁ ।। ୭-୧୩ ।।)

**ଦୈବୀ ହ୍ୟେଷା ଗୁଣମୟୀ ମମ ମାୟା ଦୁରତ୍ୟୟା ।**
**ମାମେବ ୟେ ପ୍ରପଦ୍ୟନ୍ତେ ମାୟାମେତାଂ ତରନ୍ତି ତେ ।। ୭-୧୪।।**

(କାରଣ ମୋର ଏହି ମାୟା ଅଲୌକିକ ଅର୍ଥାତ, ଅତ୍ୟନ୍ତ ଅଦ୍-ଭୁତ ଓ ତ୍ରିଗୁଣମୟୀ ହୋଇଥିବାରୁ ବଡ ଦୁସ୍ତର ବା କଷ୍ଟ । ପରନ୍ତୁ, ଯେଉଁମାନେ କେବଳ ମୋତେ ହିଁ ନିରନ୍ତର ଭଜନ କରନ୍ତି, ସେମାନେ ଏହି ମାୟାକୁ ଉଲ୍ଲଙ୍ଘନ କରିଯାଆନ୍ତି, ଅର୍ଥାତ ସଂସାରରୁ ତରିଯାଆନ୍ତି ।। ୭-୧୪ ।।)

**ନ ମାଂ ଦୁଷ୍କୃତିନୋ ମୂଢାଃ ପ୍ରପଦ୍ୟନ୍ତେ ନରାଧମାଃ ।**
**ମାୟୟାପହୃତଜ୍ଞାନା ଆସୁରଂ ଭାବମାଶ୍ରିତାଃ ।। ୭-୧୫।।**

(ଯେଉଁମାନଙ୍କର ଜ୍ଞାନ ମାୟାଦ୍ୱାରା ଅପହୃତ ହୋଇଯାଇଛି, ସେପରି ଆସୁରସ୍ୱଭାବ ଧରିଥିବା ଲୋକମାନେ ତଥା ମନୁଷ୍ୟମାନଙ୍କ ମଧ୍ୟରେ ନୀଚ, ଦୂଷିତକର୍ମା ମୂଢମାନେ ମୋତେ ଭଜନ କରନ୍ତି ନାହିଁ ।। ୭-୧୫ ।।)

**ଚତୁର୍ବିଧା ଭଜନ୍ତେ ମାଂ ଜନାଃ ସୁକୃତିନୋଽର୍ଜୁନ ।**
**ଆର୍ତୋ ଜିଜ୍ଞାସୁରର୍ଥାର୍ଥୀ ଜ୍ଞାନୀ ଚ ଭରତର୍ଷଭ ।। ୭-୧୬।।**

(ହେ ଭରତବଂଶୀଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ ! ଉତ୍ତମକର୍ମ କରୁଥିବା ଅର୍ଥାର୍ଥୀ, ଆର୍ତ୍ତ, ଜିଜ୍ଞାସୁ ଓ ଜ୍ଞାନୀ – ଏପରି ଚାରିପ୍ରକାର ଭକ୍ତଜନ ମୋତେ ଭଜନ କରନ୍ତି ।। ୭-୧୬ ।।)

**ତେଷାଂ ଜ୍ଞାନୀ ନିତ୍ୟଯୁକ୍ତ ଏକଭକ୍ତିର୍ବିଶିଷ୍ୟତେ ।**
**ପ୍ରିୟୋ ହି ଜ୍ଞାନିନୋଽତ୍ୟର୍ଥମହଂ ସ ଚ ମମ ପ୍ରିୟଃ ।। ୭-୧୭।।**

(ସେମାନଙ୍କ ମଧ୍ୟରେ ମୋଠାରେ ନିତ୍ୟ ଏକୀଭାବରେ ସ୍ଥିତ ଏବଂ ଅନନ୍ୟ ପ୍ରେମଭକ୍ତି ରଖିଥିବା ଜ୍ଞାନୀଭକ୍ତ ଅତ୍ୟନ୍ତ ଉତ୍ତମ ଅଟନ୍ତି; କାରଣ ମୋତେ ତତ୍ତ୍ୱତଃ ଜାଣିଥିବା ଜ୍ଞାନୀଙ୍କର ମୁଁ ଅତ୍ୟନ୍ତ ପ୍ରିୟ ଏବଂ ସେହି ଜ୍ଞାନୀ ମୋର ଅତ୍ୟନ୍ତ ପ୍ରିୟ ।। ୭-୧୭ ।।)

**ଉଦାରାଃ ସର୍ବ ଏବୈତେ ଜ୍ଞାନୀ ତ୍ୱାତ୍ମୈବ ମେ ମତମ୍ ।**
**ଆସ୍ଥିତଃ ସ ହି ଯୁକ୍ତାତ୍ମା ମାମେବାନୁତ୍ତମାଂ ଗତିମ୍ ।। ୭-୧୮।।**

(ଏମାନେ ସମସ୍ତେ ହିଁ ଉଦାର ଅଟନ୍ତି; କିନ୍ତୁ ମୋ ମତରେ ଜ୍ଞାନୀ ତ ସାକ୍ଷାତ ମୋର ହିଁ ସ୍ୱରୂପ ଅଟନ୍ତି; କାରଣ ସେହି ମଦ୍ଗତ ମନ-ବୁଦ୍ଧିସମ୍ପନ୍ନ ଜ୍ଞାନୀଭକ୍ତ ଅତି ଉତ୍ତମ ଗତିସ୍ୱରୂପ ମୋଠାରେ ହିଁ ଭଲରୂପେ ଅବସ୍ଥିତ ହୋଇଥାନ୍ତି ।। ୭-୧୮ ।।)

**ବହୂନାଂ ଜନ୍ମନାମନ୍ତେ ଜ୍ଞାନବାନ୍ମାଂ ପ୍ରପଦ୍ୟତେ ।**
**ବାସୁଦେବଃ ସର୍ବମିତି ସ ମହାତ୍ମା ସୁଦୁର୍ଲଭଃ ।। ୭-୧୯।।**

(ବହୁଜନ୍ମର ଶେଷ ଜନ୍ମରେ ତତ୍ତ୍ୱଜ୍ଞାନ ପ୍ରାପ୍ତ ପୁରୁଷ, "ସବୁ କିଛି କେବଳ ବାସୁଦେବ ହିଁ ଅଟେ" – ଏହି ଭାବ ରଖି ମୋତେ ଭଜନ୍ତି । ସେପରି ମହାତ୍ମା ଅତ୍ୟନ୍ତ ଦୁର୍ଲଭ ।। ୭-୧୯ ।।)

**କାମୈସ୍ତୈସ୍ତୈର୍ହୃତଜ୍ଞାନାଃପ୍ରପଦ୍ୟନ୍ତେଽନ୍ୟଦେବତାଃ ।**
**ତଂ ତଂ ନିୟମମାସ୍ଥାୟ ପ୍ରକୃତ୍ୟା ନିୟତାଃ ସ୍ୱୟା ।। ୭-୨୦।।**

(ଭୋଗକାମନା ଦ୍ୱାରା ଯେଉଁମାନଙ୍କର ଜ୍ଞାନ ଅପହୃତ ହୋଇଯାଇଛି, ସେମାନେ ନିଜ ନିଜର ସ୍ୱଭାବ ଦ୍ୱାରା ପ୍ରେରିତ ହୋଇ ସେହି ସେହି ନିୟମ ଧରି ଅନ୍ୟ ଦେବତାମାନଙ୍କୁ ଭଜନ୍ତି ଅର୍ଥାତ ପୂଜା କରନ୍ତି ।। ୭-୨୦ ।।)

Not For Commercial Use

**ଯୋ ଯୋ ଯାଂ ଯାଂ ତନୁଂ ଭକ୍ତଃ ଶ୍ରଦ୍ଧୟାର୍ଚିତୁମିଚ୍ଛତି ।**
**ତସ୍ୟ ତସ୍ୟାଚଲାଂ ଶ୍ରଦ୍ଧାଂ ତାମେବ ବିଦଧାମ୍ୟହମ୍ ।। ୭-୨୧।।**

(ଯେଉଁ ଯେଉଁ ସକାମ ଭକ୍ତ ଯେଉଁ ଯେଉଁ ଦେବତାଙ୍କ ସ୍ୱରୂପକୁ ଶ୍ରଦ୍ଧାରେ ପୂଜା କରିବାକୁ ଇଚ୍ଛା କରନ୍ତି, ସେହି ସେହି ଭକ୍ତଙ୍କ ଶ୍ରଦ୍ଧାକୁ ମୁଁ ସେହି ଦେବତାଙ୍କ ଠାରେ ସ୍ଥିର କରେ ।। ୭-୨୧ ।।)

**ସ ତୟା ଶ୍ରଦ୍ଧୟା ଯୁକ୍ତସ୍ତସ୍ୟାରାଧନମୀହତେ ।**
**ଲଭତେ ଚ ତତଃ କାମାନ୍ମୟୈବ ବିହିତାନ୍ହି ତାନ୍ ।। ୭-୨୨।।**

(ସେହି ଭକ୍ତପୁରୁଷ ସେହି ଶ୍ରଦ୍ଧାରେ ଯୁକ୍ତ ହୋଇ ସେହି ଦେବତାଙ୍କୁ ଆରାଧନା କରନ୍ତି ଓ ମୋରି ଦ୍ୱାରା ବିଧାନ କରାଯାଇଥିବା ତାଙ୍କର ସେହି ଇଚ୍ଛିତ ଭୋଗମାନଙ୍କୁ ସେହି ଦେବତାଙ୍କ ଠାରୁ ନିଃସନ୍ଦେହ ଲାଭ କରନ୍ତି ।। ୭-୨୨ ।।)

**ଅନ୍ତବତ୍ତୁ ଫଲଂ ତେଷାଂ ତଦ୍-ଭବତ୍ୟଲ୍ପମେଧସାମ୍ ।**
**ଦେବାନ୍-ଦେବୟଜୋ ଯାନ୍ତି ମଦ୍-ଭକ୍ତା ଯାନ୍ତି ମାମପି ।। ୭-୨୩।।**

(ପରନ୍ତୁ, ସେହି ଅଳ୍ପବୁଦ୍ଧିମାନଙ୍କର ସେହି ଫଳ ନାଶବାନ ହୁଏ ତଥା ସେହି ଦେବ ପୂଜକମାନେ ଦେବତାଙ୍କୁ ପାଆନ୍ତି; କିନ୍ତୁ ମୋର ଭକ୍ତମାନେ ମୋତେ ଯେକୌଣସି ରୂପରେ ଭଜନ କଲେ ମଧ୍ୟ ଶେଷରେ ମୋତେ ହିଁ ପାଆନ୍ତି ।। ୭-୨୩ ।।)

**ଅବ୍ୟକ୍ତଂ ବ୍ୟକ୍ତିମାପନ୍ନଂ ମନ୍ୟନ୍ତେ ମାମବୁଦ୍ଧୟଃ ।**
**ପରଂ ଭାବମଜାନନ୍ତୋ ମମାବ୍ୟୟମନୁତ୍ତମମ୍ ।। ୭-୨୪।।**

(ବୁଦ୍ଧିହୀନ ମନୁଷ୍ୟମାନେ ମୋର ଅନୁତ୍ତମ ଅବିନାଶୀ ପରମ ଭାବକୁ ନ ଜାଣି, ମନ-ଇନ୍ଦ୍ରିୟର ଅତୀତ ମୋତେ ଅର୍ଥାତ, ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କୁ ସାଧାରଣ ମନୁଷ୍ୟପରି ଜନ୍ମ ହୋଇ ବ୍ୟକ୍ତିଭାବ ପ୍ରାପ୍ତ ହୋଇଛି ବୋଲି ମନେ କରନ୍ତି ।। ୭-୨୪ ।।)

Not For Commercial Use

**ନାହଂ ପ୍ରକାଶଃ ସର୍ବସ୍ୟ ଯୋଗମାୟାସମାବୃତଃ ।**
**ମୂଢୋଽୟଂ ନାଭିଜାନାତି ଲୋକୋ ମାମଜମବ୍ୟୟମ୍ ।। ୭-୨୫।।**

(ନିଜ ଯୋଗମାୟାରେ ଲୁଚି ରହିଥିବାରୁ ମୁଁ ସମସ୍ତଙ୍କୁ ପ୍ରତ୍ୟକ୍ଷ ହୁଏ ନାହିଁ; ତେଣୁ ଏହି ଅଜ୍ଞାନୀ ଲୋକେ ମୋତେ ଅଜନ୍ମା ଓ ଅବିନାଶୀ ପରମେଶ୍ୱର ବୋଲି ଜାଣନ୍ତି ନାହିଁ, ଅର୍ଥାତ ମୋତେ ଜନ୍ମମରଣଶୀଳ ବୋଲି ଭାବନ୍ତି ।। ୭-୨୫ ।।)

**ବେଦାହଂ ସମତୀତାନି ବର୍ତମାନାନି ଚାର୍ଜୁନ ।**
**ଭବିଷ୍ୟାଣି ଚ ଭୂତାନି ମାଂ ତୁ ବେଦ ନ କଶ୍ଚନ ।। ୭-୨୬।।**

(ହେ ଅର୍ଜୁନ ! ଅତୀତରେ ଯେଉଁମାନେ ଥିଲେ, ବର୍ତ୍ତମାନ ଯେଉଁମାନେ ଅଛନ୍ତି, ତଥା ଭବିଷ୍ୟତରେ ଯେଉଁମାନେ ଜାତ ହେବେ, ସେହି ସକଳ ଭୂତପ୍ରାଣୀଙ୍କୁ ମୁଁ ଜାଣେ, କିନ୍ତୁ ଶ୍ରଦ୍ଧାଭକ୍ତିହୀନ କୌଣସି ପୁରୁଷ ମୋତେ ଜାଣେ ନାହିଁ ।। ୭-୨୬ ।।)

**ଇଚ୍ଛାଦ୍ୱେଷସମୁତ୍ଥେନ ଦ୍ୱନ୍ଦ୍ୱମୋହେନ ଭାରତ ।**
**ସର୍ବଭୂତାନି ସମ୍ମୋହଂ ସର୍ଗେ ଯାନ୍ତି ପରନ୍ତପ ।। ୭-୨୭।।**

(ହେ ଭରତବଂଶୀ ଅର୍ଜୁନ ! ସଂସାରରେ ଇଚ୍ଛା ଓ ଦ୍ୱେଷରୁ ଉତ୍ପନ୍ନ ସୁଖ-ଦୁଃଖାଦି ଦ୍ୱନ୍ଦରୂପକ ମୋହ ଯୋଗୁଁ ସମସ୍ତ ପ୍ରାଣୀ ଅତ୍ୟନ୍ତ ଅଜ୍ଞତା ପ୍ରାପ୍ତ ହେଉଛନ୍ତି ।। ୭-୨୭ ।।)

**ଯେଷାଂ ତ୍ୱନ୍ତଗତଂ ପାପଂ ଜନାନାଂ ପୁଣ୍ୟକର୍ମଣାମ୍ ।**
**ତେ ଦ୍ୱନ୍ଦ୍ୱମୋହନିର୍ମୁକ୍ତା ଭଜନ୍ତେ ମାଂ ଦୃଢବ୍ରତାଃ ।। ୭-୨୮।।**

(କିନ୍ତୁ ନିଷ୍କାମଭାବରେ ଶ୍ରେଷ୍ଠକର୍ମ କରୁଥିବା ଯେଉଁ ପୁରୁଷମାନଙ୍କର ପାପ ନଷ୍ଟ ହୋଇଗଲାଣି, ସେହି ରାଗ-ଦ୍ୱେଷଜନିତ ଦ୍ୱନ୍ଦରୂପକ ମୋହରୁ ମୁକ୍ତ ହୋଇଥିବା ଦୃଢନିଶ୍ଚୟୀ ଭକ୍ତମାନେ ମୋତେ ସକଳପ୍ରକାରେ ଭଜନ କରନ୍ତି ।। ୭-୨୮ ।।)

Not For Commercial Use

**ଜରାମରଣମୋକ୍ଷାୟ ମାମାଶ୍ରିତ୍ୟ ଯତନ୍ତି ଯେ ।**
**ତେ ବ୍ରହ୍ମ ତଦ୍ୱିଦୁଃ କୃତ୍ସ୍ନମଧ୍ୟାତ୍ମଂ କର୍ମ ଚାଖିଲମ୍ ।। ୭-୨୯।।**

(ଯେଉଁମାନେ ମୋର ଶରଣ ନେଇ ଜରା ଓ ମରଣରୁ ମୁକ୍ତି ପାଇବାପାଇଁ ଯତ୍ନ କରନ୍ତି, ସେମାନେ ସେହି ବ୍ରହ୍ମକୁ, ସଂପୂର୍ଣ୍ଣ ଅଧ୍ୟାତ୍ମକୁ ଓ ସମସ୍ତ କର୍ମକୁ ଜାଣନ୍ତି ।। ୭-୨୯ ।।)

**ସାଧିଭୂତାଧିଦୈବଂ ମାଂ ସାଧିଯଜ୍ଞଂ ଚ ଯେ ବିଦୁଃ ।**
**ପ୍ରୟାଣକାଲେଽପି ଚ ମାଂ ତେ ବିଦୁର୍ଯୁକ୍ତଚେତସଃ ।। ୭-୩୦।।**

(ଯେଉଁମାନେ ଅଧିଭୂତ, ଅଧିଦୈବ ଏବଂ ଅଧିଯଜ୍ଞ ସହିତ ସମସ୍ତଙ୍କର ଆତ୍ମରୂପ ମୋତେ ଅନ୍ତକାଳରେ ହେଲେ ମଧ୍ୟ ଜାଣନ୍ତି, ସେହି ଯୁକ୍ତଚିତ୍ତ ମନୁଷ୍ୟମାନେ ମୋତେ ଜାଣନ୍ତି ଅର୍ଥାତ, ମୋତେ ପ୍ରାପ୍ତ ହୁଅନ୍ତି ।। ୭-୩୦ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଜ୍ଞାନବିଜ୍ଞାନଯୋଗୋ ନାମ ସପ୍ତମୋଽଧ୍ୟାୟଃ ।। ୭।।**

Not For Commercial Use

# ଅଷ୍ଟମ ଅଧ୍ୟାୟ

(Chapter – 8)

## ଅକ୍ଷରବ୍ରହ୍ମଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଅଷ୍ଟମୋଽଧ୍ୟାୟଃ ।।

।। ଅଥ ଅଷ୍ଟମୋଽଧ୍ୟାୟଃ । ଅକ୍ଷରବ୍ରହ୍ମଯୋଗଃ ।।

**। ଅର୍ଜୁନ ଉବାଚ ।**

**କିଂ ତଦ୍ ବ୍ରହ୍ମ କିମଧ୍ୟାତ୍ମଂ କିଂ କର୍ମ ପୁରୁଷୋତ୍ତମ ।**
**ଅଧିଭୂତଂ ଚ କିଂ ପ୍ରୋକ୍ତମଧିଦୈବଂ କିମୁଚ୍ୟତେ ।। ୮-୧।।**

(ଅର୍ଜୁନ ପଚାରିଲେ – ହେ ପୁରୁଷୋତ୍ତମ ! ସେହି ବ୍ରହ୍ମ କଣ ? ଅଧ୍ୟାତ୍ମ କଣ ? କର୍ମ କଣ ? ଅଧିଭୂତ କାହାକୁ କୁହାଯାଇଛି ଏବଂ ଅଧିଦୈବ କାହାକୁ କହନ୍ତି ? ।। ୮-୦୧ ।।)

**ଅଧିଯଜ୍ଞଃ କଥଂ କୋଽତ୍ର ଦେହେଽସ୍ମିନ୍-ମଧୁସୂଦନ ।**
**ପ୍ରୟାଣକାଲେ ଚ କଥଂ ଜ୍ଞେୟୋଽସି ନିୟତାତ୍ମଭିଃ ।। ୮-୨।।**

(ଏବଂ ହେ ମଧୁସୂଦନ ! ଏଠାରେ ଅଧିଯଜ୍ଞ କିଏ ଓ ସେ ଏହି ଶରୀରରେ କିପରି ଅଛନ୍ତି, ତଥା ଯୁକ୍ତଚିତ୍ତ ପୁରୁଷମାନଙ୍କ ଦ୍ୱାରା ମରଣ କାଳରେ ଆପଣ କିପରି ଜାଣିହୁଅନ୍ତି ? ।। ୮-୦୨ ।।)

**। ଶ୍ରୀଭଗବାନୁବାଚ ।**

**ଅକ୍ଷରଂ ବ୍ରହ୍ମ ପରମଂ ସ୍ୱଭାବୋଽଧ୍ୟାତ୍ମମୁଚ୍ୟତେ ।**
**ଭୂତଭାବୋଦ୍-ଭବକରୋ ବିସର୍ଗଃ କର୍ମସଂଜ୍ଞିତଃ ।। ୮-୩।।**

(ଶ୍ରୀଭଗବାନ କହିଲେ – ପରମ ଅକ୍ଷର ବ୍ରହ୍ମ ଅଟେ । ନିଜସ୍ୱରୂପ ଅର୍ଥାତ, ଜୀବାତ୍ମା ଅଧ୍ୟାତ୍ମ ନାମରେ କଥିତ ହୁଏ, ତଥା ପ୍ରାଣୀମାନଙ୍କର ଉତ୍ପତ୍ତି ଓ ଅଭ୍ୟୁଦୟ କରୁଥିବା ବିସର୍ଗ ଅର୍ଥାତ, ତ୍ୟାଗକୁ କର୍ମ କୁହାଯାଏ ।। ୮-୦୩ ।।)

Not For Commercial Use

**ଅଧିଭୂତଂ କ୍ଷରୋ ଭାବଃ ପୁରୁଷଶ୍ଚାଧିଦୈବତମ୍ ।**
**ଅଧିଯଜ୍ଞୋଽହମେବାତ୍ର ଦେହେ ଦେହଭୃତାଂ ବର ।। ୮-୪।।**

(ବିନାଶଶୀଳ ସମସ୍ତ ପଦାର୍ଥ ହେଉଛି ଅଧିଭୂତ । ହିରଣ୍ୟମୟ ପୁରୁଷ (ଆତ୍ମା) ହିଁ ଅଧିଦୈବ । ହେ ଦେହଧାରୀମାନଙ୍କ ମଧ୍ୟରେ ଶ୍ରେଷ୍ଠ ଅର୍ଜୁନ ! ଏହି ଶରୀରରେ ମୁଁ ବାସୁଦେବ ହିଁ ଅନ୍ତର୍ଯାମୀ ରୂପରେ ଅଧିଯଜ୍ଞ ଅଟେ ।। ୮-୦୪ ।।)

**ଅନ୍ତକାଲେ ଚ ମାମେବ ସ୍ମରନ୍ମୁକ୍ତ୍ୱା କଲେବରମ୍ ।**
**ଯଃ ପ୍ରୟାତି ସ ମଦ୍-ଭାବଂ ଯାତି ନାସ୍ତ୍ୟତ୍ର ସଂଶୟଃ ।। ୮-୫।।**

(ଯେଉଁ ପୁରୁଷ ଅନ୍ତକାଳରେ ହେଲେ ବି ମୋତେ ହିଁ ସ୍ମରଣ କରି କରି ଦେହ ତ୍ୟାଗ କରନ୍ତି, ସେ ମୋର ସାକ୍ଷାତ ସ୍ୱରୂପ ପ୍ରାପ୍ତ ହୁଅନ୍ତି, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ ।। ୮-୦୫ ।।)

**ଯଂ ଯଂ ବାପି ସ୍ମରନ୍ଭାବଂ ତ୍ୟଜତ୍ୟନ୍ତେ କଲେବରମ୍ ।**
**ତଂ ତମେବୈତି କୌନ୍ତେୟ ସଦା ତଦ୍-ଭାବଭାବିତଃ ।। ୮-୬।।**

(ହେ କୁନ୍ତିପୁତ୍ର ଅର୍ଜୁନ ! ଏହି ମନୁଷ୍ୟ ଅନ୍ତକାଳରେ ଯେଉଁ ଯେଉଁ ଭାବ ସ୍ମରଣ କରି କରି ଶରୀର ତ୍ୟାଗ କରେ, ସେ ତାହା ହିଁ ପ୍ରାପ୍ତ ହୁଏ; କାରଣ ସେ ସବୁବେଳେ ସେହି ଭାବରେ ଭାବିତ ହୋଇ ରହିଥାଏ ।। ୮-୦୬ ।।)

**ତସ୍ମାତ୍ସର୍ବେଷୁ କାଲେଷୁ ମାମନୁସ୍ମର ଯୁଧ୍ୟ ଚ ।**
**ମୟ୍ୟର୍ପିତମନୋବୁଦ୍ଧିର୍ମାମେବୈଷ୍ୟସ୍ୟସଂଶୟଃ ।। ୮-୭।।** (ସଂଶୟମ୍)

(ଅତଏବ ହେ ଅର୍ଜୁନ ! ତୁମେ ସବୁ ସମୟରେ ନିରନ୍ତର ମୋତେ ସ୍ମରଣ କର ଓ ଯୁଦ୍ଧ ମଧ୍ୟ କର । ଏହିପ୍ରକାରେ ମୋଠାରେ ଅର୍ପଣ କରାଯାଇଥିବା ମନ-ବୁଦ୍ଧିରେ ଯୁକ୍ତ ହୋଇ ତୁମେ ନିଃସନ୍ଦେହ ମୋତେ ହିଁ ପ୍ରାପ୍ତ ହେବ ।। ୮-୦୭ ।।)

Not For Commercial Use

**ଅଭ୍ୟାସଯୋଗଯୁକ୍ତେନ ଚେତସା ନାନ୍ୟଗାମିନା ।**
**ପରମଂ ପୁରୁଷଂ ଦିବ୍ୟଂ ଯାତି ପାର୍ଥାନୁଚିନ୍ତୟନ୍ ।। ୮-୮।।**

(ହେ ପାର୍ଥ ! ପରମେଶ୍ୱରଙ୍କ ଧ୍ୟାନର ଅଭ୍ୟାସରୂପକ ଯୋଗରେ ଯୁକ୍ତ ହୋଇ ଅନ୍ୟ ଆଡେ ଯାଉ ନ ଥିବା ଚିତ୍ତ ଦ୍ୱାରା ନିରନ୍ତର ଚିନ୍ତନ କରୁଥିବା ମନୁଷ୍ୟ ପରମପ୍ରକାଶରୂପ ଦିବ୍ୟ ପୁରୁଷଙ୍କୁ ଅର୍ଥାତ, ପରମେଶ୍ୱରଙ୍କୁ ହିଁ ପ୍ରାପ୍ତ ହୁଅନ୍ତି ।। ୮-୦୮ ।।)

**କବିଂ ପୁରାଣମନୁଶାସିତାରମଣୋରଣୀୟଂସମନୁସ୍ମରେଦ୍ୟଃ ।**
**ସର୍ବସ୍ୟ ଧାତାରମଚିନ୍ତ୍ୟରୂପମାଦିତ୍ୟବର୍ଣ୍ଣଂ ତମସଃ ପରସ୍ତାତ୍ ।। ୮-୯।।**

(ଯେଉଁ ପୁରୁଷ ସର୍ବଜ୍ଞ, ଅନାଦି, ସର୍ବନିୟନ୍ତା, ସୂକ୍ଷ୍ମାତିସୂକ୍ଷ୍ମ, ସମସ୍ତଙ୍କର ଧାରଣା-ପୋଷଣକାରୀ, ଅଚିନ୍ତ୍ୟସ୍ୱରୂପ, ସୂର୍ଯ୍ୟସଦୃଶ ନିତ୍ୟ, ଚେତନ, ପ୍ରକାଶରୂପ ଓ ଅବିଦ୍ୟାରୁ ସଂପୂର୍ଣ୍ଣ ଅତୀତ, ଶୁଦ୍ଧ ସଚ୍ଚିଦାନନ୍ଦଘନ ପରମେଶ୍ୱରଙ୍କୁ ସ୍ମରଣ କରନ୍ତି, — ।। ୮-୦୯ ।।)

**ପ୍ରୟାଣକାଲେ ମନସାଽଚଲେନ ଭକ୍ତ୍ୟା ଯୁକ୍ତୋ ଯୋଗବଲେନ ଚୈବ ।**
**ଭ୍ରୁବୋର୍ମଧ୍ୟେ ପ୍ରାଣମାବେଶ୍ୟ ସମ୍ୟକ୍ ସ ତଂ ପରଂ ପୁରୁଷମୁପୈତି ଦିବ୍ୟମ୍** ।। ୮-୧୦।।

(ସେହି ଭକ୍ତିଯୁକ୍ତ ପୁରୁଷ ଅନ୍ତକାଳରେ ମଧ୍ୟ ଯୋଗବଳରେ ଦୁଇ ଭ୍ରୂଲତାର ମଧ୍ୟବର୍ତ୍ତୀ ସ୍ଥାନରେ ପ୍ରାଣକୁ ଭଲରୂପେ ସ୍ଥାପନ କରି ଏବଂ ନିଶ୍ଚଳ ମନଦ୍ୱାରା ସ୍ମରଣ କରି କରି ସେହି ଦିବ୍ୟରୂପ ପରମପୁରୁଷ ପରମାତ୍ମାଙ୍କୁ ହିଁ ପ୍ରାପ୍ତ ହୁଅନ୍ତି ।। ୮-୧୦ ।।)

**ଯଦକ୍ଷରଂ ବେଦବିଦୋ ବଦନ୍ତି ବିଶନ୍ତି ଯଦ୍ୟତୟୋ ବୀତରାଗାଃ ।**
**ଯଦିଚ୍ଛନ୍ତୋ ବ୍ରହ୍ମଚର୍ଯ୍ୟଂ ଚରନ୍ତି ତତ୍ତେ ପଦଂ ସଂଗ୍ରହେଣ ପ୍ରବକ୍ଷ୍ୟେ ।। ୮-୧୧।।**

(ଏବଂ ହେ ଅର୍ଜୁନ ! ବେଦଜ୍ଞ ବିଦ୍ୱାନମାନେ ଯେଉଁ ସଚ୍ଚିଦାନନ୍ଦଘନରୂପକ ପରମପଦକୁ ଅବିନାଶୀ ବୋଲି କହନ୍ତି, ଆସକ୍ତିଶୂନ୍ୟ ଯତ୍ନଶୀଳ ସନ୍ନ୍ୟାସୀ ମହାତ୍ମାମାନେ ଯାହା ଠାରେ ପ୍ରବେଶ କରନ୍ତି ଏବଂ ଯେଉଁ ପରମପଦ ଚାହୁଁଥିବା ବ୍ରହ୍ମଚାରୀମାନେ ବ୍ରହ୍ମଚର୍ଯ୍ୟ ଆଚରଣ କରନ୍ତି, ସେହି ପରମପଦକୁ ମୁଁ ତୁମକୁ ସଂକ୍ଷେପରେ କହିବି ।। ୮-୧୧ ।।)

Not For Commercial Use

**ସର୍ବଦ୍ୱାରାଣି ସଂୟମ୍ୟ ମନୋ ହୃଦି ନିରୁଧ୍ୟ ଚ ।**
**ମୂର୍ଧ୍ନ୍ୟାଧାୟାତ୍ମନଃ ପ୍ରାଣମାସ୍ଥିତୋ ଯୋଗଧାରଣାମ୍ ।। ୮-୧୨।।**
**ଓମିତ୍ୟେକାକ୍ଷରଂ ବ୍ରହ୍ମ ବ୍ୟାହରନ୍ମାମନୁସ୍ମରନ୍ ।**
**ୟଃ ପ୍ରୟାତି ତ୍ୟଜନ୍ଦେହଂ ସ ୟାତି ପରମାଂ ଗତିମ୍ ।। ୮-୧୩।।**

(ସକଳ ଇନ୍ଦ୍ରିୟର ଦ୍ୱାର ରୁଦ୍ଧକରି ତଥା ମନକୁ ହୃଦୟରେ ସ୍ଥିରକରି, ପୁଣି ସେହି ବିଜିତ ମନଦ୍ୱାରା ପ୍ରାଣକୁ ମସ୍ତକରେ ସ୍ଥାପନକରି, ପରମାତ୍ମସମ୍ବନ୍ଧୀ ଯୋଗଧାରଣାରେ ସ୍ଥିତ ହୋଇ, ଯେଉଁ ପୁରୁଷ "ଓଁ", ଏହି ଏକ ଅକ୍ଷରରୂପକ ବ୍ରହ୍ମକୁ ଉଚ୍ଚାରଣ କରି କରି ଏବଂ ତାହାର ଅର୍ଥସ୍ୱରୂପ ମୋତେ ଅର୍ଥାତ, ନିର୍ଗୁଣ ବ୍ରହ୍ମକୁ ଚିନ୍ତନ କରି କରି ଶରୀର ଛାଡି ପ୍ରୟାଣ କରନ୍ତି, ସେହି ପୁରୁଷ ପରମଗତି ପ୍ରାପ୍ତ ହୁଅନ୍ତି ।। ୮-୧୨, ୮-୧୩ ।।)

**ଅନନ୍ୟଚେତାଃ ସତତଂ ୟୋ ମାଂ ସ୍ମରତି ନିତ୍ୟଶଃ ।**
**ତସ୍ୟାହଂ ସୁଲଭଃ ପାର୍ଥ ନିତ୍ୟୟୁକ୍ତସ୍ୟ ୟୋଗିନଃ ।। ୮-୧୪।।**

(ହେ ଅର୍ଜୁନ ! ଯେଉଁ ପୁରୁଷ ମୋ ଠାରେ ଅନନ୍ୟଚିତ୍ତ ହୋଇ ସଦାସର୍ବଦା ନିରନ୍ତର ମୋତେ ଅର୍ଥାତ, ପୁରୁଷୋତ୍ତମଙ୍କୁ ସ୍ମରଣ କରନ୍ତି, ମୋ ଠାରେ ନିତ୍ୟନିରନ୍ତର ଯୁକ୍ତ ହୋଇଥିବା ସେହି ଯୋଗୀଙ୍କ ପାଇଁ ମୁଁ ସୁଲଭ ଅର୍ଥାତ, ମୁଁ ତାଙ୍କୁ ସହଜରେ ପ୍ରାପ୍ତ ହୋଇଯାଏ ।। ୮-୧୪ ।।)

**ମାମୁପେତ୍ୟ ପୁନର୍ଜନ୍ମ ଦୁଃଖାଲୟମଶାଶ୍ୱତମ୍ ।**
**ନାପ୍ନୁବନ୍ତି ମହାତ୍ମାନଃ ସଂସିଦ୍ଧିଂ ପରମାଂ ଗତାଃ ।। ୮-୧୫।।**

(ପରମସିଦ୍ଧିପ୍ରାପ୍ତ ମହାତ୍ମାମାନେ ମୋତେ ପ୍ରାପ୍ତ ହୋଇ ଦୁଃଖର ଗୃହରୂପକ କ୍ଷଣଭଙ୍ଗୁର ପୁନର୍ଜନ୍ମ ପାଆନ୍ତି ନାହିଁ; କାରଣ ସେମାନେ ପରମଗତିକୁ ପ୍ରାପ୍ତ ହୋଇଯାଆନ୍ତି ।। ୮-୧୫ ।।)

Not For Commercial Use

**ଆବ୍ରହ୍ମଭୁବନାଲ୍ଲୋକାଃ ପୁନରାବର୍ତିନୋଽର୍ଜୁନ ।**
**ମାମୁପେତ୍ୟ ତୁ କୌନ୍ତେୟ ପୁନର୍ଜନ୍ମ ନ ବିଦ୍ୟତେ ।। ୮-୧୬।।**

(ହେ ଅର୍ଜୁନ ! ବ୍ରହ୍ମଲୋକ ପର୍ଯ୍ୟନ୍ତ ସମସ୍ତ ଲୋକ ପୁନରାବର୍ତ୍ତୀ; କିନ୍ତୁ ହେ କୁନ୍ତିପୁତ୍ର ! ମୋତେ ପ୍ରାପ୍ତ ହେଲେ ପୁନର୍ଜନ୍ମ ହୁଏ ନାହିଁ; କାରଣ ମୁଁ କାଳାତୀତ ଅଟେ ଏବଂ ସେସବୁ ବ୍ରହ୍ମାଦି ଲୋକ କାଳଦ୍ୱାରା ସୀମିତ ହୋଇଥିବାରୁ ଅନିତ୍ୟ ଅଟନ୍ତି ।। ୮-୧୬ ।।)

**ସହସ୍ରଯୁଗପର୍ଯ୍ୟନ୍ତମହର୍ୟଦ୍ ବ୍ରହ୍ମଣୋ ବିଦୁଃ ।**
**ରାତ୍ରିଂ ଯୁଗସହସ୍ରାନ୍ତାଂ ତେଽହୋରାତ୍ରବିଦୋ ଜନାଃ ।। ୮-୧୭।।**

(ବ୍ରହ୍ମାଙ୍କର ଗୋଟିଏ ଦିନ ଏକସହସ୍ର ଚତୁର୍ଯୁଗୀ ଅବଧିବିଶିଷ୍ଟ ଏବଂ ଗୋଟିଏ ରାତ୍ରି ମଧ୍ୟ ଏକସହସ୍ର ଚତୁର୍ଯୁଗୀ ଅବଧିବିଶିଷ୍ଟ ବୋଲି ଯେଉଁ ପୁରୁଷମାନେ ତତ୍ତ୍ୱତଃ ଜାଣନ୍ତି, ସେହି ଯୋଗୀଜନମାନେ କାଳର ତତ୍ତ୍ୱ ଜାଣନ୍ତି ।। ୮-୧୭ ।।)

**ଅବ୍ୟକ୍ତାଦ୍ ବ୍ୟକ୍ତୟଃ ସର୍ବାଃ ପ୍ରଭବନ୍ତ୍ୟହରାଗମେ ।**
**ରାତ୍ର୍ୟାଗମେ ପ୍ରଲୀୟନ୍ତେ ତତ୍ରୈବାବ୍ୟକ୍ତସଂଜ୍ଞକେ ।। ୮-୧୮।।**

(ସକଳ ଚରାଚର ଜୀବମାନେ ବ୍ରହ୍ମାଙ୍କ ଦିନର ଆରମ୍ଭରେ ଅବ୍ୟକ୍ତରୁ ଅର୍ଥାତ, ବ୍ରହ୍ମାଙ୍କ ସୂକ୍ଷ୍ମଶରୀରରୁ ଉତ୍ପନ୍ନ ହୁଅନ୍ତି, ଏବଂ ବ୍ରହ୍ମାଙ୍କ ରାତ୍ରିର ଆରମ୍ଭରେ ବ୍ରହ୍ମାଙ୍କର ଅବ୍ୟକ୍ତ ନାମକ ସେହି ସୂକ୍ଷ୍ମଶରୀରରେ ହିଁ ଲୀନ ହୋଇଯାଆନ୍ତି ।। ୮-୧୮ ।।)

**ଭୂତଗ୍ରାମଃ ସ ଏବାୟଂ ଭୂତ୍ୱା ଭୂତ୍ୱା ପ୍ରଲୀୟତେ ।**
**ରାତ୍ର୍ୟାଗମେଽବଶଃ ପାର୍ଥ ପ୍ରଭବତ୍ୟହରାଗମେ ।। ୮-୧୯।।**

(ହେ ପାର୍ଥ ! ସେହି ଭୂତସମୁଦାୟ ବାରମ୍ବାର ଉତ୍ପନ୍ନ ହୋଇ ପ୍ରକୃତିର ପରବଶ ହେବାରୁ ରାତ୍ରିର ପ୍ରବେଶକାଳରେ ଲୀନ ହୋଇଯାଏ ଏବଂ ଦିନର ପ୍ରବେଶକାଳରେ ପୁନର୍ବାର ଉତ୍ପନ୍ନ ହୁଏ ।। ୮-୧୯ ।।)

Not for Commercial Use

**ପରସ୍ତସ୍ମାତ୍ତୁ ଭାବୋଽନ୍ୟୋଽବ୍ୟକ୍ତୋଽବ୍ୟକ୍ତାତ୍ସନାତନଃ ।**
**ୟଃ ସ ସର୍ବେଷୁ ଭୂତେଷୁ ନଶ୍ୟତ୍ସୁ ନ ବିନଶ୍ୟତି ।। ୮-୨୦।।**

(ଉକ୍ତ ଅବ୍ୟକ୍ତଠାରୁ ମଧ୍ୟ ଯେଉଁ ଅତିଶ୍ରେଷ୍ଠ ଅର୍ଥାତ, ଯେଉଁ ବିଲକ୍ଷଣ ସନାତନ ଅବ୍ୟକ୍ତ ଭାବ ରହିଛି, ସେହି ପରମ ଦିବ୍ୟ ପୁରୁଷ, ସକଳ ଚରାଚର ପ୍ରାଣୀ ନଷ୍ଟ ହୋଇଗଲେ ମଧ୍ୟ ବିନାଶପ୍ରାପ୍ତ ହୁଅନ୍ତି ନାହିଁ ।। ୮-୨୦ ।।)

**ଅବ୍ୟକ୍ତୋଽକ୍ଷର ଇତ୍ୟୁକ୍ତସ୍ତମାହୁଃ ପରମାଂ ଗତିମ୍ ।**
**ୟଂ ପ୍ରାପ୍ୟ ନ ନିବର୍ତନ୍ତେ ତଦ୍ଧାମ ପରମଂ ମମ ।। ୮-୨୧।।**

(ଯେଉଁ ଅବ୍ୟକ୍ତକୁ ଅକ୍ଷର ବୋଲି କୁହାଯାଇଛି, ସେହି ଅକ୍ଷର ନାମକ ଅବ୍ୟକ୍ତଭାବକୁ ପରମଗତି କହନ୍ତି ତଥା ଯେଉଁ ସନାତନ ଅବ୍ୟକ୍ତଭାବ ପ୍ରାପ୍ତ ହେଲେ ମନୁଷ୍ୟମାନେ ଆଉ ଫେରି ଆସନ୍ତି ନାହିଁ, ତାହା ମୋର ପରମଧାମ ଅଟେ ।। ୮-୨୧ ।।)

**ପୁରୁଷଃ ସ ପରଃ ପାର୍ଥ ଭକ୍ତ୍ୟା ଲଭ୍ୟସ୍ତ୍ୱନନ୍ୟୟା ।**
**ୟସ୍ୟାନ୍ତଃସ୍ଥାନି ଭୂତାନି ୟେନ ସର୍ବମିଦଂ ତତମ୍ ।। ୮-୨୨।।**

(ହେ ପାର୍ଥ ! ଯେଉଁ ପରମାତ୍ମାଙ୍କ ଅନ୍ତର୍ଗତ ହୋଇ ସକଳ ଭୂତ ଅଛନ୍ତି ଏବଂ ଯେଉଁ ସଚ୍ଚିଦାନନ୍ଦଘନ ପରମାତ୍ମାଙ୍କ ଦ୍ୱାରା ଏହି ସମଗ୍ର ଜଗତ ପରିପୂର୍ଣ୍ଣ ହୋଇଛି, ସେହି ସନାତନ ଅବ୍ୟକ୍ତ ପରମ ପୁରୁଷ ଅନନ୍ୟ ଭକ୍ତିଦ୍ୱାରା ହିଁ ପ୍ରାପ୍ତ ହେବା ଯୋଗ୍ୟ ।। ୮-୨୨ ।।)

**ୟତ୍ର କାଲେ ତ୍ୱନାବୃତ୍ତିମାବୃତ୍ତିଂ ଚୈବ ୟୋଗିନଃ ।**
**ପ୍ରୟାତା ୟାନ୍ତି ତଂ କାଲଂ ବକ୍ଷ୍ୟାମି ଭରତର୍ଷଭ ।। ୮-୨୩।।**

(ହେ ଅର୍ଜୁନ ! ଯେଉଁ କାଳରେ ଶରୀର ଛାଡି ଯାଉଥିବା ଯୋଗୀମାନେ ପୁନର୍ଜନ୍ମ ହେଉ ନ ଥିବା ଗତି ପ୍ରାପ୍ତ ହୁଅନ୍ତି ଏବଂ ଯେଉଁ କାଳରେ ଶରୀର ଛାଡି ଯାଉଥିବା ଯୋଗୀମାନେ ପୁନର୍ଜନ୍ମ ହେଉଥିବା ଗତି ପ୍ରାପ୍ତ ହୁଅନ୍ତି, ମୁଁ ସେହି ଦୁଇ କାଳର ଅର୍ଥାତ, ଦୁଇ ମାର୍ଗର କଥା କହିବି ।। ୮-୨୩ ।।)

Not For Commercial Use

**ଅଗ୍ନିର୍ଜ୍ୟୋତିରହଃ ଶୁକ୍ଳଃ ଷଣ୍ମାସା ଉତ୍ତରାୟଣମ୍ ।**
**ତତ୍ର ପ୍ରୟାତା ଗଚ୍ଛନ୍ତି ବ୍ରହ୍ମ ବ୍ରହ୍ମବିଦୋ ଜନାଃ ।। ୮-୨୪।।**

(ଯେଉଁ ମାର୍ଗରେ ଜ୍ୟୋତିର୍ମୟ ଅଗ୍ନି ଅଭିମାନୀ ଦେବତା, ଦିନର ଅଭିମାନୀ ଦେବତା, ଶୁକ୍ଳପକ୍ଷର ଅଭିମାନୀ ଦେବତା ଓ ଉତ୍ତରାୟଣର ୬ମାସର ଅଭିମାନୀ ଦେବତା ଅଛନ୍ତି, ମୃତ୍ୟୁପରେ ସେହି ମାର୍ଗରେ ଯାଉଥିବା ବ୍ରହ୍ମବେତ୍ତା ଯୋଗୀମାନେ ସେହି ଦେବତାମାନଙ୍କ ଦ୍ୱାରା କ୍ରମାନ୍ୱୟରେ ନିଆଯାଇ ବ୍ରହ୍ମଙ୍କୁ ପ୍ରାପ୍ତ ହୁଅନ୍ତି ।। ୮-୨୪ ।।)

**ଧୂମୋ ରାତ୍ରିସ୍ତଥା କୃଷ୍ଣଃ ଷଣ୍ମାସା ଦକ୍ଷିଣାୟନମ୍ ।**
**ତତ୍ର ଚାନ୍ଦ୍ରମସଂ ଜ୍ୟୋତିର୍ୟୋଗୀ ପ୍ରାପ୍ୟ ନିବର୍ତତେ ।। ୮-୨୫।।**

(ଯେଉଁ ମାର୍ଗରେ ଧୂମାଭିମାନୀ ଦେବତା, ରାତ୍ରି ଅଭିମାନୀ ଦେବତା, କୃଷ୍ଣପକ୍ଷର ଅଭିମାନୀ ଦେବତା ଏବଂ ଦକ୍ଷିଣାୟନ ୬ମାସର ଅଭିମାନୀ ଦେବତା ଅଛନ୍ତି, ମୃତ୍ୟୁପରେ ସେହି ମାର୍ଗରେ ଯାଇଥିବା ସକାମ କର୍ମ କରିଥିବା ଯୋଗୀ ଉପରୋକ୍ତ ଦେବତାମାନଙ୍କ ଦ୍ୱାରା କ୍ରମଶଃ ଉର୍ଦ୍ଧ୍ୱଲୋକକୁ ନିଆଯାଇ, ଚନ୍ଦ୍ରମାଙ୍କ ଜ୍ୟୋତି ପ୍ରାପ୍ତ ହୋଇ, ସ୍ୱର୍ଗରେ ନିଜ ଶୁଭକର୍ମର ଫଳ ଭୋଗ କରିସାରି ଫେରି ଆସେ ।। ୮-୨୫ ।।)

**ଶୁକ୍ଳକୃଷ୍ଣେ ଗତୀ ହ୍ୟେତେ ଜଗତଃ ଶାଶ୍ୱତେ ମତେ ।**
**ଏକୟା ଯାତ୍ୟନାବୃତ୍ତିମନ୍ୟୟାବର୍ତତେ ପୁନଃ ।। ୮-୨୬।।**

(କାରଣ ଜଗତରେ ଶୁକ୍ଳ ଓ କୃଷ୍ଣ – ଏହି ଦୁଇ ମାର୍ଗକୁ ଅର୍ଥାତ, ଦେବଯାନ ଓ ପିତୃଯାନ ମାର୍ଗକୁ ସନାତନ ବୋଲି ଗ୍ରହଣ କରାଯାଏ । ଏ ଦୁଇଟି ମଧ୍ୟରୁ ପ୍ରଥମଟି ଧରି ଗମନ କଲେ ଆଉ ପ୍ରତ୍ୟାବର୍ତ୍ତନ କରିବାକୁ ପଡେ ନାହିଁ ତଥା ପରମଗତି ମିଳେ; ଏବଂ ଅନ୍ୟଟି ଧରି ଗମନ କଲେ ପୁଣି ଫେରି ଆସିବାକୁ ହୁଏ ଅର୍ଥାତ, ଜନ୍ମ-ମୃତ୍ୟୁ ପ୍ରାପ୍ତ ହୁଏ ।। ୮-୨୬ ।।)

Not For Commercial Use

**ନୈତେ ସୃତୀ ପାର୍ଥ ଜାନନ୍-ଯୋଗୀ ମୁହ୍ୟତି କଶ୍ଚନ ।**
**ତସ୍ମାତ୍ସର୍ବେଷୁ କାଲେଷୁ ଯୋଗଯୁକ୍ତୋ ଭବାର୍ଜୁନ ।। ୮-୨୭।।**

(ହେ ପାର୍ଥ ! ଏପରିଭାବରେ ଏହି ମାର୍ଗଦୁଇଟିକୁ ତତ୍ତ୍ୱତଃ ଜାଣିଗଲେ କୌଣସି ଯୋଗୀ ଆଉ ମୋହଗ୍ରସ୍ତ ହୁଅନ୍ତି ନାହିଁ । ତେଣୁ ହେ ଅର୍ଜୁନ ! ତୁମେ ସର୍ବଦା ସମବୁଦ୍ଧିରୂପକ ଯୋଗଦ୍ୱାରା ଯୁକ୍ତ ହୁଅ ଅର୍ଥାତ, ନିରନ୍ତର ମୋର ପ୍ରାପ୍ତିପାଇଁ ସାଧନାରତ ହୁଅ ।। ୮-୨୭ ।।)

**ବେଦେଷୁ ଯଜ୍ଞେଷୁ ତପଃସୁ ଚୈବ ଦାନେଷୁ ଯତ୍-ପୁଣ୍ୟଫଲଂ ପ୍ରଦିଷ୍ଟମ୍ ।**
**ଅତ୍ୟେତି ତତ୍ସର୍ବମିଦଂ ବିଦିତ୍ୱା ଯୋଗୀ ପରଂ ସ୍ଥାନମୁପୈତି ଚାଦ୍ୟମ୍ ।। ୮-୨୮।।**

(ଯୋଗୀ ପୁରୁଷ ଏହି ରହସ୍ୟ ତତ୍ତ୍ୱତଃ ଜାଣିଯାଇ ବେଦ ପଢିବାରେ ତଥା ଯଜ୍ଞ, ତପ ଓ ଦାନାଦି କର୍ମମାନଙ୍କରେ ଯେଉଁ ପୁଣ୍ୟଫଳ ମିଳେ ବୋଲି କୁହାଯାଇଛି, ସେସବୁକୁ ନିଃସନ୍ଦେହ ଅତିକ୍ରମ କରିଯାନ୍ତି ଏବଂ ସନାତନ ପରମପଦ ପ୍ରାପ୍ତ ହୁଅନ୍ତି ।। ୮-୨୮ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଅକ୍ଷରବ୍ରହ୍ମଯୋଗୋ ନାମାଷ୍ଟମୋଽଧ୍ୟାୟଃ ।। ୮।।**

(ଉପରୋକ୍ତ ଅର୍ଥମାନଙ୍କରେ ବ୍ୟବହୃତ ଶବ୍ଦ "ଅକ୍ଷର"ର ଅର୍ଥ - "ଯାହାର କ୍ଷୟ ହୁଏ ନାହିଁ")

---

Not For Commercial Use

# ନବମ ଅଧ୍ୟାୟ

(Chapter – 9)

## ରାଜବିଦ୍ୟାରାଜଗୁହ୍ୟଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ନବମୋଽଧ୍ୟାୟଃ ।।

।। ଅଥ ନବମୋଽଧ୍ୟାୟଃ । ରାଜବିଦ୍ୟାରାଜଗୁହ୍ୟଯୋଗଃ ।।

**। ଶ୍ରୀଭଗବାନୁବାଚ ।**

**ଇଦଂ ତୁ ତେ ଗୁହ୍ୟତମଂ ପ୍ରବକ୍ଷ୍ୟାମ୍ୟନସୂୟବେ ।**
**ଜ୍ଞାନଂ ବିଜ୍ଞାନସହିତଂ ୟଜ୍ଜ୍ଞାତ୍ୱା ମୋକ୍ଷ୍ୟସେଽଶୁଭାତ୍ ।। ୯-୧।।**

(ଶ୍ରୀଭଗବାନ କହିଲେ - ତୁମପରି ଦୋଷଦୃଷ୍ଟିଶୂନ୍ୟ ଭକ୍ତଙ୍କୁ ଏହି ପରମ ଗୋପନୀୟ ବିଜ୍ଞାନ ସହିତ ଜ୍ଞାନ ମୁଁ ପୁନର୍ବାର ଭଲଭାବରେ ବୁଝାଇ କହିଦେବି ଯେ, ତାହା ଜାଣି ତୁମେ ଦୁଃଖରୂପୀ ସଂସାରରୁ ମୁକ୍ତ ହୋଇଯିବ ।। ୯-୦୧ ।।)

**ରାଜବିଦ୍ୟା ରାଜଗୁହ୍ୟଂ ପବିତ୍ରମିଦମୁତ୍ତମମ୍ ।**
**ପ୍ରତ୍ୟକ୍ଷାବଗମଂ ଧର୍ମ୍ୟଂ ସୁସୁଖଂ କର୍ତୁମବ୍ୟୟମ୍ ।। ୯-୨।।**

(ଏହି ବିଜ୍ଞାନସହିତ ଜ୍ଞାନ ହେଉଛି ସକଳ ବିଦ୍ୟାର ରାଜା, ସମସ୍ତ ଗୋପନୀୟ ରହସ୍ୟମାନଙ୍କର ରାଜା, ଅତ୍ୟନ୍ତ ପବିତ୍ର, ଅତି ଉତ୍ତମ, ପ୍ରତ୍ୟକ୍ଷ ଫଳଦାୟୀ, ଧର୍ମଯୁକ୍ତ, ସାଧନା କରିବାରେ ଅତ୍ୟନ୍ତ ସୁଗମ ଓ ଅବିନାଶୀ ।। ୯-୦୨ ।।)

**ଅଶ୍ରଦ୍ଦଧାନାଃ ପୁରୁଷା ଧର୍ମସ୍ୟାସ୍ୟ ପରନ୍ତପ ।**
**ଅପ୍ରାପ୍ୟ ମାଂ ନିବର୍ତନ୍ତେ ମୃତ୍ୟୁସଂସାରବର୍ତ୍ମନି ।। ୯-୩।।**

(ହେ ପରନ୍ତପ ! ଉପରୋକ୍ତ ଧର୍ମରେ ଶ୍ରଦ୍ଧା ରଖୁ ନ ଥିବା ପୁରୁଷମାନେ ମୋତେ ପ୍ରାପ୍ତ ନ ହୋଇ ମୃତ୍ୟୁ ରୂପକ ସଂସାର ଚକ୍ରରେ ଘୂରିଚାଲନ୍ତି ।। ୯-୦୩ ।।)

Not For Commercial Use

**ମୟା ତତମିଦଂ ସର୍ବଂ ଜଗଦବ୍ୟକ୍ତମୂର୍ତିନା ।**
**ମତ୍‌ସ୍ଥାନି ସର୍ବଭୂତାନି ନ ଚାହଂ ତେଷ୍ୱବସ୍ଥିତଃ ।। ୯-୪।।**

(ମୋ ଦ୍ୱାରା, ଅର୍ଥାତ, ନିରାକାର ପରମାତ୍ମାଙ୍କ ଦ୍ୱାରା ଏହି ସମସ୍ତ ବିଶ୍ୱ ଜଳଦ୍ୱାରା ବରଫପରି ପରିପୂର୍ଣ୍ଣ ହୋଇ ରହିଛି ଏବଂ ସକଳଭୂତ ମୋ ଅନ୍ତର୍ଗତ ସଂକଳ୍ପର ଆଧାରରେ ଅବସ୍ଥିତ । କିନ୍ତୁ ପ୍ରକୃତରେ ମୁଁ ସେମାନଙ୍କ ମଧ୍ୟରେ ଅବସ୍ଥିତ ନୁହେଁ ।। ୯-୦୪ ।।)

**ନ ଚ ମତ୍‌ସ୍ଥାନି ଭୂତାନି ପଶ୍ୟ ମେ ଯୋଗମୈଶ୍ୱରମ୍ ।**
**ଭୂତଭୃନ୍ନ ଚ ଭୂତସ୍ଥୋ ମମାତ୍ମା ଭୂତଭାବନଃ ।। ୯-୫।।**

(ସେହି ସମସ୍ତ ଭୂତ ମୋ ଭିତରେ ଅବସ୍ଥିତ ନୁହନ୍ତି; କିନ୍ତୁ ମୋର ଈଶ୍ୱରୀୟ ଯୋଗଶକ୍ତିକୁ ଦେଖ ଯେ, ପ୍ରାଣୀମାନଙ୍କର ଧାରଣା - ପ୍ରାଣୀମାନଙ୍କର ସୃଷ୍ଟିକର୍ତ୍ତା ଏବଂ ପୋଷଣକାରୀ ହୋଇ ମଧ୍ୟ ମୋର ଆତ୍ମା ପ୍ରକୃତରେ ପ୍ରାଣୀମାନଙ୍କ ମଧ୍ୟରେ ଅବସ୍ଥିତ ନୁହେଁ ।। ୯-୦୫ ।।)

**ଯଥାକାଶସ୍ଥିତୋ ନିତ୍ୟଂ ବାୟୁଃ ସର୍ବତ୍ରଗୋ ମହାନ୍ ।**
**ତଥା ସର୍ବାଣି ଭୂତାନି ମତ୍‌ସ୍ଥାନୀତ୍ୟୁପଧାରୟ ।। ୯-୬।।**

(ଆକାଶରୁ ଉତ୍ପନ୍ନ ହୋଇଥିବା ଓ ସର୍ବତ୍ର ବିଚରଣ କରୁଥିବା ମହାନ ବାୟୁ ଯେପରି ସର୍ବଦା ଆକାଶରେ ହିଁ ଅବସ୍ଥିତ ରହେ, ମୋର ସଂକଳ୍ପ ଦ୍ୱାରା ଉତ୍ପନ୍ନ ହୋଇଥିବା ସମସ୍ତ ଭୂତ ସେହିପରି ମୋ ମଧ୍ୟରେ ଅବସ୍ଥିତ ବୋଲି ଜାଣ ।। ୯-୦୬ ।।)

**ସର୍ବଭୂତାନି କୌନ୍ତେୟ ପ୍ରକୃତିଂ ଯାନ୍ତି ମାମିକାମ୍ ।**
**କଳ୍ପକ୍ଷୟେ ପୁନସ୍ତାନି କଳ୍ପାଦୌ ବିସୃଜାମ୍ୟହମ୍ ।। ୯-୭।।**

(ହେ ଅର୍ଜୁନ ! କଳ୍ପ ଶେଷରେ ସକଳ ଭୂତ ମୋ ପ୍ରକୃତିକୁ ପ୍ରାପ୍ତ ହୁଅନ୍ତି ଅର୍ଥାତ, ମୋର ପ୍ରକୃତିରେ ଲୀନ ହୁଅନ୍ତି ଏବଂ କଳ୍ପର ଆରମ୍ଭରେ ସେମାନଙ୍କୁ ମୁଁ ପୁଣି ଥରେ ରଚନା କରେ ।। ୯-୦୭ ।।)

Not For Commercial Use

**ପ୍ରକୃତିଂ ସ୍ୱାମବଷ୍ଟଭ୍ୟ ବିସୃଜାମି ପୁନଃ ପୁନଃ ।**
**ଭୂତଗ୍ରାମମିମଂ କୃତ୍ସ୍ନମବଶଂ ପ୍ରକୃତେର୍ବଶାତ୍ ।। ୯-୮।।**

(ମୁଁ ମୋ ନିଜ ପ୍ରକୃତିକୁ ଗ୍ରହଣ କରି ସ୍ୱାଭାବ ବଶତଃ ପରତନ୍ତ୍ର ହୋଇଥିବା ଏହି ସମସ୍ତ ଭୂତ ସମୁଦାୟକୁ ସେମାନଙ୍କ କର୍ମ ଅନୁସାରେ ବାରମ୍ବାର ସୃଷ୍ଟିକରେ ।। ୯-୦୮ ।।)

**ନ ଚ ମାଂ ତାନି କର୍ମାଣି ନିବଧ୍ନନ୍ତି ଧନଂଜୟ ।**
**ଉଦାସୀନବଦାସୀନମସକ୍ତଂ ତେଷୁ କର୍ମସୁ ।। ୯-୯।।**

(ହେ ଅର୍ଜୁନ ! ମୁଁ ସେସବୁ କର୍ମରେ ଅନାସକ୍ତ ଓ ଉଦାସୀନସଦୃଶ ଅବସ୍ଥାନ କରୁଥିବାରୁ ମୋତେ ଅର୍ଥାତ, ପରମାତ୍ମାଙ୍କୁ ସେସବୁ କର୍ମ ବାନ୍ଧନ୍ତି ନାହିଁ ।। ୯-୦୯ ।।)

**ମୟାଧ୍ୟକ୍ଷେଣ ପ୍ରକୃତିଃ ସୂୟତେ ସଚରାଚରମ୍ ।**
**ହେତୁନାନେନ କୌନ୍ତେୟ ଜଗଦ୍ୱିପରିବର୍ତତେ ।। ୯-୧୦।।**

(ହେ ଅର୍ଜୁନ ! ଅଧ୍ୟକ୍ଷରୂପୀ ମୋର ଶକ୍ତି ଓ ସହାୟତାରେ ପ୍ରକୃତି ଚରାଚର ସହିତ ସମସ୍ତ ଜଗତକୁ ସୃଷ୍ଟିକରେ ଏବଂ ସେହିହେତୁ ହିଁ ସଂସାରଚକ୍ର ଘୂରିଚାଲିଛି ।। ୯-୧୦ ।।)

**ଅବଜାନନ୍ତି ମାଂ ମୂଢା ମାନୁଷୀଂ ତନୁମାଶ୍ରିତମ୍ ।**
**ପରଂ ଭାବମଜାନନ୍ତୋ ମମ ଭୂତମହେଶ୍ୱରମ୍ ।। ୯-୧୧।।**

(ମୋର ପରମଭାବ ଜାଣି ନ ଥିବା ମୂଢ ଲୋକମାନେ ମନୁଷ୍ୟ ଶରୀର ଧାରଣ କରିଥିବା ସକଳଭୂତଙ୍କ ମହାନ ଈଶ୍ୱରସ୍ୱରୂପ ମୋତେ ତୁଚ୍ଛଦୃଷ୍ଟିରେ ଦେଖନ୍ତି ଅର୍ଥାତ, ନିଜର ଯୋଗମାୟା ଦ୍ୱାରା ସଂସାରର ଉଦ୍ଧାର ନିମନ୍ତେ ମନୁଷ୍ୟରୂପରେ ବିଚରଣ କରୁଥିବା ମୋତେ ସାଧାରଣ ମନୁଷ୍ୟ ବୋଲି ଭାବନ୍ତି ।। ୯-୧୧ ।।)

Not For Commercial Use

**ମୋଘାଶା ମୋଘକର୍ମାଣୋ ମୋଘଜ୍ଞାନା ବିଚେତସଃ ।**
**ରାକ୍ଷସୀମାସୁରୀଂ ଚୈବ ପ୍ରକୃତିଂ ମୋହିନୀଂ ଶ୍ରିତାଃ ।। ୯-୧୨।।**

(ବ୍ୟର୍ଥଆଶା ରଖୁଥିବା, ବ୍ୟର୍ଥକର୍ମ କରୁଥିବା ଓ ବ୍ୟର୍ଥଜ୍ଞାନଯୁକ୍ତ ହୋଇଥିବା ସେହି ବିକ୍ଷିପ୍ତଚିତ୍ତ ଅଜ୍ଞାନୀମାନେ ରାକ୍ଷାସୀ, ଆସୁରୀ ଓ ମୋହିନୀ ପ୍ରକୃତି ହିଁ ଧାରଣ କରି ରହନ୍ତି ।। ୯-୧୨ ।।)

**ମହାତ୍ମାନସ୍ତୁ ମାଂ ପାର୍ଥ ଦୈବୀଂ ପ୍ରକୃତିମାଶ୍ରିତାଃ ।**
**ଭଜନ୍ତ୍ୟନନ୍ୟମନସୋ ଜ୍ଞାତ୍ୱା ଭୂତାଦିମବ୍ୟୟମ୍ ।। ୯-୧୩।।**

(କିନ୍ତୁ ହେ କୁନ୍ତିପୁତ୍ର ! ଦୈବୀ ପ୍ରକୃତିର ଆଶ୍ରିତ ମହାତ୍ମାମାନେ ମୋତେ ସକଳ ଭୂତଙ୍କର ସନାତନ କାରଣ ଓ ଅବିନାଶୀ ଅକ୍ଷରସ୍ୱରୂପ ଜାଣି ଅନନ୍ୟ ମନରେ ଯୁକ୍ତହୋଇ ନିରନ୍ତର ମୋର ଭଜନ କରନ୍ତି ।। ୯-୧୩ ।।)

**ସତତଂ କୀର୍ତୟନ୍ତୋ ମାଂ ଯତନ୍ତଶ୍ଚ ଦୃଢବ୍ରତାଃ ।**
**ନମସ୍ୟନ୍ତଶ୍ଚ ମାଂ ଭକ୍ତ୍ୟା ନିତ୍ୟଯୁକ୍ତା ଉପାସତେ ।। ୯-୧୪।।**

(ସେହି ଦୃଢନିଶ୍ଚୟୀ ଭକ୍ତମାନେ ନିରନ୍ତର ମୋର ନାମ ଓ ଗୁଣ କୀର୍ତ୍ତନ କରି କରି, ମୋର ପ୍ରାପ୍ତିପାଇଁ ଯତ୍ନ କରି କରି ଏବଂ ମୋତେ ବାରମ୍ବାର ପ୍ରଣାମ କରି, ନିରନ୍ତର ମୋର ଧ୍ୟାନରେ ଯୁକ୍ତହୋଇ ଅନନ୍ୟ ପ୍ରେମରେ ମୋତେ ଉପାସନା କରନ୍ତି ।। ୯-୧୪ ।।)

**ଜ୍ଞାନଯଜ୍ଞେନ ଚାପ୍ୟନ୍ୟେ ଯଜନ୍ତୋ ମାମୁପାସତେ ।**
**ଏକତ୍ୱେନ ପୃଥକ୍ତ୍ୱେନ ବହୁଧା ବିଶ୍ୱତୋମୁଖମ୍ ।। ୯-୧୫।।**

(ଅନ୍ୟ କେତେକ ଜ୍ଞାନଯୋଗୀ ମୋତେ ନିର୍ଗୁଣ-ନିରାକାର ବ୍ରହ୍ମ ବୋଲି ଜାଣି ଜ୍ଞାନଯଜ୍ଞଦ୍ୱାରା ଅଭିନ୍ନଭାବରେ ପୂଜାକରି ଉପାସନା କରନ୍ତି ଏବଂ ଅନ୍ୟ କେତେକ ମନୁଷ୍ୟ ବହୁ ପ୍ରକାରରେ ସ୍ଥିତ ମୋତେ ଅର୍ଥାତ, ବିରାଟସ୍ୱରୂପ ପରମେଶ୍ୱରଙ୍କୁ ପୃଥକଭାବରେ ଉପାସନା କରନ୍ତି ।। ୯-୧୫ ।।)

Not For Commercial Use

**ଅହଂ କ୍ରତୁରହଂ ଯଜ୍ଞଃ ସ୍ୱଧାହମହମୌଷଧମ୍ ।**
**ମନ୍ତ୍ରୋଽହମହମେବାଜ୍ୟମହମଗ୍ନିରହଂହୁତମ୍ ।। ୯-୧୬।।**

(ମୁଁ କ୍ରତୁ; ମୁଁ ଯଜ୍ଞ; ମୁଁ ସ୍ୱଧା; ମୁଁ ଔଷଧ; ମୁଁ ମନ୍ତ୍ର; ମୁଁ ଘୃତ; ମୁଁ ଅଗ୍ନି; ଏବଂ ମୁଁ ହିଁ ହବନରୂପୀ କ୍ରିୟା ।। ୯-୧୬ ।।)

**ପିତାହମସ୍ୟ ଜଗତୋ ମାତା ଧାତା ପିତାମହଃ ।**
**ବେଦ୍ୟଂ ପବିତ୍ରମୋଂକାର ଋକ୍-ସାମ ଯଜୁରେବ ଚ ।। ୯-୧୭।।**

(ଏହି ସମଗ୍ର ଜଗତର ଧାତା ଅର୍ଥାତ, ଧାରଣକର୍ତ୍ତା ଓ କର୍ମଫଳଦାତା, ପିତା, ମାତା, ପିତାମହ, ଜାଣିବାର ଯୋଗ୍ୟ ବସ୍ତୁ, ପବିତ୍ର, ଓଁକାର ତଥା ଋଗ୍-ବେଦ, ସାମବେଦ ଓ ଯଜୁର୍ବେଦ ମଧ୍ୟ ମୁଁ ହିଁ ଅଟେ ।। ୯-୧୭ ।।)

**ଗତିର୍ଭର୍ତା ପ୍ରଭୁଃ ସାକ୍ଷୀ ନିବାସଃ ଶରଣଂ ସୁହୃତ୍ ।**
**ପ୍ରଭବଃ ପ୍ରଳୟଃ ସ୍ଥାନଂ ନିଧାନଂ ବୀଜମବ୍ୟୟମ୍ ।। ୯-୧୮।।**

(ପ୍ରାପ୍ତହେବାଯୋଗ୍ୟ ପରମଧାମ, ସମସ୍ତଙ୍କର ଭରଣ-ପୋଷଣକାରୀ, ସମସ୍ତଙ୍କର ସ୍ୱାମୀ, ଶୁଭାଶୁଭ ଦ୍ରଷ୍ଟା, ସମସ୍ତଙ୍କର ବାସସ୍ଥାନ, ଶରଣ ନେବାର ଯୋଗ୍ୟ, ପ୍ରତ୍ୟୁପକାର ନ ଚାହିଁ ହିତକାରୀ, ସମସ୍ତଙ୍କର ଉତ୍ପତ୍ତି ଓ ପ୍ରଳୟର ହେତୁ, ସ୍ଥିତିର ଆଧାର, ନିଧାନ ଓ ଅବିନାଶୀ କାରଣ ମଧ୍ୟ ମୁଁ ହିଁ ଅଟେ ।। ୯-୧୮ ।।)

**ତପାମ୍ୟହମହଂ ବର୍ଷଂ ନିଗୃହ୍ଣାମ୍ୟୁତ୍ସୃଜାମି ଚ ।**
**ଅମୃତଂ ଚୈବ ମୃତ୍ୟୁଶ୍ଚ ସଦସଚ୍ଚାହମର୍ଜୁନ ।। ୯-୧୯।।**

(ମୁଁ ହିଁ ସୂର୍ଯ୍ୟ ରୂପରେ ଉତ୍ତାପ ପ୍ରଦାନ କରେ; ମୁଁ ବର୍ଷାକୁ ଆକର୍ଷଣ କରେ ଏବଂ ବର୍ଷାକରେ । ହେ ଅର୍ଜୁନ ! ମୁଁ ହିଁ ଅମୃତ ଏବଂ ମୃତ୍ୟୁ ତଥା ସତ-ଅସତ ମଧ୍ୟ ମୁଁ ହିଁ ଅଟେ ।। ୯-୧୯ ।।)

Not For Commercial Use

## ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା ଯଜ୍ଞୈରିଷ୍ଟ୍ୱା ସ୍ୱର୍ଗତିଂ ପ୍ରାର୍ଥୟନ୍ତେ ।
## ତେ ପୁଣ୍ୟମାସାଦ୍ୟ ସୁରେନ୍ଦ୍ରଲୋକମଶ୍ନନ୍ତି ଦିବ୍ୟାନ୍ଦିବି ଦେବଭୋଗାନ୍ ।। ୯-୨୦।।

(ତିନି ବେଦରେ ବିଧାନ କରାଯାଇଥିବା ସକାମ କର୍ମକାରୀ, (ଯଜ୍ଞର) ସୋମରସ ପାନ କରୁଥିବା ନିଷ୍ପାପ ପୁରୁଷମାନେ ମୋତେ ଯଜ୍ଞମାନଙ୍କ ଦ୍ୱାରା ପୂଜାକରି ସ୍ୱର୍ଗପ୍ରାପ୍ତି ଚାହାଁନ୍ତି । ସେମାନେ ନିଜ ପୂଣ୍ୟମାନଙ୍କର ଫଳସ୍ୱରୂପ ସ୍ୱର୍ଗଲୋକକୁ ପାଇ ସ୍ୱର୍ଗରେ ଦେବତାମାନଙ୍କର ଦିବ୍ୟ ଭୋଗମାନ ଉପଭୋଗ କରନ୍ତି ।। ୯-୨୦ ।।)

## ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂ ବିଶାଲଂ କ୍ଷୀଣେ ପୁଣ୍ୟେ ମର୍ତ୍ୟଲୋକଂ ବିଶନ୍ତି ।
## ଏବଂ ତ୍ରୟୀଧର୍ମମନୁପ୍ରପନ୍ନା ଗତାଗତଂ କାମକାମା ଲଭନ୍ତେ ।। ୯-୨୧।।

(ସେମାନେ ସେହି ବିଶାଳ ସ୍ୱର୍ଗଲୋକ ଭୋଗ କରି ପୁଣ୍ୟ କ୍ଷୀଣ ହୋଇଯିବା ପରେ ମୃତ୍ୟୁଲୋକକୁ ପ୍ରାପ୍ତ ହୁଅନ୍ତି । ଏହିପରି ସ୍ୱର୍ଗପ୍ରାପ୍ତିର ସାଧନରୂପକ ତିନି ବେଦରେ କୁହାଯାଇଥିବା ସକାମ କର୍ମର ଆଶ୍ରୟ ନେଇଥିବା ଏବଂ ନାନାଭୋଗ କାମନା କରୁଥିବା ପୁରୁଷମାନେ ବାରମ୍ବାର ଗମନାଗମନ ପ୍ରାପ୍ତ ହୁଅନ୍ତି ଅର୍ଥାତ, ପୁଣ୍ୟବଳରେ ସ୍ୱର୍ଗକୁ ଯାଆନ୍ତି ଏବଂ ପୁଣ୍ୟ କ୍ଷୀଣ ହୋଇଗଲେ ମୃତ୍ୟୁଲୋକକୁ ଫେରିଆସନ୍ତି ।। ୯-୨୧ ।।)

## ଅନନ୍ୟାଶ୍ଚିନ୍ତୟନ୍ତୋ ମାଂ ଯେ ଜନାଃ ପର୍ଯୁପାସତେ ।
## ତେଷାଂ ନିତ୍ୟାଭିଯୁକ୍ତାନାଂ ଯୋଗକ୍ଷେମଂ ବହାମ୍ୟହମ୍ ।। ୯-୨୨।।

(ଯେଉଁ ଅନନ୍ୟପ୍ରେମୀ ଭକ୍ତଜନମାନେ ମୋତେ ଅର୍ଥାତ, ପରମେଶ୍ୱରଙ୍କୁ ନିରନ୍ତର ଚିନ୍ତନପୂର୍ବକ ନିଷ୍କାମଭାବରେ ଭଜନ କରନ୍ତି, ନିତ୍ୟ ନିରନ୍ତର ମୋର ଚିନ୍ତନ କରୁଥିବା ସେହି ପୁରୁଷମାନଙ୍କର ଯୋଗକ୍ଷେମ ମୁଁ ସ୍ୱୟଂ ବହନ କରେ ।। ୯-୨୨ ।।)

Not For Commercial Use

**ଯେଽପ୍ୟନ୍ୟଦେବତା ଭକ୍ତା ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଽପି ମାମେବ କୌନ୍ତେୟ ଯଜନ୍ତ୍ୟବିଧିପୂର୍ବକମ୍ ।। ୯-୨୩।।**

(ହେ ଅର୍ଜୁନ ! ଯେଉଁ ସକାମ ଭକ୍ତମାନେ ଶ୍ରଦ୍ଧାଯୁକ୍ତ ହୋଇ ଅନ୍ୟ ଦେବତାମାନଙ୍କୁ ପୂଜା କରନ୍ତି, ସେମାନେ ମଧ୍ୟ ମୋତେ ହିଁ ପୂଜା କରିଥାନ୍ତି; କିନ୍ତୁ ସେମାନଙ୍କର ସେହି ପୂଜା ଅବିଧିପୂର୍ବକ ହୋଇଥାଏ ।। ୯-୨୩ ।।)

**ଅହଂ ହି ସର୍ବଯଜ୍ଞାନାଂ ଭୋକ୍ତା ଚ ପ୍ରଭୁରେବ ଚ ।**
**ନ ତୁ ମାମଭିଜାନନ୍ତି ତତ୍ତ୍ୱେନାତଶ୍ଚ୍ୟବନ୍ତି ତେ ।। ୯-୨୪।।**

(କାରଣ ସକଳ ଯଜ୍ଞର ଭୋକ୍ତା ଓ ସ୍ୱାମୀ ମଧ୍ୟ ମୁଁ ହିଁ ଅଟେ । କିନ୍ତୁ ସେମାନେ ମୋତେ ଅର୍ଥାତ, ପରମେଶ୍ୱରଙ୍କୁ ତତ୍ତ୍ୱତଃ ଜାଣନ୍ତି ନାହିଁ, ତେଣୁ ସେମାନେ ପୂନର୍ଜନ୍ମ ପ୍ରାପ୍ତ ହୁଅନ୍ତି ।। ୯-୨୪ ।।)

**ଯାନ୍ତି ଦେବବ୍ରତା ଦେବାନ୍ପିତୃନ୍ୟାନ୍ତି ପିତୃବ୍ରତାଃ ।**
**ଭୂତାନି ଯାନ୍ତି ଭୂତେଜ୍ୟା ଯାନ୍ତି ମଦ୍ୟାଜିନୋଽପି ମାମ୍ ।। ୯-୨୫।।**

(ଦେବତାମାନଙ୍କୁ ପୂଜା କରୁଥିବା ମନୁଷ୍ୟମାନେ ଦେବତାମାନଙ୍କୁ ପ୍ରାପ୍ତ ହୁଅନ୍ତି; ପିତୃମାନଙ୍କୁ ପୂଜା କରୁଥିବା ମନୁଷ୍ୟମାନେ ପିତୃମାନଙ୍କୁ ପ୍ରାପ୍ତ ହୁଅନ୍ତି; ଭୂତପ୍ରେତଙ୍କୁ ପୂଜା କରୁଥିବା ମନୁଷ୍ୟମାନେ ଭୂତପ୍ରେତଙ୍କୁ ପ୍ରାପ୍ତ ହୁଅନ୍ତି ଏବଂ ମୋତେ ପୂଜା କରୁଥିବା ଭକ୍ତମାନେ ମୋତେ ହିଁ ପ୍ରାପ୍ତ ହୁଅନ୍ତି । ମୋର ନିଷ୍କାମ ଭକ୍ତମାନଙ୍କର ପୂନର୍ଜନ୍ମ ହୁଏ ନାହିଁ ।। ୯-୨୫ ।।)

**ପତ୍ରଂ ପୁଷ୍ପଂ ଫଲଂ ତୋୟଂ ଯୋ ମେ ଭକ୍ତ୍ୟା ପ୍ରୟଚ୍ଛତି ।**
**ତଦହଂ ଭକ୍ତ୍ୟୁପହୃତମଶ୍ନାମି ପ୍ରୟତାତ୍ମନଃ ।। ୯-୨୬।।**

(ଯେକେହି ଭକ୍ତ ମୋତେ ପ୍ରେମ ଓ ଭକ୍ତିର ସହିତ ପତ୍ର, ପୁଷ୍ପ, ଫଳ, ଜଳ ଆଦି ଅର୍ପଣ କଲେ, ସେହି ଶୁଦ୍ଧବୁଦ୍ଧି ନିଷ୍କାମପ୍ରେମୀ ଭକ୍ତଙ୍କ ଦ୍ୱାରା ପ୍ରେମ-ଭକ୍ତିପୂର୍ବକ ଅର୍ପିତ ହୋଇଥିବା ସେହି ପତ୍ରପୁଷ୍ପାଦି ମୁଁ ସଗୁଣ ରୂପରେ ପ୍ରକଟ ହୋଇ ପ୍ରୀତିପୂର୍ବକ ଭୋଜନ କରେ ।। ୯-୨୬ ।।)

Not For Commercial Use

**ଯତ୍କରୋଷି ଯଦଶ୍ନାସି ଯଜ୍ଜୁହୋଷି ଦଦାସି ଯତ୍ ।**
**ଯତ୍ତପସ୍ୟସି କୌନ୍ତେୟ ତତ୍କୁରୁଷ୍ୱ ମଦର୍ପଣମ୍ ।। ୯-୨୭।।**

(ହେ ଅର୍ଜୁନ ! ତୁମେ ଯାହାକିଛି କର୍ମ କରୁଛ, ଯାହାକିଛି ଖାଉଛ, ଯାହାକିଛି ହବନ କରୁଛ, ଯାହାକିଛି ଦାନ କରୁଛ ଏବଂ ଯାହାକିଛି ତପ କରୁଛ, ସେସବୁ ମୋତେ ଅର୍ପଣ କର ।। ୯-୨୭ ।।)

**ଶୁଭାଶୁଭଫଳୈରେବଂ ମୋକ୍ଷ୍ୟସେ କର୍ମବନ୍ଧନୈଃ ।**
**ସଂନ୍ୟାସଯୋଗଯୁକ୍ତାତ୍ମା ବିମୁକ୍ତୋ ମାମୁପୈଷ୍ୟସି ।। ୯-୨୮।।**

(ଏପରି ଭାବରେ, ଯେଉଁଥିରେ ସମସ୍ତ କର୍ମ ମୋତେ ଅର୍ପଣ କରାଯାଏ, ସେହି ସଂନ୍ୟାସଯୋଗରେ ଯୁକ୍ତଚିତ୍ତ ହୋଇ ଅର୍ଥାତ, ଫଳ-ଆସକ୍ତି ତ୍ୟାଗପୂର୍ବକ ସମର୍ପଣ ବୁଦ୍ଧିରେ କର୍ତ୍ତବ୍ୟ କର୍ମ କରି, ତୁମେ ଶୁଭାଶୁଭା ଫଳରୂପକ କର୍ମବନ୍ଧନରୁ ମୁକ୍ତ ହୋଇଯିବ ଏବଂ ସେଥିରୁ ମୁକ୍ତ ହୋଇ ମୋତେ ପ୍ରାପ୍ତ ହେବ ।। ୯-୨୮ ।।)

**ସମୋଽହଂ ସର୍ବଭୂତେଷୁ ନ ମେ ଦ୍ୱେଷ୍ୟୋଽସ୍ତି ନ ପ୍ରିୟଃ ।**
**ଯେ ଭଜନ୍ତି ତୁ ମାଂ ଭକ୍ତ୍ୟା ମୟି ତେ ତେଷୁ ଚାପ୍ୟହମ୍ ।। ୯-୨୯।।**

(ମୁଁ ସକଳ ଭୂତଙ୍କ ଠାରେ ସମଭାବରେ ବ୍ୟାପକ; ମୋର କେହି ଅପ୍ରୀୟ ନୁହନ୍ତି, କି କେହି ପ୍ରୀୟ ନୁହନ୍ତି; କିନ୍ତୁ ଯେଉଁ ଭକ୍ତମାନେ ମୋତେ ପ୍ରେମରେ ଭଜନ କରନ୍ତି, ସେମାନେ ମୋ ମଧ୍ୟରେ ଥାଆନ୍ତି ଓ ମୁଁ ସେମାଙ୍କ ମଧ୍ୟରେ ପ୍ରତ୍ୟକ୍ଷ ଥାଏ ।। ୯-୨୯ ।।)

**ଅପି ଚେତ୍ସୁଦୁରାଚାରୋ ଭଜତେ ମାମନନ୍ୟଭାକ୍ ।**
**ସାଧୁରେବ ସ ମନ୍ତବ୍ୟଃ ସମ୍ୟଗ୍-ବ୍ୟବସିତୋ ହି ସଃ ।। ୯-୩୦।।**

(ଯଦି କୌଣସି ଅତିଶୟ ଦୁରାଚାରୀ ମଧ୍ୟ ଅନନ୍ୟଭାବରେ ମୋର ଭକ୍ତ ହୋଇ ମୋତେ ଭଜନ କରେ, ତେବେ ସେ ବି ସାଧୁ ବୋଲି ଗଣାଯିବ; କାରଣ ସେ ଯଥାର୍ଥ ନିଶ୍ଚୟ କରିଥାଏ ଯେ, ପରମେଶ୍ୱରଙ୍କ ଭଜନ ସମାନ ଅନ୍ୟ କିଛି ନାହିଁ ।। ୯-୩୦ ।।)

Not For Commercial Use

**କ୍ଷିପ୍ରଂ ଭବତି ଧର୍ମାତ୍ମା ଶଶ୍ୱଚ୍ଛାନ୍ତିଂ ନିଗଚ୍ଛତି ।**
**କୌନ୍ତେୟ ପ୍ରତିଜାନୀହି ନ ମେ ଭକ୍ତଃ ପ୍ରଣଶ୍ୟତି ।। ୯-୩୧।।**

(ତେଣୁ ସେ ଶୀଘ୍ର ଧର୍ମାତ୍ମା ହୋଇଯାଏ ଏବଂ ଚିରନ୍ତନ ଶାନ୍ତି ପ୍ରାପ୍ତ ହୋଇଯାଏ । ହେ ଅର୍ଜୁନ ! ତୁମେ ଏହା ନିଶ୍ଚିତ ସତ୍ୟ ବୋଲି ଜାଣ ଯେ, ମୋର ଭକ୍ତଙ୍କର ବିନାଶ ହୁଏ ନାହିଁ ।। ୯-୩୧ ।।)

**ମାଂ ହି ପାର୍ଥ ବ୍ୟପାଶ୍ରିତ୍ୟ ଯେଽପି ସ୍ୟୁଃ ପାପଯୋନୟଃ ।**
**ସ୍ତ୍ରିୟୋ ବୈଶ୍ୟାସ୍ତଥା ଶୂଦ୍ରାସ୍ତେଽପି ଯାନ୍ତି ପରାଂ ଗତିମ୍ ।। ୯-୩୨।।**

(କାରଣ, ହେ ଅର୍ଜୁନ ! ସ୍ତ୍ରୀ, ବୈଶ୍ୟ, ଶୂଦ୍ର ତଥା ନୀଚ ଜାତିର ଯେ କେହି ବି ହୁଅନ୍ତୁ ନା କାହିଁକି, ସେମାନେ ମଧ୍ୟ ମୋର ଶରଣାପନ୍ନ ହୋଇ ପରମଗତି ହିଁ ପ୍ରାପ୍ତ ହୁଅନ୍ତି ।। ୯-୩୨ ।।)

**କିଂ ପୁନର୍ବ୍ରାହ୍ମଣାଃ ପୁଣ୍ୟା ଭକ୍ତା ରାଜର୍ଷୟସ୍ତଥା ।**
**ଅନିତ୍ୟମସୁଖଂ ଲୋକମିମଂ ପ୍ରାପ୍ୟ ଭଜସ୍ୱ ମାମ୍ ।। ୯-୩୩।।**

(ତେଣୁ ପୁଣ୍ୟଶୀଳ ବ୍ରାହ୍ମଣ ତଥା ରାଜର୍ଷି ଭକ୍ତମାନେ ଯେ ମୋର ଶରଣାପନ୍ନ ହେଲେ ପରମଗତି ପ୍ରାପ୍ତ ହୁଅନ୍ତି, ତାହା ଆଉ କଣ କହିବା ! ଅତଏବ ତୁମେ ସୁଖଶୂନ୍ୟ ଓ କ୍ଷଣଭଙ୍ଗୁର ଏହି ମନୁଷ୍ୟଶରୀର ପ୍ରାପ୍ତ ହୋଇ ନିରନ୍ତର ମୋର ହିଁ ଭଜନ କର ।। ୯-୩୩ ।।)

**ମନ୍ମନା ଭବ ମଦ୍-ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ଯୁକ୍ତ୍ୱୈବମାତ୍ମାନଂ ମତ୍ପରାୟଣଃ ।। ୯-୩୪।।**

(ମୋଠାରେ ମନ ଲଗାଅ; ମୋତେ ଭକ୍ତି କର; ମୋର ପୂଜନ କର; ମୋତେ ପ୍ରଣାମ କର । ଏପରି ଭାବରେ ଆତ୍ମାକୁ ମୋଠାରେ ଲଗାଇ ମୋର ପରାୟଣ ହେଲେ, ତୁମେ ମୋତେ ହିଁ ପ୍ରାପ୍ତ ହେବ ।। ୯-୩୪ ।।)

Not For Commercial Use

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ରାଜବିଦ୍ୟାରାଜଗୁହ୍ୟଯୋଗୋ ନାମ ନବମୋଽଧ୍ୟାୟଃ ।। ୯।।**

---

Not For Commercial Use

# ଦଶମ ଅଧ୍ୟାୟ

(Chapter – 10)

## ବିଭୂତିଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଦଶମୋଽଧ୍ୟାୟଃ ।।

।। ଅଥ ଦଶମୋଽଧ୍ୟାୟଃ । ବିଭୂତିଯୋଗଃ ।।

। ଶ୍ରୀଭଗବାନୁବାଚ ।

**ଭୂୟ ଏବ ମହାବାହୋ ଶୃଣୁ ମେ ପରମଂ ବଚଃ ।**
**ୟତ୍ତେଽହଂ ପ୍ରୀୟମାଣାୟ ବକ୍ଷ୍ୟାମି ହିତକାମ୍ୟୟା ।। ୧୦-୧।।**

(ଶ୍ରୀଭଗବାନ କହିଲେ - ହେ ମହାବାହୋ ! ମୋର ପରମ ରହସ୍ୟ ଓ ପ୍ରଭାବଶାଳୀ ବଚନ ପୁଣି ଥରେ ଶ୍ରବଣ କର । ତୁମେ ମୋ ଠାରେ ଅତିଶୟ ପ୍ରେମ ରଖୁଛ; ତୁମର ହିତ କାମନା କରି ମୁଁ ଏହା କହିବି ।। ୧୦-୦୧ ।।)

**ନ ମେ ବିଦୁଃ ସୁରଗଣାଃ ପ୍ରଭବଂ ନ ମହର୍ଷୟଃ ।**
**ଅହମାଦିର୍ହି ଦେବାନାଂ ମହର୍ଷୀଣାଂ ଚ ସର୍ବଶଃ ।। ୧୦-୨।।**

(ମୋର ଉତ୍ପତ୍ତି ଅର୍ଥାତ, ଲୀଳାରେ ପ୍ରକଟ ହେଉଥିବା ରହସ୍ୟ ଦେବତାମାନେ ଜାଣନ୍ତି ନାହିଁ, କି ମହର୍ଷିମାନେ ଜାଣନ୍ତି ନାହିଁ; କାରଣ ମୁଁ ହେଉଛି ସବୁ ଦୃଷ୍ଟିରୁ ଦେବତାମାନଙ୍କର ତଥା ମହର୍ଷିମାନଙ୍କର ଆଦିକାରଣ ।। ୧୦-୦୨ ।।)

**ୟୋ ମାମଜମନାଦିଂ ଚ ବେତ୍ତି ଲୋକମହେଶ୍ୱରମ୍ ।**
**ଅସମ୍ମୂଢଃ ସ ମର୍ତ୍ତ୍ୟେଷୁ ସର୍ବପାପୈଃ ପ୍ରମୁଚ୍ୟତେ ।। ୧୦-୩।।**

(ଯେ ମୋତେ ଅଜନ୍ମା, ଅନାଦି ଓ ଲୋକମହେଶ୍ୱର ବୋଲି ତତ୍ତ୍ୱତଃ ଜାଣନ୍ତି, ମନୁଷ୍ୟମାନଙ୍କ ମଧ୍ୟରେ ଥିବା ସେହି ଜ୍ଞାନୀପୁରୁଷ ସକଳ ପାପରୁ ମୁକ୍ତ ହୋଇଯାଆନ୍ତି ।। ୧୦-୦୩ ।।)

Not For Commercial Use

**ବୁଦ୍ଧିର୍ଜ୍ଞାନମସମ୍ମୋହଃ କ୍ଷମା ସତ୍ୟଂ ଦମଃ ଶମଃ ।**
**ସୁଖଂ ଦୁଃଖଂ ଭବୋଽଭାବୋ ଭୟଂ ଚାଭୟମେବ ଚ ।। ୧୦-୪।।**
**ଅହିଂସା ସମତା ତୁଷ୍ଟିସ୍ତପୋ ଦାନଂ ଯଶୋଽୟଶଃ ।**
**ଭବନ୍ତି ଭାବା ଭୂତାନାଂ ମତ୍ତ ଏବ ପୃଥଗ୍ୱିଧାଃ ।। ୧୦-୫।।**

(ନିଶ୍ଚୟ କରିବା ଶକ୍ତି, ଯଥାର୍ଥ ଜ୍ଞାନ, ମୁଢତା, କ୍ଷମା, ସତ୍ୟ, ଇନ୍ଦ୍ରିୟସଂଯମ, ମନୋନିଗ୍ରହ ତଥା ସୁଖ-ଦୁଃଖ, ଉତ୍ପତ୍ତି-ପ୍ରଳୟ, ଭୟ-ଅଭୟ ଏବଂ ଅହିଂସା, ସମତା, ସନ୍ତୋଷ, ତପ, ଦାନ, କୀର୍ତ୍ତି ଓ ଅପକୀର୍ତ୍ତି – ପ୍ରାଣୀମାନଙ୍କର ଏହିପରି ଯେଉଁ ନାନାପ୍ରକାର ଭାବ ରହିଛି, ସେଗୁଡିକ ମୋଠାରୁ ହିଁ ଉତ୍ପନ୍ନ ହୋଇଥାନ୍ତି ।। ୧୦-୦୪, ୧୦-୦୫ ।।)

**ମହର୍ଷୟଃ ସପ୍ତ ପୂର୍ବେ ଚତ୍ୱାରୋ ମନବସ୍ତଥା ।**
**ମଦ୍-ଭାବା ମାନସା ଜାତା ଯେଷାଂ ଲୋକ ଇମାଃ ପ୍ରଜାଃ ।। ୧୦-୬।।**

(ସଂସାରର ଏହି ସମସ୍ତ ପ୍ରଜା ଯେଉଁମାନଙ୍କ ଠାରୁ ଉତ୍ପନ୍ନ ହୋଇଛନ୍ତି, ସେହି ସପ୍ତମହର୍ଷି ଓ ସେମାନଙ୍କ ପୂର୍ବରୁ ଜାତ ହୋଇଥିବା ସନକାଦି ଚାରି କୁମାର, ତଥା ସ୍ୱାୟଂଭୁଆଦି ଚଉଦ ମନୁ ମୋ ସଂକଳ୍ପରୁ ଉତ୍ପନ୍ନ ହୋଇଛନ୍ତି । ଏ ସମସ୍ତେ ମୋ ଠାରେ ଶ୍ରଦ୍ଧାଭାବ ରଖନ୍ତି ।। ୧୦-୦୬ ।।)

**ଏତାଂ ବିଭୂତିଂ ଯୋଗଂ ଚ ମମ ଯୋ ବେତ୍ତି ତତ୍ତ୍ୱତଃ ।**
**ସୋଽବିକମ୍ପେନ ଯୋଗେନ ଯୁଜ୍ୟତେ ନାତ୍ର ସଂଶୟଃ ।। ୧୦-୭।।**

(ଯେଉଁ ପୁରୁଷ ମୋର ଏହି ପରମ ଐଶ୍ୱର୍ଯ୍ୟରୂପୀ ବିଭୂତି ଓ ଯୋଗଶକ୍ତିର ତତ୍ତ୍ୱତଃ ଜାଣନ୍ତି, ସେ ନିଶ୍ଚଳ ଭକ୍ତିଯୋଗ ଦ୍ୱାରା ଯୁକ୍ତ ହୋଇଯାନ୍ତି; ଏଥିରେ କୌଣସି ସନ୍ଦେହ ନାହିଁ ।। ୧୦-୦୭ ।।)

Not For Commercial Use

**ଅହଂ ସର୍ବସ୍ୟ ପ୍ରଭବୋ ମତ୍ତଃ ସର୍ବଂ ପ୍ରବର୍ତତେ ।**
**ଇତି ମତ୍ୱା ଭଜନ୍ତେ ମାଂ ବୁଧା ଭାବସମନ୍ୱିତାଃ ।। ୧୦-୮।।**

(ମୁଁ ହିଁ ସମସ୍ତ ଜଗତର ଉତ୍ପତ୍ତିର କାରଣ ଓ ମୋ ଦ୍ୱାରା ହିଁ ସମସ୍ତ ଜଗତ ପ୍ରବୃତ୍ତ ହେଉଛି, ଏପରି ବୁଝି ଶ୍ରଦ୍ଧାଯୁକ୍ତ ଓ ଭକ୍ତିଯୁକ୍ତ ବୁଦ୍ଧିମାନ ଭକ୍ତମାନେ ମୋତେ ଅର୍ଥାତ, ପରମେଶ୍ୱରଙ୍କୁ ହିଁ ନିରନ୍ତର ଭଜନ କରନ୍ତି ।। ୧୦-୦୮ ।।)

**ମଚ୍ଚିତ୍ତା ମଦ୍ଗତପ୍ରାଣା ବୋଧୟନ୍ତଃ ପରସ୍ପରମ୍ ।**
**କଥୟନ୍ତଶ୍ଚ ମାଂ ନିତ୍ୟଂ ତୁଷ୍ୟନ୍ତି ଚ ରମନ୍ତି ଚ ।। ୧୦-୯।।**

(ନିରନ୍ତର ମୋଠାରେ ମନ ଲଗାଇଥିବା ଓ ମୋଠାରେ ହିଁ ପ୍ରାଣ ଅର୍ପଣ କରିଦେଇଥିବା ଭକ୍ତମାନେ ମୋ ଭକ୍ତି ସଂବନ୍ଧରେ ଚର୍ଚ୍ଚା କରି, ମୋର ପ୍ରଭାବ ବିଷୟରେ ପରଷ୍ପର ଆଲୋଚନା କରି, ଏକ ଆରେକକୁ ବୋଧ କରାଇ, ତଥା ମୋର ଗୁଣ ଓ ପ୍ରଭାବ ସହିତ ମୋ ବିଷୟରେ କଥାଭାଷା କରି ହିଁ ନିରନ୍ତର ସନ୍ତୁଷ୍ଟ ହୁଅନ୍ତି ଓ ମୋଠାରେ ହିଁ ନିରନ୍ତର ରମଣ କରନ୍ତି ।। ୧୦-୦୯ ।।)

**ତେଷାଂ ସତତଯୁକ୍ତାନାଂ ଭଜତାଂ ପ୍ରୀତିପୂର୍ବକମ୍ ।**
**ଦଦାମି ବୁଦ୍ଧିୟୋଗଂ ତଂ ୟେନ ମାମୁପୟାନ୍ତି ତେ ।। ୧୦-୧୦।।**

(ନିରନ୍ତର ମୋର ଧ୍ୟାନ ଆଦିରେ ଲାଗିରହୁଥିବା ତଥା ପ୍ରେମ ଓ ଭକ୍ତିପୂର୍ବକ ଭଜନ କରୁଥିବା ସେହି ଭକ୍ତମାନଙ୍କୁ ମୁଁ ସେହି ତତ୍ତ୍ୱଜ୍ଞାନରୂପୀ ଯୋଗ ପ୍ରଦାନ କରେ, ଯାହାଦ୍ୱାରା ସେମାନେ ମୋତେ ହିଁ ପ୍ରାପ୍ତ ହୁଅନ୍ତି ।। ୧୦-୧୦ ।।)

**ତେଷାମେବାନୁକମ୍ପାର୍ଥମହମଜ୍ଞାନଜଂ ତମଃ ।**
**ନାଶୟାମ୍ୟାତ୍ମଭାବସ୍ଥୋ ଜ୍ଞାନଦୀପେନ ଭାସ୍ୱତା ।। ୧୦-୧୧।।**

(ହେ ଅର୍ଜୁନ ! ସେମାନଙ୍କ ଉପରେ ଅନୁଗ୍ରହ କରିବାକୁ ସେମାନଙ୍କର ଅନ୍ତଃକରଣରେ ଅବସ୍ଥିତ ହୋଇ ମୁଁ ନିଜେ ହିଁ ଆଲୋକମୟ ତତ୍ତ୍ୱଜ୍ଞାନରୂପୀ ଦ୍ୱୀପଦ୍ୱାରା ସେମାନଙ୍କର ଅଜ୍ଞାନଜନିତ ଅନ୍ଧକାରକୁ ନାଶ କରିଦିଏ ।। ୧୦-୧୧ ।।)

Not For Commercial Use

**। ଅର୍ଜୁନ ଉବାଚ ।**

**ପରଂ ବ୍ରହ୍ମ ପରଂ ଧାମ ପବିତ୍ରଂ ପରମଂ ଭବାନ୍ ।**
**ପୁରୁଷଂ ଶାଶ୍ୱତଂ ଦିବ୍ୟମାଦିଦେବମଜଂ ବିଭୁମ୍ ।। ୧୦-୧୨।।**
**ଆହୁସ୍ତ୍ୱାମୃଷୟଃ ସର୍ବେ ଦେବର୍ଷିର୍ନାରଦସ୍ତଥା ।**
**ଅସିତୋ ଦେବଲୋ ବ୍ୟାସଃ ସ୍ୱୟଂ ଚୈବ ବ୍ରବୀଷି ମେ ।। ୧୦-୧୩।।**

(ଅର୍ଜୁନ କହିଲେ – ଆପଣ ପରମ ବ୍ରହ୍ମ, ପରମ ଧାମ ଓ ପରମ ପବିତ୍ର ଅଟନ୍ତି; କାରଣ ଆପଣଙ୍କୁ ସକଳ ଋଷି ସନାତନ, ଦିବ୍ୟପୁରୁଷ ଏବଂ ଦେବତାମାନଙ୍କର ମଧ୍ୟ ଆଦିଦେବ, ଅଜନ୍ମା ଓ ସର୍ବବ୍ୟାପୀ ବୋଲି କହନ୍ତି । ଦେବର୍ଷି ନାରଦ, ଅସିତ ଓ ଦେବଳ ଋଷି ତଥା ମହର୍ଷି ବ୍ୟାସ ମଧ୍ୟ ସେହିପରି କହନ୍ତି; ଓ ଆପଣ ନିଜେ ମଧ୍ୟ ମୋତେ ସେହି କଥା କହୁଛନ୍ତି ।। ୧୦-୧୨, ୧୦-୧୩ ।।)

**ସର୍ବମେତଦୃତଂ ମନ୍ୟେ ଯନ୍ମାଂ ବଦସି କେଶବ ।**
**ନ ହି ତେ ଭଗବନ୍-ବ୍ୟକ୍ତିଂ ବିଦୁର୍ଦେବା ନ ଦାନବାଃ ।। ୧୦-୧୪।।**

(ହେ କେଶବ ! ଆପଣ ମୋତେ ଯାହା କିଛି ବି କହୁଛନ୍ତି, ସେସବୁ ମୁଁ ସତ୍ୟ ବୋଲି ମାନୁଛି । ହେ ଭଗବାନ ! ଆପଣଙ୍କର ଲୀଳାମୟ ସ୍ୱରୂପକୁ ଦାନବମାନେ ଜାଣନ୍ତି ନାହିଁ, କି ଦେବତାମାନେ ଜାଣନ୍ତି ନାହିଁ ।। ୧୦-୧୪ ।।)

**ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ ତ୍ୱଂ ପୁରୁଷୋତ୍ତମ ।**
**ଭୂତଭାବନ ଭୂତେଶ ଦେବଦେବ ଜଗତ୍ପତେ ।। ୧୦-୧୫।।**

(ହେ ପ୍ରାଣୀମାନଙ୍କର ସୃଷ୍ଟିକର୍ତ୍ତା ! ହେ ପ୍ରାଣୀମାନଙ୍କର ଈଶ୍ୱର ! ହେ ଦେବାଧିଦେବ ! ହେ ଜଗନ୍ନାଥ ! ହେ ପୁରୁଷୋତ୍ତମ ! ଆପଣ ନିଜେ ହିଁ ନିଜଦ୍ୱାରା ନିଜକୁ ଜାଣନ୍ତି ।। ୧୦-୧୫ ।।)

Not For Commercial Use

**ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ଯାଭିର୍ବିଭୂତିଭିର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି ।। ୧୦-୧୬।।**

(ତେଣୁ ଯେଉଁ ବିଭୂତିଗୁଡିକ ଦ୍ୱାରା ଆପଣ ଏହିସବୁ ଲୋକକୁ ବ୍ୟାପି ରହିଛନ୍ତି, ଆପଣ ହିଁ ନିଜର ସେହି ଦିବ୍ୟ ବିଭୂତିଗୁଡିକୁ ସଂପୂର୍ଣ୍ଣରୂପେ କହିବାକୁ ସମର୍ଥ ଅଟନ୍ତି ।। ୧୦-୧୬ ।।)

**କଥଂ ବିଦ୍ୟାମହଂ ଯୋଗିଂସ୍ତ୍ୱାଂ ସଦା ପରିଚିନ୍ତୟନ୍ ।**
**କେଷୁ କେଷୁ ଚ ଭାବେଷୁ ଚିନ୍ତ୍ୟୋଃସି ଭଗବନ୍ମୟା ।। ୧୦-୧୭।।**

(ହେ ଯୋଗେଶ୍ୱର ! ନିରନ୍ତର କିପରି ଚିନ୍ତନ କରି କରି ମୁଁ ଆପଣଙ୍କୁ ଜାଣିପାରିବି ଏବଂ ହେ ଭଗବାନ ! ଆପଣ କେଉଁ କେଉଁ ଭାବରେ ମୋ ଦ୍ୱାରା ଚିନ୍ତନଯୋଗ୍ୟ ଅଟନ୍ତି ? ।। ୧୦-୧୭ ।।)

**ବିସ୍ତରେଣାତ୍ମନୋ ଯୋଗଂ ବିଭୂତିଂ ଚ ଜନାର୍ଦନ ।**
**ଭୂୟଃ କଥୟ ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି ମେଃମୃତମ୍ ।। ୧୦-୧୮।।**

(ହେ ଜନାର୍ଦ୍ଦନ ! ଆପଣଙ୍କ ଯୋଗଶକ୍ତି ଓ ବିଭୂତି ବିଷୟରେ ଆହୁରି ବିସ୍ତୃତ ଭାବରେ କୁହନ୍ତୁ । କାରଣ ଆପଣଙ୍କର ଅମୃତମୟ ବଚନ ଶୁଣି ଶୁଣି ବି ମୋର ତୃପ୍ତି ହେଉ ନାହିଁ ! ଆହୁରି ଶୁଣିବାକୁ ଉତ୍କଣ୍ଠା ବଢୁଛି ।। ୧୦-୧୮ ।।)

**। ଶ୍ରୀଭଗବାନୁବାଚ ।**

**ହନ୍ତ ତେ କଥୟିଷ୍ୟାମି ଦିବ୍ୟା ହ୍ୟାତ୍ମବିଭୂତୟଃ ।**
**ପ୍ରାଧାନ୍ୟତଃ କୁରୁଶ୍ରେଷ୍ଠ ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ ।। ୧୦-୧୯।।**

(ଶ୍ରୀଭଗବାନ କହିଲେ - ହେ କୁରୁଶ୍ରେଷ୍ଠ ! ମୋର ଯେଉଁ ସବୁ ଦିବ୍ୟ ବିଭୂତି ରହିଛି, ସେଗୁଡିକ ତୁମକୁ ମୁଖ୍ୟଭାବରେ ବର୍ତ୍ତମାନ କହିବି; କାରଣ ମୋ ବିସ୍ତାରର ଅନ୍ତ ନାହିଁ ।। ୧୦-୧୯ ।।)

Not For Commercial Use

**ଅହମାତ୍ମା ଗୁଡାକେଶ ସର୍ବଭୂତାଶୟସ୍ଥିତଃ ।**
**ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ।। ୧୦-୨୦।।**

(ହେ ଅର୍ଜୁନ ! ମୁଁ ସକଳ ଜୀବଙ୍କ ହୃଦୟରେ ସ୍ଥିତ ସମସ୍ତଙ୍କର ଆତ୍ମା ଅଟେ; ତଥା ସକଳ ଜୀବଙ୍କର ଆଦି, ମଧ୍ୟ ଓ ଅନ୍ତ ବି ମୁଁ ହିଁ ଅଟେ ।। ୧୦-୨୦ ।।)

**ଆଦିତ୍ୟାନାମହଂ ବିଷ୍ଣୁର୍ଜ୍ୟୋତିଷାଂ ରବିରଂଶୁମାନ୍ ।**
**ମରୀଚିର୍ମରୁତାମସ୍ମି ନକ୍ଷତ୍ରାଣାମହଂ ଶଶୀ ।। ୧୦-୨୧।।**

(ମୁଁ ଅଦିତିଙ୍କର ଦ୍ୱାଦଶ ପୁତ୍ରଙ୍କ ମଧ୍ୟରେ ବିଷ୍ଣୁ; ଜ୍ୟୋତିମାନଙ୍କ ମଧ୍ୟରେ କିରଣ ପ୍ରଦାନକାରୀ ସୁର୍ଯ୍ୟ, ତଥା ଅଣଚାଶ ବାୟୁ ଦେବତାଙ୍କ ମଧ୍ୟରେ ମରୀଚି ଓ ନକ୍ଷତ୍ରମାନଙ୍କର ଅଧିପତି ଚନ୍ଦ୍ରମା ଅଟେ ।। ୧୦-୨୧ ।।)

**ବେଦାନାଂ ସାମବେଦୋଽସ୍ମି ଦେବାନାମସ୍ମି ବାସବଃ ।**
**ଇନ୍ଦ୍ରିୟାଣାଂ ମନଶ୍ଚାସ୍ମି ଭୂତାନାମସ୍ମି ଚେତନା ।। ୧୦-୨୨।।**

(ମୁଁ ବେଦମାନଙ୍କ ମଧ୍ୟରେ ସାମବେଦ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଇନ୍ଦ୍ରିୟମାନଙ୍କ ମଧ୍ୟରେ ମନ ଓ ପ୍ରାଣୀମାନଙ୍କର ଚେତନା ଅଟେ ।। ୧୦-୨୨ ।।)

**ରୁଦ୍ରାଣାଂ ଶଂକରଶ୍ଚାସ୍ମି ବିତ୍ତେଶୋ ଯକ୍ଷରକ୍ଷସାମ୍ ।**
**ବସୂନାଂ ପାବକଶ୍ଚାସ୍ମି ମେରୁଃ ଶିଖରିଣାମହମ୍ ।। ୧୦-୨୩।।**

(ମୁଁ ଏକାଦଶ ରୁଦ୍ରଙ୍କ ମଧ୍ୟରେ ଶଂକର, ତଥା ଯକ୍ଷ ଓ ରାକ୍ଷସମାନଙ୍କ ମଧ୍ୟରେ ଧନପତି କୁବେର ଅଟେ । ମୁଁ ଅଷ୍ଟବସୁଙ୍କ ମଧ୍ୟରେ ଅଗ୍ନି ଓ ପର୍ବତମାନଙ୍କ ମଧ୍ୟରେ ସୁମେରୁ ପର୍ବତ ଅଟେ ।। ୧୦-୨୩ ।।)

Not For Commercial Use

**ପୁରୋଧସାଂ ଚ ମୁଖ୍ୟଂ ମାଂ ବିଦ୍ଧି ପାର୍ଥ ବୃହସ୍ପତିମ୍ ।**
**ସେନାନୀନାମହଂ ସ୍କନ୍ଦଃ ସରସାମସ୍ମି ସାଗରଃ ।। ୧୦-୨୪।।**

(ହେ ପାର୍ଥ ! ମୋତେ ପୁରୋହିତମାନଙ୍କର ମୁଖ୍ୟ ବୃହସ୍ପତି ବୋଲି ଜାଣ । ମୁଁ ସେନାପତିମାନଙ୍କ ମଧ୍ୟରେ ସ୍କନ୍ଦ ଓ ଜଳାଶୟମାନଙ୍କ ମଧ୍ୟରେ ସାଗର ଅଟେ ।। ୧୦-୨୪ ।।)

**ମହର୍ଷୀଣାଂ ଭୃଗୁରହଂ ଗିରାମସ୍ମ୍ୟେକମକ୍ଷରମ୍ ।**
**ଯଜ୍ଞାନାଂ ଜପଯଜ୍ଞୋଽସ୍ମି ସ୍ଥାବରାଣାଂ ହିମାଳୟଃ ।। ୧୦-୨୫।।**

(ମୁଁ ମହର୍ଷିମାନଙ୍କ ମଧ୍ୟରେ ଭୃଗୁ ଓ ଶବ୍ଦମାନଙ୍କ ମଧ୍ୟରେ ଏକାକ୍ଷର ଓଁ ଅଟେ । ମୁଁ ସକଳ ପ୍ରକାର ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ ଓ ସ୍ଥାବରମାନଙ୍କ ମଧ୍ୟରେ ହିମାଳୟ ପର୍ବତ ଅଟେ ।। ୧୦-୨୫ ।।)

**ଅଶ୍ୱତ୍ଥଃ ସର୍ବବୃକ୍ଷାଣାଂ ଦେବର୍ଷୀଣାଂ ଚ ନାରଦଃ ।**
**ଗନ୍ଧର୍ବାଣାଂ ଚିତ୍ରରଥଃ ସିଦ୍ଧାନାଂ କପିଲୋ ମୁନିଃ ।। ୧୦-୨୬।।**

(ମୁଁ ସକଳ ବୃକ୍ଷଙ୍କ ମଧ୍ୟରେ ଅଶ୍ୱତ୍ଥ ବୃକ୍ଷ, ଦେବର୍ଷିମାନଙ୍କ ମଧ୍ୟରେ ନାରଦ ମୁନି, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ ଓ ସିଦ୍ଧମାନଙ୍କ ମଧ୍ୟରେ କପିଳ ମୁନି ଅଟେ ।। ୧୦-୨୬ ।।)

**ଉଚ୍ଚୈଃଶ୍ରବସମଶ୍ୱାନାଂ ବିଦ୍ଧି ମାମମୃତୋଦ୍-ଭବମ୍ ।**
**ଐରାବତଂ ଗଜେନ୍ଦ୍ରାଣାଂ ନରାଣାଂ ଚ ନରାଧିପମ୍ ।। ୧୦-୨୭।।**

(ମୋତେ ଅଶ୍ୱମାନଙ୍କ ମଧ୍ୟରେ ଅମୃତ ସହିତ ଉତ୍ପନ୍ନ ହୋଇଥିବା ଉଚୈଃଶ୍ରବା, ଶ୍ରେଷ୍ଠ ହସ୍ତୀମାନଙ୍କ ମଧ୍ୟରେ ଐରାବତ ଓ ମନୁଷ୍ୟମାନଙ୍କ ମଧ୍ୟରେ ରାଜା ବୋଲି ଜାଣ ।। ୧୦-୨୭ ।।)

**ଆୟୁଧାନାମହଂ ବଜ୍ରଂ ଧେନୂନାମସ୍ମି କାମଧୁକ୍ ।**
**ପ୍ରଜନଶ୍ଚାସ୍ମି କନ୍ଦର୍ପଃ ସର୍ପାଣାମସ୍ମି ବାସୁକିଃ ।। ୧୦-୨୮।।**

(ମୁଁ ଶସ୍ତ୍ରମାନଙ୍କ ମଧ୍ୟରେ ବଜ୍ର ଓ ଧେନୁମାନଙ୍କ ମଧ୍ୟରେ କାମଧେନୁ ଅଟେ । ମୁଁ ଶାସ୍ତ୍ରୋକ୍ତ ରୀତିରେ ସନ୍ତାନ-ଉତ୍ପତ୍ତିର ହେତୁ କାମଦେବ ଏବଂ ସର୍ପମାନଙ୍କ ମଧ୍ୟରେ ସର୍ପରାଜ ବାସୁକି ଅଟେ ।। ୧୦-୨୮ ।।)

Not For Commercial Use

**ଅନନ୍ତଶ୍ଚାସ୍ମି ନାଗାନାଂ ବରୁଣୋ ଯାଦସାମହମ୍ ।**
**ପିତୃଣାମର୍ଯ୍ୟମା ଚାସ୍ମି ଯମଃ ସଂଯମତାମହମ୍ ।। ୧୦-୨୯।।**

(ମୁଁ ନାଗମାନଙ୍କ ମଧ୍ୟରେ ଶେଷନାଗ, ଜଳଚରମାନଙ୍କ ମଧ୍ୟରେ ସେମାନଙ୍କର ଅଧିପତି ବରୁଣଦେବତା ଏବଂ ପିତୃମାନଙ୍କ ମଧ୍ୟରେ ଅର୍ଯ୍ୟମା ନାମକ ପିତୃ ତଥା ଶାସକମାନଙ୍କ ମଧ୍ୟରେ ଯମରାଜ ଅଟେ ।। ୧୦-୨୯ ।।)

**ପ୍ରହ୍ଲାଦଶ୍ଚାସ୍ମି ଦୈତ୍ୟାନାଂ କାଲଃ କଲୟତାମହମ୍ ।**
**ମୃଗାଣାଂ ଚ ମୃଗେନ୍ଦ୍ରୋଽହଂ ବୈନତେୟଶ୍ଚ ପକ୍ଷିଣାମ୍ ।। ୧୦-୩୦।।**

(ମୁଁ ଦୈତ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ ଓ ଗଣନାକାରୀମାନଙ୍କ ମଧ୍ୟରେ କାଳ, ତଥା ପଶୁମାନଙ୍କ ମଧ୍ୟରେ ମୃଗରାଜ ସିଂହ ଓ ପକ୍ଷୀମାନଙ୍କ ମଧ୍ୟରେ ଗରୁଡ ଅଟେ ।। ୧୦-୩୦ ।।)

**ପବନଃ ପବତାମସ୍ମି ରାମଃ ଶସ୍ତ୍ରଭୃତାମହମ୍ ।**
**ଝଷାଣାଂ ମକରଶ୍ଚାସ୍ମି ସ୍ରୋତସାମସ୍ମି ଜାହ୍ନବୀ ।। ୧୦-୩୧।।**

(ମୁଁ ପବିତ୍ରକାରୀମାନଙ୍କ ମଧ୍ୟରେ ବାୟୁ ଓ ଶସ୍ତ୍ରଧାରୀମାନଙ୍କ ମଧ୍ୟରେ ଶ୍ରୀରାମ, ତଥା ମତ୍ସ୍ୟମାନଙ୍କ ମଧ୍ୟରେ ମଗର ଓ ନଦୀମାନଙ୍କ ମଧ୍ୟରେ ଗଙ୍ଗା ଅଟେ ।। ୧୦-୩୧ ।।)

**ସର୍ଗାଣାମାଦିରନ୍ତଶ୍ଚ ମଧ୍ୟଂ ଚୈବାହମର୍ଜୁନ ।**
**ଅଧ୍ୟାତ୍ମବିଦ୍ୟା ବିଦ୍ୟାନାଂ ବାଦଃ ପ୍ରବଦତାମହମ୍ ।। ୧୦-୩୨।।**

(ହେ ଅର୍ଜୁନ ! ସୃଷ୍ଟିମାନଙ୍କର ଆଦି, ମଧ୍ୟ ଓ ଅନ୍ତ ମୁଁ ହିଁ ଅଟେ । ମୁଁ ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମବିଦ୍ୟା ଏବଂ ଶାସ୍ତ୍ରାର୍ଥ ପାଇଁ ପରଷ୍ପର ତର୍କ କରୁଥିବା ଲୋକଙ୍କ ମଧ୍ୟରେ ତତ୍ତ୍ୱନିର୍ଣ୍ଣୟ ପାଇଁ କରାଯାଉଥିବା ବାଦ ମଧ୍ୟ ମୁଁ ଅଟେ ।। ୧୦-୩୨ ।।)

**ଅକ୍ଷରାଣାମକାରୋଽସ୍ମି ଦ୍ୱନ୍ଦ୍ୱଃ ସାମାସିକସ୍ୟ ଚ ।**
**ଅହମେବାକ୍ଷୟଃ କାଲୋ ଧାତାହଂ ବିଶ୍ୱତୋମୁଖଃ ।। ୧୦-୩୩।।**

(ମୁଁ ଅକ୍ଷରମାନଙ୍କ ମଧ୍ୟରେ 'ଅ' କାର ଓ ସମାସ ମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ନାମକ ସମାସ ଅଟେ । ମୁଁ ଅକ୍ଷୟ କାଳ ଅର୍ଥାତ, କାଳର ମଧ୍ୟ ମହାକାଳ ଅଟେ । ସକଳ ଦିଗରେ ମୁଖ ଥିବା (ବିରାଟସ୍ୱରୂପ) ସମସ୍ତଙ୍କର ଧାରଣପୋଷଣକାରୀ ମଧ୍ୟ ମୁଁ ହିଁ ଅଟେ ।। ୧୦-୩୩ ।।)

**ମୃତ୍ୟୁଃ ସର୍ବହରଶ୍ଚାହମୁଦ୍-ଭବଶ୍ଚ ଭବିଷ୍ୟତାମ୍ ।**
**କୀର୍ତିଃ ଶ୍ରୀର୍ବାକ୍ଚ ନାରୀଣାଂ ସ୍ମୃତିର୍ମେଧା ଧୃତିଃ କ୍ଷମା ।। ୧୦-୩୪।।**

(ମୁଁ ସମସ୍ତଙ୍କୁ ବିନାଶ କରୁଥିବା ମୃତ୍ୟୁ ଏବଂ ଉତ୍ପନ୍ନ ହେବାକୁ ଯାଉଥିବା ସମସ୍ତଙ୍କ ଉତ୍ପତ୍ତିର କାରଣ ଅଟେ, ତଥା ନାରୀମାନଙ୍କ ମଧ୍ୟରେ କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି ଓ କ୍ଷମା ଅଟେ ।। ୧୦-୩୪ ।।)

**ବୃହତ୍ସାମ ତଥା ସାମ୍ନାଂ ଗାୟତ୍ରୀ ଛନ୍ଦସାମହମ୍ ।**
**ମାସାନାଂ ମାର୍ଗଶୀର୍ଷୋଽହମୃତୂନାଂ କୁସୁମାକରଃ ।। ୧୦-୩୫।।**

(ତଥା ମୁଁ ହେଉଛି ଗାୟନମାନଙ୍କ ମଧ୍ୟରେ ବୃହତ୍-ସାମ ଓ ଛନ୍ଦମାନଙ୍କ ମଧ୍ୟରେ ଗାୟତ୍ରୀ ଛନ୍ଦ ଏବଂ ମୁଁ ମାସମାନଙ୍କ ମଧ୍ୟରେ ମାର୍ଗଶିର ଓ ଋତୁମାନଙ୍କ ମଧ୍ୟରେ ବସନ୍ତ ଅଟେ ।। ୧୦-୩୫ ।।)

**ଦ୍ୟୂତଂ ଛଳୟତାମସ୍ମି ତେଜସ୍ତେଜସ୍ୱିନାମହମ୍ ।**
**ଜୟୋଽସ୍ମି ବ୍ୟବସାୟୋଽସ୍ମି ସତ୍ତ୍ୱଂ ସତ୍ତ୍ୱବତାମହମ୍ ।। ୧୦-୩୬।।**

(ମୁଁ ଜୁଆଡୀ ମାନଙ୍କ ମଧ୍ୟରେ ଜୁଆ ଓ ପ୍ରଭାବଶାଳୀ ମାନଙ୍କର ପ୍ରଭାବ ଅଟେ । ମୁଁ ବିଜେତା ମାନଙ୍କର ବିଜୟ, ନିଶ୍ଚୟକାରୀ ମାନଙ୍କର ନିଶ୍ଚୟ ଏବଂ ସାତ୍ତ୍ୱିକ ମାନଙ୍କର ସାତ୍ତ୍ୱିକ ଭାବ ଅଟେ ।। ୧୦-୩୬ ।।)

Not For Commercial Use

**ବୃଷ୍ଣୀନାଂ ବାସୁଦେବୋଽସ୍ମି ପାଣ୍ଡବାନାଂ ଧନଂଜୟଃ ।**
**ମୁନୀନାମପ୍ୟହଂ ବ୍ୟାସଃ କବୀନାମୁଶନା କବିଃ ।। ୧୦-୩୭।।**

(ମୁଁ ବୃଷ୍ଣିବଂଶୀ ମାନଙ୍କ ମଧ୍ୟରେ ବାସୁଦେବ ଅର୍ଥାତ ମୁଁ ସ୍ୱୟଂ ତୁମ ସଖା, ପାଣ୍ଡବ ମାନଙ୍କ ମଧ୍ୟରେ ଧନଂଜୟ ଅର୍ଥାତ ତୁମେ, ମୁନି ମାନଙ୍କ ମଧ୍ୟରେ ବେଦବ୍ୟାସ ଓ କବି ମାନଙ୍କ ମଧ୍ୟରେ ଉଶନା ଅଟେ ।। ୧୦-୩୭ ।।)

**ଦଣ୍ଡୋ ଦମୟତାମସ୍ମି ନୀତିରସ୍ମି ଜିଗୀଷତାମ୍ ।**
**ମୌନଂ ଚୈବାସ୍ମି ଗୁହ୍ୟାନାଂ ଜ୍ଞାନଂ ଜ୍ଞାନବତାମହମ୍ ।। ୧୦-୩୮।।**

(ମୁଁ ଦମନକାରୀ ମାନଙ୍କର ଦଣ୍ଡ ଅର୍ଥାତ, ଦମନଶକ୍ତି ଅଟେ; ମୁଁ ବିଜୟକାମୀ ମାନଙ୍କର ନୀତି ଅଟେ; ମୁଁ ଗୋପନଯୋଗ୍ୟ ଭାବମାନଙ୍କର ରକ୍ଷକ ମୌନ ଏବଂ ଜ୍ଞାନୀମାନଙ୍କର ତତ୍ତ୍ୱଜ୍ଞାନ ମଧ୍ୟ ମୁଁ ହିଁ ଅଟେ ।। ୧୦-୩୮ ।।)

**ୟଚ୍ଚାପି ସର୍ବଭୂତାନାଂ ବୀଜଂ ତଦହମର୍ଜୁନ ।**
**ନ ତଦସ୍ତି ବିନା ୟତ୍ସ୍ୟାନ୍ମୟା ଭୂତଂ ଚରାଚରମ୍ ।। ୧୦-୩୯।।**

(ଏବଂ ହେ ଅର୍ଜୁନ ! ଯାହା ସକଳ ଜୀବଙ୍କର ବୀଜ ବା ଉତ୍ପତ୍ତିର କାରଣ, ତାହା ବି ମୁଁ ଅଟେ, କାରଣ ଚର ବା ଅଚର ଏପରି କୌଣସି ବି ପ୍ରାଣୀ ନାହିଁ, ଯେ କି ମୋ ବିନା ଥାଇପାରେ ।। ୧୦-୩୯ ।।)

**ନାନ୍ତୋଽସ୍ତି ମମ ଦିବ୍ୟାନାଂ ବିଭୂତୀନାଂ ପରନ୍ତପ ।**
**ଏଷ ତୂଦ୍ଦେଶତଃ ପ୍ରୋକ୍ତୋ ବିଭୂତେର୍ବିସ୍ତରୋ ମୟା ।। ୧୦-୪୦।।**

(ହେ ପରନ୍ତପ ! ମୋର ଦିବ୍ୟ ବିଭୂତିମାନଙ୍କର ଅନ୍ତ ନାହିଁ । ମୁଁ ମୋ ନିଜ ବିଭୂତିର ବିସ୍ତାର ତୁମକୁ ଅତି ସଂକ୍ଷେପରେ କହିଲି ।। ୧୦-୪୦ ।।)

Not For Commercial Use

**ଯଦ୍-ଯଦ୍-ବିଭୂତିମତ୍ସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।**
**ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଽଂଶସଂଭବମ୍ ।। ୧୦-୪୧।।**

(ଯେଉଁ ସବୁ ବିଭୂତିଯୁକ୍ତ ଅର୍ଥାତ ଐଶ୍ୱର୍ଯ୍ୟଯୁକ୍ତ, କାନ୍ତିଯୁକ୍ତ ଓ ଶକ୍ତିଯୁକ୍ତ ବସ୍ତୁ ଅଛି, ସେସବୁକୁ ତୁମେ ମୋ ତେଜର ଆଂଶିକ ଅଭିବ୍ୟକ୍ତି ବୋଲି ହିଁ ଜାଣ ।। ୧୦-୪୧ ।।)

**ଅଥବା ବହୁନୈତେନ କିଂ ଜ୍ଞାତେନ ତବାର୍ଜୁନ ।**
**ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍ ।। ୧୦-୪୨।।**

(ଅଥବା ହେ ଅର୍ଜୁନ ! ଏତେ ବହୁତ ଜାଣିବାରେ ତୁମର କି ପ୍ରୟୋଜନ ! ମୁଁ ଏହି ସଂପୂର୍ଣ୍ଣ ଜଗତକୁ ନିଜ ଯୋଗଶକ୍ତିର ଏକ ଅଂଶମାତ୍ର ଦ୍ୱାରା ଧାରଣ କରି ରଖିଛି ।। ୧୦-୪୨ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ବିଭୂତିଯୋଗୋ ନାମ ଦଶମୋଽଧ୍ୟାୟଃ ।। ୧୦।।**

Not For Commercial Use

# ଏକାଦଶ ଅଧ୍ୟାୟ

(Chapter – 11)

## ବିଶ୍ୱରୂପଦର୍ଶନଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଏକାଦଶୋଽଧ୍ୟାୟଃ ।।

।। ଅଥୈକାଦଶୋଽଧ୍ୟାୟଃ । ବିଶ୍ୱରୂପଦର୍ଶନଯୋଗଃ ।।

**। ଅର୍ଜୁନ ଉବାଚ ।**

**ମଦନୁଗ୍ରହାୟ ପରମଂ ଗୁହ୍ୟମଧ୍ୟାତ୍ମସଂଜ୍ଞିତମ୍ ।**
**ୟତ୍ତ୍ୱୟୋକ୍ତଂ ବଚସ୍ତେନ ମୋହୋଽୟଂ ବିଗତୋ ମମ ।। ୧୧-୧।।**

(ଅର୍ଜୁନ କହିଲେ - ମୋ ପ୍ରତି ଅନୁଗ୍ରହ କରି ଆପଣ ଯେଉଁ ପରମ ଗୋପନୀୟ ଅଧ୍ୟାତ୍ମବିଷୟକ ବଚନ କହିଲେ ଅର୍ଥାତ, ଉପଦେଶ ଦେଲେ, ତଦ୍ଦ୍ୱାରା ମୋର ଏହି ଅଜ୍ଞାନ ନଷ୍ଟ ହୋଇଗଲା ।। ୧୧-୦୧ ।।)

**ଭବାପ୍ୟୟୌ ହି ଭୂତାନାଂ ଶ୍ରୁତୌ ବିସ୍ତରଶୋ ମୟା ।**
**ତ୍ୱତ୍ତଃ କମଲପତ୍ରାକ୍ଷ ମାହାତ୍ମ୍ୟମପି ଚାବ୍ୟୟମ୍ ।। ୧୧-୨।।**

(କାରଣ, ହେ କମଳନୟନ ! ମୁଁ ଆପଣଙ୍କ ଠାରୁ ପ୍ରାଣୀମାନଙ୍କର ଉତ୍ପତ୍ତି ଓ ପ୍ରଳୟ ବିଷୟ ବିସ୍ତୃତ ଭାବରେ ଶୁଣିଲି ତଥା ଆପଣଙ୍କର ଅବିନାଶୀ ମହିମା ମଧ୍ୟ ଶୁଣିଲି ।। ୧୧-୦୨ ।।)

**ଏବମେତଦ୍ୟଥାତ୍ଥ ତ୍ୱମାତ୍ମାନଂ ପରମେଶ୍ୱର ।**
**ଦ୍ରଷ୍ଟୁମିଚ୍ଛାମି ତେ ରୂପମୈଶ୍ୱରଂ ପୁରୁଷୋତ୍ତମ ।। ୧୧-୩।।**

(ହେ ପରମେଶ୍ୱର ! ଆପଣ ନିଜକୁ ଯେପରି କହୁଛନ୍ତି, ତାହା ଠିକ୍ ସେହିପରି । ତଥାପି ହେ ପୁରୁଷୋତ୍ତମ ! ଆପଣଙ୍କର ଜ୍ଞାନ, ଐଶ୍ୱର୍ଯ୍ୟ, ଶକ୍ତି, ବଳ, ବୀର୍ଯ୍ୟ ଓ ତେଜଯୁକ୍ତ ଐଶ୍ୱରରୂପକୁ ମୁଁ ପ୍ରତ୍ୟକ୍ଷ ଦେଖିବାକୁ ଚାହୁଁଛି ।। ୧୧-୦୩ ।।)

Not For Commercial Use

**ମନ୍ୟସେ ଯଦି ତଚ୍ଛକ୍ୟଂ ମୟା ଦ୍ରଷ୍ଟୁମିତି ପ୍ରଭୋ ।**
**ଯୋଗେଶ୍ୱର ତତୋ ମେ ତ୍ୱଂ ଦର୍ଶୟାତ୍ମାନମବ୍ୟୟମ୍ ।। ୧୧-୪।।**

(ହେ ପ୍ରଭୁ ! ଯଦି ମୋ ଦ୍ୱାରା ଆପଣଙ୍କର ସେହି ରୂପ ଦେଖିହେବା ସମ୍ଭବ ବୋଲି ଆପଣ ମନେ କରୁଛନ୍ତି, ତେବେ ହେ ଯୋଗେଶ୍ୱର ! ଆପଣ ନିଜର ସେହି ଅବିନାଶୀ ସ୍ୱରୂପ ମୋତେ ଦର୍ଶନ କରାନ୍ତୁ ।। ୧୧-୦୪ ।।)

**। ଶ୍ରୀଭଗବାନୁବାଚ ।**

**ପଶ୍ୟ ମେ ପାର୍ଥ ରୂପାଣି ଶତଶୋଽଥ ସହସ୍ରଶଃ ।**
**ନାନାବିଧାନି ଦିବ୍ୟାନି ନାନାବର୍ଣ୍ଣାକୃତୀନି ଚ ।। ୧୧-୫।।**

(ଶ୍ରୀଭଗବାନ କହିଲେ - ହେ ପାର୍ଥ ! ବର୍ତ୍ତମାନ ତୁମେ ମୋର ନାନା ବର୍ଣ୍ଣର ତଥା ନାନା ଆକୃତିର ନାନା ପ୍ରକାର ଶତ-ଶତ, ସହସ୍ର-ସହସ୍ର ଅଲୌକିକ ରୂପ ଦେଖ ।। ୧୧-୦୫ ।।)

**ପଶ୍ୟାଦିତ୍ୟାନ୍-ବସୂନ୍-ରୁଦ୍ରାନଶ୍ୱିନୌ ମରୁତସ୍ତଥା ।**
**ବହୂନ୍ୟଦୃଷ୍ଟପୂର୍ବାଣି ପଶ୍ୟାଶ୍ଚର୍ଯ୍ୟାଣି ଭାରତ ।। ୧୧-୬।।**

(ହେ ଭରତବଂଶୀ ଅର୍ଜୁନ ! ମୋଠାରେ ଆଦିତ୍ୟମାନଙ୍କୁ ଅର୍ଥାତ, ଅଦିତିଙ୍କ ଦ୍ୱାଦଶ ପୁତ୍ରଙ୍କୁ, ଅଷ୍ଟବସୁଙ୍କୁ, ଏକାଦଶ ରୁଦ୍ରଙ୍କୁ, ଅଶ୍ୱିନୀକୁମାରଦ୍ୱୟଙ୍କୁ ଏବଂ ଅଣଚାଶ ମରୁତଙ୍କୁ ଦେଖ ତଥା ପୂର୍ବରୁ ଦେଖି ନ ଥିବା ବହୁ ଆଶ୍ଚର୍ଯ୍ୟମୟ ରୂପ ମଧ୍ୟ ଦେଖ ।। ୧୧-୦୬ ।।)

**ଇହୈକସ୍ଥଂ ଜଗତ୍କୃତ୍ସ୍ନଂ ପଶ୍ୟାଦ୍ୟ ସଚରାଚରମ୍ ।**
**ମମ ଦେହେ ଗୁଡାକେଶ ଯଚ୍ଚାନ୍ୟଦ୍ ଦ୍ରଷ୍ଟୁମିଚ୍ଛସି ।। ୧୧-୭।।**

(ହେ ଅର୍ଜୁନ ! ଏଥର ମୋର ଏହି ଶରୀରର ଗୋଟିଏ ଅଂଶରେ ଅବସ୍ଥିତ ଚରାଚର ସମଗ୍ର ଜଗତକୁ ଦେଖ, ତଥା ଆଉ ଯାହାକିଛି ଦେଖିବାକୁ ଇଚ୍ଛା କରୁଛ, ତାହା ବି ଦେଖ ।। ୧୧-୦୭।।)

Not For Commercial Use

**ନ ତୁ ମାଂ ଶକ୍ୟସେ ଦ୍ରଷ୍ଟୁମନେନୈବ ସ୍ୱଚକ୍ଷୁଷା ।**
**ଦିବ୍ୟଂ ଦଦାମି ତେ ଚକ୍ଷୁଃ ପଶ୍ୟ ମେ ଯୋଗମୈଶ୍ୱରମ୍ ।। ୧୧-୮।।**

(ପରନ୍ତୁ, ମୋତେ ତୁମେ ନିଜର ଏହି ପ୍ରାକୃତ ନେତ୍ରଦ୍ୱାରା ଦେଖିବାକୁ ସମର୍ଥ ହେବ ନାହିଁ । ତେଣୁ ମୁଁ ତୁମକୁ ଦିବ୍ୟ ଚକ୍ଷୁ ପ୍ରଦାନ କରୁଛି; ତଦ୍ୱାରା ତୁମେ ମୋର ଈଶ୍ୱରୀୟ ଯୋଗଶକ୍ତି ଦେଖ ।। ୧୧-୦୮ ।।)

**। ସଂଜୟ ଉବାଚ ।**

**ଏବମୁକ୍ତ୍ୱା ତତୋ ରାଜନ୍-ମହାଯୋଗେଶ୍ୱରୋ ହରିଃ ।**
**ଦର୍ଶୟାମାସ ପାର୍ଥାୟ ପରମଂ ରୂପମୈଶ୍ୱରମ୍ ।। ୧୧-୯।।**

(ସଂଜୟ କହିଲେ - ହେ ରାଜନ ! ମହାଯୋଗେଶ୍ୱର ଓ ସକଳ ପାପନାଶକାରୀ ଭଗବାନ ଏପରି କହିବା ପରେ ଅର୍ଜୁନଙ୍କୁ ନିଜର ପରମ ଐଶ୍ୱର୍ଯ୍ୟଯୁକ୍ତ ଦିବ୍ୟସ୍ୱରୂପ ଦେଖାଇଲେ ।। ୧୧-୦୯ ।।)

**ଅନେକବକ୍ତ୍ରନୟନମନେକାଦ୍-ଭୁତଦର୍ଶନମ୍ ।**
**ଅନେକଦିବ୍ୟାଭରଣଂ ଦିବ୍ୟାନେକୋଦ୍ୟତାୟୁଧମ୍ ।। ୧୧-୧୦।।**
**ଦିବ୍ୟମାଲ୍ୟାମ୍ବରଧରଂ ଦିବ୍ୟଗନ୍ଧାନୁଲେପନମ୍ ।**
**ସର୍ବାଶ୍ଚର୍ୟମୟଂ ଦେବମନନ୍ତଂ ବିଶ୍ୱତୋମୁଖମ୍ ।। ୧୧-୧୧।।**

(ଅନେକ ମୁଖ ଓ ନେତ୍ରଯୁକ୍ତ, ଅନେକ ଅଦ୍-ଭୁତ ଦୃଶ୍ୟମୟ, ବହୁ ଦିବ୍ୟଭୂଷଣରେ ବିଭୂଷିତ ଏବଂ ହସ୍ତରେ ବହୁ ଦିବ୍ୟ ଶସ୍ତ୍ର ଧରି ପ୍ରସ୍ତୁତ ଥିବା, ଦିବ୍ୟମାଳା ଓ ବସ୍ତ୍ରପରିହିତ ତଥା ସର୍ବାଙ୍ଗରେ ଦିବ୍ୟଗନ୍ଧ ଦ୍ୱାରା ଅନୁଲେପିତ, ସର୍ବପ୍ରକାର ଆଶ୍ଚର୍ଯ୍ୟଯୁକ୍ତ, ଅସୀମ ଓ ସକଳ ଦିଗରେ ମୁଖଥିବା ବିରାଟ ସ୍ୱରୂପ ପରମଦେବ ପରମେଶ୍ୱରଙ୍କୁ ଅର୍ଜୁନ ଦର୍ଶନ କଲେ ।। ୧୧-୧୦, ୧୧-୧୧ ।।)

Not For Commercial Use

**ଦିବି ସୂର୍ୟ୍ୟସହସ୍ରସ୍ୟ ଭବେଦ୍ୟୁଗପଦୁତ୍ଥିତା ।**
**ଯଦି ଭାଃ ସଦୃଶୀ ସା ସ୍ୟାଦ୍-ଭାସସ୍ତସ୍ୟ ମହାତ୍ମନଃ ।। ୧୧-୧୨।।**

(ଆକାଶରେ ଏକସଙ୍ଗେ ସହସ୍ର ସୂର୍ଯ୍ୟ ଉଦିତ ହେଲେ ଯେଉଁ ଜ୍ୟୋତି ଉତ୍ପନ୍ନ ହେବ, ତାହା ସେହି ପରମାତ୍ମାଙ୍କର ବିଶ୍ୱରୂପ ଜ୍ୟୋତିସଦୃଶ କେବେ ବି ହୋଇପାରିବ ନାହିଁ ।। ୧୧-୧୨ ।।)

**ତତ୍ରୈକସ୍ଥଂ ଜଗତ୍କୃସ୍ନଂ ପ୍ରବିଭକ୍ତମନେକଧା ।**
**ଅପଶ୍ୟଦ୍ଦେବଦେବସ୍ୟ ଶରୀରେ ପାଣ୍ଡବସ୍ତଦା ।। ୧୧-୧୩।।**

(ପାଣ୍ଡୁପୁତ୍ର ଅର୍ଜୁନ ସେହି ସମୟରେ ଅନେକ ପ୍ରକାରର ଯଥାଯଥ ବିଭକ୍ତ ହୋଇ ପୃଥକ୍ ପୃଥକ୍ ରହିଥିବା ସଂପୂର୍ଣ୍ଣ ଜଗତକୁ ଦେବାଧିଦେବ ଶ୍ରୀକୃଷ୍ଣ ଭଗବାନଙ୍କର ସେହି ଶରୀରରେ ଗୋଟିଏ ସ୍ଥାନରେ ଥିବାର ଦେଖିଲେ ।। ୧୧-୧୩ ।।)

**ତତଃ ସ ବିସ୍ମୟାବିଷ୍ଟୋ ହୃଷ୍ଟରୋମା ଧନଂଜୟଃ ।**
**ପ୍ରଣମ୍ୟ ଶିରସା ଦେବଂ କୃତାଞ୍ଜଲିରଭାଷତ ।। ୧୧-୧୪।।**

(ତା'ପରେ ଅଶ୍ଚର୍ଯ୍ୟ ଚକିତ ଓ ପୁଲକିତ ଶରୀର ସହିତ ଅର୍ଜୁନ ତେଜୋମୟ ବିଶ୍ୱରୂପ ପରମାତ୍ମାଙ୍କୁ ଶ୍ରଦ୍ଧାଭକ୍ତି ସହିତ ନତମସ୍ତକ ହୋଇ ପ୍ରଣାମ କରି, କର ଯୋଡି କହିଲେ ।। ୧୧-୧୪ ।।)

**। ଅର୍ଜୁନ ଉବାଚ ।**

**ପଶ୍ୟାମି ଦେବାଂସ୍ତବ ଦେବ ଦେହେ ସର୍ବାଂସ୍ତଥା ଭୂତବିଶେଷସଙ୍ଘାନ୍ ।**
**ବ୍ରହ୍ମାଣମୀଶଂ କମଲାସନସ୍ଥମୃଷୀଂଶ୍ଚ ସର୍ବାନୁରଗାଂଶ୍ଚ ଦିବ୍ୟାନ୍ ।। ୧୧-୧୫।।**

(ଅର୍ଜୁନ କହିଲେ - ହେ ଦେବ ! ଆପଣଙ୍କ ଶରୀରରେ ମୁଁ ସମସ୍ତ ଦେବତାଙ୍କୁ, ଚରାଚର ଭୂତ ସମୁଦାୟଙ୍କୁ, କମଳ ଆସନରେ ବିରାଜିତ ବ୍ରହ୍ମାଙ୍କୁ, ମହାଦେବଙ୍କୁ ଓ ସମସ୍ତ ଋଷିମାନଙ୍କୁ ତଥା ଦିବ୍ୟ ସର୍ପମାନଙ୍କୁ ଦେଖୁଛି ।। ୧୧-୧୫ ।।)

Not For Commercial Use

**ଅନେକବାହୂଦରବକ୍ତ୍ରନେତ୍ରଂ ପଶ୍ୟାମି ତ୍ୱାଂ ସର୍ବତୋଽନନ୍ତରୂପମ୍ ।**
**ନାନ୍ତଂ ନ ମଧ୍ୟଂ ନ ପୁନସ୍ତବାଦିଂ ପଶ୍ୟାମି ବିଶ୍ୱେଶ୍ୱର ବିଶ୍ୱରୂପ ।। ୧୧-୧୬।।**

(ହେ ବିଶ୍ୱେଶ୍ୱର ! ମୁଁ ଆପଣଙ୍କୁ ଅନେକ ଭୁଜ, ଅନେକ ଉଦର, ଅନେକ ମୁଖ ଓ ଅନେକ ନେତ୍ର ତଥା ସକଳ ଦିଗରେ ବ୍ୟାପ୍ତ ଅନନ୍ତରୂପ ଦେଖୁଛି । ହେ ବିଶ୍ୱରୂପ ! ମୁଁ ଆପଣଙ୍କର ନା ଆଦି, ନା ମଧ୍ୟ, ନା ଅନ୍ତ - କିଛି ବି ଦେଖିପାରୁ ନାହିଁ ।। ୧୧-୧୬ ।।)

**କିରୀଟିନଂ ଗଦିନଂ ଚକ୍ରିଣଂ ଚ ତେଜୋରାଶିଂ ସର୍ବତୋ ଦୀପ୍ତିମନ୍ତମ୍ ।**
**ପଶ୍ୟାମି ତ୍ୱାଂ ଦୁର୍ନିରୀକ୍ଷ୍ୟଂ ସମନ୍ତାଦ୍ ଦୀପ୍ତାନଲାର୍କଦ୍ୟୁତିମପ୍ରମେୟମ୍ ।। ୧୧-୧୭।।**

(ହେ ବିଷ୍ଣୁ ! ଆପଣଙ୍କୁ ମୁଁ ମୁକୁଟଯୁକ୍ତ, ଗଦାଯୁକ୍ତ ଓ ଚକ୍ରଯୁକ୍ତ ତଥା ସବୁଦିଗରୁ ପ୍ରକାଶମାନ ତେଜପୁଞ୍ଜ, ପ୍ରଜ୍ୱଳିତ ଅଗ୍ନି ଓ ସୂର୍ଯ୍ୟସଦୃଶ ଜ୍ୟୋତିଯୁକ୍ତ, ଯାହାକୁ ଚାହିଁ ଦେଖିବା ଅତ୍ୟନ୍ତ କଷ୍ଟକର ଓ ସବୁଦିଗରୁ ଅପ୍ରମେୟ ସ୍ୱରୂପ ଦେଖୁଛି ।। ୧୧-୧୭ ।।)

**ତ୍ୱମକ୍ଷରଂ ପରମଂ ବେଦିତବ୍ୟଂ ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ତ୍ୱମବ୍ୟୟଃ ଶାଶ୍ୱତଧର୍ମଗୋପ୍ତା ସନାତନସ୍ତ୍ୱଂ ପୁରୁଷୋ ମତୋ ମେ ।। ୧୧-୧୮।।**

(ମୋ ମତରେ ଆପଣ ହିଁ ଜାଣିବାଯୋଗ୍ୟ ପରମ ଅକ୍ଷର ଅର୍ଥାତ, ପରବ୍ରହ୍ମ ପରମାତ୍ମା; ଆପଣ ହିଁ ଏହି ଜଗତର ପରମ ଆଶ୍ରୟ; ଆପଣ ହିଁ ଅନାଦି ଧର୍ମର ରକ୍ଷକ ଓ ଆପଣ ହିଁ ଅବିନାଶୀ ସନାତନ ପୁରୁଷ ।। ୧୧-୧୮ ।।)

**ଅନାଦିମଧ୍ୟାନ୍ତମନନ୍ତବୀର୍ୟ୍ୟମନନ୍ତବାହୁଂଶଶିସୂର୍ୟ୍ୟନେତ୍ରମ୍ ।**
**ପଶ୍ୟାମି ତ୍ୱାଂ ଦୀପ୍ତହୁତାଶବକ୍ତ୍ରଂ ସ୍ୱତେଜସା ବିଶ୍ୱମିଦଂ ତପନ୍ତମ୍ ।। ୧୧-୧୯।।**

(ମୁଁ ଆପଣଙ୍କୁ ଆଦି, ମଧ୍ୟ ଓ ଅନ୍ତ ବିନା, ଅନନ୍ତ ସାମର୍ଥ୍ୟଯୁକ୍ତ, ଅନନ୍ତ ଭୁଜଧାରୀ, ଚନ୍ଦ୍ର-ସୂର୍ଯ୍ୟରୂପକ ନେତ୍ରଧାରୀ, ପ୍ରଜ୍ୱଳିତ ଅଗ୍ନିରୂପକ ମୁଖବିଶିଷ୍ଟ ଓ ନିଜ ତେଜରେ ଏହି ଜଗତକୁ ସଂତପ୍ତ କରୁଥିବା ଦେଖୁଛି ।। ୧୧-୧୯ ।।)

Not For Commercial Use

**ଦ୍ୟାବାପୃଥିବ୍ୟୋରିଦମନ୍ତରଂ ହି ବ୍ୟାପ୍ତଂ ତ୍ୱୟୈକେନ ଦିଶଶ୍ଚ ସର୍ବାଃ ।**
**ଦୃଷ୍ଟ୍ୱାଦ୍-ଭୁତଂ ରୂପମୁଗ୍ରଂ ତବେଦଂ ଲୋକତ୍ରୟଂ ପ୍ରବ୍ୟଥିତଂ ମହାତ୍ମନ୍ ।। ୧୧-୨୦।।**

(ହେ ମହାତ୍ମନ ! ସ୍ୱର୍ଗ ଓ ପୃଥିବୀ ମଧ୍ୟରେ ଥିବା ଏହି ସଂପୂର୍ଣ୍ଣ ଆକାଶ ତଥା ସମସ୍ତ ଦିଗ ଏକମାତ୍ର ଆପଣଙ୍କ ଦ୍ୱାରା ହିଁ ପରିପୂର୍ଣ୍ଣ ହୋଇଛି ତଥା ଆପଣଙ୍କର ଏହି ଅଲୌକିକ ଓ ଭୟଙ୍କର ରୂପ ଦେଖି ତ୍ରିଲୋକ ଅତ୍ୟନ୍ତ ଭୟରେ ଥରହର ହେଉଛି ।। ୧୧-୨୦ ।।)

**ଅମୀ ହି ତ୍ୱାଂ ସୁରସଙ୍ଘା ବିଶନ୍ତି କେଚିଦ୍-ଭୀତାଃ ପ୍ରାଞ୍ଜଲୟୋ ଗୃଣନ୍ତି ।**
**ସ୍ୱସ୍ତୀତ୍ୟୁକ୍ତ୍ୱା ମହର୍ଷିସିଦ୍ଧସଙ୍ଘାଃ ସ୍ତୁବନ୍ତି ତ୍ୱାଂ ସ୍ତୁତିଭିଃ ପୁଷ୍କଲାଭିଃ ।। ୧୧-୨୧।।**

(ଦେଖୁଛି ଯେ, ଦେବଗଣ ଆପଣଙ୍କ ମଧ୍ୟରେ ପ୍ରବେଶ କରୁଛନ୍ତି ଓ କେତେକ କରପତ୍ର ଯୋଡି ଆପଣଙ୍କର ନାମ ଓ ଗୁଣ ଉଚ୍ଚାରଣ କରୁଛନ୍ତି ତଥା ମହର୍ଷି ଓ ସିଦ୍ଧଗଣ "କଲ୍ୟାଣ ହେଉ" କହି ଉତ୍ତମ ଉତ୍ତମ ସ୍ତୋତ୍ରମାନଙ୍କ ଦ୍ୱାରା ଆପଣଙ୍କୁ ସ୍ତୁତି କରୁଛନ୍ତି ।। ୧୧-୨୧ ।।)

**ରୁଦ୍ରାଦିତ୍ୟା ବସବୋ ୟେ ଚ ସାଧ୍ୟା ବିଶ୍ୱେଽଶ୍ୱିନୌ ମରୁତଶ୍ଚୋଷ୍ମପାଶ୍ଚ ।**
**ଗନ୍ଧର୍ବୟକ୍ଷାସୁରସିଦ୍ଧସଙ୍ଘା ବୀକ୍ଷନ୍ତେ ତ୍ୱାଂ ବିସ୍ମିତାଶ୍ଚୈବ ସର୍ବେ ।। ୧୧-୨୨।।**

(ଯେଉଁ ଏକାଦଶ ରୁଦ୍ର ଓ ଦ୍ୱାଦଶ ଆଦିତ୍ୟ ତଥା ଅଷ୍ଟ ବସୁ, ସାଧ୍ୟଗଣ, ବିଶ୍ୱେଦେବମାନେ, ଅଶ୍ୱିନୀକୁମାର ଦ୍ୱୟ ତଥା ଅଣଚାଶ ମରୁତଗଣ ଓ ପିତୃସମୁଦାୟ ତଥା ଗନ୍ଧର୍ବ, ଯକ୍ଷ, ରାକ୍ଷସ ଓ ସିଦ୍ଧମାନଙ୍କ ସମୁଦାୟ ଅଛନ୍ତି, ସେ ସମସ୍ତେ ବିସ୍ମିତ ହୋଇ ଆପଣଙ୍କୁ ଚାହୁଁଛନ୍ତି ।। ୧୧-୨୨।।)

**ରୂପଂ ମହତ୍ତେ ବହୁବକ୍ତ୍ରନେତ୍ରଂ ମହାବାହୋ ବହୁବାହୂରୁପାଦମ୍ ।**
**ବହୂଦରଂ ବହୁଦଂଷ୍ଟ୍ରାକରାଳଂ ଦୃଷ୍ଟ୍ୱା ଲୋକାଃ ପ୍ରବ୍ୟଥିତାସ୍ତଥାହମ୍ ।। ୧୧-୨୩।।**

(ହେ ମହାବାହୁ ! ଆପଣଙ୍କର ଅନେକ ମୁଖ, ଅନେକ ନେତ୍ର, ଅନେକ ହସ୍ତ, ଅନେକ ଜଙ୍ଘ ଓ ଅନେକ ପାଦ; ବହୁ ଉଦରଯୁକ୍ତ ତଥା ଅତ୍ୟନ୍ତ ଭୟଙ୍କର ତୀକ୍ଷ୍ଣଦନ୍ତଯୁକ୍ତ ଭୀଷଣରୂପ ଦେଖି ସବୁ ଲୋକ ବ୍ୟଥିତ ହେଉଛନ୍ତି ଓ ମୁଁ ବି ବ୍ୟାକୁଳ ହେଉଛି ।। ୧୧-୨୩ ।।)

Not For Commercial Use

**ନଭଃସ୍ପୃଶଂ ଦୀପ୍ତମନେକବର୍ଣ୍ଣଂ ବ୍ୟାତ୍ତାନନଂ ଦୀପ୍ତବିଶାଲନେତ୍ରମ୍ ।**
**ଦୃଷ୍ଟ୍ବା ହି ତ୍ବାଂ ପ୍ରବ୍ୟଥିତାନ୍ତରାତ୍ମା ଧୃତିଂ ନ ବିନ୍ଦାମି ଶମଂ ଚ ବିଷ୍ଣୋ ।। ୧୧-୨୪।।**

(କାରଣ ହେ ବିଷ୍ଣୋ ! ଆକାଶକୁ ସ୍ପର୍ଶ କରୁଥିବା,ଦେଦୀପ୍ୟମାନ, ଅନେକ ବର୍ଣ୍ଣ ବିଶିଷ୍ଟ ତଥା ବିସ୍ତାରିତ ମୁଖ ଓ ପ୍ରଜ୍ୱଳିତ ବିଶାଳ ନେତ୍ର ସହିତ ଆପଣଙ୍କ ରୂପକୁ ଦେଖି, ମୁଁ ଭୟଭୀତ ହେଉଛି ଏବଂ ମୁଁ ଧୈର୍ଯ୍ୟ ଓ ଶାନ୍ତି ପାଉ ନାହିଁ ।। ୧୧-୨୪ ।।)

**ଦଂଷ୍ଟ୍ରାକରାଲାନି ଚ ତେ ମୁଖାନି ଦୃଷ୍ଟ୍ବୈବ କାଲାନଲସନ୍ନିଭାନି ।**
**ଦିଶୋ ନ ଜାନେ ନ ଲଭେ ଚ ଶର୍ମ ପ୍ରସୀଦ ଦେବେଶ ଜଗନ୍ନିବାସ ।। ୧୧-୨୫।।**

(ଆପଣଙ୍କର ବିକଟ ପାଟୀର ଭୟଙ୍କର ଦନ୍ତମାନ ଦେଖି ଓ ପ୍ରଳୟ କାଳର ଅଗ୍ନିପରି ପ୍ରଜ୍ୱଳିତ ହେଉଥିବା ଆପଣଙ୍କର ମୁଖମାନଙ୍କୁ ଦେଖି ମୁଁ ଦିଗମାନଙ୍କୁ ଜାଣିପାରୁ ନାହିଁ ତଥା ମାନସିକ ଶାନ୍ତି ବି ପାଉ ନାହିଁ । ତେଣୁ ହେ ଦେବେଶ ! ହେ ଜଗନ୍ନିବାସ ! ଆପଣ ପ୍ରସନ୍ନ ହୁଅନ୍ତୁ ।। ୧୧-୨୫ ।।)

**ଅମୀ ଚ ତ୍ବାଂ ଧୃତରାଷ୍ଟ୍ରସ୍ୟ ପୁତ୍ରାଃ ସର୍ବେ ସହୈବାବନିପାଲସଙ୍ଘୈଃ ।**
**ଭୀଷ୍ମୋ ଦ୍ରୋଣଃ ସୂତପୁତ୍ରସ୍ତଥାସୌ ସହାସ୍ମଦୀୟୈରପି ଯୋଧମୁଖ୍ୟୈଃ ।। ୧୧-୨୬।।**
**ବକ୍ତ୍ରାଣି ତେ ତ୍ବରମାଣା ବିଶନ୍ତି ଦଂଷ୍ଟ୍ରାକରାଲାନି ଭୟାନକାନି ।**
**କେଚିଦ୍ବିଲଗ୍ନା ଦଶନାନ୍ତରେଷୁ ସନ୍ଦୃଶ୍ୟନ୍ତେ ଚୂର୍ଣ୍ଣିତୈରୁତ୍ତମାଙ୍ଗୈଃ ।। ୧୧-୨୭।।**

(ସେହି ଧୃତରାଷ୍ଟ୍ରଙ୍କ ପୁତ୍ରମାନେ ରାଜାମାନଙ୍କ ସହିତ ଆପଣଙ୍କ ଭିତରକୁ ପ୍ରବେଶ କରୁଛନ୍ତି ଏବଂ ପିତାମହ ଭୀଷ୍ମ, ଦ୍ରୋଣାଚାର୍ଯ୍ୟ ତଥା ସୂତପୁତ୍ର କର୍ଣ୍ଣଙ୍କ ସହିତ ଆମ ପକ୍ଷର ପ୍ରଧାନ ପ୍ରଧାନ ଯୋଦ୍ଧାମାନେ ମଧ୍ୟ ପ୍ରବଳ ବେଗରେ ଧାଇଁ ଧାଇଁ ଆସି ଆପଣଙ୍କର ତୀକ୍ଷ୍ଣଦନ୍ତପାଟୀଯୁକ୍ତ ବିକରାଳ ଓ ଭୟଙ୍କର ମୁଖମାନଙ୍କରେ ପ୍ରବେଶ କରୁଛନ୍ତି; ଏବଂ କେହି କେହି ଚୂର୍ଣ୍ଣବିଚୂର୍ଣ୍ଣ ମସ୍ତକ ସହିତ ଆପଣଙ୍କର ଦାନ୍ତସନ୍ଧି ମାନଙ୍କରେ ଲାଗିରହିଥିବାର ଦେଖାଯାଉଛନ୍ତି ।। ୧୧-୨୬, ୧୧-୨୭ ।।)

Not For Commercial Use

**ଯଥା ନଦୀନାଂ ବହବୋଽମ୍ବୁବେଗାଃ ସମୁଦ୍ରମେବାଭିମୁଖା ଦ୍ରବନ୍ତି ।**
**ତଥା ତବାମୀ ନରଲୋକବୀରା ବିଶନ୍ତି ବକ୍ତ୍ରାଣ୍ୟଭିବିଜ୍ୱଲନ୍ତି ।। ୧୧-୨୮।।**

(ନଦୀମାନଙ୍କ ଜଳରାଶିର ବହୁ ପ୍ରବାହ ଯେପରି ସମୁଦ୍ର ଅଭିମୁଖରେ ଧାବମାନ ହୋଇ ସମୁଦ୍ରରେ ପ୍ରବେଶ କରନ୍ତି, ନରଲୋକର ସେହିସବୁ ବୀରମାନେ ମଧ୍ୟ ଠିକ୍ ସେହିପରି ଆପଣଙ୍କ ପ୍ରଜ୍ୱଳିତ ମୁଖମାନଙ୍କରେ ପ୍ରବେଶ କରୁଛନ୍ତି ।। ୧୧-୨୮ ।।)

**ଯଥା ପ୍ରଦୀପ୍ତଂ ଜ୍ୱଲନଂ ପତଙ୍ଗା ବିଶନ୍ତି ନାଶାୟ ସମୃଦ୍ଧବେଗାଃ ।**
**ତଥୈବ ନାଶାୟ ବିଶନ୍ତି ଲୋକାସ୍ତବାପି ବକ୍ତ୍ରାଣି ସମୃଦ୍ଧବେଗାଃ ।। ୧୧-୨୯।।**

(ପତଙ୍ଗମାନେ ଯେପରି ମୋହବଶ ହୋଇ ନଷ୍ଟ ହେବାପାଇଁ ଅତ୍ୟନ୍ତ ବେଗରେ ଉଡି ଉଡି ଆସି ପ୍ରଜ୍ୱଳିତ ଅଗ୍ନିରେ ପ୍ରବେଶ କରନ୍ତି, ଲୋକମାନେ ମଧ୍ୟ ସେହିପରି ନିଜର ବିନାଶ ପାଇଁ ଅତ୍ୟନ୍ତ ବେଗରେ ଧାଇଁ ଧାଇଁ ଆସି ଆପଣଙ୍କ ମୁଖମାନଙ୍କରେ ପ୍ରବେଶ କରୁଛନ୍ତି ।। ୧୧-୨୯ ।।)

**ଲେଲିହ୍ୟସେ ଗ୍ରସମାନଃ ସମନ୍ତାଲ୍ଲୋକାନ୍ସମଗ୍ରାନ୍ବଦନୈର୍ଜ୍ୱଲଦ୍ଭିଃ ।**
**ତେଜୋଭିରାପୂର୍ଯ୍ୟ ଜଗତ୍ସମଗ୍ରଂ ଭାସସ୍ତବୋଗ୍ରାଃ ପ୍ରତପନ୍ତି ବିଷ୍ଣୋ ।। ୧୧-୩୦।।**

(ଆପଣ ସେସବୁ ଲୋକଙ୍କୁ ପ୍ରଜ୍ୱଳନ୍ତ ମୁଖମାନଙ୍କ ଦ୍ୱାରା କାଳସଦୃଶ କବଳିତ କରି ସବୁ ଦିଗରୁ ବାରମ୍ବାର ଲୋହନ କରୁଛନ୍ତି । ହେ ବିଷ୍ଣୋ ! ଆପଣଙ୍କର ଉଗ୍ର ଆଲୋକ ସମଗ୍ର ଜଗତକୁ ତେଜଦ୍ୱାରା ପରିପୂର୍ଣ୍ଣ କରି ଉତ୍ତପ୍ତ କରୁଛି ।। ୧୧-୩୦ ।।)

**ଆଖ୍ୟାହି ମେ କୋ ଭବାନୁଗ୍ରରୂପୋ ନମୋଽସ୍ତୁ ତେ ଦେବବର ପ୍ରସୀଦ ।**
**ବିଜ୍ଞାତୁମିଚ୍ଛାମି ଭବନ୍ତମାଦ୍ୟଂ ନ ହି ପ୍ରଜାନାମି ତବ ପ୍ରବୃତ୍ତିମ୍ ।। ୧୧-୩୧।।**

(ହେ ଭଗବାନ ! ଉଗ୍ରରୂପଧାରୀ ଆପଣ କିଏ ? କୃପାକରି ମୋତେ କୁହନ୍ତୁ । ହେ ଦେବଶ୍ରେଷ୍ଠ ! ଆପଣଙ୍କୁ ନମସ୍କାର । ଆପଣ ପ୍ରସନ୍ନ ହୁଅନ୍ତୁ । ଆଦିପୁରୁଷ ଆପଣଙ୍କୁ ମୁଁ ବିଶେଷରୂପେ ଜାଣିବାକୁ ଚାହୁଁଛି; କାରଣ ମୁଁ ଆପଣଙ୍କର ପ୍ରବୃତ୍ତିକୁ ଜାଣିପାରୁ ନାହିଁ ।। ୧୧-୩୧ ।।)

Not For Commercial Use

**। ଶ୍ରୀଭଗବାନୁବାଚ ।**

**କାଲୋଽସ୍ମି ଲୋକକ୍ଷୟକୃତ୍-ପ୍ରବୃଦ୍ଧୋ ଲୋକାନ୍ସମାହର୍ତୁମିହ ପ୍ରବୃତ୍ତଃ ।**
**ଋତେଽପି ତ୍ୱାଂ ନ ଭବିଷ୍ୟନ୍ତି ସର୍ବେ ଯେଽବସ୍ଥିତାଃ ପ୍ରତ୍ୟନୀକେଷୁ ଯୋଧାଃ ।। ୧୧-୩୨।।**

(ଶ୍ରୀଭଗବାନ କହିଲେ - ମୁଁ ହେଉଛି ଲୋକମାନଙ୍କର ବିନାଶକାରୀ ପ୍ରବୃଦ୍ଧ ମହାକାଳ । ଏହି ସମୟରେ ଲୋକମାନଙ୍କୁ ବିନାଶ କରିବାପାଇଁ ମୁଁ ପ୍ରବୃତ୍ତ ହୋଇଛି । ଏଣୁ ତୁମ ଶତ୍ରୁପକ୍ଷର ସେନାରେ ଯେଉଁ ଯୋଦ୍ଧାମାନେ ଅଛନ୍ତି, ସେ ସମସ୍ତେ, ତୁମେ ଯୁଦ୍ଧ ନ କଲେ ମଧ୍ୟ, ରହିବେ ନାହିଁ ଅର୍ଥାତ, ସେ ସମସ୍ତେ ବିନାଶ ହୋଇଯିବେ ।। ୧୧-୩୨ ।।)

**ତସ୍ମାତ୍ତ୍ୱମୁତ୍ତିଷ୍ଠ ଯଶୋ ଲଭସ୍ୱ ଜିତ୍ୱା ଶତ୍ରୂନ୍ ଭୁଙ୍କ୍ଷ୍ୱ ରାଜ୍ୟଂ ସମୃଦ୍ଧମ୍ ।**
**ମୟୈବୈତେ ନିହତାଃ ପୂର୍ବମେବ ନିମିତ୍ତମାତ୍ରଂ ଭବ ସବ୍ୟସାଚିନ୍ ।। ୧୧-୩୩।।**

(ଅତଏବ ତୁମେ ଉଠ ! ଯଶ ଲାଭ କର ଓ ଶତ୍ରୁମାନଙ୍କୁ ଜୟ କରି ଧନଧାନ୍ୟରେ ସଂପନ୍ନ ରାଜ୍ୟ ଭୋଗ କର । ଏହି ଶୂରବୀରମାନେ ଆଗରୁ ମୋ ଦ୍ୱାରା ନିହତ ହୋଇସାରିଛନ୍ତି; ହେ ସବ୍ୟସାଚୀ ! ତୁମେ କେବଳ ନିମିତ୍ତମାତ୍ର ହୋଇଯାଅ ।। ୧୧-୩୩ ।।)

**ଦ୍ରୋଣଂ ଚ ଭୀଷ୍ମଂ ଚ ଜୟଦ୍ରଥଂ ଚ କର୍ଣ୍ଣଂ ତଥାନ୍ୟାନପି ଯୋଧବୀରାନ୍ ।**
**ମୟା ହତାଂସ୍ତ୍ୱଂ ଜହି ମା ବ୍ୟଥିଷ୍ଠା ଯୁଧ୍ୟସ୍ୱ ଜେତାସି ରଣେ ସପତ୍ନାନ୍ ।। ୧୧-୩୪।।**

(ଦ୍ରୋଣାଚାର୍ଯ୍ୟ, ପିତାମହ ଭୀଷ୍ମ, ଜୟଦ୍ରଥ, କର୍ଣ୍ଣ ତଥା ମୋ ଦ୍ୱାରା ନିହତ ହୋଇଥିବା ଅନ୍ୟାନ୍ୟ ଶୂରବୀର ଯୋଦ୍ଧାଙ୍କୁ ମଧ୍ୟ ତୁମେ ମାର । ଭୟ କରନାହିଁ । ନିଃସନ୍ଦେହ ତୁମେ ଯୁଦ୍ଧରେ ଶତ୍ରୁମାନଙ୍କୁ ଜିଣିବ । ଅତଏବ ତୁମେ ଯୁଦ୍ଧ କର ।। ୧୧-୩୪ ।।)

Not For Commercial Use

**| ସଂଜୟ ଉବାଚ |**

**ଏତଚ୍ଛ୍ରୁତ୍ୱା ବଚନଂ କେଶବସ୍ୟ କୃତାଞ୍ଜଲିର୍ବେପମାନଃ କିରୀଟୀ |**
**ନମସ୍କୃତ୍ୱା ଭୂୟ ଏବାହ କୃଷ୍ଣଂ ସଗଦ୍-ଗଦଂ ଭୀତଭୀତଃ ପ୍ରଣମ୍ୟ || ୧୧-୩୫||**

(ସଂଜୟ କହିଲେ - ଭଗବାନ କେଶବଙ୍କର ଏ କଥା ଶୁଣି ଅର୍ଜୁନ ଯୋଡହସ୍ତ ହୋଇ ଥରି ଥରି, ନମସ୍କାର କରି, ଅତ୍ୟନ୍ତ ଭୟଭୀତ ହୋଇ, ପ୍ରଣାମ କରି ଗଦ୍-ଗଦ କଣ୍ଠରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପୁଣି ଥରେ କହିଲେ, ଅର୍ଥାତ ସ୍ତୁତି କରିବାକୁ ଲାଗିଲେ || ୧୧-୩୫ ||)

**| ଅର୍ଜୁନ ଉବାଚ |**

**ସ୍ଥାନେ ହୃଷୀକେଶ ତବ ପ୍ରକୀର୍ତ୍ୟା ଜଗତ୍-ପ୍ରହୃଷ୍ୟତ୍ୟନୁରଜ୍ୟତେ ଚ |**
**ରକ୍ଷାଂସି ଭୀତାନି ଦିଶୋ ଦ୍ରବନ୍ତି ସର୍ବେ ନମସ୍ୟନ୍ତି ଚ ସିଦ୍ଧସଙ୍ଘାଃ || ୧୧-୩୬||**

(ଅର୍ଜୁନ କହିଲେ - ହେ ଅନ୍ତର୍ଯ୍ୟାମୀ ! ଏହା ଉଚିତ ଯେ, ଆପଣଙ୍କ ନାମ, ଗୁଣ, ଓ ପ୍ରଭାବ କୀର୍ତ୍ତନ ଦ୍ୱାରା ଜଗତ ଅତ୍ୟନ୍ତ ଆନନ୍ଦିତ ହେଉଛି ଏବଂ ଆପଣଙ୍କ ପ୍ରତି ଅନୁରକ୍ତ ହେଉଛି, ତଥା ଭୟଭୀତ ରାକ୍ଷସମାନେ ବିଭିନ୍ନ ଦିଗକୁ ଧାଇଁ ପଳାଉଛନ୍ତି ଏବଂ ସମସ୍ତ ସିଦ୍ଧଗଣ ନମସ୍କାର କରୁଛନ୍ତି || ୧୧-୩୬ ||)

**କସ୍ମାଚ୍ଚ ତେ ନ ନମେରନ୍-ମହାତ୍ମନ୍ ଗରୀୟସେ ବ୍ରହ୍ମଣୋଽପ୍ୟାଦିକର୍ତ୍ରେ |**
**ଅନନ୍ତ ଦେବେଶ ଜଗନ୍ନିବାସ ତ୍ୱମକ୍ଷରଂ ସଦସତ୍ତତ୍-ପରଂ ଯତ୍ || ୧୧-୩୭||**

(ହେ ମହାତ୍ମନ ! ଆପଣ ବ୍ରହ୍ମାଙ୍କର ମଧ୍ୟ ଆଦିକର୍ତ୍ତା ଓ ସମସ୍ତଙ୍କ ଠାରୁ ଶ୍ରେଷ୍ଠ; ଆପଣଙ୍କୁ ଏମାନେ ନମସ୍କାର ନ କରିବେ କାହିଁକି ? କାରଣ, ହେ ଅନନ୍ତ ! ହେ ଦେବେଶ ! ହେ ଜଗନ୍ନିବାସ ! ସତ୍, ଅସତ୍ ଓ ତା'ଠାରୁ ବି ଉର୍ଦ୍ଧ୍ୱସ୍ଥିତ ଯେଉଁ ଅବିନାଶୀ ଅର୍ଥାତ ସଚ୍ଚିଦାନନ୍ଦଘନ ବ୍ରହ୍ମ ଅଛନ୍ତି, ସେ ମଧ୍ୟ ଆପଣ ହିଁ ଅଟନ୍ତି || ୧୧-୩୭ ||)

Not For Commercial Use

**ତ୍ୱମାଦିଦେବଃ ପୁରୁଷଃ ପୁରାଣସ୍ତ୍ୱମସ୍ୟ ବିଶ୍ୱସ୍ୟ ପରଂ ନିଧାନମ୍ ।**
**ବେତ୍ତାସି ବେଦ୍ୟଂ ଚ ପରଂ ଚ ଧାମ ତ୍ୱୟା ତତଂ ବିଶ୍ୱମନନ୍ତରୂପ ।। ୧୧-୩୮।।**

(ଆପଣ ଆଦିଦେବ ଓ ସନାତନ ପୁରୁଷ ଅଟନ୍ତି । ଆପଣ ଏହି ଜଗତର ପରମ ଆଶ୍ରୟ, ଜ୍ଞାତା, ଜ୍ଞେୟ ତଥା ପରମ ଧାମ ଅଟନ୍ତି । ହେ ଅନନ୍ତରୂପ ! ଆପଣଙ୍କ ଦ୍ୱାରା ଏହି ସମସ୍ତ ଜଗତ ବ୍ୟାପ୍ତ, ଅର୍ଥାତ, ପରିପୂର୍ଣ୍ଣ ହୋଇଛି ।। ୧୧-୩୮ ।।)

**ବାୟୁର୍ୟମୋଽଗ୍ନିର୍ବରୁଣଃ ଶଶାଂକଃ ପ୍ରଜାପତିସ୍ତ୍ୱଂ ପ୍ରପିତାମହଶ୍ଚ ।**
**ନମୋ ନମସ୍ତେଽସ୍ତୁ ସହସ୍ରକୃତ୍ୱଃ ପୁନଶ୍ଚ ଭୂୟୋଽପି ନମୋ ନମସ୍ତେ ।। ୧୧-୩୯।।**

(ଆପଣ ବାୟୁ, ଯମ, ଅଗ୍ନି, ବରୁଣ, ଚନ୍ଦ୍ରମା, ପ୍ରଜାମାନଙ୍କର ପତି ବ୍ରହ୍ମା ଓ ବ୍ରହ୍ମାଙ୍କର ପିତା ମଧ୍ୟ ଅଟନ୍ତି । ଆପଣଙ୍କୁ ସହସ୍ରବାର ନମସ୍କାର ! ପୁନର୍ବାର ନମସ୍କାର ! ବାରମ୍ବାର ନମସ୍କାର ! ଆହୁରି ପୁଣି ଥରେ ନମସ୍କାର ।। ୧୧-୩୯ ।।)

**ନମଃ ପୁରସ୍ତାଦଥ ପୃଷ୍ଠତସ୍ତେ ନମୋଽସ୍ତୁ ତେ ସର୍ବତ ଏବ ସର୍ବ ।**
**ଅନନ୍ତବୀର୍ୟାମିତବିକ୍ରମସ୍ତ୍ୱଂ ସର୍ବଂ ସମାପ୍ନୋଷି ତତୋଽସି ସର୍ବଃ ।। ୧୧-୪୦।।**

(ହେ ଅନନ୍ତ ସାମର୍ଥ୍ୟବାନ ! ଆପଣଙ୍କୁ ସମ୍ମୁଖରୁ ଓ ପଶ୍ଚାତଦେଶରୁ ମଧ୍ୟ ମୋର ନମସ୍କାର । ହେ ସର୍ବାତ୍ମନ ! ଆପଣଙ୍କୁ ସବୁ ଦିଗରୁ ନମସ୍କାର; କାରଣ ଆପଣ ଅନନ୍ତ ପରାକ୍ରମଶାଳୀ ଓ ସକଳ ସଂସାରକୁ ବ୍ୟାପି ରହିଛନ୍ତି । ତେଣୁ ଆପଣ ହିଁ ସର୍ବରୂପ ଅଟନ୍ତି ।। ୧୧-୪୦ ।।)

Not For Commercial Use

**ସଖେତି ମତ୍ୱା ପ୍ରସଭଂ ୟଦୁକ୍ତଂ ହେ କୃଷ୍ଣ ହେ ୟାଦବ ହେ ସଖେତି ।**
**ଅଜାନତା ମହିମାନଂ ତବେଦଂ ମୟା ପ୍ରମାଦାତ୍-ପ୍ରଣୟେନ ବାପି ।। ୧୧-୪୧।।**
**ୟଚ୍ଚାବହାସାର୍ଥମସତ୍କୃତୋଽସି ବିହାରଶୟ୍ୟାସନଭୋଜନେଷୁ ।**
**ଏକୋଽଥବାପ୍ୟଚ୍ୟୁତ ତତ୍ସମକ୍ଷଂ ତତ୍କ୍ଷାମୟେ ତ୍ୱାମହମପ୍ରମେୟମ୍ ।। ୧୧-୪୨।।**

(ଆପଣଙ୍କର ଏହି ଅଚିନ୍ତ୍ୟ ପ୍ରଭାବ ଜାଣି ନ ଥିବାରୁ, ଆପଣ ମୋର ସଖା ବୋଲି ଭାବି ପ୍ରେମବଶତଃ ଅଥବା ଭୁଲବଶତଃ ମଧ୍ୟ ଆପଣଙ୍କୁ 'ହେ କୃଷ୍ଣ !', 'ହେ ଯାଦବ !', 'ହେ ସଖା !' ବୋଲି ବିନା ବୁଝିବିଚାରି ଯାହାକିଛି ହଠାତ୍ କହିଦେଇଛି ଏବଂ ହେ ଅଚ୍ୟୁତ ! ବିହାର, ଶଯ୍ୟା, ଆସନ ଓ ଭୋଜନାଦି ସମୟରେ ଆପଣ ମୋ ଦ୍ୱାରା ପରିହାସହେତୁ ଏକାକୀ ବା ସଖାମାନଙ୍କ ସମ୍ମୁଖରେ ଯାହା ଅପମାନିତ ହୋଇଛନ୍ତି, ସେହି ଅପରାଧ ପାଇଁ ଅପ୍ରମେୟ ସ୍ୱରୂପ ଅର୍ଥାତ, ଅଚିନ୍ତ୍ୟ ପ୍ରଭାବଶାଳୀ ଆପଣଙ୍କୁ ମୁଁ କ୍ଷମା ପ୍ରାର୍ଥନା କରୁଛି ।। ୧୧-୪୧, ୧୧-୪୨ ।।)

**ପିତାସି ଲୋକସ୍ୟ ଚରାଚରସ୍ୟ ତ୍ୱମସ୍ୟ ପୂଜ୍ୟଷ୍ଚ ଗୁରୁର୍ଗରୀୟାନ୍ ।**
**ନ ତ୍ୱତ୍ସମୋଽସ୍ତ୍ୟଭ୍ୟଧିକଃ କୁତୋଽନ୍ୟୋ ଲୋକତ୍ରୟେଽପ୍ୟପ୍ରତିମପ୍ରଭାବ ।। ୧୧-୪୩।।**

(ଆପଣ ଏହି ଚରାଚର ଜଗତର ପିତା ଓ ସର୍ବଶ୍ରେଷ୍ଠ ଗୁରୁ ତଥା ପରମ ପୂଜନୀୟ ପୁରୁଷ ଅଟନ୍ତି । ହେ ଅନୁପମ ପ୍ରଭାବଶାଳୀ ! ତ୍ରିଲୋକରେ ଆପଣଙ୍କ ସମାନ ହୋଇ ଅନ୍ୟ କେହି ନାହାଁନ୍ତି; ଅଧିକ ବା ହେବେ କିପରି ? ।। ୧୧-୪୩ ।।)

**ତସ୍ମାତ୍-ପ୍ରଣମ୍ୟ ପ୍ରଣିଧାୟ କାୟଂ ପ୍ରସାଦୟେ ତ୍ୱାମହମୀଶମୀଡ୍ୟମ୍ ।**
**ପିତେବ ପୁତ୍ରସ୍ୟ ସଖେବ ସଖ୍ୟୁଃ ପ୍ରିୟଃ ପ୍ରିୟାୟାର୍ହସି ଦେବ ସୋଢୁମ୍ ।। ୧୧-୪୪।।**

(ଅତଏବ ହେ ପ୍ରଭୁ ! ମୁଁ ନିଜ ଶରୀରକୁ ଭଲଭାବରେ ଆପଣଙ୍କ ଚରଣରେ ନିବେଦିତ କରି, ସାଷ୍ଟାଙ୍ଗ ପ୍ରଣାମ କରି; ହେ ସର୍ବେଶ୍ୱର ! ହେ ସ୍ତୁତିଯୋଗ୍ୟ ! ଆପଣଙ୍କୁ ପ୍ରସନ୍ନ ହେବାପାଇଁ ପ୍ରାର୍ଥନା କରୁଛି । ହେ ଦେବ ! ପିତା ଯେପରି ପୁତ୍ରର, ସଖା ଯେପରି ସଖାର ଓ ପତି ଯେପରି ପ୍ରିୟତମା ପତ୍ନୀର ଅପରାଧ ସହ୍ୟ କରନ୍ତି; ଆପଣ ମଧ୍ୟ ସେହିପରି ମୋର ଅପରାଧ ସହ୍ୟ କରିବାକୁ ଯୋଗ୍ୟ ଅଟନ୍ତି ।। ୧୧-୪୪ ।।)

Not For Commercial Use

**ଅଦୃଷ୍ଟପୂର୍ବଂ ହୃଷିତୋଽସ୍ମି ଦୃଷ୍ଟ୍ୱା ଭୟେନ ଚ ପ୍ରବ୍ୟଥିତଂ ମନୋ ମେ ।**
**ତଦେବ ମେ ଦର୍ଶୟ ଦେବ ରୂପଂ ପ୍ରସୀଦ ଦେବେଶ ଜଗନ୍ନିବାସ ।। ୧୧-୪୫।।**

(ଆପଣଙ୍କର ଏହି ଅଦୃଷ୍ଟପୂର୍ବ ଆଶ୍ଚର୍ଯ୍ୟମୟ ରୂପ ଦେଖି ମୁଁ ହର୍ଷିତ ହେଉଛି ଓ ମୋର ମନ ଭୟରେ ଅତ୍ୟନ୍ତ ବ୍ୟାକୁଳ ମଧ୍ୟ ହେଉଛି । ଏଣୁ ଆପଣ ନିଜର ସେହି ଚତୁର୍ଭୁଜ ବିଷ୍ଣୁରୂପ ମୋତେ ଦେଖାନ୍ତୁ ! ହେ ଦେବେଶ ! ହେ ଜଗନ୍ନିବାସ ! ପ୍ରସନ୍ନ ହୁଅନ୍ତୁ ।। ୧୧-୪୫ ।।)

**କିରୀଟିନଂ ଗଦିନଂ ଚକ୍ରହସ୍ତଂ ଇଚ୍ଛାମି ତ୍ୱାଂ ଦ୍ରଷ୍ଟୁମହଂ ତଥୈବ ।**
**ତେନୈବ ରୂପେଣ ଚତୁର୍ଭୁଜେନ ସହସ୍ରବାହୋ ଭବ ବିଶ୍ୱମୂର୍ତେ ।। ୧୧-୪୬।।**

(ମୁଁ ଆପଣଙ୍କୁ ସେହିପରି ମୁକୁଟ ଧାରଣ କରିଥିବା ଗଦାଧର ଓ ଚକ୍ରଧର ରୂପରେ ଦେଖିବାକୁ ଚାହେଁ । ଏଣୁ ହେ ବିଶ୍ୱରୂପ ! ହେ ସହସ୍ରବାହୁ ! ଆପଣ ସେହି ଚତୁର୍ଭୁଜ ରୂପରେ ପ୍ରକଟ ହୁଅନ୍ତୁ ।। ୧୧-୪୬ ।।)

**। ଶ୍ରୀଭଗବାନୁବାଚ ।**

**ମୟା ପ୍ରସନ୍ନେନ ତବାର୍ଜୁନେଦଂ ରୂପଂ ପରଂ ଦର୍ଶିତମାତ୍ମଯୋଗାତ୍ ।**
**ତେଜୋମୟଂ ବିଶ୍ୱମନନ୍ତମାଦ୍ୟଂ ୟନ୍ମେ ତ୍ୱଦନ୍ୟେନ ନ ଦୃଷ୍ଟପୂର୍ବମ୍ ।। ୧୧-୪୭।।**

(ଶ୍ରୀଭଗବାନ କହିଲେ - ହେ ଅର୍ଜୁନ ! ଅନୁଗ୍ରହପୂର୍ବକ ମୁଁ ନିଜର ଯୋଗଶକ୍ତି ପ୍ରଭାବରେ ମୋର ଏହି ପରମ ତେଜୋମୟ, ସମସ୍ତଙ୍କର ଆଦି ଓ ଅନନ୍ତ ବିରାଟ ରୂପ ତୁମକୁ ଦେଖାଇଲି; ତୁମ ବ୍ୟତୀତ ଅନ୍ୟ କେହି ପୂର୍ବରୁ କେବେ ମୋର ଏହିରୂପ ଦେଖି ନ ଥିଲେ ।। ୧୧-୪୭ ।।)

**ନ ବେଦୟଜ୍ଞାଧ୍ୟୟନୈର୍ନ ଦାନୈର୍ନ ଚ କ୍ରିୟାଭିର୍ନ ତପୋଭିରୁଗ୍ରୈଃ ।**
**ଏବଂରୂପଃ ଶକ୍ୟ ଅହଂ ନୃଲୋକେ ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ।। ୧୧-୪୮।।**

(ହେ ଅର୍ଜୁନ ! ମନୁଷ୍ୟଲୋକରେ, ନା ବେଦମାନଙ୍କର ଓ ଯଜ୍ଞମାଙ୍କର ଅଧ୍ୟୟନ ଦ୍ୱାରା, ନା ଦାତାମାନଙ୍କ ଦ୍ୱାରା, ନା କ୍ରିୟାମାନଙ୍କ ଦ୍ୱାରା, କିମ୍ବା ନା ଉଗ୍ରତପମାନଙ୍କ ଦ୍ୱାରା, ତୁମ ଛଡା ଅନ୍ୟ କାହାକୁ ମୋର ଏହିପରି ବିଶ୍ୱରୂପ ଦେଖାଯାଇପାରିବ ।। ୧୧-୪୮ ।।)

Not for Commercial Use

**ମା ତେ ବ୍ୟଥା ମା ଚ ବିମୂଢଭାବୋ ଦୃଷ୍ଟ୍ୱା ରୂପଂ ଘୋରମୀଦୃଙ୍ମମେଦମ୍ ।**
**ବ୍ୟପେତଭୀଃ ପ୍ରୀତମନାଃ ପୁନସ୍ତ୍ୱଂ ତଦେବ ମେ ରୂପମିଦଂ ପ୍ରପଶ୍ୟ ।। ୧୧-୪୯।।**

(ମୋର ଏହିପରି ବିକରାଳ ରୂପ ଦେଖି ତୁମେ ବ୍ୟାକୁଳ କିମ୍ବା ଭୟ କରିବା ଉଚିତ ନୁହେଁ ଓ ମୂଢଭାବ ଧରିବା ମଧ୍ୟ ଉଚିତ ନୁହେଁ । ତୁମେ ନିର୍ଭୀକ ଓ ପ୍ରସନ୍ନଚିତ୍ତ ହୋଇ ମୋର ସେହି ଶଙ୍ଖ-ଚକ୍ର-ଗଦା-ପଦ୍ମଧାରୀ ଚତୁର୍ଭୁଜ ରୂପ ପୁନର୍ବାର ଦେଖ ।। ୧୧-୪୯ ।।)

**। ସଂଜୟ ଉବାଚ ।**

**ଇତ୍ୟର୍ଜୁନଂ ବାସୁଦେବସ୍ତଥୋକ୍ତ୍ୱା ସ୍ୱକଂ ରୂପଂ ଦର୍ଶୟାମାସ ଭୂୟଃ ।**
**ଆଶ୍ୱାସୟାମାସ ଚ ଭୀତମେନଂ ଭୂତ୍ୱା ପୁନଃ ସୌମ୍ୟବପୁର୍ମହାତ୍ମା ।। ୧୧-୫୦।।**

(ସଂଜୟ କହିଲେ - ବାସୁଦେବ ଭଗବାନ ଅର୍ଜୁନଙ୍କୁ ଏହିପରି କହି ପୁନର୍ବାର ନିଜର ସେହି ଚତୁର୍ଭୁଜ ରୂପ ଦେଖାଇଲେ ଓ ତଦନନ୍ତର ମହାତ୍ମା ଶ୍ରୀକୃଷ୍ଣ ସୌମ୍ୟମୂର୍ତ୍ତି ହୋଇ ଭୟଭୀତ ହୋଇଥିବା ଅର୍ଜୁନଙ୍କୁ ଆଶ୍ୱାସନା ଦେଲେ ।। ୧୧-୫୦ ।।)

**। ଅର୍ଜୁନ ଉବାଚ ।**

**ଦୃଷ୍ଟ୍ୱେଦଂ ମାନୁଷଂ ରୂପଂ ତବ ସୌମ୍ୟଂ ଜନାର୍ଦନ ।**
**ଇଦାନୀମସ୍ମି ସଂବୃତ୍ତଃ ସଚେତାଃ ପ୍ରକୃତିଂ ଗତଃ ।। ୧୧-୫୧।।**

(ଅର୍ଜୁନ କହିଲେ - ହେ ଜନାର୍ଦନ ! ଆପଣଙ୍କର ଏହି ଅତି ଶାନ୍ତ ମନୁଷ୍ୟରୂପ ଦେଖି ବର୍ତ୍ତମାନ ମୁଁ ସ୍ଥିରଚିତ୍ତ ହୋଇଗଲି ଏବଂ ନିଜର ସ୍ୱାଭାବିକ ସ୍ଥିତି ପ୍ରାପ୍ତ ହୋଇଗଲି ।। ୧୧-୫୧ ।।)

Not For Commercial Use

**। ଶ୍ରୀଭଗବାନୁବାଚ ।**

**ସୁଦୁର୍ଦର୍ଶମିଦଂ ରୂପଂ ଦୃଷ୍ଟବାନସି ଯନ୍ମମ ।**
**ଦେବା ଅପ୍ୟସ୍ୟ ରୂପସ୍ୟ ନିତ୍ୟଂ ଦର୍ଶନକାଂକ୍ଷିଣଃ ।। ୧୧-୫୨।।**

(ଶ୍ରୀଭଗବାନ କହିଲେ - ମୋର ଯେଉଁ ଚତୁର୍ଭୁଜରୂପ ତୁମେ ଦେଖିଲ, ତାହାର ଦର୍ଶନ ପାଇବା ବଡ କଠିନ । ଦେବତାମାନେ ମଧ୍ୟ ସଦା ଏହି ରୂପର ଦର୍ଶନାକାଂକ୍ଷୀ ହୋଇଥାନ୍ତି ।। ୧୧-୫୨ ।।)

**ନାହଂ ବେଦୈର୍ନ ତପସା ନ ଦାନେନ ନ ଚେଜ୍ୟୟା ।**
**ଶକ୍ୟ ଏବଂବିଧୋ ଦ୍ରଷ୍ଟୁଂ ଦୃଷ୍ଟବାନସି ମାଂ ଯଥା ।। ୧୧-୫୩।।**

(ତୁମେ ମୋତେ ଯେଉଁପରି ଦେଖିବାକୁ ପାଇଲ, ମୋର ସେହିପରି ଚତୁର୍ଭୁଜରୂପ ନା ବେଦମାନଙ୍କ ଦ୍ୱାରା, ନା ତପଦ୍ୱାରା, ନା ଦାନଦ୍ୱାରା, ଏବଂ ନା ଯଜ୍ଞଦ୍ୱାରା ଦେଖାଯାଇପାରିବ ।। ୧୧-୫୩ ।।)

**ଭକ୍ତ୍ୟା ତ୍ୱନନ୍ୟୟା ଶକ୍ୟ ଅହମେବଂବିଧୋଽର୍ଜୁନ ।**
**ଜ୍ଞାତୁଂ ଦ୍ରଷ୍ଟୁଂ ଚ ତତ୍ତ୍ୱେନ ପ୍ରବେଷ୍ଟୁଂ ଚ ପରନ୍ତପ ।। ୧୧-୫୪।।**

(କିନ୍ତୁ ହେ ପରନ୍ତପ ଅର୍ଜୁନ ! ମୁଁ ଏହିପରି ଚତୁର୍ଭୁଜରୂପରେ ପ୍ରତ୍ୟକ୍ଷୀଭୂତ ହୋଇପାରିବା, ତଥା ତତ୍ତ୍ୱତଃ ଜାଣି ହୋଇପାରିବା ଓ ପ୍ରବେଶ ପ୍ରାପ୍ତ ହୋଇ ପାରିବା ଅର୍ଥାତ, ଏକୀଭାବରେ ପ୍ରାପ୍ତ ହୋଇପାରିବା କେବଳ ଅନନ୍ୟ ଭକ୍ତିଦ୍ୱାରା ହିଁ ସମ୍ଭବ ।। ୧୧-୫୪ ।।)

**ମତ୍କର୍ମକୃନ୍-ମତ୍ପରମୋ ମଦ୍-ଭକ୍ତଃ ସଙ୍ଗବର୍ଜିତଃ ।**
**ନିର୍ବୈରଃ ସର୍ବଭୂତେଷୁ ଯଃ ସ ମାମେତି ପାଣ୍ଡବ ।। ୧୧-୫୫।।**

(ହେ ଅର୍ଜୁନ ! ଯେଉଁ ପୁରୁଷ କେବଳ ମୋ ପାଇଁ ସକଳ କର୍ତ୍ତବ୍ୟକର୍ମ କରନ୍ତି, ଯିଏ ମୋର ପରାୟଣ କରନ୍ତି, ଯିଏ ମୋର ଭକ୍ତ, ଆସକ୍ତିଶୂନ୍ୟ ଓ ସକଳ ପ୍ରାଣୀଙ୍କ ଠାରେ ବୈରଭାବଶୂନ୍ୟ, ସେହି ଅନନ୍ୟ ଭକ୍ତିଯୁକ୍ତ ପୁରୁଷ ମୋତେ ହିଁ ପ୍ରାପ୍ତ ହୁଅନ୍ତି ।। ୧୧-୫୫ ।।)

Not For Commercial Use

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ବିଶ୍ୱରୂପଦର୍ଶନଯୋଗୋ ନାମୈକାଦଶୋଽଧ୍ୟାୟଃ  ।। ୧୧।।**

---

Not For Commercial Use

# ଦ୍ୱାଦଶ ଅଧ୍ୟାୟ

(Chapter – 12)

## ଭକ୍ତିଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଦ୍ୱାଦଶୋଽଧ୍ୟାୟଃ ।।

।। ଅଥ ଦ୍ୱାଦଶୋଽଧ୍ୟାୟଃ । ଭକ୍ତିଯୋଗଃ ।।

**। ଅର୍ଜୁନ ଉବାଚ ।**

**ଏବଂ ସତତଯୁକ୍ତା ଯେ ଭକ୍ତାସ୍ତ୍ୱାଂ ପର୍ଯୁପାସତେ ।**
**ଯେ ଚାପ୍ୟକ୍ଷରମବ୍ୟକ୍ତଂ ତେଷାଂ କେ ଯୋଗବିତ୍ତମାଃ ।। ୧୨-୧।।**

(ଅର୍ଜୁନ ପଚାରିଲେ - ଯେଉଁ ଅନନ୍ୟ ପ୍ରେମୀ ଭକ୍ତମାନେ ନିରନ୍ତର ଆପଣଙ୍କ ଭଜନ-ଧ୍ୟାନରେ ଲାଗିରହି ଆପଣଙ୍କୁ ଅର୍ଥାତ, ସଗୁଣରୂପ ପରମେଶ୍ୱରଙ୍କୁ ଭଜନ କରନ୍ତି; ଏବଂ ଅନ୍ୟ ଯେଉଁମାନେ କେବଳ ଅବିନାଶୀ ନିରାକାର ବ୍ରହ୍ମଙ୍କୁ ଶ୍ରେଷ୍ଠଭାବରେ ଭଜନ କରନ୍ତି, ସେହି ଦୁଇପ୍ରକାର ଉପାସକଙ୍କ ମଧ୍ୟରେ ଅଧିକ ଉତ୍ତମ ଯୋଗବେତ୍ତା କେଉଁମାନେ ? ।। ୧୨-୦୧ ।।)

**। ଶ୍ରୀଭଗବାନୁବାଚ ।**

**ମୟ୍ୟାବେଶ୍ୟ ମନୋ ଯେ ମାଂ ନିତ୍ୟଯୁକ୍ତା ଉପାସତେ ।**
**ଶ୍ରଦ୍ଧୟା ପରୟୋପେତାଃ ତେ ମେ ଯୁକ୍ତତମା ମତାଃ ।। ୧୨-୨।।**

(ଶ୍ରୀଭଗବାନ କହିଲେ - ମୋଠାରେ ମନ ଏକାଗ୍ର କରି ନିରନ୍ତର ମୋର ଭଜନ-ଧ୍ୟାନରେ ଲାଗିରହିଥିବା ଯେଉଁ ଭକ୍ତମାନେ ପରମ ଶ୍ରଦ୍ଧାର ସହିତ ମୋତେ ଅର୍ଥାତ, ସଗୁଣରୂପ ପରମେଶ୍ୱରଙ୍କୁ ଉପାସନା କରନ୍ତି, ମୋ ମତରେ ସେମାନେ ଯୋଗୀମାନଙ୍କ ମଧ୍ୟରେ ଅତି ଉତ୍ତମ ଯୋଗୀ ଅଟନ୍ତି ।। ୧୨-୦୨ ।।)

Not For Commercial Use

**ଯେ ତ୍ୱକ୍ଷରମନିର୍ଦ୍ଦେଶ୍ୟମବ୍ୟକ୍ତଂ ପର୍ଯ୍ୟୁପାସତେ ।**
**ସର୍ବତ୍ରଗମଚିନ୍ତ୍ୟଞ୍ଚ କୂଟସ୍ଥମଚଲନ୍-ଧ୍ରୁବମ୍ ।। ୧୨-୩।।**
**ସନ୍ନିୟମ୍ୟେନ୍ଦ୍ରିୟଗ୍ରାମଂ ସର୍ବତ୍ର ସମବୁଦ୍ଧୟଃ ।**
**ତେ ପ୍ରାପ୍ନୁବନ୍ତି ମାମେବ ସର୍ବଭୂତହିତେ ରତାଃ ।। ୧୨-୪।।**

(ପରନ୍ତୁ, ଯେଉଁ ପୁରୁଷମାନେ ଇନ୍ଦ୍ରିୟମାନଙ୍କୁ ଭଲରୂପେ ବଶକରି ମନ-ବୁଦ୍ଧି ସହିତ, ସର୍ବବ୍ୟାପୀ, ଅନିର୍ବଚନୀୟସ୍ୱରୂପ, ଏକରସୀ, ନିତ୍ୟ, ଅଚଳ, ଅବିନାଶୀ ଓ ନିରାକାର ବ୍ରହ୍ମଙ୍କୁ ନିରନ୍ତର ଏକୀଭାବରେ ଧ୍ୟାନରତ ହୋଇ ଭଜନ୍ତି; ତଥା ସମସ୍ତ ପ୍ରାଣୀଙ୍କ ହିତରେ ରତ ଓ ସମସ୍ତଙ୍କ ଠାରେ ସମାନ ଭାବ ରଖୁଥିବା ସେହି ଯୋଗୀମାନେ ମଧ୍ୟ ମୋତେ ପ୍ରାପ୍ତ ହୁଅନ୍ତି ।। ୧୨-୦୩, ୧୨-୦୪ ।।)

**କ୍ଲେଶୋଽଧିକତରସ୍ତେଷାମବ୍ୟକ୍ତାସକ୍ତଚେତସାମ୍ ।**
**ଅବ୍ୟକ୍ତା ହି ଗତିର୍ଦୁଃଖଂ ଦେହବଦ୍-ଭିରବାପ୍ୟତେ ।। ୧୨-୫।।**

(ସେହି ନିରାକାର ବ୍ରହ୍ମରେ ଆସକ୍ତଚିତ୍ତ ପୁରୁଷମାନଙ୍କର ସାଧନା ବିଶେଷ ପରିଶ୍ରମ ସାଧ୍ୟ ହୋଇଥାଏ; କାରଣ ଦେହଧାରୀ ମନୁଷ୍ୟମାନଙ୍କ ଦ୍ୱାରା ଅବ୍ୟକ୍ତବିଷୟକ ଗତି ଦୁଃଖ ବା କଷ୍ଟପୂର୍ବକ ପ୍ରାପ୍ତ କରାଯାଇଥାଏ ।। ୧୨-୦୫ ।।)

**ଯେ ତୁ ସର୍ବାଣି କର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ ।**
**ଅନନ୍ୟେନୈବ ଯୋଗେନ ମାଂ ଧ୍ୟାୟନ୍ତ ଉପାସତେ ।। ୧୨-୬।।**

(ପରନ୍ତୁ, ମୋର ପରାୟଣ ହୋଇଥିବା ଯେଉଁ ଭକ୍ତମାନେ ସମସ୍ତ କର୍ମ ମୋଠାରେ ଅର୍ପଣ କରିଦେଇ ମୋତେ ଅର୍ଥାତ ସଗୁଣରୂପ ପରମେଶ୍ୱରଙ୍କୁ ଅନନ୍ୟ ଭକ୍ତିଯୋଗରେ ନିରନ୍ତର ଚିନ୍ତନ କରି କରି ଭଜନ୍ତି,..... ।। ୧୨-୦୬ ।।)

Not For Commercial Use

**ତେଷାମହଂ ସମୁଦ୍ଧର୍ତା ମୃତ୍ୟୁସଂସାରସାଗରାତ୍ ।**
**ଭବାମି ନଚିରାତ୍ପାର୍ଥ ମୟ୍ୟାବେଶିତଚେତସାମ୍ ।। ୧୨-୭।।**

(ହେ ଅର୍ଜୁନ ! ମୋଠାରେ ଚିତ୍ତ ନିବେଶ କରିଥିବା ସେହି ପ୍ରେମୀ ଭକ୍ତମାନଙ୍କୁ ମୁଁ ଶିଘ୍ର ମୃତ୍ୟୁରୂପକ ସଂସାର ସାଗରରୁ ଉଦ୍ଧାର କରିଦିଏ ।। ୧୨-୦୭ ।।)

**ମୟ୍ୟେବ ମନ ଆଧତ୍ସ୍ୱ ମୟି ବୁଦ୍ଧିଂ ନିବେଶୟ ।**
**ନିବସିଷ୍ୟସି ମୟ୍ୟେବ ଅତ ଊର୍ଦ୍ଧ୍ୱଂ ନ ସଂଶୟଃ ।। ୧୨-୮।।**

(ତେଣୁ ତୁମେ ମୋ ଠାରେ ଧ୍ୟାନ ଓ ଭକ୍ତି ସହିତ ମନ ଓ ବୁଦ୍ଧି ଲଗାଇ ଦିଅ । ତା'ହେଲେ ତୁମେ ଯେ ମୋଠାରେ ହିଁ ନିବାସ କରିବ, ଏଥିରେ କୌଣସି ସନ୍ଦେହ ନାହିଁ ।। ୧୨-୦୮ ।।)

**ଅଥ ଚିତ୍ତଂ ସମାଧାତୁଂ ନ ଶକ୍ନୋଷି ମୟି ସ୍ଥିରମ୍ ।**
**ଅଭ୍ୟାସଯୋଗେନ ତତୋ ମାମିଚ୍ଛାପ୍ତୁଂ ଧନଂଜୟ ।। ୧୨-୯।।**

(ଯଦି ତୁମେ ମୋଠାରେ ଦୃଢରୂପେ ଚିତ୍ତ ସ୍ଥାପନ କରିବାକୁ ସମର୍ଥ ନ ହେଉଛ, ତେବେ ହେ ଅର୍ଜୁନ ! ଅଭ୍ୟାସରୂପୀ ଯୋଗ ଦ୍ୱାରା ମୋତେ ପାଇବାକୁ ଇଚ୍ଛାକର ।। ୧୨-୦୯ ।।)

**ଅଭ୍ୟାସେଽପ୍ୟସମର୍ଥୋଽସି ମତ୍କର୍ମପରମୋ ଭବ ।**
**ମଦର୍ଥମପି କର୍ମାଣି କୁର୍ବନ୍ସିଦ୍ଧିମବାପ୍ସ୍ୟସି ।। ୧୨-୧୦।।**

(ଯଦି ତୁମେ ଉପରୋକ୍ତ ଅଭ୍ୟାସ କରିବାରେ ମଧ୍ୟ ଅସମର୍ଥ ହେଉଛ, ତେବେ କେବଳ ମୋ ପାଇଁ କର୍ମ କରିବାରେ ପରାୟଣ ହୁଅ । ମୋ ପାଇଁ ଏହିପରି କର୍ମ କରୁ କରୁ ମଧ୍ୟ ତୁମେ ମୋତେ ପାଇବାରୂକ ସିଦ୍ଧି ଲାଭ କରିପାରିବ ।। ୧୨-୧୦ ।।)

Not For Commercial Use

**ଅଥୈତଦପ୍ୟଶକ୍ତୋଽସି କର୍ତୁଂ ମଦ୍ୟୋଗମାଶ୍ରିତଃ ।**
**ସର୍ବକର୍ମଫଲତ୍ୟାଗଂ ତତଃ କୁରୁ ଯତାତ୍ମବାନ୍ ।। ୧୨-୧୧।।**

(ଯଦି ମୋର ପ୍ରାପ୍ତିରୂପକ ଯୋଗର ଆଶ୍ରିତ ହୋଇ ଉପରୋକ୍ତ କର୍ମ କରିବାରେ ମଧ୍ୟ ଅସମର୍ଥ ଅଟ, ତେବେ ସଂଯତାତ୍ମା ହୋଇ ଅର୍ଥାତ, ମନ, ବୁଦ୍ଧି ଆଦି ଉପରେ ବିଜୟ ଲାଭକରି ସମସ୍ତ କର୍ମଫଳ ତ୍ୟାଗ କର ।। ୧୨-୧୧ ।।)

**ଶ୍ରେୟୋ ହି ଜ୍ଞାନମଭ୍ୟାସାଜ୍ଜ୍ଞାନାଦ୍‌ଧ୍ୟାନଂ ବିଶିଷ୍ୟତେ ।**
**ଧ୍ୟାନାତ୍କର୍ମଫଲତ୍ୟାଗସ୍ତ୍ୟାଗାଚ୍ଛାନ୍ତିରନନ୍ତରମ୍ ।। ୧୨-୧୨।।**

(ମର୍ମ ନ ଜାଣି କରାଯାଉଥିବା ଅଭ୍ୟାସ ଅପେକ୍ଷା ଜ୍ଞାନ ଶ୍ରେଷ୍ଠ; ଜ୍ଞାନ ଠାରୁ ମୋର ପରମେଶ୍ୱର-ସ୍ୱରୂପ ଧ୍ୟାନ ଶ୍ରେଷ୍ଠ ଏବଂ ଧ୍ୟାନ ଅପେକ୍ଷା ସବୁକର୍ମର ଫଳତ୍ୟାଗ ଶ୍ରେଷ୍ଠ ଅଟେ; କାରଣ ତ୍ୟାଗଦ୍ୱାରା ତତ୍କାଳ ପରମ ଶାନ୍ତି ପ୍ରାପ୍ତ ହୋଇଥାଏ ।। ୧୨-୧୨ ।।)

**ଅଦ୍ୱେଷ୍ଟା ସର୍ବଭୂତାନାଂ ମୈତ୍ରଃ କରୁଣ ଏବ ଚ ।**
**ନିର୍ମମୋ ନିରହଂକାରଃ ସମଦୁଃଖସୁଖଃ କ୍ଷମୀ ।। ୧୨-୧୩।।**
**ସନ୍ତୁଷ୍ଟଃ ସତତଂ ଯୋଗୀ ଯତାତ୍ମା ଦୃଢନିଶ୍ଚୟଃ ।**
**ମୟ୍ୟର୍ପିତମନୋବୁଦ୍ଧିର୍ଯୋ ମଦ୍-ଭକ୍ତଃ ସ ମେ ପ୍ରିୟଃ ।। ୧୨-୧୪।।**

(ଯେଉଁ ପୁରୁଷ ସକଳଭୂତଙ୍କ ଠାରେ ବିନା ଦ୍ୱେଷରେ, ନିଃସ୍ୱାର୍ଥଭାବରେ ସମସ୍ତଙ୍କର ପ୍ରେମୀ ଓ ଅହେତୁକ ଦୟାଳୁ, ତଥା ମମତାଶୂନ୍ୟ, ଅହଂକାରଶୂନ୍ୟ, ସୁଖ-ଦୁଃଖ ପ୍ରାପ୍ତିରେ ସମ ଓ କ୍ଷମାଶୀଳ ଅଟନ୍ତି; ପୁଣି ଯେଉଁ ଯୋଗୀ ନିରନ୍ତର ସନ୍ତୁଷ୍ଟ ରହନ୍ତି, ମନ ଓ ଇନ୍ଦ୍ରିୟମାନଙ୍କ ସହିତ ଶରୀରକୁ ବଶକରି ରଖିଥାନ୍ତି; ଏବଂ ଯିଏ ମୋଠାରେ ଦୃଢନିଶ୍ଚୟ ହୋଇଥାନ୍ତି, ମୋଠାରେ ମନ-ବୁଦ୍ଧି ଅର୍ପଣ କରିଦେଇଥିବା ସେହି ଭକ୍ତ ମୋର ପ୍ରିୟ ଅଟନ୍ତି ।। ୧୨-୧୩, ୧୨-୧୪ ।।)

Not For Commercial Use

**ଯସ୍ମାନ୍ନୋଦ୍-ବିଜତେ ଲୋକୋ ଲୋକାନ୍ନୋଦ୍-ବିଜତେ ଚ ଯଃ ।**
**ହର୍ଷାମର୍ଷଭୟୋଦ୍-ବେଗୈର୍ମୁକ୍ତୋ ଯଃ ସ ଚ ମେ ପ୍ରିୟଃ ।। ୧୨-୧୫।।**

(ଯାହାଙ୍କ ଦ୍ୱରା କୌଣସି ବି ଜୀବ ଉଦ୍-ବିଗ୍ନ ହୁଏ ନାହିଁ, କି ସେ ନିଜେ କୌଣସି ଜୀବଦ୍ୱାରା ଉଦ୍-ବିଗ୍ନ ହୁଅନ୍ତି ନାହିଁ, ତଥା ଯିଏ ହର୍ଷ, ଅମର୍ଷ, ଭୟ ଓ ଉଦ୍-ବେଗ ଆଦିରୁ ମୁକ୍ତ, ସେହି ଭକ୍ତ ମଧ୍ୟ ମୋର ପ୍ରିୟ ଅଟନ୍ତି ।। ୧୨-୧୫ ।।)

**ଅନପେକ୍ଷଃ ଶୁଚିର୍ଦକ୍ଷ ଉଦାସୀନୋ ଗତବ୍ୟଥଃ ।**
**ସର୍ବାରମ୍ଭପରିତ୍ୟାଗୀ ଯୋ ମଦ୍-ଭକ୍ତଃ ସ ମେ ପ୍ରିୟଃ ।। ୧୨-୧୬।।**

(ଯିଏ ଆକାଂକ୍ଷାଶୂନ୍ୟ, ବାହାରେ-ଭିତରେ ଶୁଦ୍ଧ, ଦକ୍ଷ, ଅପକ୍ଷପାତ ଓ ଦୁଃଖରୁ ମୁକ୍ତ ଅଟନ୍ତି, ସେହି ସର୍ବାରମ୍ଭତ୍ୟାଗୀ ଭକ୍ତ ମୋର ପ୍ରୀୟ ଅଟନ୍ତି ।। ୧୨-୧୬ ।।)

**ଯୋ ନ ହୃଷ୍ୟତି ନ ଦ୍ୱେଷ୍ଟି ନ ଶୋଚତି ନ କାଂକ୍ଷତି ।**
**ଶୁଭାଶୁଭପରିତ୍ୟାଗୀ ଭକ୍ତିମାନ୍ୟଃ ସ ମେ ପ୍ରିୟଃ ।। ୧୨-୧୭।।**

(ଯିଏ କେବେ ହର୍ଷିତ ହୁଅନ୍ତି ନାହିଁ, ଦ୍ୱେଷ କରନ୍ତି ନାହିଁ, ଶୋକ କରନ୍ତି ନାହିଁ, କି କାମନା କରନ୍ତି ନାହିଁ, ତଥା ଯିଏ ଶୁଭ-ଅଶୁଭ ସକଳ କର୍ମର ତ୍ୟାଗୀ ଅଟନ୍ତି, ସେହି ଭକ୍ତିମାନ ପୁରୁଷ ମୋର ପ୍ରିୟ ।। ୧୨-୧୭।।)

**ସମଃ ଶତ୍ରୌ ଚ ମିତ୍ରେ ଚ ତଥା ମାନାପମାନୟୋଃ ।**
**ଶୀତୋଷ୍ଣସୁଖଦୁଃଖେଷୁ ସମଃ ସଙ୍ଗବିବର୍ଜିତଃ ।। ୧୨-୧୮।।**

(ଯିଏ ଶତ୍ରୁ-ମିତ୍ର ଠାରେ ଓ ମାନ-ଅପମାନରେ ସମ, ତଥା ଶୀତ-ଉଷ୍ଣ ଓ ସୁଖ-ଦୁଃଖାଦି ଦ୍ୱନ୍ଦରେ ସମ ଏବଂ ଆସକ୍ତିଶୂନ୍ୟ,..... ।। ୧୨-୧୮ ।।)

Not For Commercial Use

**ତୁଲ୍ୟନିନ୍ଦାସ୍ତୁତିର୍ମୌନୀ ସନ୍ତୁଷ୍ଟୋ ୟେନ କେନଚିତ୍ ।**
**ଅନିକେତଃ ସ୍ଥିରମତିର୍ଭକ୍ତିମାନ୍ମେ ପ୍ରିୟୋ ନରଃ ।। ୧୨-୧୯।।**

(ଯିଏ ନିନ୍ଦା ଓ ସ୍ତୁତିକୁ ସମାନ ବୋଲି ଦେଖନ୍ତି, ଯିଏ ମନନଶୀଳ ଏବଂ ଯିଏ ଯେକୌଣସି ପ୍ରକାର ଶରୀରନିର୍ବାହ ହେବାରେ ସଦା ସନ୍ତୁଷ୍ଟ ରହନ୍ତି, ଅଥା ବାସସ୍ଥାନ ପ୍ରତି ମମତ୍ୱ ଓ ଆସକ୍ତିରୁ ମୁକ୍ତ ଅଟନ୍ତି, ସେହି ସ୍ଥିରବୁଦ୍ଧି ଭକ୍ତିମାନ ପୁରୁଷ ମୋର ପ୍ରିୟ ଅଟନ୍ତି ।। ୧୨-୧୯ ।।)

**ୟେ ତୁ ଧର୍ମ୍ୟାମୃତମିଦଂ ୟଥୋକ୍ତଂ ପର୍ୟୁପାସତେ ।**
**ଶ୍ରଦ୍ଦଧାନା ମତ୍ପରମା ଭକ୍ତାସ୍ତେଽତୀବ ମେ ପ୍ରିୟାଃ ।। ୧୨-୨୦।।**

(ପରନ୍ତୁ, ଯେଉଁ ଶ୍ରଦ୍ଧାଯୁକ୍ତ ପୁରୁଷମାନେ ମୋର ପରାୟଣ ହୋଇ ଉପରୋକ୍ତ ଧର୍ମମୟ ଅମୃତକୁ ନିଷ୍କାମ ପ୍ରେମଭାବରେ ସେବନ କରନ୍ତି, ସେହି ଭକ୍ତମାନେ ମୋର ଅତ୍ୟନ୍ତ ପ୍ରିୟ ଅଟନ୍ତି ।। ୧୨-୨୦ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଭକ୍ତିୟୋଗୋ ନାମ ଦ୍ୱାଦଶୋଽଧ୍ୟାୟଃ ।। ୧୨।।**

---

Not For Commercial Use

# ତ୍ରୟୋଦଶ ଅଧ୍ୟାୟ

(Chapter – 13)

## କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ତ୍ରୟୋଦଶୋଽଧ୍ୟାୟଃ ।।

।। ଅଥ ତ୍ରୟୋଦଶୋଽଧ୍ୟାୟଃ । କ୍ଷେତ୍ରକ୍ଷେତ୍ରଜ୍ଞବିଭାଗୟୋଗଃ ।।

**। ଅର୍ଜୁନ ଉବାଚ ।**

**ପ୍ରକୃତିଂ ପୁରୁଷଂ ଚୈବ କ୍ଷେତ୍ରଂ କ୍ଷେତ୍ରଜ୍ଞମେବ ଚ ।**
**ଏତଦ୍ବେଦିତୁମିଚ୍ଛାମି ଜ୍ଞାନଂ ଜ୍ଞେୟଂ ଚ କେଶବ ।। ୧୩-୦।।**

(ଅର୍ଜୁନ କେଶବଙ୍କୁ ପଚାରିଲେ - ମୋର ପୁରୁଷ ଓ ପ୍ରକୃତି; କ୍ଷେତ୍ର ଓ କ୍ଷେତ୍ରଜ୍ଞ ତଥା ଜ୍ଞାନ ଓ ଯାହା ଜାଣିବା ଯୋଗ୍ୟ, ସେ ବିଷୟରେ ଜାଣିବାକୁ ଇଚ୍ଛା ହେଉଛି ।। ୧୩-୦୦ ।।)

**। ଶ୍ରୀଭଗବାନୁବାଚ ।**

**ଇଦଂ ଶରୀରଂ କୌନ୍ତେୟ କ୍ଷେତ୍ରମିତ୍ୟଭିଧୀୟତେ ।**
**ଏତଦ୍ୟୋ ବେତ୍ତି ତଂ ପ୍ରାହୁଃ କ୍ଷେତ୍ରଜ୍ଞ ଇତି ତଦ୍ବିଦଃ ।। ୧୩-୧।।**

(ଶ୍ରୀଭଗବାନ କହିଲେ - ହେ ଅର୍ଜୁନ ! ଏହି ଶରୀର 'କ୍ଷେତ୍ର' ନାମରେ କଥିତ ହୁଏ ଏବଂ ଏହାକୁ ଯିଏ ଜାଣନ୍ତି, ତତ୍ତ୍ୱଜ୍ଞ ଜ୍ଞାନୀଜନମାନେ ତାଙ୍କୁ କ୍ଷେତ୍ରଜ୍ଞ ବୋଲି କହନ୍ତି ।। ୧୩-୦୧ ।।)

**କ୍ଷେତ୍ରଜ୍ଞଂ ଚାପି ମାଂ ବିଦ୍ଧି ସର୍ବକ୍ଷେତ୍ରେଷୁ ଭାରତ ।**
**କ୍ଷେତ୍ରକ୍ଷେତ୍ରଜ୍ଞୟୋର୍ଜ୍ଞାନଂ ୟତ୍ତଜ୍ଜ୍ଞାନଂ ମତଂ ମମ ।। ୧୩-୨।।**

(ହେ ଅର୍ଜୁନ ! ତୁମେ ମୋତେ ସବୁ କ୍ଷେତ୍ର (ଶରୀର) ରେ କ୍ଷେତ୍ରଜ୍ଞ ଅର୍ଥାତ, ଜୀବାତ୍ମା ବୋଲି ଜାଣ ଏବଂ କ୍ଷେତ୍ର ଓ କ୍ଷେତ୍ରଜ୍ଞ ଅର୍ଥାତ, ବିକାର ସହିତ ପ୍ରକୃତି ଓ ପୁରୁଷ ଉଭୟଙ୍କୁ ତତ୍ତ୍ୱତଃ ଜାଣିବା ମୋ ମତରେ ଜ୍ଞାନ ଅଟେ ।। ୧୩-୦୨ ।।)

Not For Commercial Use

**ତତ୍କ୍ଷେତ୍ରଂ ଯଚ୍ଚ ଯାଦୃକ୍‌ଚ ଯଦ୍ୱିକାରି ଯତଶ୍ଚ ଯତ୍ ।**
**ସ ଚ ଯୋ ଯତ୍-ପ୍ରଭାବଶ୍ଚ ତତ୍ସମାସେନ ମେ ଶୃଣୁ ।। ୧୩-୩।।**

(ସେହି କ୍ଷେତ୍ର କଣ, ତାହା କିପରି ଏବଂ କେଉଁ କେଉଁ ବିକାରଯୁକ୍ତ, କେଉଁଥିରୁ କଣ ଉତ୍ପନ୍ନ ହୋଇଛି ତଥା ସେହି କ୍ଷେତ୍ରଜ୍ଞ ମଧ୍ୟ କିଏ ଓ ତାହା କେଉଁ ପ୍ରଭାବଯୁକ୍ତ, ତାହା ସଂକ୍ଷେପରେ ମୋଠାରୁ ଶୁଣ ।। ୧୩-୦୩।।)

**ଋଷିଭିର୍ବହୁଧା ଗୀତଂ ଛନ୍ଦୋଭିର୍ବିବିଧୈଃ ପୃଥକ୍ ।**
**ବ୍ରହ୍ମସୂତ୍ରପଦୈଶ୍ଚୈବ ହେତୁମଦ୍-ଭିର୍ବିନିଶ୍ଚିତୈଃ ।। ୧୩-୪।।**

(ଏହି କ୍ଷେତ୍ର ଓ କ୍ଷେତ୍ରଜ୍ଞଙ୍କର ତତ୍ତ୍ୱ ଋଷିମାନଙ୍କ ଦ୍ୱାରା ବହୁପ୍ରକାରେ କୁହାଯାଇଛି ଏବଂ ବିବିଧ ବେଦମନ୍ତ୍ର ମାନଙ୍କ ଦ୍ୱାରା ମଧ୍ୟ ବିଭାଗପୂର୍ବକ କୁହାଯାଇଛି, ତଥା ଭଲଭାବରେ ନିଶ୍ଚୟ କରାଯାଇଥିବା ଯୁକ୍ତିଯୁକ୍ତ ବ୍ରହ୍ମସୂତ୍ରର ପଦମାନଙ୍କ ଦ୍ୱାରା ମଧ୍ୟ କୁହାଯାଇଛି ।। ୧୩-୦୪ ।।)

**ମହାଭୂତାନ୍ୟହଂକାରୋ ବୁଦ୍ଧିରବ୍ୟକ୍ତମେବ ଚ ।**
**ଇନ୍ଦ୍ରିୟାଣି ଦଶୈକଂ ଚ ପଞ୍ଚ ଚେନ୍ଦ୍ରିୟଗୋଚରାଃ ।। ୧୩-୫।।**

(ପଞ୍ଚ ମହାଭୂତ, ଅହଂକାର, ବୁଦ୍ଧି ଓ ମୂଳ ପ୍ରକୃତି ତଥା ଦଶ ଇନ୍ଦ୍ରିୟ, ଏକ ମନ ଓ ଇନ୍ଦ୍ରିୟମାନଙ୍କର ବିଷୟ ଅର୍ଥାତ, ଶବ୍ଦ, ସ୍ପର୍ଶ, ରୂପ, ରସ, ଗନ୍ଧ.... ।। ୧୩-୦୫ ।।)

**ଇଚ୍ଛା ଦ୍ୱେଷଃ ସୁଖଂ ଦୁଃଖଂ ସଂଘାତଶ୍ଚେତନା ଧୃତିଃ ।**
**ଏତତ୍କ୍ଷେତ୍ରଂ ସମାସେନ ସବିକାରମୁଦାହୃତମ୍ ।। ୧୩-୬।।**

(ତଥା ଇଚ୍ଛା, ଦ୍ୱେଷ, ସୁଖ, ଦୁଃଖ, ସ୍ଥୂଳ ଦେହର ପିଣ୍ଡ, ଚେତନା ଓ ଧୃତି - ଏହିପରି ବିକାରମାନଙ୍କ ସହିତ ଏହି କ୍ଷେତ୍ରର ସ୍ୱରୂପ ସଂକ୍ଷେପରେ କୁହାଗଲା ।। ୧୩-୦୬ ।।)

Not For Commercial Use

**ଅମାନିତ୍ୱମଦଂଭିତ୍ୱମହିଂସା କ୍ଷାନ୍ତିରାର୍ଜବମ୍ ।**
**ଆଚାର୍ୟୋପାସନଂ ଶୌଚଂ ସ୍ଥୈର୍ୟମାତ୍ମବିନିଗ୍ରହଃ ।। ୧୩-୭।।**

(ନିଜଠାରେ ଶ୍ରେଷ୍ଠତା-ଅଭିମାନର ଅଭାବ, ଦାମ୍ଭିକତା, ପ୍ରାଣୀମାତ୍ରକେ କାହାରିକୁ କୌଣସି ପ୍ରକାର ଦୁଃଖ ନ ଦେବା, କ୍ଷମାଶୀଳତା, ମନ-ବଚନ ଆଦିରେ ସରଳତା, ଶ୍ରଦ୍ଧା-ଭକ୍ତିର ସହିତ ଗୁରୁଙ୍କର ସେବା, ଅନ୍ତଃ-ବାହ୍ୟ ଶୁଦ୍ଧି, ଅନ୍ତଃକରଣର ସ୍ଥିରତା ଏବଂ ମନ-ଇନ୍ଦ୍ରିୟ ସହିତ ଶରୀର ନିଗ୍ରହ,.... ।। ୧୩-୦୭ ।।)

**ଇନ୍ଦ୍ରିୟାର୍ଥେଷୁ ବୈରାଗ୍ୟମନହଂକାର ଏବ ଚ ।**
**ଜନ୍ମମୃତ୍ୟୁଜରାବ୍ୟାଧିଦୁଃଖଦୋଷାନୁଦର୍ଶନମ୍ ।। ୧୩-୮।।**

(ଇହଲୋକ ତଥା ପରଲୋକର ସକଳ ପ୍ରକାର ଭୋଗରେ ଆସକ୍ତିର ଅଭାବ, ଅହଂକାରଶୂନ୍ୟତା, ଜନ୍ମ, ମୃତ୍ୟୁ, ଜରା ଓ ବ୍ୟାଧି ଆଦିରେ ଦୁଃଖ ଓ ଦୋଷ ଦର୍ଶନ କରି ବାରମ୍ବାର ବିବେଚନା କରିବା,.....।। ୧୩-୦୮।।)

**ଅସକ୍ତିରନଭିଷ୍ୱଙ୍ଗଃ ପୁତ୍ରଦାରଗୃହାଦିଷୁ ।**
**ନିତ୍ୟଂ ଚ ସମଚିତ୍ତତ୍ୱମିଷ୍ଟାନିଷ୍ଟୋପପତ୍ତିଷୁ ।। ୧୩-୯।।**

(ପୁତ୍ର, ସ୍ତ୍ରୀ, ଗୃହ ଏବଂ ଧନ ଆଦିରେ ଆସକ୍ତିର ଅଭାବ, ମମତ୍ୱର ଅଭାବ, ତଥା ପ୍ରିୟ ପ୍ରାପ୍ତି ହେଉ କିମ୍ବା ଅପ୍ରିୟ ପ୍ରାପ୍ତି ହେଉ, ସର୍ବଦା ସମଚିତ୍ତ ହୋଇ ରହିବା,..... ।। ୧୩-୦୯ ।।)

**ମୟି ଚାନନ୍ୟଯୋଗେନ ଭକ୍ତିରବ୍ୟଭିଚାରିଣୀ ।**
**ବିବିକ୍ତଦେଶସେବିତ୍ୱମରତିର୍ଜନସଂସଦି ।। ୧୩-୧୦।।**

(ମୋ ଠାରେ ଅର୍ଥାତ, ପରମେଶ୍ୱରଙ୍କ ଠାରେ ଅନନ୍ୟ ଯୋଗଦ୍ୱାରା ଅବ୍ୟଭିଚାରିଣୀ ଭକ୍ତି, ତଥା ଏକାନ୍ତ ଓ ଶୁଦ୍ଧ ସ୍ଥାନରେ ରହିବାର ସ୍ୱଭାବ, ବିଷୟାସକ୍ତ ଲୋକମାନଙ୍କ ସମୁଦାୟ ପ୍ରତି ବିରାଗ,....।। ୧୩-୧୦।।)

Not For Commercial Use

**ଅଧ୍ୟାତ୍ମଜ୍ଞାନନିତ୍ୟତ୍ୱଂ ତତ୍ତ୍ୱଜ୍ଞାନାର୍ଥଦର୍ଶନମ୍ ।**
**ଏତଜ୍ଜ୍ଞାନମିତି ପ୍ରୋକ୍ତମଜ୍ଞାନଂ ଯଦତୋଽନ୍ୟଥା ।। ୧୩-୧୧।।**

(ଆଧ୍ୟାତ୍ମଜ୍ଞାନରେ ନିତ୍ୟସ୍ଥିତ ଏବଂ ତତ୍ତ୍ୱଜ୍ଞାନର ଅର୍ଥରୂପ ପରମାତ୍ମାଙ୍କୁ ହିଁ ସର୍ବତ୍ର ଦର୍ଶନ – ଏହିସବୁ ଜ୍ଞାନ ବୋଲି କୁହାଯାଇଛି ଏବଂ ଏହାର ବିପରୀତ, ତାହା ଅଜ୍ଞାନ ବୋଲି କୁହାଯାଇଛି ।। ୧୩-୧୧ ।।)

**ଜ୍ଞେୟଂ ଯତ୍ତତ୍-ପ୍ରବକ୍ଷ୍ୟାମି ଯଜ୍ଜ୍ଞାତ୍ୱାମୃତମଶ୍ନୁତେ ।**
**ଅନାଦିମତ୍ପରଂ ବ୍ରହ୍ମ ନ ସତ୍ତନ୍ନାସଦୁଚ୍ୟତେ ।। ୧୩-୧୨।।**

(ଯାହା ଜାଣିବାର ଯୋଗ୍ୟ ତଥା ଯାହା ଜାଣି ମନୁଷ୍ୟ ପରମାନନ୍ଦକୁ ପ୍ରାପ୍ତ ହୁଏ, ତାହା ମୁଁ ଭଲରୂପେ ବୁଝାଇଦେବି । ସେହି ଅନାଦି ପରବ୍ରହ୍ମକୁ ସତ୍ ବୋଲି କୁହାଯାଇପାରିବ ନାହିଁ, କି ଅସତ୍ ବୋଲି କୁହାଯାଏ ନାହିଁ ।। ୧୩-୧୨ ।।)

**ସର୍ବତଃ ପାଣିପାଦଂ ତତ୍ସର୍ବତୋଽକ୍ଷିଶିରୋମୁଖମ୍ ।**
**ସର୍ବତଃ ଶ୍ରୁତିମଲ୍ଲୋକେ ସର୍ବମାବୃତ୍ୟ ତିଷ୍ଠତି ।। ୧୩-୧୩।।**

(ତାଙ୍କର ସକଳ ଦିଗରେ ହସ୍ତ ଓ ପାଦ ରହିଛି; ସକଳ ଦିଗରେ ନେତ୍ର, ଶିର, ମୁଖ ଓ କର୍ଣ୍ଣ ରହିଛି; କାରଣ ସେ ସଂସାରରେ ସର୍ବତ୍ର ବ୍ୟାପି ରହିଛନ୍ତି ।। ୧୩-୧୩ ।।)

**ସର୍ବେନ୍ଦ୍ରିୟଗୁଣାଭାସଂ ସର୍ବେନ୍ଦ୍ରିୟବିବର୍ଜିତମ୍ ।**
**ଅସକ୍ତଂ ସର୍ବଭୃଚ୍ଚୈବ ନିର୍ଗୁଣଂ ଗୁଣଭୋକ୍ତୃ ଚ ।। ୧୩-୧୪।।**

(ସେ ସକଳ ଇନ୍ଦ୍ରିୟଗ୍ରାହ୍ୟ ବିଷୟର ଜ୍ଞାତା, ଅଥଚ ବାସ୍ତବରେ ସେ ସକଳ ଇନ୍ଦ୍ରିୟରୁ ମୁକ୍ତ ଅଟନ୍ତି । ସେ ଆସକ୍ତିଶୂନ୍ୟ ହୋଇ ମଧ୍ୟ ସମସ୍ତଙ୍କର ଧାରଣ-ପୋଷଣକାରୀ ଏବଂ ନିର୍ଗୁଣ ହୋଇ ମଧ୍ୟ ଗୁଣମାନଙ୍କର ଭୋକ୍ତା ଅଟନ୍ତି ।। ୧୩-୧୪ ।।)

Not For Commercial Use

**ବହିରନ୍ତଶ୍ଚ ଭୂତାନାମଚରଂ ଚରମେବ ଚ ।**
**ସୂକ୍ଷ୍ମତ୍ୱାତ୍ତଦବିଜ୍ଞେୟଂ ଦୂରସ୍ଥଂ ଚାନ୍ତିକେ ଚ ତତ୍ ।। ୧୩-୧୫।।**

(ସେହି ପରମାତ୍ମା ଚରାଚର ସକଳ ଭୂତଙ୍କର ବାହାରେ ଓ ଭିତରେ ସର୍ବତ୍ର ପରିପୂର୍ଣ୍ଣ ହୋଇ ରହିଛନ୍ତି ଏବଂ ଚର-ଅଚର ରୂପ ମଧ୍ୟ ସେ ହିଁ ଅଟନ୍ତି । ପୁଣି ସେ ସୂକ୍ଷ୍ମ ହୋଇଥିବାରୁ ଅବିଜ୍ଞେୟ ଅଟନ୍ତି, ତଥା ସେ ଅତ୍ୟନ୍ତ ନିକଟରେ ଅଛନ୍ତି ଓ ଅତି ଦୂରରେ ମଧ୍ୟ ଅଛନ୍ତି ।। ୧୩-୧୫ ।।)

**ଅବିଭକ୍ତଂ ଚ ଭୂତେଷୁ ବିଭକ୍ତମିବ ଚ ସ୍ଥିତମ୍ ।**
**ଭୂତଭର୍ତୃ ଚ ତଜ୍ଜ୍ଞେୟଂ ଗ୍ରସିଷ୍ଣୁ ପ୍ରଭବିଷ୍ଣୁ ଚ ।। ୧୩-୧୬।।**

(ସେହି ପରମାତ୍ମା ଅବିଭକ୍ତ ରୂପରେ ଆକାଶ ସଦୃଶ ପରିପୂର୍ଣ୍ଣ ହୋଇଥିଲେ ବି, ଚରାଚର ସମସ୍ତ ଭୂତମାନଙ୍କ ଭିତରେ ବିଭକ୍ତପରି ହୋଇ ରହିଥିବା ପ୍ରତୀତ ହୁଅନ୍ତି । ପୁଣି ସେହି ଜ୍ଞେୟ ପରମାତ୍ମା ବିଷ୍ଣୁରୂପରେ ଭୂତମାନଙ୍କର ଧାରଣ-ପୋଷଣକର୍ତ୍ତା, ରୁଦ୍ରରୂପରେ ସଂହାରକର୍ତ୍ତା ତଥା ବ୍ରହ୍ମାରୂପରେ ସମସ୍ତଙ୍କର ସୃଷ୍ଟିକର୍ତ୍ତା ଅଟନ୍ତି ।। ୧୩-୧୬ ।।)

**ଜ୍ୟୋତିଷାମପି ତଜ୍ଜ୍ୟୋତିସ୍ତମସଃ ପରମୁଚ୍ୟତେ ।**
**ଜ୍ଞାନଂ ଜ୍ଞେୟଂ ଜ୍ଞାନଗମ୍ୟଂ ହୃଦି ସର୍ବସ୍ୟ ବିଷ୍ଠିତମ୍ ।। ୧୩-୧୭।।**

(ସେହି ପରବ୍ରହ୍ମ ଜ୍ୟୋତିମାନଙ୍କର ବି ଜ୍ୟୋତି ଏବଂ ମାୟା ବା ଅନ୍ଧକାରରୁ ସଂପୂର୍ଣ୍ଣ ଅତୀତ ବୋଲି କୁହାଯାଏ । ସେହି ପରମାତ୍ମା ଜ୍ଞାନ ଅଟନ୍ତି, ତାହା ଜଣିବାର ଯୋଗ୍ୟ, ଏବଂ ଏହା ତତ୍ତ୍ୱଜ୍ଞାନ ଦ୍ୱାରା ପ୍ରାପ୍ୟ ହୋଇଥାନ୍ତି, ତଥା ସେ ସମସ୍ତଙ୍କ ହୃଦୟରେ ବିଶେଷରୂପେ ଅବସ୍ଥିତ ।। ୧୩-୧୭ ।।)

**ଇତି କ୍ଷେତ୍ରଂ ତଥା ଜ୍ଞାନଂ ଜ୍ଞେୟଂ ଚୋକ୍ତଂ ସମାସତଃ ।**
**ମଦ୍-ଭକ୍ତ ଏତଦ୍ୱିଜ୍ଞାୟ ମଦ୍-ଭାବାୟୋପପଦ୍ୟତେ ।। ୧୩-୧୮।।**

(ଏହିପରି ଭାବରେ କ୍ଷେତ୍ର, ଜ୍ଞାନ ଓ ଜ୍ଞେୟ ପରମାତ୍ମାଙ୍କର ସ୍ୱରୂପ ସଂକ୍ଷେପରେ କୁହାଗଲା । ମୋର ଭକ୍ତ ଏହାର ତତ୍ତ୍ୱତଃ ଜାଣି ମୋର ସ୍ୱରୂପ ପ୍ରାପ୍ତ ହୁଅନ୍ତି ।। ୧୩-୧୮ ।।)

Not For Commercial Use

**ପ୍ରକୃତିଂ ପୁରୁଷଂ ଚୈବ ବିଦ୍-ଧ୍ୟନାଦୀ ଉଭାବପି ।**
**ବିକାରାଂଷ୍ଚ ଗୁଣାଂଷ୍ଚୈବ ବିଦ୍ଧି ପ୍ରକୃତିସଂଭବାନ୍ ।। ୧୩-୧୯।।**

(ପ୍ରକୃତି [ମୂଳପ୍ରକୃତି] ଏବଂ ପୁରୁଷ [ଜୀବାତ୍ମା], ଏହି ଉଭୟଙ୍କୁ ଅନାଦି ବୋଲି ଜାଣ, ଏବଂ ରାଗଦ୍ୱେଷାଦି ବିକାରଗୁଡିକ ତଥା ତ୍ରିଗୁଣାତ୍ମକ ସମସ୍ତ ପଦାର୍ଥ ବି ପ୍ରକୃତିରୁ ହିଁ ଉତ୍ପନ୍ନ ବୋଲି ଜାଣ ।। ୧୩-୧୯ ।।)

**କାର୍ଯ୍ୟକାରଣକର୍ତ୍ତୃତ୍ୱେ ହେତୁଃ ପ୍ରକୃତିରୁଚ୍ୟତେ ।**
**ପୁରୁଷଃ ସୁଖଦୁଃଖାନାଂ ଭୋକ୍ତୃତ୍ୱେ ହେତୁରୁଚ୍ୟତେ ।। ୧୩-୨୦।।**

(କାର୍ଯ୍ୟ ଓ କରଣ [ସୃଷ୍ଟି] ଉତ୍ପନ୍ନ କରିବାରେ ପ୍ରକୃତିକୁ କାରଣ ବୋଲି କୁହାଯାଏ, ଏବଂ ସୁଖ-ଦୁଃଖର ଭୋକ୍ତାପଣରେ ଅର୍ଥାତ ଭୋଗିବାରେ ଜୀବାତ୍ମା ବା ପୁରୁଷକୁ କାରଣ ବୋଲି କୁହାଯାଏ ।। ୧୩-୨୦ ।।)

**ପୁରୁଷଃ ପ୍ରକୃତିସ୍ଥୋ ହି ଭୁଙ୍କ୍ତେ ପ୍ରକୃତିଜାନ୍-ଗୁଣାନ୍ ।**
**କାରଣଂ ଗୁଣସଙ୍ଗୋଽସ୍ୟ ସଦସଦ୍ୟୋନିଜନ୍ମସୁ ।। ୧୩-୨୧।।**

(ପ୍ରକୃତିରେ ସ୍ଥିତ ପୁରୁଷ ବା ଜୀବାତ୍ମା ପ୍ରକୃତିରୁ ଉତ୍ପନ୍ନ ତ୍ରିଗୁଣାତ୍ମକ ପଦାର୍ଥଗୁଡିକୁ ଭୋଗକରେ, ଏବଂ ଏହିସବୁ ଗୁଣମାନଙ୍କର ସଙ୍ଗ ହିଁ ଏହି ଜୀବାତ୍ମାର ଭଲ-ମନ୍ଦ ଯୋନିମାନଙ୍କରେ ଜନ୍ମ ନେବାର କାରଣ ଅଟେ ।। ୧୩-୨୧ ।।)

**ଉପଦ୍ରଷ୍ଟାନୁମନ୍ତା ଚ ଭର୍ତା ଭୋକ୍ତା ମହେଶ୍ୱରଃ ।**
**ପରମାତ୍ମେତି ଚାପ୍ୟୁକ୍ତୋ ଦେହେଽସ୍ମିନ୍ପୁରୁଷଃ ପରଃ ।। ୧୩-୨୨।।**

(ଏହି ଦେହରେ ଅବସ୍ଥିତ ହୋଇ ମଧ୍ୟ ଏହି ଜୀବାତ୍ମା ପ୍ରକୃତରେ ପରମାତ୍ମା ହିଁ ଅଟେ । ସେ ଏଠି ସାକ୍ଷୀ ହୋଇଥିବାରୁ ଉପଦ୍ରଷ୍ଟା, ସମ୍ମତିଦାତା ହୋଇଥିବାରୁ ଅନୁମନ୍ତା, ଧାରଣ-ପୋଷଣକାରୀ ହୋଇଥିବାରୁ ଭର୍ତ୍ତା, ଜୀବରୂପ ହୋଇଥିବାରୁ ଭୋକ୍ତା, ବ୍ରହ୍ମା ପ୍ରଭୃତିଙ୍କର ସ୍ୱାମୀ ହୋଇଥିବାରୁ ମହେଶ୍ୱର ଏବଂ ଶୁଦ୍ଧ ସଚ୍ଚିଦାନନ୍ଦଘନ ହୋଇଥିବାରୁ ପରମାତ୍ମା ବୋଲି କଥିତ ହୁଏ ।। ୧୩-୨୨ ।।)



Not For Commercial Use

**ୟ ଏବଂ ବେତ୍ତି ପୁରୁଷଂ ପ୍ରକୃତିଂ ଚ ଗୁଣୈଃ ସହ ।**
**ସର୍ବଥା ବର୍ତମାନୋଽପି ନ ସ ଭୂୟୋଽଭିଜାୟତେ ।। ୧୩-୨୩।।**

(ଏହିପରି ଭାବରେ ଯେଉଁ ମନୁଷ୍ୟ ପୁରୁଷକୁ [ଜୀବାତ୍ମାକୁ] ଓ ଗୁଣମାନଙ୍କ ସହିତ ପ୍ରକୃତିକୁ ତତ୍ତ୍ୱତଃ ଜାଣନ୍ତି, ସେ ସକଳପ୍ରକାରେ କର୍ତ୍ତବ୍ୟ କର୍ମ କରୁଥିଲେ ବି ପୁନର୍ଜନ୍ମ ପ୍ରାପ୍ତ ହୁଅନ୍ତି ନାହିଁ ।। ୧୩-୨୩ ।।)

**ଧ୍ୟାନେନାତ୍ମନି ପଶ୍ୟନ୍ତି କେଚିଦାତ୍ମାନମାତ୍ମନା ।**
**ଅନ୍ୟେ ସାଙ୍ଖ୍ୟେନ ୟୋଗେନ କର୍ମୟୋଗେନ ଚାପରେ ।। ୧୩-୨୪।।**

(କେତେକ ମନୁଷ୍ୟ ସେହି ପରମପୁରୁଷ ପରମାତ୍ମାଙ୍କୁ ଶୁଦ୍ଧ-ସୂକ୍ଷ୍ମବୁଦ୍ଧି ବଳରେ ଧ୍ୟାନଦ୍ୱାରା ହୃଦୟରେ ଦର୍ଶନ କରନ୍ତି; ଅନ୍ୟ କେତେକ ଜ୍ଞାନଯୋଗ [ସାଙ୍ଖ୍ୟଯୋଗ] ଦ୍ୱାରା ଓ ଆହୁରି କେତେକ କର୍ମଯୋଗ ଦ୍ୱାରା ତାଙ୍କୁ ଦର୍ଶନ କରନ୍ତି ବା ପ୍ରାପ୍ତ ହୁଅନ୍ତି ।। ୧୩-୨୪ ।।)

**ଅନ୍ୟେ ତ୍ୱେବମଜାନନ୍ତଃ ଶ୍ରୁତ୍ୱାନ୍ୟେଭ୍ୟ ଉପାସତେ ।**
**ତେଽପି ଚାତିତରନ୍ତ୍ୟେବ ମୃତ୍ୟୁଂ ଶ୍ରୁତିପରାୟଣାଃ ।। ୧୩-୨୫।।**

(ପରନ୍ତୁ, ଅନ୍ୟ ଅଳ୍ପବୁଦ୍ଧି ପୁରୁଷମାନେ ଏହିପରି ତତ୍ତ୍ୱ ଜାଣି ନ ଥିବାରୁ, ଅନ୍ୟମାନଙ୍କ ଠାରୁ ଅର୍ଥାତ, ତତ୍ତ୍ୱଜ୍ଞ ପୁରୁଷମାନଙ୍କ ଠାରୁ ଶୁଣି ତଦନୁସାରେ ଉପାସନା କରନ୍ତି ଏବଂ ସେହି ଶ୍ରବଣପରାୟଣ ପୁରୁଷମାନେ ମଧ୍ୟ ଶ୍ରଦ୍ଧା ଓ ଭକ୍ତି ବଳରେ ମୃତ୍ୟୁରୂପକ ସଂସାରସାଗରକୁ ତରିଯାଆନ୍ତି ।। ୧୩-୨୫ ।।)

**ୟାବତ୍ସଂଜାୟତେ କିଞ୍ଚିତ୍-ସତ୍ତ୍ୱଂ ସ୍ଥାବରଜଙ୍ଗମମ୍ ।**
**କ୍ଷେତ୍ରକ୍ଷେତ୍ରଜ୍ଞସଂୟୋଗାତ୍ତଦ୍ୱିଦ୍ଧି ଭରତର୍ଷଭ ।। ୧୩-୨୬।।**

(ହେ ଅର୍ଜୁନ ! ଯେତେସବୁ ସ୍ଥାବରଜଙ୍ଗମ ପ୍ରାଣୀ ଉତ୍ପନ୍ନ ହେଉଛନ୍ତି, ସେମାନଙ୍କୁ ତୁମେ କ୍ଷେତ୍ର [ପ୍ରକୃତି] ଓ କ୍ଷେତ୍ରଜ୍ଞର [ପୁରୁଷ / ଜୀବାତ୍ମା] ସଂଯୋଗରୁ ଉତ୍ପନ୍ନ ହୁଅନ୍ତି ବୋଲି ଜାଣ ।। ୧୩-୨୬ ।।)

Not For Commercial Use

**ସମଂ ସର୍ବେଷୁ ଭୂତେଷୁ ତିଷ୍ଠନ୍ତଂ ପରମେଶ୍ୱରମ୍ ।**
**ବିନଶ୍ୟତ୍ସ୍ୱବିନଶ୍ୟନ୍ତଂ ୟଃ ପଶ୍ୟତି ସ ପଶ୍ୟତି ।। ୧୩-୨୭।।**

(ଯେଉଁ ପୁରୁଷ ବିନିଷ୍ଟ ହେଉଥିବା ସକଳ ଚରାଚର ଭୂତମାନଙ୍କ ଠାରେ ପରମେଶ୍ୱରଙ୍କୁ ଅବିନାଶୀ ଏବଂ ସମଭାବରେ ଅବସ୍ଥିତ ଥିବା ଦେଖନ୍ତି, ସେ ହିଁ ଯଥାର୍ଥ ଦେଖନ୍ତି ।। ୧୩-୨୭ ।।)

**ସମଂ ପଶ୍ୟନ୍ହି ସର୍ବତ୍ର ସମବସ୍ଥିତମୀଶ୍ୱରମ୍ ।**
**ନ ହିନସ୍ତ୍ୟାତ୍ମନାତ୍ମାନଂ ତତୋ ୟାତି ପରାଂ ଗତିମ୍ ।। ୧୩-୨୮।।**

(କାରଣ ଯେଉଁ ପୁରୁଷ ସର୍ବତ୍ର ସମଭାବରେ ଅବସ୍ଥିତ ପରମେଶ୍ୱରଙ୍କୁ ସମାନରୂପରେ ଦେଖି ନିଜଦ୍ୱାରା ଅନ୍ୟକୁ କ୍ଷତି ବା ନଷ୍ଟ କରନ୍ତି ନାହିଁ, ସେ ତାହାର ଫଳସ୍ୱରୂପ ପରମଗତି ପ୍ରାପ୍ତ ହୁଅନ୍ତି ।।୧୩-୨୮।।)

**ପ୍ରକୃତ୍ୟୈବ ଚ କର୍ମାଣି କ୍ରିୟମାଣାନି ସର୍ବଶଃ ।**
**ୟଃ ପଶ୍ୟତି ତଥାତ୍ମାନମକର୍ତାରଂ ସ ପଶ୍ୟତି ।। ୧୩-୨୯।।**

(ଏବଂ ଯେଉଁ ପୁରୁଷ କର୍ମମାନଙ୍କୁ ସବୁପ୍ରକାରେ ପ୍ରକୃତିଦ୍ୱାରା କରାଯାଉଛି ବୋଲି ଦେଖନ୍ତି ଓ ଜୀବାତ୍ମାକୁ ଅକର୍ତ୍ତା ବୋଲି ଦେଖନ୍ତି, ସେ ହିଁ ଯଥାର୍ଥ ଦେଖନ୍ତି ।। ୧୩-୨୯ ।।)

**ୟଦା ଭୂତପୃଥଗ୍ଭାବମେକସ୍ଥମନୁପଶ୍ୟତି ।**
**ତତ ଏବ ଚ ବିସ୍ତାରଂ ବ୍ରହ୍ମ ସଂପଦ୍ୟତେ ତଦା ।। ୧୩-୩୦।।**

(ଏହି ପୁରୁଷ ଯେଉଁକ୍ଷଣି ଭୂତମାନଙ୍କର ପୃଥକ୍ ପୃଥକ୍ ଭାବକୁ ଏକ ପରମାତ୍ମାଙ୍କ ଠାରେ ଅବସ୍ଥିତ ଥିବା ଦେଖନ୍ତି ଏବଂ ସେହି ଏକ ପରମାତ୍ମାଙ୍କ ଠାରୁ ସମସ୍ତ ଭୂତଙ୍କର ବିସ୍ତାର ହୋଇଛି ବୋଲି ଦେଖନ୍ତି, ସେ ସେହିକ୍ଷଣି ପରବ୍ରହ୍ମଙ୍କୁ ପ୍ରାପ୍ତ ହୋଇଯାଆନ୍ତି ।। ୧୩-୩୦ ।।)

Not For Commercial Use

**ଅନାଦିତ୍ୱାନ୍ନିର୍ଗୁଣତ୍ୱାତ୍ପରମାତ୍ମାୟମବ୍ୟୟଃ ।**
**ଶରୀରସ୍ଥୋଽପି କୌନ୍ତେୟ ନ କରୋତି ନ ଲିପ୍ୟତେ ।। ୧୩-୩୧।।**

(ହେ ଅର୍ଜୁନ ! ଅନାଦି ଓ ନିର୍ଗୁଣ ହୋଇଥିବାରୁ ଏହି ଅବିନାଶୀ ପରମାତ୍ମା ଶରୀରରେ ରହି ମଧ୍ୟ ବାସ୍ତବରେ କିଛି କରନ୍ତି ନାହିଁ, କି କୌଣସିଥିରେ ଲିପ୍ତ ହୁଅନ୍ତି ନାହିଁ ।। ୧୩-୩୧ ।।)

**ଯଥା ସର୍ବଗତଂ ସୌକ୍ଷ୍ମ୍ୟାଦାକାଶଂ ନୋପଲିପ୍ୟତେ ।**
**ସର୍ବତ୍ରାବସ୍ଥିତୋ ଦେହେ ତଥାତ୍ମା ନୋପଲିପ୍ୟତେ ।। ୧୩-୩୨।।**

(ଯେପରି ସର୍ବତ୍ର ବ୍ୟାପ୍ତ ଆକାଶ ସୂକ୍ଷ୍ମ ହୋଇଥିବାରୁ ଲିପ୍ତ ହୁଏ ନାହିଁ, ସେହିପରି ଦେହରେ ସର୍ବତ୍ର ଅବସ୍ଥିତ ଆତ୍ମା ନିର୍ଗୁଣ ହୋଇଥିବାରୁ ଦେହର ଗୁଣମାନଙ୍କ ଦ୍ୱାରା ଲିପ୍ତ ହୁଏ ନାହିଁ ।। ୧୩-୩୨ ।।)

**ଯଥା ପ୍ରକାଶୟତ୍ୟେକଃ କୃତ୍ସ୍ନଂ ଲୋକମିମଂ ରବିଃ ।**
**କ୍ଷେତ୍ରଂ କ୍ଷେତ୍ରୀ ତଥା କୃତ୍ସ୍ନଂ ପ୍ରକାଶୟତି ଭାରତ ।। ୧୩-୩୩।।**

(ହେ ଅର୍ଜୁନ ! ଯେପରି ଏକ ହିଁ ସୂର୍ଯ୍ୟ ସମସ୍ତ ବ୍ରହ୍ମାଣ୍ଡକୁ ଆଲୋକିତ କରିଥାଏ, ସେହିପରି ଏକ ହିଁ ଆତ୍ମା ସମସ୍ତ କ୍ଷେତ୍ରକୁ ଆଲୋକିତ କରେ ।। ୧୩-୩୩ ।।)

**କ୍ଷେତ୍ରକ୍ଷେତ୍ରଜ୍ଞୟୋରେବମନ୍ତରଂ ଜ୍ଞାନଚକ୍ଷୁଷା ।**
**ଭୂତପ୍ରକୃତିମୋକ୍ଷଂ ଚ ଯେ ବିଦୁର୍ଯାନ୍ତି ତେ ପରମ୍ ।। ୧୩-୩୪।।**

(ଯେଉଁ ପୁରୁଷମାନେ ଏହିପରି ଭାବରେ କ୍ଷେତ୍ର [ଶରୀର] ଓ କ୍ଷେତ୍ରଜ୍ଞର [ଜୀବାତ୍ମା] ପ୍ରଭେଦକୁ, ତଥା କାର୍ଯ୍ୟସମେତ ପ୍ରକୃତିରୁ ମୁକ୍ତ ହେବାକୁ ଜ୍ଞାନନେତ୍ର ଦ୍ୱାରା ତତ୍ତ୍ୱତଃ ଜାଣିପାରନ୍ତି, ସେହି ମହାତ୍ମାମାନେ ପରବ୍ରହ୍ମ ପରମାତ୍ମାଙ୍କୁ ପ୍ରାପ୍ତ ହୁଅନ୍ତି ।। ୧୩-୩୪ ।।)

Not For Commercial Use

## ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ କ୍ଷେତ୍ରକ୍ଷେତ୍ରଜ୍ଞବିଭାଗଯୋଗୋ ନାମ ତ୍ରୟୋଦଶୋଽଧ୍ୟାୟଃ ।। ୧୩।।

- ଏହି ଅଧ୍ୟାୟରେ ପ୍ରଥମ ଶ୍ଳୋକକୁ ।।୧୩-୦ ।। ବୋଲି ଲେଖାଯାଇଛି, କାରଣ ଏହି ଶ୍ଳୋକ "ଗୀତାପ୍ରେସ ଗୋରଖପୁର" ସଂସ୍କରଣରେ ନାହିଁ, କିନ୍ତୁ ଏହି ଶ୍ଳୋକ "ଇସକନ" (ISKCON) ସଂସ୍କରଣରେ ରହିଅଛି ।

Not For Commercial Use

# ଚତୁର୍ଦ୍ଦଶ ଅଧ୍ୟାୟ

(Chapter – 14)

## ଗୁଣତ୍ରୟବିଭାଗଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଚତୁର୍ଦଶୋଽଧ୍ୟାୟଃ ।।

।। ଅଥ ଚତୁର୍ଦଶୋଽଧ୍ୟାୟଃ । ଗୁଣତ୍ରୟବିଭାଗଯୋଗଃ ।।

**। ଶ୍ରୀଭଗବାନୁବାଚ ।**

**ପରଂ ଭୂୟଃ ପ୍ରବକ୍ଷ୍ୟାମି ଜ୍ଞାନାନାଂ ଜ୍ଞାନମୁତ୍ତମମ୍ ।**
**ୟଜ୍ଜ୍ଞାତ୍ୱା ମୁନୟଃ ସର୍ବେ ପରାଂ ସିଦ୍ଧିମିତୋ ଗତାଃ ।। ୧୪-୧।।**

(ଶ୍ରୀଭଗବାନ କହିଲେ - ଜ୍ଞାନମାନଙ୍କ ମଧ୍ୟରେ ଅତି ଉତ୍ତମ ସେହି ପରମ ଜ୍ଞାନ ମୁଁ ତୁମକୁ କହିବି, ଯାହା ଜାଣି ସକଳ ମୁନିଗଣ ଏହି ସଂସାରରୁ ମୁକ୍ତହୋଇ ପରମ ସିଦ୍ଧି ପ୍ରାପ୍ତ ହୋଇଛନ୍ତି ।। ୧୪-୦୧ ।।)

**ଇଦଂ ଜ୍ଞାନମୁପାଶ୍ରିତ୍ୟ ମମ ସାଧର୍ମ୍ୟମାଗତାଃ ।**
**ସର୍ଗେଽପି ନୋପଜାୟନ୍ତେ ପ୍ରଲୟେ ନ ବ୍ୟଥନ୍ତି ଚ ।। ୧୪-୨।।**

(ଏହି ଜ୍ଞାନକୁ ଆଶ୍ରୟ କରି ଅର୍ଥାତ ଧାରଣ କରି ମୋର ସ୍ୱରୂପ ପ୍ରାପ୍ତ ହୋଇଥିବା ପୁରୁଷମାନେ ସୃଷ୍ଟିର ଆରମ୍ଭରେ ପୁନର୍ବାର ଉତ୍ପନ୍ନ ହୁଅନ୍ତି ନାହିଁ, କି ପ୍ରଳୟ କାଳରେ ବି ବ୍ୟଥିତ ହୁଅନ୍ତି ନାହିଁ ।। ୧୪-୦୨ ।।)

**ମମ ୟୋନିର୍ମହଦ୍ ବ୍ରହ୍ମ ତସ୍ମିନ୍-ଗର୍ଭଂ ଦଧାମ୍ୟହମ୍ ।**
**ସଂଭବଃ ସର୍ବଭୂତାନାଂ ତତୋ ଭବତି ଭାରତ ।। ୧୪-୩।।**

(ହେ ଅର୍ଜୁନ ! ମୋର ମହତ-ବ୍ରହ୍ମରୂପକ ମୂଳପ୍ରକୃତି ହେଉଛି ସକଳ ଭୂତଙ୍କର ଯୋନି ଅର୍ଥାତ, ଗର୍ଭାଧାନର ସ୍ଥାନ, ଏବଂ ମୁଁ ସେହି ଯୋନିରେ ଚେତନ-ସମୁଦାୟ ରୂପକ ଗର୍ଭ ସ୍ଥାପନ କରିଥାଏ । ସେହି ଜଡ-ଚେତନର ସଂଯୋଗରୁ ସମସ୍ତ ଭୂତମାନଙ୍କର ଉତ୍ପତ୍ତି ହୁଏ ।। ୧୪-୦୩ ।।)

Not For Commercial Use

**ସର୍ବଯୋନିଷୁ କୌନ୍ତେୟ ମୂର୍ତୟଃ ସଂଭବନ୍ତି ୟାଃ ।**
**ତାସାଂ ବ୍ରହ୍ମ ମହଦ୍-ୟୋନିରହଂ ବୀଜପ୍ରଦଃ ପିତା ।। ୧୪-୪।।**

(ହେ ଅର୍ଜୁନ ! ନାନାପ୍ରକାର ଯୋନିରେ ଯେତେସବୁ ଶରୀରଧାରୀ ପ୍ରାଣୀ ଉତ୍ପନ୍ନ ହୁଅନ୍ତି, ମୂଳପ୍ରକୃତି ହେଉଛି ସେହି ସମସ୍ତଙ୍କର ଗର୍ଭଧାରଣ କରୁଥିବା ମାତା ଏବଂ ମୁଁ ହେଉଛି ବୀଜ ସ୍ଥାପନ କରୁଥିବା ପିତା ।। ୧୪-୦୪ ।।)

**ସତ୍ତ୍ୱଂ ରଜସ୍ତମ ଇତି ଗୁଣାଃ ପ୍ରକୃତିସଂଭବାଃ ।**
**ନିବଧ୍ନନ୍ତି ମହାବାହୋ ଦେହେ ଦେହିନମବ୍ୟୟମ୍ ।। ୧୪-୫।।**

(ହେ ଅର୍ଜୁନ ! ପ୍ରକୃତିରୁ ଉତ୍ପନ୍ନ ହୋଇଥିବା ସତ୍ତ୍ୱ, ରଜ ଓ ତମ - ଏହି ତିନିଗୁଣ ଅବିନାଶୀ ଜୀବାତ୍ମାକୁ ଶରୀରରେ ବାନ୍ଧିରଖନ୍ତି ।। ୧୪-୦୫ ।।)

**ତତ୍ର ସତ୍ତ୍ୱଂ ନିର୍ମଲତ୍ୱାତ୍-ପ୍ରକାଶକମନାମୟମ୍ ।**
**ସୁଖସଙ୍ଗେନ ବଧ୍ନାତି ଜ୍ଞାନସଙ୍ଗେନ ଚାନଘ ।। ୧୪-୬।।**

(ହେ ନିଷ୍ପାପ ! ସେହି ତିନିଗୁଣ ମଧ୍ୟରୁ ସତ୍ତ୍ୱଗୁଣ ନିର୍ମଳ ହୋଇଥିବାରୁ ପ୍ରକାଶକ ଓ ବିକାରଶୂନ୍ୟ ଅଟେ; କିନ୍ତୁ ତାହା ସୁଖ ସଂବନ୍ଧ ଦ୍ୱାରା ଓ ଜ୍ଞାନସଂବନ୍ଧ ଦ୍ୱାରା ଜୀବାତ୍ମାକୁ ବନ୍ଧନ କରେ ।। ୧୪-୦୬ ।।)

**ରଜୋ ରାଗାତ୍ମକଂ ବିଦ୍ଧି ତୃଷ୍ଣାସଙ୍ଗସମୁଦ୍-ଭବମ୍ ।**
**ତନ୍ନିବଧ୍ନାତି କୌନ୍ତେୟ କର୍ମସଙ୍ଗେନ ଦେହିନମ୍ ।। ୧୪-୭।।**

(ହେ ଅର୍ଜୁନ ! ରାଗରୂପୀ ରଜୋଗୁଣ କାମନା ଓ ଆସକ୍ତିରୁ ଉତ୍ପନ୍ନ ହୁଏ ବୋଲି ଜାଣ । ତାହା ଏହି ଜୀବାତ୍ମାକୁ କର୍ମ ଓ କର୍ମଫଳ ସହିତ ରହିଥିବା ସଂବନ୍ଧ ଦ୍ୱାରା ବନ୍ଧନ କରେ ।। ୧୪-୦୭ ।।)

Not For Commercial Use

**ତମସ୍ତ୍ୱଜ୍ଞାନଜଂ ବିଦ୍ଧି ମୋହନଂ ସର୍ବଦେହିନାମ୍ ।**
**ପ୍ରମାଦାଲସ୍ୟନିଦ୍ରାଭିସ୍ତନ୍ନିବଧ୍ନାତିଭାରତ ।। ୧୪-୮।।**

(କିନ୍ତୁ ହେ ଅର୍ଜୁନ ! ସମସ୍ତ ଦେହାଭିମାନୀଙ୍କୁ ମୋହିତ କରୁଥିବା ତମୋଗୁଣ ଅଜ୍ଞାନରୁ ଉତ୍ପନ୍ନ ବୋଲି ଜାଣ । ତାହା ଏହି ଜୀବାତ୍ମାକୁ ପ୍ରମାଦ, ଆଳସ୍ୟ ଓ ନିଦ୍ରା ଦ୍ୱାରା ବନ୍ଧନ କରେ ।। ୧୪-୦୮ ।।)

**ସତ୍ତ୍ୱଂ ସୁଖେ ସଞ୍ଜୟତି ରଜଃ କର୍ମଣି ଭାରତ ।**
**ଜ୍ଞାନମାବୃତ୍ୟ ତୁ ତମଃ ପ୍ରମାଦେ ସଞ୍ଜୟତ୍ୟୁତ ।। ୧୪-୯।।**

(ହେ ଅର୍ଜୁନ ! ସତ୍ତ୍ୱଗୁଣ ସୁଖରେ ଲଗାଏ ଓ ରଜୋଗୁଣ କର୍ମରେ ଲଗାଏ । ତମୋଗୁଣ ତ ଜ୍ଞାନକୁ ଆଚ୍ଛାଦିତ କରି ପ୍ରମାଦରେ ବି ଲଗାଇଥାଏ ।। ୧୪-୦୯ ।।)

**ରଜସ୍ତମଶ୍ଚାଭିଭୂୟ ସତ୍ତ୍ୱଂ ଭବତି ଭାରତ ।**
**ରଜଃ ସତ୍ତ୍ୱଂ ତମଶ୍ଚୈବ ତମଃ ସତ୍ତ୍ୱଂ ରଜସ୍ତଥା ।। ୧୪-୧୦।।**

(ହେ ଅର୍ଜୁନ ରଜୋଗୁଣ ଓ ତମୋଗୁଣକୁ ଚାପିଦେଇ ସତ୍ତ୍ୱଗୁଣ ବର୍ଦ୍ଧିତ ହୁଏ; ସତ୍ତ୍ୱଗୁଣ ଓ ତମୋଗୁଣକୁ ଚାପିଦେଇ ରଜୋଗୁଣ ବର୍ଦ୍ଧିତ ହୁଏ ଓ ସେହିପରି ସତ୍ତ୍ୱଗୁଣ ଓ ରଜୋଗୁଣକୁ ଚାପିଦେଇ ତମୋଗୁଣ ବର୍ଦ୍ଧିତ ହୁଏ ।। ୧୪-୧୦ ।।)

**ସର୍ବଦ୍ୱାରେଷୁ ଦେହେଽସ୍ମିନ୍ପ୍ରକାଶ ଉପଜାୟତେ ।**
**ଜ୍ଞାନଂ ୟଦା ତଦା ବିଦ୍ୟାଦ୍-ବିବୃଦ୍ଧଂ ସତ୍ତ୍ୱମିତ୍ୟୁତ ।। ୧୪-୧୧।।**

(ଯେତେବେଳେ ଏହି ଦେହରେ ତଥା ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କରେ ଚେତନା ଏବଂ ବିବେକଶକ୍ତି ଉତ୍ପନ୍ନ ହୁଏ, ସେତେବେଳେ ଜାଣିବା ଉଚିତ ଯେ, ସତ୍ତ୍ୱଗୁଣ ବଢ଼ିଛି ।। ୧୪-୧୧ ।।)

Not For Commercial Use

**ଲୋଭଃ ପ୍ରବୃତ୍ତିରାରଂଭଃ କର୍ମଣାମଶମଃ ସ୍ପୃହା ।**
**ରଜସ୍ୟେତାନି ଜାୟନ୍ତେ ବିବୃଦ୍ଧେ ଭରତର୍ଷଭ ।। ୧୪-୧୨।।**

(ହେ ଅର୍ଜୁନ ! ରଜୋଗୁଣର ବୃଦ୍ଧିହେଲେ ଲୋଭ, ପ୍ରବୃତ୍ତି, ସ୍ୱାର୍ଥବୁଦ୍ଧିପୂର୍ବକ ସକାମଭାବରେ କର୍ମାଚରଣ, ଅଶାନ୍ତି ଓ ବିଷୟଭୋଗର ଲାଳସା - ଏସବୁ ଉତ୍ପନ୍ନ ହୁଏ ।। ୧୪-୧୨ ।।)

**ଅପ୍ରକାଶୋଽପ୍ରବୃତ୍ତିଶ୍ଚ ପ୍ରମାଦୋ ମୋହ ଏବ ଚ ।**
**ତମସ୍ୟେତାନି ଜାୟନ୍ତେ ବିବୃଦ୍ଧେ କୁରୁନନ୍ଦନ ।। ୧୪-୧୩।।**

(ହେ ଅର୍ଜୁନ ! ତମୋଗୁଣ ବୃଦ୍ଧି ହେଲେ ଅନ୍ତଃକରଣରେ ଓ ଇନ୍ଦ୍ରିୟମାନଙ୍କରେ ଅପ୍ରକାଶ, କର୍ତ୍ତବ୍ୟକର୍ମରେ ଅପ୍ରବୃତ୍ତି ଓ ପ୍ରମାଦ ଅର୍ଥାତ, ବ୍ୟର୍ଥଚେଷ୍ଟା ତଥା ନିଦ୍ରାଦି ଅନ୍ତଃକରଣର ମୋହିନୀ ବୃତ୍ତି ଉତ୍ପନ୍ନ ହୁଅନ୍ତି ।। ୧୪-୧୩ ।।)

**ଯଦା ସତ୍ତ୍ୱେ ପ୍ରବୃଦ୍ଧେ ତୁ ପ୍ରଲୟଂ ଯାତି ଦେହଭୃତ୍ ।**
**ତଦୋତ୍ତମବିଦାଂ ଲୋକାନମଲାନ୍ପ୍ରତିପଦ୍ୟତେ ।। ୧୪-୧୪।।**

(ଯେତେବେଳେ ଏହି ମନୁଷ୍ୟ ସତ୍ତ୍ୱଗୁଣ ବୃଦ୍ଧିରେ ମୃତ୍ୟୁ ପ୍ରାପ୍ତ ହୁଏ, ସେତେବେଳେ ସେ ଉତ୍ତମ କର୍ମ କରୁଥିବା ପୁରୁଷମାନଙ୍କର ଦିବ୍ୟ ସ୍ୱର୍ଗାଦି ଲୋକ ପ୍ରାପ୍ତ ହୁଏ ।। ୧୪-୧୪ ।।)

**ରଜସି ପ୍ରଲୟଂ ଗତ୍ୱା କର୍ମସଙ୍ଗିଷୁ ଜାୟତେ ।**
**ତଥା ପ୍ରଲୀନସ୍ତମସି ମୂଢଯୋନିଷୁ ଜାୟତେ ।। ୧୪-୧୫।।**

(ରଜୋଗୁଣ ବୃଦ୍ଧିରେ ମରୁଥିବା ମନୁଷ୍ୟ କର୍ମାସକ୍ତ ମନୁଷ୍ୟମାନଙ୍କ ମଧ୍ୟରେ ଜନ୍ମ ହୁଏ, ତଥା ତମୋଗୁଣ ବୃଦ୍ଧିରେ ମରୁଥିବା ମନୁଷ୍ୟ ପଶୁ, କୀଟ ଆଦି ମୂଢଯୋନି ମାନଙ୍କରେ ଜନ୍ମ ହୁଏ ।। ୧୪-୧୫ ।।)

Not For Commercial Use

**କର୍ମଣଃ ସୁକୃତସ୍ୟାହୁଃ ସାତ୍ତ୍ୱିକଂ ନିର୍ମଲଂ ଫଲମ୍ ।**
**ରଜସସ୍ତୁ ଫଲଂ ଦୁଃଖମଜ୍ଞାନଂ ତମସଃ ଫଲମ୍ ।। ୧୪-୧୬।।**

(ଶ୍ରେଷ୍ଠ କର୍ମରୁ ସାତ୍ତ୍ୱିକ ଅର୍ଥାତ, ସୁଖ, ଜ୍ଞାନ ଓ ବୈରାଗ୍ୟାଦି ନିର୍ମଳ ଫଳ ମିଳେ ବୋଲି କହନ୍ତି; ରାଜସ କର୍ମର ଫଳ ଦୁଃଖ ଏବଂ ତାମସ କର୍ମର ଫଳ ଅଜ୍ଞାନ ବୋଲି କହନ୍ତି ।। ୧୪-୧୬ ।।)

**ସତ୍ତ୍ୱାତ୍ସଂଜାୟତେ ଜ୍ଞାନଂ ରଜସୋ ଲୋଭ ଏବ ଚ ।**
**ପ୍ରମାଦମୋହୌ ତମସୋ ଭବତୋଽଜ୍ଞାନମେବ ଚ ।। ୧୪-୧୭।।**

(ସତ୍ତ୍ୱଗୁଣରୁ ଜ୍ଞାନ ଉତ୍ପନ୍ନ ହୁଏ ଏବଂ ରଜୋଗୁଣରୁ ନିଃସନ୍ଦେହରେ ଲୋଭ, ତଥା ତମୋଗୁଣରୁ ପ୍ରମାଦ, ମୋହ ଓ ଅଜ୍ଞାନ ଉତ୍ପନ୍ନ ହୁଏ ।। ୧୪-୧୭ ।।)

**ଊର୍ଦ୍ଧ୍ୱଂ ଗଚ୍ଛନ୍ତି ସତ୍ତ୍ୱସ୍ଥା ମଧ୍ୟେ ତିଷ୍ଠନ୍ତି ରାଜସାଃ ।**
**ଜଘନ୍ୟଗୁଣବୃତ୍ତିସ୍ଥା ଅଧୋ ଗଚ୍ଛନ୍ତି ତାମସାଃ ।। ୧୪-୧୮।।**

(ସତ୍ତ୍ୱଗୁଣରେ ସ୍ଥିତ ପୁରୁଷମାନେ ସ୍ୱର୍ଗାଦି ଉଚ୍ଚ ଲୋକମାନଙ୍କୁ ଯାଆନ୍ତି; ରଜୋଗୁଣରେ ସ୍ଥିତ ରାଜସ ପୁରୁଷମାନେ ମଧ୍ୟରେ ଅର୍ଥାତ ମନୁଷ୍ୟ ଲୋକରେ ରୁହନ୍ତି, ଏବଂ ତମୋଗୁଣର କାର୍ଯ୍ୟରୂପୀ ନିଦ୍ରା, ପ୍ରମାଦ ଓ ଆଳସ୍ୟାଦିରେ ସ୍ଥିତ ତାମସ ପୁରୁଷମାନେ ଅଧୋଗତି ଅର୍ଥାତ, କୀଟ, ପଶୁ ଆଦି ନୀଚଯୋନି ତଥା ନରକ ପ୍ରାପ୍ତ ହୁଅନ୍ତି ।। ୧୪-୧୮ ।।)

**ନାନ୍ୟଂ ଗୁଣେଭ୍ୟଃ କର୍ତାରଂ ଯଦା ଦ୍ରଷ୍ଟାନୁପଶ୍ୟତି ।**
**ଗୁଣେଭ୍ୟଶ୍ଚ ପରଂ ବେତ୍ତି ମଦ୍-ଭାବଂ ସୋଽଧିଗଚ୍ଛତି ।। ୧୪-୧୯।।**

(ଯେତେବେଳେ ସାକ୍ଷୀରୂପେ ସ୍ଥିତ ଦ୍ରଷ୍ଟା ବିବେକୀ ପୁରୁଷ ତିନିଗୁଣ ଠାରୁ ଭିନ୍ନ ଅନ୍ୟ କାହାକୁ କର୍ତ୍ତା ବୋଲି ଦେଖନ୍ତି ନାହିଁ ଏବଂ ତିନିଗୁଣ ଠାରୁ ସର୍ବଥା ଅତୀତ ହୋଇ ରହିଥିବା ସଚ୍ଚିଦାନନ୍ଦଘନ ସ୍ୱରୂପ ମୋତେ ଅର୍ଥାତ, ପରମାତ୍ମାଙ୍କୁ ତତ୍ତ୍ୱତଃ ଜାଣନ୍ତି, ସେତେବେଳେ ସେ ମୋର ସ୍ୱରୂପ ପ୍ରାପ୍ତ ହୁଅନ୍ତି ।। ୧୪-୧୯ ।।)

Not For Commercial Use

**ଗୁଣାନେତାନତୀତ୍ୟ ତ୍ରୀନ୍ଦେହୀ ଦେହସମୁଦ୍-ଭବାନ୍ ।**
**ଜନ୍ମମୃତ୍ୟୁଜରାଦୁଃଖୈର୍ବିମୁକ୍ତୋଽମୃତମଶ୍ନୁତେ ।। ୧୪-୨୦।।**

(ସେହି ପୁରୁଷ ଶରୀର-ଉତ୍ପତ୍ତିର କାରଣରୂପ ଏହି ତିନିଗୁଣକୁ ଅତିକ୍ରମ କରି, ଜନ୍ମ, ମୃତ୍ୟୁ, ବାର୍ଦ୍ଧକ୍ୟ ଓ ସକଳ ପ୍ରକାର ଦୁଃଖରୁ ବିମୁକ୍ତ ହୋଇ ପରମାନନ୍ଦ ପ୍ରାପ୍ତ ହୁଅନ୍ତି ।। ୧୪-୨୦ ।।)

**। ଅର୍ଜୁନ ଉବାଚ ।**

**କୈର୍ଲିଙ୍ଗୈସ୍ତ୍ରୀନ୍-ଗୁଣାନେତାନତୀତୋ ଭବତି ପ୍ରଭୋ ।**
**କିମାଚାରଃ କଥଂ ଚୈତାଂସ୍ତ୍ରୀନ୍-ଗୁଣାନତିବର୍ତତେ ।। ୧୪-୨୧।।**

(ଅର୍ଜୁନ ପଚାରିଲେ - ଏହି ତିନିଗୁଣରୁ ଅତୀତ ପୁରୁଷ କେଉଁ କେଉଁ ଲକ୍ଷଣରେ ମିଳନ୍ତି ଏବଂ ସେମାନଙ୍କର ଆଚରଣ କିପରି ହୋଇଥାଏ ? ତଥା ହେ ପ୍ରଭୁ ! ମନୁଷ୍ୟ କେଉଁ ଉପାୟରେ ଏହି ତିନିଗୁଣରୁ ଅତୀତ ହୋଇଥାଏ ? ।। ୧୪-୨୧ ।।)

**। ଶ୍ରୀଭଗବାନୁବାଚ ।**

**ପ୍ରକାଶଂ ଚ ପ୍ରବୃତ୍ତିଂ ଚ ମୋହମେବ ଚ ପାଣ୍ଡବ ।**
**ନ ଦ୍ୱେଷ୍ଟି ସଂପ୍ରବୃତ୍ତାନି ନ ନିବୃତ୍ତାନି କାଂକ୍ଷତି ।। ୧୪-୨୨।।**

(ଶ୍ରୀଭଗବାନ କହିଲେ - ହେ ଅର୍ଜୁନ ! ଯେଉଁ ପୁରୁଷ ସତ୍ତ୍ୱଗୁଣର କାର୍ଯ୍ୟରୂପୀ ପ୍ରକାଶ, ଏବଂ ରଜୋଗୁଣର କାର୍ଯ୍ୟରୂପୀ ପ୍ରବୃତ୍ତି, ତଥା ତମୋଗୁଣର କାର୍ଯ୍ୟରୂପୀ ମୋହ ପ୍ରବୃତ୍ତ ହେଲେ (ଆସିଗଲେ), ସେଗୁଡିକ ଦ୍ୱେଷ କରନ୍ତି ନାହିଁ, କିମ୍ବା ନିବୃତ୍ତ ହେଲେ (ଚାଲିଗଲେ) ସେଗୁଡିକ ଆକାଂକ୍ଷା କରନ୍ତି ନାହିଁ.... ।। ୧୪-୨୨ ।।)

Not For Commercial Use

**ଉଦାସୀନବଦାସୀନୋ ଗୁଣୈର୍ଯୋ ନ ବିଚାଲ୍ୟତେ ।**
**ଗୁଣା ବର୍ତ୍ତନ୍ତ ଇତ୍ୟେବଂ ଯୋଽବତିଷ୍ଠତି ନେଙ୍ଗତେ ।। ୧୪-୨୩।।**

(ଯିଏ ସାକ୍ଷୀ ସଦୃଶ ସ୍ଥିତ ରହି ଗୁଣମାନଙ୍କ ଦ୍ୱାରା ବିଚଳିତ ହୁଅନ୍ତି ନାହିଁ ଓ ଗୁଣମାନେ ଗୁଣମାନଙ୍କରେ ପ୍ରବୃତ୍ତ ହେଉଛନ୍ତି ଜାଣି ଯିଏ ପରମାତ୍ମାଙ୍କ ଠାରେ ଏକୀଭାବରେ ଅବସ୍ଥିତ ହୁଅନ୍ତି, ଏବଂ ସେହି ସ୍ଥିତିରୁ କଦାପି ବିଚଳିତ ହୁଅନ୍ତି ନାହିଁ, ଏବଂ .... ।। ୧୪-୨୩ ।।)

**ସମଦୁଃଖସୁଖଃ ସ୍ୱସ୍ଥଃ ସମଲୋଷ୍ଟାଶ୍ମକାଞ୍ଚନଃ ।**
**ତୁଲ୍ୟପ୍ରିୟାପ୍ରିୟୋ ଧୀରସ୍ତୁଲ୍ୟନିନ୍ଦାତ୍ମସଂସ୍ତୁତିଃ ।। ୧୪-୨୪।।**

(ଯିଏ ନିରନ୍ତର ଆତ୍ମଭାବରେ ସ୍ଥିତ, ଯିଏ ଦୁଃଖ ଓ ସୁଖକୁ ସମାନ ବୋଲି ବୁଝନ୍ତି, ଯିଏ ମାଟି, ପଥର, ଓ ସୁନାକୁ ସମାନ ବୋଲି ମଣନ୍ତି, ଯିଏ ଜ୍ଞାନୀ, ଯିଏ ପ୍ରିୟ ଓ ଅପ୍ରିୟକୁ ସମାନ ବୋଲି ଗ୍ରହଣ କରନ୍ତି, ତଥା ଯିଏ ନିଜର ନିନ୍ଦା ଓ ପ୍ରଶଂସାକୁ ସମାନ ବୋଲି ବୁଝନ୍ତି, ଏବଂ.... ।। ୧୪-୨୪ ।।)

**ମାନାପମାନୟୋସ୍ତୁଲ୍ୟସ୍ତୁଲ୍ୟୋ ମିତ୍ରାରିପକ୍ଷୟୋଃ ।**
**ସର୍ବାରମ୍ଭପରିତ୍ୟାଗୀ ଗୁଣାତୀତଃ ସ ଉଚ୍ୟତେ ।। ୧୪-୨୫।।**

(ଯିଏ ମାନ ଓ ଅପମାନରେ ସମ, ମିତ୍ର ଓ ଶତ୍ରୁ ପକ୍ଷରେ ବି ସମ, ଏବଂ ସମସ୍ତ କର୍ମରେ କର୍ତ୍ତାପଣ-ଅଭିମାନରୁ ମୁକ୍ତ, ସେହି ପୁରୁଷ ଗୁଣାତୀତ ବୋଲି କଥିତ ହୁଅନ୍ତି ।। ୧୪-୨୫ ।।)

**ମାଂ ଚ ଯୋଽବ୍ୟଭିଚାରେଣ ଭକ୍ତିଯୋଗେନ ସେବତେ ।**
**ସ ଗୁଣାନ୍ସମତୀତ୍ୟୈତାନ୍‌ବ୍ରହ୍ମଭୂୟାୟ କଳ୍ପତେ ।। ୧୪-୨୬।।**

(ଯେଉଁ ପୁରୁଷ ଅବ୍ୟଭିଚାରୀ ଭକ୍ତିଯୋଗ ଦ୍ୱାରା ମୋତେ ନିରନ୍ତର ଭଜନ କରନ୍ତି, ସେ ବି ଏହି ତିନିଗୁଣକୁ ସଂପୂର୍ଣ୍ଣରୂପେ ଅତିକ୍ରମ କରି ପରବ୍ରହ୍ମଙ୍କୁ ପ୍ରାପ୍ତ ହେବା ନିମନ୍ତେ ଯୋଗ୍ୟ ହୋଇଯାଆନ୍ତି ।। ୧୪-୨୬ ।।)

Not For Commercial Use

**ବ୍ରହ୍ମଣୋ ହି ପ୍ରତିଷ୍ଠାହମମୃତସ୍ୟାବ୍ୟୟସ୍ୟଚ ।**
**ଶାଶ୍ୱତସ୍ୟ ଚ ଧର୍ମସ୍ୟ ସୁଖସ୍ୟୈକାନ୍ତିକସ୍ୟ ଚ ।। ୧୪-୨୭।।**

(କାରଣ ମୁଁ ସେହି ଅବିନାଶୀ ପରବ୍ରହ୍ମଙ୍କର ଓ ଅମୃତର ତଥା ନିତ୍ୟଧର୍ମର ଓ ଅଖଣ୍ଡ ଏକରସ ଆନନ୍ଦର ଆଶ୍ରୟ ଅଟେ ।। ୧୪-୨୭ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଗୁଣତ୍ରୟବିଭାଗଯୋଗୋ ନାମ ଚତୁର୍ଦଶୋଽଧ୍ୟାୟଃ ।। ୧୪।।**

Not For Commercial Use

# ପଞ୍ଚଦଶ ଅଧ୍ୟାୟ

(Chapter – 15)

## ପୁରୁଷୋତ୍ତମଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ପଞ୍ଚଦଶୋଽଧ୍ୟାୟଃ ।।

।। ଅଥ ପଞ୍ଚଦଶୋଽଧ୍ୟାୟଃ । ପୁରୁଷୋତ୍ତମଯୋଗଃ ।।

। ଶ୍ରୀଭଗବାନୁବାଚ ।

**ଊର୍ଧ୍ୱମୂଲମଧଃଶାଖମଶ୍ୱତ୍ଥଂ ପ୍ରାହୁରବ୍ୟୟମ୍ ।**
**ଛନ୍ଦାଂସି ଯସ୍ୟ ପର୍ଣ୍ଣାନି ଯସ୍ତଂ ବେଦ ସ ବେଦବିତ୍ ।। ୧୫-୧।।**

(ଶ୍ରୀଭଗବାନ କହିଲେ - ଆଦିପୁରୁଷ ପରମେଶ୍ୱର ଯାହାର ମୂଳ, ବ୍ରହ୍ମା ଯାହାର ପ୍ରଧାନ ଶାଖା, ଯେଉଁ ସଂସାରରୂପକ ଅଶ୍ୱତ୍ଥ ବୃକ୍ଷକୁ ଅବିନାଶୀ ବୋଲି କହନ୍ତି, ତଥା ବେଦକୁ ଯାହାର ପତ୍ର ବୋଲି କହନ୍ତି, ସେହି ସଂସାରରୂପକ ବୃକ୍ଷକୁ ଯେଉଁ ପୁରୁଷ ମୂଳ ସହିତ ତତ୍ତ୍ୱତଃ ଜାଣନ୍ତି, ସେ ବେଦର ତାତ୍ପର୍ଯ୍ୟ ଜାଣନ୍ତି ।। ୧୫-୦୧ ।।)

**ଅଧଶ୍ଚୋର୍ଧ୍ୱଂ ପ୍ରସୃତାସ୍ତସ୍ୟ ଶାଖା ଗୁଣପ୍ରବୃଦ୍ଧା ବିଷୟପ୍ରବାଲାଃ ।**
**ଅଧଶ୍ଚ ମୂଲାନ୍ୟନୁସନ୍ତତାନି କର୍ମାନୁବନ୍ଧୀନି ମନୁଷ୍ୟଲୋକେ ।। ୧୫-୨।।**

(ତ୍ରିଗୁଣରୂପୀ ଜଳଦ୍ୱାରା ବୃଦ୍ଧିପ୍ରାପ୍ତ ହୋଇଥିବା ଏବଂ ବିଷୟଭୋଗରୂପୀ କୋମଳପତ୍ର ଥିବା ସେହି ସଂସାରବୃକ୍ଷର ଦେବ, ମନୁଷ୍ୟ ଓ ତିର୍ଯ୍ୟକ୍ ଆଦି ଯୋନିରୂପୀ ଶାଖାମାନ ତଳ, ଉପର ଆଦି ସକଳ ଦିଗରେ ପ୍ରସାରିତ ହୋଇଛି ତଥା ମନୁଷ୍ୟ ଯୋନିରେ କର୍ମାନୁସାରେ ବନ୍ଧନ କରୁଥିବା ଅହଂତ୍ୱ, ମମତ୍ୱ ଓ ବାସନାରୂପୀ ମୂଳମାନେ ମଧ୍ୟ ତଳ, ଉପର ଆଦି ସର୍ବଲୋକରେ ବ୍ୟାପ୍ତ ହେଉଛନ୍ତି ।। ୧୫-୦୨ ।।)

Not For Commercial Use

**ନ ରୂପମସ୍ୟେହ ତଥୋପଲଭ୍ୟତେ ନାନ୍ତୋ ନ ଚାଦିର୍ନ ଚ ସଂପ୍ରତିଷ୍ଠା ।**
**ଅଶ୍ୱତ୍ଥମେନଂ ସୁବିରୂଢମୂଲଂ ଅସଙ୍ଗଶସ୍ତ୍ରେଣ ଦୃଢେନ ଛିତ୍ତ୍ୱା ।। ୧୫-୩।।**

(ଏହି ସଂସାରବୃକ୍ଷର ସ୍ୱରୂପ ଯେପରି କୁହାଯାଇଛି, ଏଠାରେ ବିଚାର କରିବା ସମୟରେ ସେପରି ମିଳେ ନାହିଁ, କାରଣ, ଏହାର ଆଦି ନାହିଁ, କି ଅନ୍ତ ନାହିଁ, ତଥା ଏହାର ଭଲରୂପେ ସ୍ଥିତି ବି ନାହିଁ । ତେଣୁ ଏହି ଅହଂତ୍ୱ, ମମତ୍ୱ ଓ ବାସନାରୂପୀ ଅତି ଦୃଢ ମୂଳବିଶିଷ୍ଟ ସଂସାରରୂପୀ ଅଶତ୍ଥ ବୃକ୍ଷକୁ ଦୃଢ ବୈରାଗ୍ୟରୂପୀ ଶସ୍ତ୍ରଦ୍ୱାରା ଛେଦନ କରି, .... ।। ୧୫-୦୩ ।।)

**ତତଃ ପଦଂ ତତ୍ପରିମାର୍ଗିତବ୍ୟଂ ଯସ୍ମିନ୍-ଗତା ନ ନିବର୍ତନ୍ତି ଭୂୟଃ ।**
**ତମେବ ଚାଦ୍ୟଂ ପୁରୁଷଂ ପ୍ରପଦ୍ୟେ । ଯତଃ ପ୍ରବୃତ୍ତିଃ ପ୍ରସୃତା ପୁରାଣୀ ।। ୧୫-୪।।**

(ତା'ପରେ ଯାହାଙ୍କୁ ପାଇଲେ ପୁରୁଷମାନେ ପୁଣି ସଂସାରକୁ ଫେରି ଆସନ୍ତି ନାହିଁ, ସେହି ପରମପଦ ରୂପକ ପରମେଶ୍ୱରଙ୍କୁ ଭଲଭାବରେ ଖୋଜିବା ଉଚିତ, ଏବଂ ଯେଉଁ ପରମେଶ୍ୱରଙ୍କ ଠାରୁ ଏହି ପୁରାତନ ସଂସାର ବୃକ୍ଷର ପ୍ରବୃତ୍ତି ବିସ୍ତାର ହୋଇଛି, "ମୁଁ ସେହି ଆଦିପୁରୁଷ ନାରାୟଣଙ୍କ ଶରଣ ନେଉଛି" ବୋଲି ଦୃଢ ନିଶ୍ଚୟ କରି, ସେହି ପରମେଶ୍ୱରଙ୍କର ହିଁ ମନନ ଓ ନିଦିଧ୍ୟାସନ କରିବା ଉଚିତ ।। ୧୫-୦୪ ।।)

**ନିର୍ମାନମୋହା ଜିତସଂଗଦୋଷା ଅଧ୍ୟାତ୍ମନିତ୍ୟା ବିନିବୃତ୍ତକାମାଃ ।**
**ଦ୍ୱନ୍ଦ୍ୱୈର୍ବିମୁକ୍ତାଃ ସୁଖଦୁଃଖସଂଜ୍ଞୈର୍ଗଛନ୍ତ୍ୟମୂଢାଃପଦମବ୍ୟୟଂ ତତ୍ ।। ୧୫-୫।।**

(ଯେଉଁମାନଙ୍କର ମାନ ଓ ମୋହ ନଷ୍ଟ ହୋଇଯାଇଛି, ଯେଉଁମାନେ ଆସକ୍ତିରୂପକ ଦୋଷକୁ ଜୟ କରିଛନ୍ତି, ଯେଉଁମାନେ ପରମାତ୍ମାଙ୍କ ସ୍ୱରୂପରେ ନିତ୍ୟସ୍ଥିତ ଓ ଯେଉଁମାନଙ୍କର ସମସ୍ତ କାମନା ସଂପୂର୍ଣ୍ଣରୂପେ ନଷ୍ଟ ହୋଇଯାଇଛି, ସୁଖ-ଦୁଃଖ ନାମକ ଦ୍ୱନ୍ଦମାନଙ୍କରୁ ବିମୁକ୍ତ, ସେହି ଜ୍ଞାନୀମାନେ ସେହି ଅବିନାଶୀ ପରମପଦ ପ୍ରାପ୍ତ ହୁଅନ୍ତି ।। ୧୫-୦୫ ।।)

Not For Commercial Use

**ନ ତଦ୍-ଭାସୟତେ ସୂର୍ଯ୍ୟୋ ନ ଶଶାଂକୋ ନ ପାବକଃ ।**
**ଯଦ୍-ଗତ୍ୱା ନ ନିବର୍ତନ୍ତେ ତଦ୍ଧାମ ପରମଂ ମମ ।। ୧୫-୬।।**

(ସେହି ସ୍ୱୟଂପ୍ରକାଶ ପରମପଦକୁ ସୂର୍ଯ୍ୟ ପ୍ରକାଶିତ କରିପାରେ ନାହିଁ, କି ନା ଚନ୍ଦ୍ର, ନା ଅଗ୍ନି, କେହି ପ୍ରକାଶିତ କରିପାରନ୍ତି ନାହିଁ । ସେହି ପରମପଦ ପ୍ରାପ୍ତ ହେଲେ, ମନୁଷ୍ୟକୁ ଆଉ ସଂସାରକୁ ଫେରି ଆସିବାକୁ ପଡେ ନାହିଁ; ତାହା ହିଁ ମୋର ପରମଧାମ ।। ୧୫-୦୬ ।।)

**ମମୈବାଂଶୋ ଜୀବଲୋକେ ଜୀବଭୂତଃ ସନାତନଃ ।**
**ମନଃଷଷ୍ଠାନୀନ୍ଦ୍ରିୟାଣି ପ୍ରକୃତିସ୍ଥାନି କର୍ଷତି ।। ୧୫-୭।।**

(ଶରୀରରେ ରହିଥିବା ଏହି ସନାତନ ଜୀବାତ୍ମା ମୋର ହିଁ ଅଂଶ ଅଟେ, ଏବଂ ସେ ଏହି ପ୍ରକୃତିରେ ସ୍ଥିତ ମନ ଓ ପାଞ୍ଚଟି ଇନ୍ଦ୍ରିୟଙ୍କୁ ଆକର୍ଷଣ କରେ ।। ୧୫-୦୭ ।।)

**ଶରୀରଂ ଯଦବାପ୍ନୋତି ଯଚ୍ଚାପ୍ୟୁତ୍-କ୍ରାମତୀଶ୍ୱରଃ ।**
**ଗୃହୀତ୍ୱୈତାନି ସଂଯାତି ବାୟୁର୍ଗନ୍ଧାନିବାଶୟାତ୍ ।। ୧୫-୮।।**

(ବାୟୁ ଯେପରି ଗନ୍ଧର ସ୍ଥାନରୁ ଗନ୍ଧକୁ ବୋହି ନିଏ, ସେହିପରି ଶରୀରରେ ଥିବା ଜୀବାତ୍ମା ଯେଉଁ ଶରୀର ତ୍ୟାଗ କରି ଚାଲିଯାଏ, ସେଥିରୁ ମନ ସହିତ ଏହି ଇନ୍ଦ୍ରିୟମାନଙ୍କୁ ଗ୍ରହଣ କରି ଯେଉଁ ନୂତନ ଶରୀର ପ୍ରାପ୍ତ ହୁଏ, ସେଥିରେ ପ୍ରବେଶ କରେ ।। ୧୫-୦୮ ।।)

**ଶ୍ରୋତ୍ରଂ ଚକ୍ଷୁଃ ସ୍ପର୍ଶନଂ ଚ ରସନଂ ଘ୍ରାଣମେବ ଚ ।**
**ଅଧିଷ୍ଠାୟ ମନଶ୍ଚାୟଂ ବିଷୟାନୁପସେବତେ ।। ୧୫-୯।।**

(ଏହି ଜୀବାତ୍ମା କର୍ଣ୍ଣ, ଚକ୍ଷୁ, ଚର୍ମ, ଜିହ୍ୱା, ନାସା ଓ ମନର ସାହାର୍ଯ୍ୟରେ ବିଷୟମାନଙ୍କୁ ସେବନ କରିଥାଏ ।। ୧୫-୦୯ ।।)

Not For Commercial Use

**ଉତ୍-କ୍ରାମନ୍ତଂ ସ୍ଥିତଂ ବାପି ଭୁଞ୍ଜାନଂ ବା ଗୁଣାନ୍ୱିତମ୍ ।**
**ବିମୂଢା ନାନୁପଶ୍ୟନ୍ତି ପଶ୍ୟନ୍ତି ଜ୍ଞାନଚକ୍ଷୁଷଃ ।। ୧୫-୧୦।।**

(ଶରୀର ଛାଡି ଚାଲିଯାଉଥିବା, ଅଥବା ଶରୀରରେ ରହିଥିବା, ଅଥବା ବିଷୟମାନଙ୍କୁ ଭୋଗ କରୁଥିବା, ତଥା ତିନିଗୁଣରେ ଯୁକ୍ତ ହୋଇଥିବା ଏହି ଜୀବାତ୍ମାର ପ୍ରକୃତ ସ୍ୱରୂପକୁ ଅଜ୍ଞାନୀମାନେ ଜାଣନ୍ତି ନାହିଁ; କେବଳ ଜ୍ଞାନଚକ୍ଷୁ ଥିବା ବିବେକଶୀଳ ଜ୍ଞାନୀମାନେ ହିଁ ତାହା ତତ୍ତ୍ୱତଃ ଜାଣନ୍ତି ।। ୧୫-୧୦ ।।)

**ଯତନ୍ତୋ ଯୋଗିନଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟବସ୍ଥିତମ୍ ।**
**ଯତନ୍ତୋଽପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟଚେତସଃ ।। ୧୫-୧୧।।**

(ଯତ୍ନ କରୁଥିବା ଯୋଗୀମାନେ ମଧ୍ୟ ନିଜ ହୃଦୟ ସ୍ଥିତ ଏହି ଆତ୍ମାର ତତ୍ତ୍ୱତଃ ଜାଣନ୍ତି; କିନ୍ତୁ ଯେଉଁମାନେ ନିଜ ଅନ୍ତଃକରଣକୁ ଶୁଦ୍ଧ କରିନାହାନ୍ତି, ସେପରି ଅଜ୍ଞାନୀମାନେ ତ ଯତ୍ନ କରି ମଧ୍ୟ ଏହି ଆତ୍ମାକୁ ଜାଣି ପାରନ୍ତି ନାହିଁ ।। ୧୫-୧୧ ।।)

**ଯଦାଦିତ୍ୟଗତଂ ତେଜୋ ଜଗଦ୍-ଭାସୟତେଽଖିଲମ୍ ।**
**ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍ ।। ୧୫-୧୨।।**

(ସୂର୍ଯ୍ୟଙ୍କ ଠାରେ ଥିବା ଯେଉଁ ତେଜ ସମସ୍ତ ଜଗତକୁ ପ୍ରକାଶିତ କରୁଛି, ତଥା ଯେଉଁ ତେଜ ଚନ୍ଦ୍ରମାରେ ରହିଛି ଓ ଯାହା ଅଗ୍ନିରେ ରହିଛି, ତାହାକୁ ତୁମେ ମୋର ହିଁ ତେଜ ବୋଲି ଜାଣ ।। ୧୫-୧୨ ।।)

**ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା ।**
**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ ।। ୧୫-୧୩।।**

(ଏବଂ ମୁଁ ହିଁ ପୃଥିବୀରେ ପ୍ରବେଶ କରି ନିଜ ଶକ୍ତିଦ୍ୱାରା ସମସ୍ତ ଭୂତପ୍ରାଣୀଙ୍କୁ ଧାରଣ କରେ ଓ ରସସ୍ୱରୂପ ଅର୍ଥାତ ଅମୃତମୟ ଚନ୍ଦ୍ର ହୋଇ ସକଳ ଓଷଧୀମାନଙ୍କୁ ଅର୍ଥାତ ବନସ୍ପତିମାନଙ୍କୁ ପୁଷ୍ଟ କରେ ।। ୧୫-୧୩ ।।)

Not For Commercial Use

**ଅହଂ ବୈଶ୍ୱାନରୋ ଭୂତ୍ୱା ପ୍ରାଣିନାଂ ଦେହମାଶ୍ରିତଃ ।**
**ପ୍ରାଣାପାନସମାୟୁକ୍ତଃ ପଚାମ୍ୟନ୍ନଂ ଚତୁର୍ବିଧମ୍ ।। ୧୫-୧୪।।**

(ସକଳ ପ୍ରାଣୀଙ୍କ ଶରୀରରେ ରହୁଥିବା ମୁଁ ପ୍ରାଣ ଓ ଅପାନ ଦ୍ୱାରା ସଂଯୁକ୍ତ ବୈଶ୍ୱାନର ଅଗ୍ନିରୂପ ହୋଇ ଚାରି ପ୍ରକାର ଅନ୍ନ ଜୀର୍ଣ୍ଣ କରୁଛି ।। ୧୫-୧୪ ।।)

**ସର୍ବସ୍ୟ ଚାହଂ ହୃଦି ସନ୍ନିବିଷ୍ଟୋ ମତ୍ତଃ ସ୍ମୃତିର୍ଜ୍ଞାନମପୋହନଂଚ ।**
**ବେଦୈଶ୍ଚ ସର୍ବୈରହମେବ ବେଦ୍ୟୋ ବେଦାନ୍ତକୃଦ୍-ବେଦବିଦେବ ଚାହମ୍** ।। ୧୫-୧୫।।

(ମୁଁ ସମସ୍ତ ପ୍ରାଣୀଙ୍କ ହୃଦୟରେ ବାସକରେ; ତଥା ମୋ ଠାରୁ ସ୍ମୃତି, ଜ୍ଞାନ ଓ ଅପୋହନ [ସଂଶୟ-ବିପର୍ଯ୍ୟର ନାଶ] ଜାତ ହୁଏ ଓ ସବୁ ବେଦ ଦ୍ୱାରା ଏକମାତ୍ର ମୁଁ ହିଁ ଜାଣିବାର ଯୋଗ୍ୟ ଅଟେ, ତଥା ମୁଁ ହିଁ ବେଦାନ୍ତ କର୍ତ୍ତା ଓ ବେଦଜ୍ଞ ଅଟେ ।। ୧୫-୧୫ ।।)

**ଦ୍ୱାବିମୌ ପୁରୁଷୌ ଲୋକେ କ୍ଷରଶ୍ଚାକ୍ଷର ଏବ ଚ ।**
**କ୍ଷରଃ ସର୍ବାଣି ଭୂତାନି କୂଟସ୍ଥୋଽକ୍ଷର ଉଚ୍ୟତେ ।। ୧୫-୧୬।।**

(ଏହି ସଂସାରରେ ନାଶବାନ ଓ ଅବିନାଶୀ - ଏପରି ଦୁଇ ପ୍ରକାର ପୁରୁଷ ଅଛନ୍ତି । ଏମାନଙ୍କ ମଧ୍ୟରୁ ସକଳ ପ୍ରାଣୀମାନଙ୍କର ଶରୀର ନାଶବାନ ଓ ଜୀବାତ୍ମା ଅବିନାଶୀ ବୋଲି କୁହାଯାଏ ।। ୧୫-୧୬ ।।)

**ଉତ୍ତମଃ ପୁରୁଷସ୍ତ୍ୱନ୍ୟଃ ପରମାତ୍ମେତ୍ୟୁଦାହୃତଃ ।**
**ଯୋ ଲୋକତ୍ରୟମାବିଶ୍ୟ ବିଭର୍ତ୍ୟବ୍ୟୟ ଈଶ୍ୱରଃ ।। ୧୫-୧୭।।**

(ଏହି ଦୁଇ ପୁରୁଷଙ୍କ ଠାରୁ ଉତ୍ତମ ପୁରୁଷ ଅନ୍ୟ ଜଣେ ଅଟନ୍ତି, ଯିଏ କି ତିନି ଲୋକରେ ପ୍ରବେଶ କରି ସମସ୍ତଙ୍କର ଧାରଣପୋଷଣ କରନ୍ତି ଏବଂ ଅବିନାଶୀ ପରମେଶ୍ୱର ଓ ପରମାତ୍ମା ବୋଲି କଥିତ ହୁଅନ୍ତି ।। ୧୫-୧୭ ।।)

Not For Commercial Use

**ୟସ୍ମାତ୍କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ ।**
**ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।। ୧୫-୧୮।।**

(ଯେହେତୁ ମୁଁ ନାଶବାନ ଜଡକ୍ଷେତ୍ର ଠାରୁ ସର୍ବଥା ଅତୀତ ଏବଂ ଅବିନାଶୀ ଜୀବାତ୍ମା ଠାରୁ ମଧ୍ୟ ଉତ୍ତମ, ତେଣୁ ଲୋକରେ ଓ ବେଦରେ ମଧ୍ୟ ମୁଁ ପୁରୁଷୋତ୍ତମ ନାମରେ ପ୍ରସିଦ୍ଧ ।। ୧୫-୧୮ ।।)

**ୟୋ ମାମେବମସମ୍ମୂଢୋ ଜାନାତି ପୁରୁଷୋତ୍ତମମ୍ ।**
**ସ ସର୍ବବିଦ୍-ଭଜତି ମାଂ ସର୍ବଭାବେନ ଭାରତ ।। ୧୫-୧୯।।**

(ହେ ଭାରତ ! ଯେଉଁ ଜ୍ଞାନୀ ପୁରୁଷ ମୋତେ ଏହିପରି ତତ୍ତ୍ୱତଃ ପୁରୁଷୋତ୍ତମ ବୋଲି ଜାଣନ୍ତି, ସେହି ସର୍ବଜ୍ଞ ପୁରୁଷ ନିରନ୍ତର ମୋତେ ସକଳଭାବରେ ଭଜନ୍ତି ।। ୧୫-୧୯ ।।)

**ଇତି ଗୁହ୍ୟତମଂ ଶାସ୍ତ୍ରମିଦମୁକ୍ତଂ ମୟାନଘ ।**
**ଏତଦ୍-ବୁଦ୍ଧ୍ୱା ବୁଦ୍ଧିମାନ୍ସ୍ୟାତ୍-କୃତକୃତ୍ୟଶ୍ଚ ଭାରତ ।। ୧୫-୨୦।।**

(ହେ ନିଷ୍ପାପ ଅର୍ଜୁନ ! ଏପରିଭାବରେ ଏହି ଅତି ରହସ୍ୟମୟ ଗୋପନୀୟ ଶାସ୍ତ୍ର ମୋ ଦ୍ୱାରା କୁହାଗଲା । ଏହାକୁ ତତ୍ତ୍ୱତଃ ଜାଣି ମନୁଷ୍ୟ ଜ୍ଞାନବାନ ଓ କୃତାର୍ଥ ହୋଇଯାଏ ।। ୧୫-୨୦ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ୟୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନ ସଂବାଦେ**
**ପୁରୁଷୋତ୍ତମୟୋଗୋ ନାମ ପଞ୍ଚଦଶୋଽଧ୍ୟାୟଃ ।। ୧୫।।**

Not For Commercial Use

# ଷୋଡଶ ଅଧ୍ୟାୟ

(Chapter – 16)

## ଦୈବାସୁରସମ୍ପଦ୍ୱିଭାଗଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଷୋଡଶୋଽଧ୍ୟାୟଃ ।।

### ।। ଅଥ ଷୋଡଶୋଽଧ୍ୟାୟଃ । ଦୈବାସୁରସମ୍ପଦ୍ୱିଭାଗଯୋଗଃ ।।

**। ଶ୍ରୀଭଗବାନୁବାଚ ।**

**ଅଭୟଂ ସତ୍ତ୍ୱସଂଶୁଦ୍ଧିର୍ଜ୍ଞାନଯୋଗବ୍ୟବସ୍ଥିତିଃ ।**
**ଦାନଂ ଦମଶ୍ଚ ଯଜ୍ଞଶ୍ଚ ସ୍ୱାଧ୍ୟାୟସ୍ତପ ଆର୍ଜବମ୍ ।। ୧୬-୧।।**

(ଶ୍ରୀଭଗବାନ କହିଲେ - ନିର୍ଭୟତା, ଅନ୍ତଃକରଣର ପୂର୍ଣ୍ଣନିର୍ମଳତା, ତତ୍ତ୍ୱଜ୍ଞାନ ପାଇଁ ଧ୍ୟାନଯୋଗରେ ନିରନ୍ତର ଦୃଢସ୍ଥିତି ଓ ସାତ୍ତ୍ୱିକ ଦାନ, ଇନ୍ଦ୍ରିୟଦମନ, ଭଗବାନ, ଦେବତା ଓ ଗୁରୁଜନମାନଙ୍କର ପୂଜା, ତଥା ଅଗ୍ନିହୋତ୍ର ଆଦି ଉତ୍ତମ କର୍ମ ଆଚରଣ ଏବଂ ବେଦ-ଶାସ୍ତ୍ରାଦିର ପଠନ-ପାଠନ ତଥା ଭଗବାନଙ୍କର ନାମ ଓ ଗୁଣ କୀର୍ତ୍ତନ, ସ୍ୱଧର୍ମପାଳନ ପାଇଁ କଷ୍ଟସହନ ଏବଂ ଶରୀର ତଥା ଇନ୍ଦ୍ରିୟମାନଙ୍କ ସହିତ ଅନ୍ତଃକରଣର ସରଳତା, .... ।। ୧୬-୦୧ ।।)

**ଅହିଂସା ସତ୍ୟମକ୍ରୋଧସ୍ତ୍ୟାଗଃ ଶାନ୍ତିରପୈଶୁନମ୍ ।**
**ଦୟା ଭୂତେଷ୍ୱଲୋଲୁପ୍ତ୍ୱଂ ମାର୍ଦବଂ ହ୍ରୀରଚାପଲମ୍ ।। ୧୬-୨।।**

(କାୟମନୋବାକ୍ୟରେ କାହାରିକୁ କୌଣସି ପ୍ରକାର କଷ୍ଟ ନ ଦେବା, ଯଥାର୍ଥ ଓ ପ୍ରିୟ ବଚନ କହିବା, ନିଜର ଅପକାର କରୁଥିବା ଲୋକ ପ୍ରତି ମଧ୍ୟ କ୍ରୋଧ ନ କରିବା, କର୍ମରେ କର୍ତ୍ତୃତ୍ୱ ଅଭିମାନ ତ୍ୟାଗ, ଚିତ୍ତଚଞ୍ଚଳତା ଉପରେ ନିୟନ୍ତ୍ରଣ, କାହାରି ନିନ୍ଦା ନ କରିବା, ସବୁ ପ୍ରାଣୀଙ୍କ ପ୍ରତି ଅହେତୁକ ଦୟା, ଇନ୍ଦ୍ରିୟମାନଙ୍କର ବିଷୟ ସହିତ ସଂଯୋଗ ହେଲେ ମଧ୍ୟ ସେଥିରେ ଆସକ୍ତି ନ ହେବା, କୋମଳତା, ଲୋକାଚାର ଓ ଶାସ୍ତ୍ର ଆଚରଣ କରିବା,.... ।। ୧୬-୦୨ ।।)

Not For Commercial Use

**ତେଜଃ କ୍ଷମା ଧୃତିଃ ଶୌଚମଦ୍ରୋହୋ ନାତିମାନିତା ।**
**ଭବନ୍ତି ସମ୍ପଦଂ ଦୈବୀମଭିଜାତସ୍ୟ ଭାରତ ।। ୧୬-୩।।**

(ତେଜ, କ୍ଷମା, ଧୈର୍ଯ୍ୟ, ବାହ୍ୟଶୁଦ୍ଧି, ଏବଂ କାହାରି ଠାରେ ବି ଶତ୍ରୁଭାବ ନ ରଖିବା ଓ ନିଜଠାରେ ପୂଜ୍ୟତା-ଅଭିମାନର ଅଭାବ ବା ନିଜକୁ ବଡ ମନେ ନ କରିବା – ହେ ଅର୍ଜୁନ ! ଏସବୁ ହେଉଛି ଦୈବୀ ସମ୍ପଦ ନେଇ ଜନ୍ମ ହୋଇଥିବା ପୁରୁଷଙ୍କ ଲକ୍ଷଣ ।। ୧୬-୦୩ ।।)

**ଦମ୍ଭୋ ଦର୍ପୋଽଭିମାନଶ୍ଚ କ୍ରୋଧଃ ପାରୁଷ୍ୟମେବ ଚ ।**
**ଅଜ୍ଞାନଂ ଚାଭିଜାତସ୍ୟ ପାର୍ଥ ସମ୍ପଦମାସୁରୀମ୍ ।। ୧୬-୪।।**

(ହେ ପାର୍ଥ ! ଦମ୍ଭ, ଗର୍ବ, ଅଭିମାନ, କ୍ରୋଧ, କଠୋରତା ଓ ଅଜ୍ଞାନ - ଏସବୁ ହେଉଛି ଆସୁରୀ ସମ୍ପଦ ନେଇ ଜନ୍ମ ହୋଇଥିବା ପୁରୁଷର ଲକ୍ଷଣ ।। ୧୬-୦୪ ।।)

**ଦୈବୀ ସମ୍ପଦ୍ୱିମୋକ୍ଷାୟ ନିବନ୍ଧାୟାସୁରୀ ମତା ।**
**ମା ଶୁଚଃ ସମ୍ପଦଂ ଦୈବୀମଭିଜାତୋଽସି ପାଣ୍ଡବ ।। ୧୬-୫।।**

(ଦୈବୀ ସମ୍ପଦ ମୁକ୍ତିପ୍ରଦ ବା ନିର୍ବାଣଯୁକ୍ତ ଓ ଆସୁରୀ ସମ୍ପଦ ବନ୍ଧନକାରକ ବୋଲି ସ୍ୱୀକାର କରାଯାଇଛି । ଏଣୁ ହେ ଅର୍ଜୁନ ! ତୁମେ ଶୋକ କର ନାହିଁ; କାରଣ ତୁମେ ଦୈବୀ ସମ୍ପଦ ନେଇ ଜନ୍ମ ହୋଇଛ ।। ୧୬-୦୫ ।।)

**ଦ୍ୱୌ ଭୂତସର୍ଗୌ ଲୋକେଽସ୍ମିନ୍-ଦୈବ ଆସୁର ଏବ ଚ ।**
**ଦୈବୋ ବିସ୍ତରଶଃ ପ୍ରୋକ୍ତ ଆସୁରଂ ପାର୍ଥ ମେ ଶୃଣୁ ।। ୧୬-୬।।**

(ହେ ଅର୍ଜୁନ ! ଇହଲୋକରେ ଭୂତମାନଙ୍କର ସୃଷ୍ଟି ଅର୍ଥାତ, ମନୁଷ୍ୟମାନେ ଦୁଇ ପ୍ରକାରର; ଗୋଟିଏ ଦୈବୀପ୍ରକୃତିର ଓ ଅନ୍ୟଟି ଆସୁରୀପ୍ରକୃତିର । ସେ ଦୁହିଁଙ୍କ ମଧ୍ୟରୁ ଦୈବୀପ୍ରକୃତିର ମନୁଷ୍ୟମାନଙ୍କ ବିଷୟରେ ତ ବିସ୍ତୃତ ଭାବରେ କୁହାଯାଇସାରିଛି, ବର୍ତ୍ତମାନ ତୁମେ ଆସୁରୀପ୍ରକୃତିର ମନୁଷ୍ୟମାନଙ୍କ ବିଷୟରେ ମଧ୍ୟ ବିସ୍ତାରରେ ମୋଠାରୁ ଶୁଣ ।। ୧୬-୦୬ ।।)

Not For Commercial Use

**ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ ଜନା ନ ବିଦୁରାସୁରାଃ ।**
**ନ ଶୌଚଂ ନାପି ଚାଚାରୋ ନ ସତ୍ୟଂ ତେଷୁ ବିଦ୍ୟତେ ।। ୧୬-୭।।**

(ଆସୁର ସ୍ୱଭାବର ମନୁଷ୍ୟମାନେ ପ୍ରବୃତ୍ତି ଓ ନିବୃତ୍ତି - ଏହି ଉଭୟକୁ ଜାଣନ୍ତି ନାହିଁ । ତେଣୁ ସେମାନଙ୍କ ଠାରେ ବାହ୍ୟ ଓ ଅନ୍ତଃ ଶୁଦ୍ଧି ନ ଥାଏ, କି ସେମାନଙ୍କର ଆଚରଣ ଶୁଦ୍ଧି ନ ଥାଏ, ତଥା ସେମାନଙ୍କ ଠାରେ ସତ୍ୟବାଦିତା ବି ନ ଥାଏ ।। ୧୬-୦୭ ।।)

**ଅସତ୍ୟମପ୍ରତିଷ୍ଠଂ ତେ ଜଗଦାହୁରନୀଶ୍ୱରମ୍ ।**
**ଅପରସ୍ପରସଂଭୂତଂ କିମନ୍ୟତ୍-କାମହୈତୁକମ୍ ।। ୧୬-୮।।**

(ସେହି ଆସୁର ପ୍ରକୃତିର ମନୁଷ୍ୟମାନେ କହନ୍ତି ଯେ, ଜଗତ କାହାର ଆଶ୍ରୟରେ ନାହିଁ, ଏସବୁ ଅସତ୍ୟ, ଓ ଈଶ୍ୱର ନାହାଁନ୍ତି; ଏହା କେବଳ ସ୍ତ୍ରୀ-ପୁରୁଷ ସଂଯୋଗରୁ ନିଜେ ନିଜେ ଉତ୍ପନ୍ନ ହୋଇଛି; ଅତଏବ କେବଳ କାମ ହିଁ ଏହାର କାରଣ । ଏହା ଛଡା ଆଉ କିଛି ନୁହେଁ ।। ୧୬-୦୮ ।।)

**ଏତାଂ ଦୃଷ୍ଟିମବଷ୍ଟଭ୍ୟ ନଷ୍ଟାତ୍ମାନୋଽଲ୍ପବୁଦ୍ଧୟଃ ।**
**ପ୍ରଭବଂତ୍ୟୁଗ୍ରକର୍ମାଣଃ କ୍ଷୟାୟ ଜଗତୋଽହିତାଃ ।। ୧୬-୯।।**

(ଏହି ମିଥ୍ୟା ଜ୍ଞାନକୁ ଅବଲମ୍ବନ କରି ଯେଉଁମାନଙ୍କର ସ୍ୱଭାବ ନଷ୍ଟ ହୋଇଗଲାଣି, ତଥା ଯେଉଁମାନଙ୍କର ବୁଦ୍ଧି ମନ୍ଦ, ଯେଉଁମାନେ ସମସ୍ତଙ୍କର ଅପକାରୀ, ସେହି କ୍ରୂରକର୍ମା ମନୁଷ୍ୟମାନଙ୍କର ସାମର୍ଥ୍ୟ କେବଳ ଜଗତର ବିନାଶ କରିବାକୁ ହିଁ ହୋଇଥାଏ ।। ୧୬-୦୯ ।।)

**କାମମାଶ୍ରିତ୍ୟ ଦୁଷ୍ପୂରଂ ଦମ୍ଭମାନମଦାନ୍ୱିତାଃ ।**
**ମୋହାଦ୍-ଗୃହୀତ୍ୱାସଦ୍-ଗ୍ରାହାନ୍ପ୍ରବର୍ତନ୍ତେଽଶୁଚିବ୍ରତାଃ ।। ୧୬-୧୦।।**

(ସେହି ଦମ୍ଭ, ମାନ ଓ ମଦଯୁକ୍ତ ମନୁଷ୍ୟମାନେ କୌଣସି ପ୍ରକାରେ ବି ପୂର୍ଣ୍ଣ ହେଉ ନ ଥିବା କାମନାମାନଙ୍କୁ ଆଶ୍ରୟ କରି, ଅଜ୍ଞାନ ବଶତଃ ମିଥ୍ୟା ସିଦ୍ଧାନ୍ତମାନ ଗ୍ରହଣ କରି ଓ ଭ୍ରଷ୍ଟ ଆଚରଣ ଧାରଣ କରି ସଂସାରରେ ବିଚରଣ କରନ୍ତି ।। ୧୬-୧୦ ।।)

Not For Commercial Use

**ଚିନ୍ତାମପରିମେୟାଂ ଚ ପ୍ରଲୟାନ୍ତାମୁପାଶ୍ରିତାଃ ।**
**କାମୋପଭୋଗପରମା ଏତାବଦିତି ନିଶ୍ଚିତାଃ ।। ୧୬-୧୧।।**

(ତଥା ସେମାନେ ମୃତ୍ୟୁ ପର୍ଯ୍ୟନ୍ତ ରହୁଥିବା ଅସଂଖ୍ୟ ଚିନ୍ତାକୁ ଆଶ୍ରୟ କରି ଏବଂ ବିଷୟଭୋଗ ପରାୟଣ ହୋଇ, "ଏତିକି ହିଁ ସୁଖ" ବୋଲି ମନେ କରନ୍ତି ।। ୧୬-୧୧ ।।)

**ଆଶାପାଶଶତୈର୍ବଦ୍ଧାଃ କାମକ୍ରୋଧପରାୟଣାଃ ।**
**ଇହନ୍ତେ କାମଭୋଗାର୍ଥମନ୍ୟାୟେନାର୍ଥସଂଚୟାନ୍ ।। ୧୬-୧୨।।**

(ଶତ ଶତ ଆଶା ପାଶରେ ଆବଦ୍ଧ ହୋଇଥିବା ସେହି ମନୁଷ୍ୟମାନେ କାମ-କ୍ରୋଧ ପରାୟଣ ହୋଇ ବିଷୟଭୋଗ ପାଇଁ ଅନ୍ୟାୟପୂର୍ବକ ଧନାଦି ସଂଗ୍ରହ କରିବାର ଚେଷ୍ଟାରେ ଲାଗିରହିଥାନ୍ତି ।। ୧୬-୧୨ ।।)

**ଇଦମଦ୍ୟ ମୟା ଲବ୍ଧମିମଂ ପ୍ରାପ୍ସ୍ୟେ ମନୋରଥମ୍ ।**
**ଇଦମସ୍ତୀଦମପି ମେ ଭବିଷ୍ୟତି ପୁନର୍ଧନମ୍ ।। ୧୬-୧୩।।**

(ସେମାନେ ଭାବନ୍ତି, "ମୁଁ ଆଜି ଏହା ପାଇଗଲି ଏବଂ ଏଥର ଏହି ମନୋରଥ ପୂର୍ଣ୍ଣ ହୋଇଯିବ । ମୋ ପାଖରେ ଏତିକି ଧନ ଅଛି ଏବଂ ଆହୁରି ମଧ୍ୟ ଏତକ ଧନ ମୋର ହୋଇଯିବ" ।। ୧୬-୧୩ ।।)

**ଅସୌ ମୟା ହତଃ ଶତ୍ରୁର୍ହନିଷ୍ୟେ ଚାପରାନପି ।**
**ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଲବାନ୍ସୁଖୀ ।। ୧୬-୧୪।।**

("ସେହି ଶତ୍ରୁ ମୋ ଦ୍ୱାରା ନିହତ ହୋଇଗଲା ଏବଂ ଅନ୍ୟ ଶତ୍ରୁମାନଙ୍କୁ ମଧ୍ୟ ମୁଁ ମାରିଦେବି । ମୁଁ ଈଶ୍ୱର; ମୁଁ ଐଶ୍ୱର୍ଯ୍ୟବାନ; ମୁଁ ସମସ୍ତ ସିଦ୍ଧିରେ ଯୁକ୍ତ, ବଳବାନ, ତଥା ସୁଖୀ" ।। ୧୬-୧୪ ।।)

Not For Commercial Use

**ଆଢ୍ୟୋଽଭିଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା ।**
**ୟକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନବିମୋହିତାଃ ।। ୧୬-୧୫।।**
**ଅନେକଚିତ୍ତବିଭ୍ରାନ୍ତା ମୋହଜାଲସମାବୃତାଃ ।**
**ପ୍ରସକ୍ତାଃ କାମଭୋଗେଷୁ ପତନ୍ତି ନରକେଽଶୁଚୌ ।। ୧୬-୧୬।।**

("ମୁଁ ବିରାଟ ଧନୀ ଓ ସଂଭ୍ରାନ୍ତ ବଂଶୀୟ । ମୋ ସମାନ ଆଉ କେହି ନାହାଁନ୍ତି, ମୁଁ ଯଜ୍ଞ କରିବି; ଦାନ ଦେବି; ଓ ଆମୋଦ ପ୍ରମୋଦ କରିବି ।" ଏହିପରି ଭାବରେ ଅଜ୍ଞାନରେ ମୋହିତ, ଅନେକ ପ୍ରକାରେ ବିଭ୍ରାନ୍ତଚିତ୍ତ, ତଥା ମୋହରୂପୀ ଜାଲରେ ଆବଦ୍ଧ ଓ ବିଷୟଭୋଗରେ ଅତ୍ୟନ୍ତ ଆସକ୍ତ ଆସୁର ସ୍ୱଭାବର ଲୋକେ ଅତ୍ୟନ୍ତ ଅପବିତ୍ର ନରକରେ ପଡନ୍ତି ।। ୧୬-୧୫, ୧୬-୧୬ ।।)

**ଆତ୍ମସମ୍ଭାବିତାଃ ସ୍ତବ୍ଧା ଧନମାନମଦାନ୍ୱିତାଃ ।**
**ୟଜନ୍ତେ ନାମୟଜ୍ଞୈସ୍ତେ ଦମ୍ଭେନାବିଧିପୂର୍ବକମ୍ ।। ୧୬-୧୭।।**

(ନିଜେ ନିଜକୁ ଶ୍ରେଷ୍ଠ ମନେକରୁଥିବା ସେହି ଗର୍ବୀ ପୁରୁଷମାନେ ଧନ ଓ ମାନର ନିଶାରେ ଯୁକ୍ତ ହୋଇ, କେବଳ ଅନ୍ୟମାନଙ୍କୁ ଦେଖାଇବା ପାଇଁ ନାମମାତ୍ର ଯଜ୍ଞମାନଙ୍କ ଦ୍ୱାରା ଓ ଆଡମ୍ବରପୂର୍ବକ ଶାସ୍ତ୍ରବିଧି ବିନା ଯଜନ କରନ୍ତି ।। ୧୬-୧୭ ।।)

**ଅହଂକାରଂ ବଲଂ ଦର୍ପଂ କାମଂ କ୍ରୋଧଂ ଚ ସଂଶ୍ରିତାଃ ।**
**ମାମାତ୍ମପରଦେହେଷୁ ପ୍ରଦ୍ୱିଷନ୍ତୋଽଭ୍ୟସୂୟକାଃ ।। ୧୬-୧୮।।**

(ଅହଂକାର, ବଳ, ଗର୍ବ, କାମ ଓ କ୍ରୋଧ ପରାୟଣ ହୋଇ ଅନ୍ୟମାନଙ୍କୁ ନିନ୍ଦା କରୁଥିବା ସେହି ପୁରୁଷମାନେ ନିଜର ଓ ଅନ୍ୟମାନଙ୍କ ଶରୀରରେ ଅଧିଷ୍ଠିତ ଥିବା ଅନ୍ତର୍ଯ୍ୟାମୀରୂପୀ ମୋ ସହିତ ଦ୍ୱେଷ କରନ୍ତି ।। ୧୬-୧୮ ।।)

Not For Commercial Use

**ତାନହଂ ଦ୍ୱିଷତଃ କ୍ରୂରାନ୍ସଂସାରେଷୁ ନରାଧମାନ୍ ।**
**କ୍ଷିପାମ୍ୟଜସ୍ରମଶୁଭାନାସୁରୀଷ୍ୱେବଯୋନିଷୁ ।। ୧୬-୧୯।।**

(ସେହି ଦ୍ୱେଷ କରୁଥିବା ପାପାଚାରୀ ଓ କ୍ରୁରକର୍ମା ନରାଧମମାନଙ୍କୁ ମୁଁ ସଂସାରରେ ବାରମ୍ବାର ଆସୁରୀ ଯୋନିମାନଙ୍କରେ ହିଁ ନିକ୍ଷେପ କରେ ।। ୧୬-୧୯ ।।)

**ଆସୁରୀଂ ଯୋନିମାପନ୍ନା ମୂଢା ଜନ୍ମନି ଜନ୍ମନି ।**
**ମାମପ୍ରାପ୍ୟୈବ କୌନ୍ତେୟ ତତୋ ଯାନ୍ତ୍ୟଧମାଂ ଗତିମ୍ ।। ୧୬-୨୦।।**

(ହେ ଅର୍ଜୁନ ! ସେହି ମୂଢ ଲୋକମାନେ ମୋତେ ନ ପାଇ ଜନ୍ମଜନ୍ମାନ୍ତରରେ ଆସୁରୀ ଯୋନି ହିଁ ପାଆନ୍ତି; ତା'ଠାରୁ ବି ଅତି ନୀଚଗତି ପାଆନ୍ତି, ଅର୍ଥାତ, ଘୋର ନରକରେ ପଡନ୍ତି ।। ୧୬-୨୦ ।।)

**ତ୍ରିବିଧଂ ନରକସ୍ୟେଦଂ ଦ୍ୱାରଂ ନାଶନମାତ୍ମନଃ ।**
**କାମଃ କ୍ରୋଧସ୍ତଥା ଲୋଭସ୍ତସ୍ମାଦେତତ୍ତ୍ରୟଂ ତ୍ୟଜେତ୍ ।। ୧୬-୨୧।।**

(କାମ, କ୍ରୋଧ ଓ ଲୋଭ – ନରକର ଏହି ତିନି ପ୍ରକାର ଦ୍ୱାର ହିଁ ଆତ୍ମାର ବିନାଶ କରନ୍ତି, ଅର୍ଥାତ, ତାହାର ଅଧୋଗତି ଘଟାଇଦିଅନ୍ତି । ଅତଏବ ଏହି ତିନୋଟିକୁ ତ୍ୟାଗ କରିଦେବା ଉଚିତ ।। ୧୬-୨୧ ।।)

**ଏତୈର୍ବିମୁକ୍ତଃ କୌନ୍ତେୟ ତମୋଦ୍ୱାରୈସ୍ତ୍ରିଭିର୍ନରଃ ।**
**ଆଚରତ୍ୟାତ୍ମନଃ ଶ୍ରେୟସ୍ତତୋ ଯାତି ପରାଂ ଗତିମ୍ ।। ୧୬-୨୨।।**

(ହେ ଅର୍ଜୁନ ! ନରକର ଏହି ତିନି ଦ୍ୱାରରୁ ମୁକ୍ତ ହୋଇଥିବା ପୁରୁଷ ନିଜର କଲ୍ୟାଣ ଆଚରଣ କରନ୍ତି । ଏହାଦ୍ୱାରା ସେ ପରମଗତି କୁ ପ୍ରାପ୍ତ ହୁଅନ୍ତି, ଅର୍ଥାତ ମୋତେ ପାଆନ୍ତି ।। ୧୬-୨୨ ।।)

**ଯଃ ଶାସ୍ତ୍ରବିଧିମୁତ୍ସୃଜ୍ୟ ବର୍ତତେ କାମକାରତଃ ।**
**ନ ସ ସିଦ୍ଧିମବାପ୍ନୋତି ନ ସୁଖଂ ନ ପରାଂ ଗତିମ୍ ।। ୧୬-୨୩।।**

(ଯେଉଁ ପୁରୁଷ ଶାସ୍ତ୍ରବିଧି ତ୍ୟାଗକରି ନିଜ ଇଛାରେ ମନମୁଖି ଆଚରଣ କରେ, ସେ ସିଦ୍ଧି ପାଏ ନାହିଁ, କି ପରମଗତି ପାଏ ନାହିଁ, କି ସୁଖ ପାଏ ନାହିଁ ।। ୧୬-୨୩ ।।)

Not For Commercial Use

**ତସ୍ମାଚ୍ଛାସ୍ତ୍ରଂ ପ୍ରମାଣଂ ତେ କାର୍ଯ୍ୟାକାର୍ଯ୍ୟବ୍ୟବସ୍ଥିତୌ ।**
**ଜ୍ଞାତ୍ୱା ଶାସ୍ତ୍ରବିଧାନୋକ୍ତଂ କର୍ମ କର୍ତୁମିହାର୍ହସି ।। ୧୬-୨୪।।**

(ତେଣୁ ଶାସ୍ତ୍ରର ପ୍ରମାଣ ଅନୁସାରେ ଏହି କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟ ନିର୍ଣ୍ଣୟ କରାଯାଏ । ଏପରି ଜାଣି ତୁମେ ଶାସ୍ତ୍ରବିଧି ଦ୍ୱାରା ନିୟତ କର୍ମ ହିଁ କରିବା ଉଚିତ ।। ୧୬-୨୪ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଦୈବାସୁରସମ୍ପଦ୍ୱିଭାଗଯୋଗୋ ନାମ ଷୋଡଶୋଽଧ୍ୟାୟଃ ।। ୧୬।।**



Not For Commercial Use

# ସପ୍ତଦଶ ଅଧ୍ୟାୟ

(Chapter – 17)

## ଶ୍ରଦ୍ଧାତ୍ରୟବିଭାଗଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ସପ୍ତଦଶୋଽଧ୍ୟାୟଃ ।।

।। ଅଥ ସପ୍ତଦଶୋଽଧ୍ୟାୟଃ । ଶ୍ରଦ୍ଧାତ୍ରୟବିଭାଗଯୋଗଃ ।।

**। ଅର୍ଜୁନ ଉବାଚ ।**

**ଯେ ଶାସ୍ତ୍ରବିଧିମୁତ୍ସୃଜ୍ୟ ଯଜନ୍ତେ ଶ୍ରଦ୍ଧୟାନ୍ୱିତାଃ ।**
**ତେଷାଂ ନିଷ୍ଠା ତୁ କା କୃଷ୍ଣ ସତ୍ତ୍ୱମାହୋ ରଜସ୍ତମଃ ।। ୧୭-୧।।**

(ଅର୍ଜୁନ ପଚାରିଲେ - ହେ କୃଷ୍ଣ ! ଯେଉଁ ମନୁଷ୍ୟମାନେ ଶାସ୍ତ୍ରବିଧି ତ୍ୟାଗ କରି ଶ୍ରଦ୍ଧାଯୁକ୍ତ ହୋଇ ଦେବାଦିଙ୍କୁ ପୂଜା କରନ୍ତି, ସେମାନଙ୍କର ସ୍ଥିତି କ'ଣ ହୁଏ - ସାତ୍ତ୍ୱିକୀ, ନା ରାଜସୀ, ନା ତାମସୀ ? ।। ୧୭-୦୧ ।।)

**। ଶ୍ରୀଭଗବାନୁବାଚ ।**

**ତ୍ରିବିଧା ଭବତି ଶ୍ରଦ୍ଧା ଦେହିନାଂ ସା ସ୍ୱଭାବଜା ।**
**ସାତ୍ତ୍ୱିକୀ ରାଜସୀ ଚୈବ ତାମସୀ ଚେତି ତାଂ ଶୃଣୁ ।। ୧୭-୨।।**

(ଶ୍ରୀଭଗବାନ କହିଲେ - ମନୁଷ୍ୟମାନଙ୍କର ସେହି ଶାସ୍ତ୍ରୀୟ ସଂସ୍କାରରୁ ତ୍ୟାଗ କେବଳ ସ୍ୱଭାବରୁ ଉତ୍ପନ୍ନ ଶ୍ରଦ୍ଧା ସାତ୍ତ୍ୱିକୀ, ରାଜସୀ ତଥା ତାମସୀ - ଏପରି ତିନି ପ୍ରକାର ହୋଇଥାଏ । ତାହା ତୁମେ ମୋ ଠାରୁ ଶୁଣ ।। ୧୭-୦୨ ।।)

Not For Commercial Use

**ସତ୍ତ୍ୱାନୁରୂପା ସର୍ବସ୍ୟ ଶ୍ରଦ୍ଧା ଭବତି ଭାରତ ।**
**ଶ୍ରଦ୍ଧାମୟୋଽୟଂ ପୁରୁଷୋ ଯୋ ଯଚ୍ଛ୍ରଦ୍ଧଃ ସ ଏବ ସଃ ।। ୧୭-୩।।**

(ହେ ଭାରତ ! ସବୁ ମନୁଷ୍ୟଙ୍କ ଶ୍ରଦ୍ଧା ସେମାନଙ୍କ ଅନ୍ତଃକରଣର ଅନୁରୁପ ହୁଏ । ଏଣୁ ଯେଉଁ ପୁରୁଷ ଯେପରି ଶ୍ରଦ୍ଧାବନ, ସେ ସ୍ୱୟଂ ମଧ୍ୟ ସେପରି ହିଁ ଅଟେ ।। ୧୭-୦୩ ।।)

**ଯଜନ୍ତେ ସାତ୍ତ୍ୱିକା ଦେବାନ୍ୟକ୍ଷରକ୍ଷାଂସି ରାଜସାଃ ।**
**ପ୍ରେତାନ୍ଭୂତଗଣାଂଶ୍ଚାନ୍ୟେ ଯଜନ୍ତେ ତାମସା ଜନାଃ ।। ୧୭-୪।।**

(ସାତ୍ତ୍ୱିକ ଲୋକେ ଦେବତାମାନଙ୍କୁ, ରାଜସ ଲୋକେ ଯକ୍ଷ ଓ ରାକ୍ଷସମାନଙ୍କୁ, ଏବଂ ତାମସ ଲୋକେ ପ୍ରେତ ଓ ଭୂତମାନଙ୍କୁ ପୂଜା କରନ୍ତି ।। ୧୭-୦୪ ।।)

**ଅଶାସ୍ତ୍ରବିହିତଂ ଘୋରଂ ତପ୍ୟନ୍ତେ ଯେ ତପୋ ଜନାଃ ।**
**ଦମ୍ଭାହଂକାରସଂଯୁକ୍ତାଃ କାମରାଗବଲାନ୍ୱିତାଃ ।। ୧୭-୫।।**

(ଯେଉଁମାନେ ଶାସ୍ତ୍ରବିଧି ବିନା କେବଳ ମନଃକଳ୍ପିତ ଘୋର ତପ ଆଚରଣ କରନ୍ତି, ତଥା ଦମ୍ଭ ଓ ଅହଂକାରରେ ଯୁକ୍ତ ହୋଇ କାମନା, ଆସକ୍ତି ଓ ବଳର ଅଭିମାନରେ ମଧ୍ୟ ଜଡିତ ରହନ୍ତି....।। ୧୭-୦୫ ।।)

**କର୍ଷୟନ୍ତଃ ଶରୀରସ୍ଥଂ ଭୂତଗ୍ରାମମଚେତସଃ ।**
**ମାଂ ଚୈବାନ୍ତଃଶରୀରସ୍ଥଂ ତାନ୍ୱିଦ୍ଧ୍ୟାସୁରନିଶ୍ଚୟାନ୍ ।। ୧୭-୬।।**

(ଶରୀରରୂପରେ ଅବସ୍ଥିତ ଭୂତସମୁଦାୟକୁ ଏବଂ ଅନ୍ତଃକରଣରେ ସ୍ଥିତ ମୋତେ (ପରମାତ୍ମାଙ୍କୁ) ମଧ୍ୟ ଦୃବଳ କରାଉଥିବା ବା କଷ୍ଟ ଦେଉଥିବା ସେ ଅଜ୍ଞାନୀମାନଙ୍କୁ ଆସୁର ସ୍ୱଭାବ ଧରିଥିବା ଲୋକ ବୋଲି ଜାଣ ।। ୧୭-୦୬ ।।)

Not For Commercial Use

**ଆହାରସ୍ତ୍ୱପି ସର୍ବସ୍ୟ ତ୍ରିବିଧୋ ଭବତି ପ୍ରିୟଃ ।**
**ଯଜ୍ଞସ୍ତପସ୍ତଥା ଦାନଂ ତେଷାଂ ଭେଦମିମଂ ଶୃଣୁ ।। ୧୭-୭।।**

(ପ୍ରିୟ ଆହାର (ଖାଦ୍ୟ) ମଧ୍ୟ ଲୋକଙ୍କ ପ୍ରକୃତି ଅନୁସାରେ ତିନିପ୍ରକାର ହୁଏ, ଏବଂ ଯଜ୍ଞ, ତପ ଓ ଦାନ ମଧ୍ୟ ସେହିପରି ତିନି ପ୍ରକାରର ହୁଏ । ସେଗୁଡିକର ଏହି ପୃଥକ୍ ପୃଥକ୍ ବିଭାଗକୁ ତୁମେ ମୋଠାରୁ ଶୁଣ ।। ୧୭-୦୭ ।।)

**ଆୟୁଃସତ୍ତ୍ୱବଲାରୋଗ୍ୟସୁଖପ୍ରୀତିବିବର୍ଧନାଃ ।**
**ରସ୍ୟାଃ ସ୍ନିଗ୍ଧାଃ ସ୍ଥିରା ହୃଦ୍ୟା ଆହାରାଃ ସାତ୍ତ୍ୱିକପ୍ରିୟାଃ ।। ୧୭-୮।।**

(ଯେଉଁ ଖାଦ୍ୟ ଆୟୁ, ବୁଦ୍ଧି, ବଳ, ଆରୋଗ୍ୟ, ସୁଖ, ଓ ପ୍ରୀତିବର୍ଦ୍ଧନକାରୀ, ରସଯୁକ୍ତ, ସ୍ନିଗ୍ଧ ଏବଂ ସ୍ଥିର ରହେ, ତଥା ସ୍ୱଭାବତଃ ମନକୁ ପ୍ରିୟ ଲାଗେ, ସେହି ଖାଦ୍ୟ ସାତ୍ତ୍ୱିକ ମନୁଷ୍ୟମାନଙ୍କର ପ୍ରିୟ ।। ୧୭-୦୮ ।।)

**କଟ୍ୱମ୍ଳଲବଣାତ୍ୟୁଷ୍ଣତୀକ୍ଷ୍ଣରୂକ୍ଷବିଦାହିନଃ ।**
**ଆହାରା ରାଜସସ୍ୟେଷ୍ଟା ଦୁଃଖଶୋକାମୟପ୍ରଦାଃ ।। ୧୭-୯।।**

(ପିତା, ଖଟା, ଲୁଣିଆ, ଅତି ଉଷ୍ଣ, ରାଗ, ରୂକ୍ଷ, ଦାହାକାରକ ଏବଂ ଦୁଃଖ, ଚିନ୍ତା ତଥା ରୋଗ ଉତ୍ପନ୍ନକାରୀ ଖାଦ୍ୟ ରାଜସ ଲୋକଙ୍କର ପ୍ରିୟ ।। ୧୭-୦୯ ।।)

**ଯାତଯାମଂ ଗତରସଂ ପୂତି ପର୍ଯୁଷିତଂ ଚ ଯତ୍ ।**
**ଉଚ୍ଛିଷ୍ଟମପି ଚାମେଧ୍ୟଂ ଭୋଜନଂ ତାମସପ୍ରିୟମ୍ ।। ୧୭-୧୦।।**

(ଯେଉଁ ଖାଦ୍ୟ ଅର୍ଦ୍ଧସିଦ୍ଧ, ଅସ୍ୱାଦୁ, ଗନ୍ଧଯୁକ୍ତ, ବାସୀ ଓ ଅଇଁଠା ତଥା ଅପବିତ୍ର, ସେହି ଖାଦ୍ୟ ତାମସ ଲୋକର ପ୍ରିୟ ।। ୧୭-୧୦ ।।)

Not For Commercial Use

**ଅଫଲାକାଂକ୍ଷିଭିର୍ଯ୍ଜ୍ଞୋ ବିଧିଦୃଷ୍ଟୋ ୟ ଇଜ୍ୟତେ ।**
**ୟଷ୍ଟବ୍ୟମେବେତି ମନଃ ସମାଧାୟ ସ ସାତ୍ତ୍ୱିକଃ ।। ୧୭-୧୧।।**

(ଯେଉଁ ଯଜ୍ଞ ଶାସ୍ତ୍ରବିଧିରେ ନିୟତ, ଯାହା କରିବା ଉଚିତ ବୋଲି ମନକୁ ଦୃଢ ନିଶ୍ଚିତ କରି ଫଳକୁ ଇଛା କରୁ ନ ଥିବା ପୁରୁଷମାନଙ୍କ ଦ୍ୱାରା କରାଯାଏ, ତାହା ସାତ୍ତ୍ୱିକ ଯଜ୍ଞ ।। ୧୭-୧୧ ।।)

**ଅଭିସନ୍ଧାୟ ତୁ ଫଲଂ ଦମ୍ଭାର୍ଥମପି ଚୈବ ୟତ୍ ।**
**ଇଜ୍ୟତେ ଭରତଶ୍ରେଷ୍ଠ ତଂ ୟଜ୍ଞଂ ବିଦ୍ଧି ରାଜସମ୍ ।। ୧୭-୧୨।।**

(କିନ୍ତୁ ହେ ଅର୍ଜୁନ ! କେବଳ ଦମ୍ଭାଚରଣ ପାଇଁ ଅଥବା ଫଳପ୍ରାପ୍ତି ଉଦ୍ଦେଶ୍ୟ ରଖି ଯେଉଁ ଯଜ୍ଞ କରାଯାଏ, ସେହି ଯଜ୍ଞକୁ ତୁମେ ରାଜସ ବୋଲି ଜାଣ ।। ୧୭-୧୨ ।।)

**ବିଧିହୀନମସୃଷ୍ଟାନ୍ନଂ ମନ୍ତ୍ରହୀନମଦକ୍ଷିଣମ୍ ।**
**ଶ୍ରଦ୍ଧାବିରହିତଂ ୟଜ୍ଞଂ ତାମସଂ ପରିଚକ୍ଷତେ ।। ୧୭-୧୩।।**

(ବିନା ମନ୍ତ୍ରରେ, ବିନା ଦକ୍ଷିଣାରେ, ବିନା ଶ୍ରଦ୍ଧାରେ, ବିନା ଶାସ୍ତ୍ରବିଧିରେ ଓ ବିନା ଅନ୍ନଦାନରେ କରାଯାଉଥିବା ଯଜ୍ଞକୁ ତାମସ ଯଜ୍ଞ ବୋଲି କୁହାଯାଏ ।। ୧୭-୧୩ ।।)

**ଦେବଦ୍ୱିଜଗୁରୁପ୍ରାଜ୍ଞପୂଜନଂ ଶୌଚମାର୍ଜବମ୍ ।**
**ବ୍ରହ୍ମଚର୍ୟ୍ୟମହିଂସା ଚ ଶାରୀରଂ ତପ ଉଚ୍ୟତେ ।। ୧୭-୧୪।।**

(ଦେବତା, ବ୍ରାହ୍ମଣ, ଗୁରୁ ଏବଂ ଜ୍ଞାନୀ ମାନଙ୍କର ପୂଜନ, ପବିତ୍ରତା, ସରଳତା, ବ୍ରହ୍ମଚର୍ଯ୍ୟ ଏବଂ ଅହିଂସା - ଏହାକୁ ଶରୀରସମ୍ବନ୍ଧୀ ତପ କୁହାଯାଏ ।। ୧୭-୧୪ ।।)

**ଅନୁଦ୍ୱେଗକରଂ ବାକ୍ୟଂ ସତ୍ୟଂ ପ୍ରିୟହିତଂ ଚ ୟତ୍ ।**
**ସ୍ୱାଧ୍ୟାୟାଭ୍ୟସନଂ ଚୈବ ବାଙ୍ମୟଂ ତପ ଉଚ୍ୟତେ ।। ୧୭-୧୫।।**

(ଯାହା ଉଦ୍-ବେଗଜନକ ନୁହେଁ, ଯାହା ପ୍ରିୟ, ହିତକର ଏବଂ ଯଥାର୍ଥ ବଚନ, ତଥା ଯାହା ବେଦ-ଶାସ୍ତ୍ର ପଠନର ଏବଂ ପରମେଶ୍ୱରଙ୍କ ନାମ ଜପ କରିବାର ଅଭ୍ୟାସ, ତାହାକୁ ବାଣୀସମ୍ବନ୍ଧୀ ତପ କୁହାଯାଏ

Not For Commercial Use

**ମନଃ ପ୍ରସାଦଃ ସୌମ୍ୟତ୍ୱଂ ମୌନମାତ୍ମବିନିଗ୍ରହଃ ।**
**ଭାବସଂଶୁଦ୍ଧିରିତ୍ୟେତତ୍-ତପୋ ମାନସମୁଚ୍ୟତେ ।। ୧୭-୧୬।।**

(ମନର ପ୍ରସନ୍ନତା, ଶାନ୍ତଭାବ, ଭଗବତ ଚିନ୍ତନ କରିବାର ସ୍ୱଭାବ, ମନର ନିଗ୍ରହ ଏବଂ ଅନ୍ତଃକରଣସ୍ଥିତ ଭାବମାନଙ୍କର ପବିତ୍ରତା - ଏହାକୁ ମନସମ୍ବନ୍ଧୀ ତପ କୁହାଯାଏ ।। ୧୭-୧୬ ।।)

**ଶ୍ରଦ୍ଧୟା ପରୟା ତପ୍ତଂ ତପସ୍ତତ୍ତ୍ରିବିଧଂ ନରୈଃ ।**
**ଅଫଲାକାଂକ୍ଷିଭିର୍ଯୁକ୍ତୈଃ ସାତ୍ତ୍ୱିକଂ ପରିଚକ୍ଷତେ ।। ୧୭-୧୭।।**

(ଫଳ ଇଛା କରୁ ନ ଥିବା ଯୋଗୀପୁରୁଷମାନଙ୍କ ଦ୍ୱାରା ପରମ ଶ୍ରଦ୍ଧାର ସହିତ କରାଯାଉଥିବା ସେହି ପୂର୍ବୋକ୍ତ କାୟିକ, ବାଚିକ ଓ ମାନସିକ - ତିନିପ୍ରକାର ତପକୁ ସାତ୍ତ୍ୱିକ ତପ କହନ୍ତି ।। ୧୭-୧୭ ।।)

**ସତ୍କାରମାନପୂଜାର୍ଥଂ ତପୋ ଦମ୍ଭେନ ଚୈବ ଯତ୍ ।**
**କ୍ରିୟତେ ତଦିହ ପ୍ରୋକ୍ତଂ ରାଜସଂ ଚଲମଧ୍ରୁବମ୍ ।। ୧୭-୧୮।।**

(ଯେଉଁ ତପ ସତ୍କାର, ମାନ ଓ ପୂଜା ପାଇବା ପାଇଁ, ତଥା ଅନ୍ୟ କୌଣସି ସ୍ୱାର୍ଥସିଦ୍ଧି ପାଇଁ ସ୍ୱଭାବତଃ ବା ଦମ୍ଭପୂର୍ବକ କରାଯାଏ, ସେହି ଅନିଶ୍ଚିତ ଏବଂ କ୍ଷଣିକ ଫଳଦାୟୀ ତପକୁ ରାଜସ ତପ କୁହାଯାଏ ।। ୧୭-୧୮ ।।)

**ମୂଢଗ୍ରାହେଣାତ୍ମନୋ ଯତ୍-ପୀଡୟା କ୍ରିୟତେ ତପଃ ।**
**ପରସ୍ୟୋତ୍ସାଦନାର୍ଥଂ ବା ତତ୍ତାମସମୁଦାହୃତମ୍ ।। ୧୭-୧୯।।**

(ଯେଉଁ ତପ ମୂଢତାପୂର୍ବକ ଜିଦିଧରି ମନ, ବାଣୀ ଓ ଶରୀରର ପୀଡା ସହିତ କରାଯାଏ, ଅଥବା ଅନ୍ୟର ଅନିଷ୍ଟ କରିବା ନିମନ୍ତେ କରାଯାଏ, ସେହି ତପକୁ ତାମସ ତପ କୁହାଯାଏ ।। ୧୭-୧୯ ।।)

Not For Commercial Use

**ଦାତବ୍ୟମିତି ଯଦ୍ଦାନଂ ଦୀୟତେଽନୁପକାରିଣେ ।**
**ଦେଶେ କାଲେ ଚ ପାତ୍ରେ ଚ ତଦ୍ଦାନଂ ସାତ୍ତ୍ୱିକଂ ସ୍ମୃତମ୍ ।। ୧୭-୨୦।।**

(ଦାନ ଦେବା ହିଁ କର୍ତ୍ତବ୍ୟ - ଏପରି ଭାବ ରଖି ଯେଉଁ ଦାନ ଦେଶ, କାଳ ଓ ପାତ୍ର ପ୍ରାପ୍ତ ହେଲେ, ପତ୍ୟୁପକାର ଆଶା ନ ରଖି, ଅନୁପକାରୀକୁ ନିଃସ୍ୱାର୍ଥ ଭାବରେ ଦିଆଯାଏ, ସେହି ଦାନକୁ ସାତ୍ତ୍ୱିକ ଦାନ କହନ୍ତି ।। ୧୭-୨୦ ।।)

**ଯତ୍ତୁ ପ୍ରତ୍ୟୁପକାରାର୍ଥଂ ଫଲମୁଦ୍ଦିଶ୍ୟ ବା ପୁନଃ ।**
**ଦୀୟତେ ଚ ପରିକ୍ଲିଷ୍ଟଂ ତଦ୍ଦାନଂ ରାଜସଂ ସ୍ମୃତମ୍ ।। ୧୭-୨୧।।**

(କିନ୍ତୁ ଯେଉଁ ଦାନ କ୍ଳେଶପୂର୍ବକ ତଥା ପ୍ରତ୍ୟୁପକାର ପାଇବା ନିମନ୍ତେ, ଅଥବା ଫଳପ୍ରାପ୍ତି ଉଦ୍ଦେଶ୍ୟରେ ଦିଆଯାଏ, ସେହି ଦାନକୁ ରାଜସ ଦାନ କୁହାଯାଏ ।। ୧୭-୨୧ ।।)

**ଅଦେଶକାଲେ ଯଦ୍ଦାନମପାତ୍ରେଭ୍ୟଶ୍ଚ ଦୀୟତେ ।**
**ଅସତ୍-କୃତମବଜ୍ଞାତଂ ତତ୍ତାମସମୁଦାହୃତମ୍ ।। ୧୭-୨୨।।**

(ଯେଉଁ ଦାନ ବିନା ସତ୍କାରରେ ଅଥବା ତିରସ୍କାରପୂର୍ବକ ଅଯୋଗ୍ୟ ସ୍ଥାନ/ଦେଶ କାଳରେ ଏବଂ ଅପାତ୍ରମାନଙ୍କୁ ଦିଆଯାଏ, ସେହି ଦାନକୁ ତାମସ ଦାନ କୁହାଯାଏ ।। ୧୭-୨୨ ।।)

**ଓଁତତ୍-ସଦିତି ନିର୍ଦେଶୋ ବ୍ରହ୍ମଣସ୍ତ୍ରିବିଧଃ ସ୍ମୃତଃ ।**
**ବ୍ରାହ୍ମଣାସ୍ତେନ ବେଦାଶ୍ଚ ଯଜ୍ଞାଶ୍ଚ ବିହିତାଃ ପୁରା ।। ୧୭-୨୩।।**

(ଓଁ, ତତ୍, ସତ୍ - ବ୍ରହ୍ମଙ୍କର ଏହି ତିନି ପ୍ରକାର ନାମ କୁହାଯାଇଛି । ସୃଷ୍ଟିର ଆଦିକାଳରେ ବ୍ରାହ୍ମଣମାନେ ଏବଂ ବେଦମାନେ ତଥା ଯଜ୍ଞମାନେ ତାଙ୍କରି ଦ୍ୱାରା ରଚିତ ହୋଇଛନ୍ତି ।। ୧୭-୨୩ ।।)

Not For Commercial Use

**ତସ୍ମାଦୋମିତ୍ୟୁଦାହୃତ୍ୟ ଯଜ୍ଞଦାନତପଃକ୍ରିୟାଃ ।**
**ପ୍ରବର୍ତନ୍ତେ ବିଧାନୋକ୍ତାଃ ସତତଂ ବ୍ରହ୍ମବାଦିନାମ୍ ।। ୧୭-୨୪।।**

(ତେଣୁ ବେଦମନ୍ତ୍ର ଉଚ୍ଚାରଣ କରୁଥିବା ଶ୍ରେଷ୍ଠ ପୁରୁଷମାନଙ୍କର ଶାସ୍ତ୍ରବିଧି ଦ୍ୱାରା ନିୟତ ଯଜ୍ଞ, ଦାନ ଏବଂ ତପ ରୂପକ କ୍ରିୟାଗୁଡିକ ସର୍ବଦା ପରମାତ୍ମାଙ୍କର ଏହି ଓଁ ନାମ ଉଚ୍ଚାରଣ କରି ହିଁ ଆରମ୍ଭ ହୁଏ ।। ୧୭-୨୪ ।।)

**ତଦିତ୍ୟନଭିସନ୍ଧାୟ ଫଲଂ ଯଜ୍ଞତପଃକ୍ରିୟାଃ ।**
**ଦାନକ୍ରିୟାଶ୍ଚ ବିବିଧାଃ କ୍ରିୟନ୍ତେ ମୋକ୍ଷକାଂକ୍ଷିଭିଃ ।। ୧୭-୨୫।।**

(ଏହି ସବୁ 'ତତ୍' ନାମରେ କୁହାଯାଉଥିବା ପରମାତ୍ମାଙ୍କର ହିଁ ଅଟେ - ଏହି ଭାବରଖି କଲ୍ୟାଣକାମୀ ପୁରୁଷ ମାନଙ୍କ ଦ୍ୱାରା ଫଳ ଆକାଂକ୍ଷା ନ କରି ନାନାପ୍ରକାର ଯଜ୍ଞ, ତପ ଓ ଦାନରୂପୀ କ୍ରିୟା କରାଯାଏ ।। ୧୭-୨୫ ।।)

**ସଦ୍-ଭାବେ ସାଧୁଭାବେ ଚ ସଦିତ୍ୟେତତ୍-ପ୍ରଯୁଜ୍ୟତେ ।**
**ପ୍ରଶସ୍ତେ କର୍ମଣି ତଥା ସଚ୍ଛବ୍ଦଃ ପାର୍ଥ ଯୁଜ୍ୟତେ ।। ୧୭-୨୬।।**

(ପରମାତ୍ମାଙ୍କର ଏହି 'ସତ୍' ନାମ ସତ୍ୟଭାବରେ ଏବଂ ଶ୍ରେଷ୍ଠଭାବରେ ପ୍ରୟୋଗ କରାଯାଏ, ତଥା ହେ ପାର୍ଥ ! ଉତ୍ତମ କର୍ମରେ ମଧ୍ୟ 'ସତ୍' ଶବ୍ଦ ପ୍ରୟୋଗ କରାଯାଏ ।। ୧୭-୨୬ ।।)

**ଯଜ୍ଞେ ତପସି ଦାନେ ଚ ସ୍ଥିତିଃ ସଦିତି ଚୋଚ୍ୟତେ ।**
**କର୍ମ ଚୈବ ତଦର୍ଥୀୟଂ ସଦିତ୍ୟେବାଭିଧୀୟତେ ।। ୧୭-୨୭।।**

(ତଥା ଯଜ୍ଞ, ତପ ଏବଂ ଦାନରେ ଯେଉଁ ସ୍ଥିତି ଥାଏ, ତାହାକୁ ମଧ୍ୟ ସତ୍ ବୋଲି କୁହାଯାଏ ଏବଂ ସେହି ପରମାତ୍ମାଙ୍କ ପାଇଁ କରାଯାଉଥିବା କର୍ମକୁ ନିଶ୍ଚିତରୂପେ 'ସତ୍' ବୋଲି କୁହାଯାଏ ।। ୧୭-୨୭ ।।)

Not For Commercial Use

**ଅଶ୍ରଦ୍ଧୟା ହୁତଂ ଦତ୍ତଂ ତପସ୍ତପ୍ତଂ କୃତଂ ଚ ଯତ୍ ।**
**ଅସଦିତ୍ୟୁଚ୍ୟତେ ପାର୍ଥ ନ ଚ ତତ୍-ପ୍ରେତ୍ୟ ନୋ ଇହ ।। ୧୭-୨୮।।**

(ହେ ଅର୍ଜୁନ ! ବିନା ଶ୍ରଦ୍ଧାରେ କରାଯାଉଥିବା ହୋମ, ଦିଆଯାଉଥିବା ଦାନ, କରାଯାଉଥିବା ତପ ଏବଂ ଅନ୍ୟାନ୍ୟ ଶୁଭକର୍ମକୁ 'ଅସତ୍' ବୋଲି କୁହାଯାଏ; ତେଣୁ ତାହା ଇହଲୋକରେ ଲାଭଦାୟକ ନୁହେଁ, କି ମରିବା ପରେ ମଧ୍ୟ ଲାଭଦାୟକ ନୁହେଁ ।। ୧୭-୨୮ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ଶ୍ରଦ୍ଧାତ୍ରୟବିଭାଗଯୋଗୋ ନାମ ସପ୍ତଦଶୋଽଧ୍ୟାୟଃ ।। ୧୭।।**

Not For Commercial Use

# ଅଷ୍ଟାଦଶ ଅଧ୍ୟାୟ

(Chapter – 18)

## ମୋକ୍ଷସଂନ୍ୟାସଯୋଗ

# ଶ୍ରୀମଦ୍ ଭଗବଦ୍ ଗୀତା

## ।। ଅଷ୍ଟାଦଶୋଽଧ୍ୟାୟଃ ।।

।। ଅଥାଷ୍ଟାଦଶୋଽଧ୍ୟାୟଃ । ମୋକ୍ଷସଂନ୍ୟାସଯୋଗଃ ।।

। ଅର୍ଜୁନ ଉବାଚ ।

**ସଂନ୍ୟାସସ୍ୟ ମହାବାହୋ ତତ୍ତ୍ୱମିଚ୍ଛାମି ବେଦିତୁମ୍ ।**
**ତ୍ୟାଗସ୍ୟ ଚ ହୃଷୀକେଶ ପୃଥକ୍-କେଶିନିଷୂଦନ ।। ୧୮-୧।।**

(ଅର୍ଜୁନ କହିଲେ - ହେ ମହାବାହୁ ! ହେ ଅନ୍ତର୍ଯାମୀ ! ହେ ବାସୁଦେବ ! ମୁଁ ସନ୍ନ୍ୟାସ ଏବଂ ତ୍ୟାଗର ତତ୍ତ୍ୱ ପୃଥକ୍ ପୃଥକ୍ ଭାବରେ ଜାଣିବାକୁ ଇଚ୍ଛା କରୁଛି ।। ୧୮-୦୧ ।।)

। ଶ୍ରୀଭଗବାନୁବାଚ ।

**କାମ୍ୟାନାଂ କର୍ମଣାଂ ନ୍ୟାସଂ ସଂନ୍ୟାସଂ କବୟୋ ବିଦୁଃ ।**
**ସର୍ବକର୍ମଫଲତ୍ୟାଗଂ ପ୍ରାହୁସ୍ତ୍ୟାଗଂ ବିଚକ୍ଷଣାଃ ।। ୧୮-୨।।**

(ଶ୍ରୀଭଗବାନ କହିଲେ - କେତେକ ପଣ୍ଡିତ କାମ୍ୟକର୍ମମାନଙ୍କର ତ୍ୟାଗକୁ ସନ୍ନ୍ୟାସ ବୋଲି ବୁଝନ୍ତି, ଏବଂ ଅନ୍ୟ ବିଚାରକୁଶଳ ପୁରୁଷମାନେ ସକଳ କର୍ମର ଫଳତ୍ୟାଗକୁ ତ୍ୟାଗ ବୋଲି କହନ୍ତି ।। ୧୮-୦୨।।)

**ତ୍ୟାଜ୍ୟଂ ଦୋଷବଦିତ୍ୟେକେ କର୍ମ ପ୍ରାହୁର୍ମନୀଷିଣଃ ।**
**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟମିତି ଚାପରେ ।। ୧୮-୩।।**

(କେହି କେହି ବିଦ୍ୱାନ କହନ୍ତି ଯେ, କର୍ମ ମାତ୍ରକେ ଦୋଷଯୁକ୍ତ; ତେଣୁ ତାହା ତ୍ୟାଗ କରିବା ଉଚିତ, ଏବଂ ଅନ୍ୟ ବିଦ୍ୱାନମାନେ କହନ୍ତି ଯେ, ଯଜ୍ଞ, ଦାନ ଓ ତପରୂପକ କର୍ମ ତ୍ୟାଗ କରିବା ଉଚିତ ନୁହେଁ ।। ୧୮-୦୩ ।।)

Not For Commercial Use

**ନିଶ୍ଚୟଂ ଶୃଣୁ ମେ ତତ୍ର ତ୍ୟାଗେ ଭରତସତ୍ତମ ।**
**ତ୍ୟାଗୋ ହି ପୁରୁଷବ୍ୟାଘ୍ର ତ୍ରିବିଧଃ ସମ୍ପ୍ରକୀର୍ତିତଃ ।। ୧୮-୪।।**

(ହେ ପୁରୁଷଶ୍ରେଷ୍ଠ ଅର୍ଜୁନ ! ସନ୍ନ୍ୟାସ ଓ ତ୍ୟାଗ - ଏହି ଦୁଇଟି ମଧ୍ୟରୁ ପ୍ରଥମେ ତ୍ୟାଗ ବିଷୟରେ ତୁମେ ମୋର ନିଶ୍ଚିତ ମତ ଶୁଣ । ତ୍ୟାଗ ସାତ୍ତ୍ୱିକ, ରାଜସ ଓ ତାମସ ଭେଦରେ ତିନିପ୍ରକାର ବୋଲି କୁହାଯାଇଛି ।। ୧୮-୦୪ ।।)

**ଯଜ୍ଞଦାନତପଃକର୍ମ ନ ତ୍ୟାଜ୍ୟଂ କାର୍ଯ୍ୟମେବ ତତ୍ ।**
**ଯଜ୍ଞୋ ଦାନଂ ତପଶ୍ଚୈବ ପାବନାନି ମନୀଷିଣାମ୍ ।। ୧୮-୫।।**

(ଯଜ୍ଞ, ଦାନ ଓ ତପରୂପକ କର୍ମ ତ୍ୟାଗ କରିବା ଉଚିତ ନୁହେଁ; ବରଂ ତାହା ଅବଶ୍ୟ କରଣୀୟ; କାରଣ ଯଜ୍ଞ, ଦାନ ଓ ତପ - ଏହି ତିନୋଟି କର୍ମ ବୁଦ୍ଧିମାନ ପୁରୁଷମାନଙ୍କୁ ପବିତ୍ର କରେ ।। ୧୮-୦୫ ।।)

**ଏତାନ୍ୟପି ତୁ କର୍ମାଣି ସଙ୍ଗଂ ତ୍ୟକ୍ତ୍ୱା ଫଲାନି ଚ ।**
**କର୍ତବ୍ୟାନୀତି ମେ ପାର୍ଥ ନିଶ୍ଚିତଂ ମତମୁତ୍ତମମ୍ ।। ୧୮-୬।।**

(ତେଣୁ ହେ ପାର୍ଥ ! ଆସକ୍ତି ଓ ଫଳ ତ୍ୟାଗ କରି ଏହି ଯଜ୍ଞ, ଦାନ, ଏବଂ ତପରୂପକ କର୍ମ ତଥା ଅନ୍ୟ ସକଳ କର୍ତ୍ତବ୍ୟକର୍ମ ଅବଶ୍ୟ କରିବା ଉଚିତ । ଏହା ହେଉଛି ମୋର ନିଶ୍ଚୟ କରାଯାଇଥିବା ଉତ୍ତମ ମତ ।। ୧୮-୦୬ ।।)

**ନିୟତସ୍ୟ ତୁ ସଂନ୍ୟାସଃ କର୍ମଣୋ ନୋପପଦ୍ୟତେ ।**
**ମୋହାତ୍ତସ୍ୟ ପରିତ୍ୟାଗସ୍ତାମସଃ ପରିକୀର୍ତିତଃ ।। ୧୮-୭।।**

(ନିୟତ କର୍ମ ଅର୍ଥାତ ବିଧି ଅନୁସାରେ କର୍ମ ତ୍ୟାଗ କରିବା ଉଚିତ ନୁହେଁ । ମୋହବଶତଃ ଅଥବା ଅଜ୍ଞାନବଶତଃ ତାହା ତ୍ୟାଗ କରିଦେବାକୁ ତାମସ ତ୍ୟାଗ କୁହାଯାଏ ।। ୧୮-୦୭ ।।)

Not For Commercial Use

**ଦୁଃଖମିତ୍ୟେବ ଯତ୍-କର୍ମ କାୟକ୍ଲେଶଭୟାତ୍-ତ୍ୟଜେତ୍ ।**
**ସ କୃତ୍ୱା ରାଜସଂ ତ୍ୟାଗଂ ନୈବ ତ୍ୟାଗଫଲଂ ଲଭେତ୍ ।। ୧୮-୮।।**

(ଯାହାକିଛି କର୍ମ ଅଛି, ସେସବୁ ଦୁଃଖରୂପ ଅଟେ - ଏହିପରି ବୁଝି ଯଦି କେହି ଶାରୀରିକ-କ୍ଲେଶ ଭୟରେ କର୍ତ୍ତବ୍ୟକର୍ମ ତ୍ୟାଗ କରିଦିଏ; ସେ ଏହିପରି ରାଜସ ତ୍ୟାଗ କରି କୌଣସି ପ୍ରକାରେ ତ୍ୟାଗର ଫଳ ପାଏ ନାହିଁ ।। ୧୮-୦୮ ।।)

**କାର୍ଯ୍ୟମିତ୍ୟେବ ଯତ୍-କର୍ମ ନିୟତଂ କ୍ରିୟତେଽର୍ଜୁନ ।**
**ସଙ୍ଗଂ ତ୍ୟକ୍ତ୍ୱା ଫଲଂ ଚୈବ ସ ତ୍ୟାଗଃ ସାତ୍ତ୍ୱିକୋ ମତଃ ।। ୧୮-୯।।**

(ହେ ଅର୍ଜୁନ ! ଶାସ୍ତ୍ରବିହିତ କର୍ମ କରିବା ହିଁ କର୍ତ୍ତବ୍ୟ ବୋଲି ଭାବି ଆସକ୍ତି ଓ ଫଳ ତ୍ୟାଗ ପୂର୍ବକ ଯେଉଁ କର୍ମ କରାଯାଏ, ତାହା ସାତ୍ତ୍ୱିକ ତ୍ୟାଗ ବୋଲି ଗୃହୀତ ହୁଏ ।। ୧୮-୦୯ ।।)

**ନ ଦ୍ୱେଷ୍ଟ୍ୟକୁଶଲଂ କର୍ମ କୁଶଲେ ନାନୁଷଜ୍ଜତେ ।**
**ତ୍ୟାଗୀ ସତ୍ତ୍ୱସମାବିଷ୍ଟୋ ମେଧାବୀ ଛିନ୍ନସଂଶୟଃ ।। ୧୮-୧୦।।**

(ଯେଉଁ ମନୁଷ୍ୟ ଅକୁଶଳ କର୍ମରେ ଦ୍ୱେଷ କରନ୍ତି ନାହିଁ, କି କୁଶଳ କର୍ମରେ ଆସକ୍ତ ହୁଅନ୍ତି ନାହିଁ, ସେହି ଶୁଦ୍ଧସତ୍ତ୍ୱଗୁଣ ପୁରୁଷ ସଂଶୟମୁକ୍ତ, ବୁଦ୍ଧିମାନ ଓ ପ୍ରକୃତ ତ୍ୟାଗୀ ଅଟେ ।। ୧୮-୧୦ ।।)

**ନ ହି ଦେହଭୃତା ଶକ୍ୟଂ ତ୍ୟକ୍ତୁଂ କର୍ମାଣ୍ୟଶେଷତଃ ।**
**ଯସ୍ତୁ କର୍ମଫଲତ୍ୟାଗୀ ସ ତ୍ୟାଗୀତ୍ୟଭିଧୀୟତେ ।। ୧୮-୧୧।।**

(କାରଣ ଶରୀରଧାରୀ କୌଣସି ବି ମନୁଷ୍ୟ ସଂପୂର୍ଣ୍ଣରୂପେ ସକଳ କର୍ମ ତ୍ୟାଗ କରିବାକୁ ସକ୍ଷମ ନୁହେଁ; ତେଣୁ ଯେ କର୍ମଫଳତ୍ୟାଗୀ, ତାଙ୍କୁ ହିଁ ତ୍ୟାଗୀ ବୋଲି କୁହାଯାଏ ।। ୧୮-୧୧ ।।)

Not For Commercial Use

**ଅନିଷ୍ଟମିଷ୍ଟଂ ମିଶ୍ରଂ ଚ ତ୍ରିବିଧଂ କର୍ମଣଃ ଫଲମ୍ ।**
**ଭବତ୍ୟତ୍ୟାଗିନାଂ ପ୍ରେତ୍ୟ ନ ତୁ ସଂନ୍ୟାସିନାଂ କ୍ୱଚିତ୍ ।। ୧୮-୧୨।।**

(କର୍ମଫଳ ତ୍ୟାଗ କରି ନ ଥିବା ମନୁଷ୍ୟମାନଙ୍କର କର୍ମର ଭଲ, ମନ୍ଦ ଓ ମିଶ୍ରିତ - ଏହିପରି ତିନି ପ୍ରକାର ଫଳ ମୃତ୍ୟୁପରେ ଅବଶ୍ୟ ହୁଏ; କିନ୍ତୁ କର୍ମଫଳ ତ୍ୟାଗ କରିଦେଇଥିବା ମନୁଷ୍ୟମାନଙ୍କ କର୍ମର ଫଳ କୌଣସି କାଳରେ ମଧ୍ୟ ହୁଏ ନାହିଁ ।। ୧୮-୧୨ ।।)

**ପଞ୍ଚୈତାନି ମହାବାହୋ କାରଣାନି ନିବୋଧ ମେ ।**
**ସାଙ୍ଖ୍ୟେ କୃତାନ୍ତେ ପ୍ରୋକ୍ତାନି ସିଦ୍ଧୟେ ସର୍ବକର୍ମଣାମ୍ ।। ୧୮-୧୩।।**

(ହେ ମହାବାହୁ ! କର୍ମମାନଙ୍କୁ ଅନ୍ତ କରିବାର ଉପାୟ କହୁଥିବା ସାଂଖ୍ୟଶାସ୍ତ୍ରରେ ସକଳ କର୍ମର ସିଦ୍ଧି ପାଇଁ ପାଞ୍ଚଟି କାରଣ କୁହାଯାଇଛି; ସେଗୁଡିକ ତୁମେ ମୋଠାରୁ ଭଲଭାବରେ ଜାଣିନିଅ ।। ୧୮-୧୩ ।।)

**ଅଧିଷ୍ଠାନଂ ତଥା କର୍ତା କରଣଂ ଚ ପୃଥଗ୍-ବିଧମ୍ ।**
**ବିବିଧାଶ୍ଚ ପୃଥକ୍-ଚେଷ୍ଟା ଦୈବଂ ଚୈବାତ୍ର ପଞ୍ଚମମ୍ ।। ୧୮-୧୪।।**

(ଏହି ବିଷୟରେ ଅର୍ଥାତ କର୍ମମାନଙ୍କ ସିଦ୍ଧିରେ ଅଧିଷ୍ଠାନ, କର୍ତ୍ତା, ବିଭିନ୍ନପ୍ରକାର କରଣ, ନାନାପ୍ରକାର ଚେଷ୍ଟା ଏବଂ ପଞ୍ଚମଟି ଦୈବ ଅଟେ ।। ୧୮-୧୪ ।।)

**ଶରୀରବାଙ୍ମନୋଭିର୍ଯତ୍-କର୍ମ ପ୍ରାରଭତେ ନରଃ ।**
**ନ୍ୟାଯ୍ୟଂ ବା ବିପରୀତଂ ବା ପଞ୍ଚୈତେ ତସ୍ୟ ହେତବଃ ।। ୧୮-୧୫।।**

(ମନୁଷ୍ୟ ମନ, ବାଣୀ ଓ ଶରୀର ଦ୍ୱାରା ଶାସ୍ତ୍ରାନୁକୁଳ ଅଥବା ବିପରିତ, ଯାହା କିଛି ବି କର୍ମ କରେ, ଏହି ପାଞ୍ଚଟି ହିଁ ତାହାର କାରଣ ଅଟନ୍ତି ।। ୧୮-୧୫ ।।)

Not For Commercial Use

**ତତ୍ରୈବଂ ସତି କର୍ତାରମାତ୍ମାନଂ କେବଲଂ ତୁ ଯଃ ।**
**ପଶ୍ୟତ୍ୟକୃତବୁଦ୍ଧିତ୍ୱାନ୍ନ ସ ପଶ୍ୟତି ଦୁର୍ମତିଃ ।। ୧୮-୧୬।।**

(ପରନ୍ତୁ ଏପରି ହୋଇଥିଲେ ମଧ୍ୟ ଯେଉଁ ମନୁଷ୍ୟ ଅଶୁଦ୍ଧବୁଦ୍ଧି ହେତୁ ସେହି କର୍ମମାନଙ୍କ ହେବାରେ ଶୁଦ୍ଧସ୍ୱରୂପ ଆତ୍ମାକୁ କର୍ତ୍ତା ବୋଲି ବୁଝେ, ସେହି ମଳିନବୁଦ୍ଧିଯୁକ୍ତ ଅଜ୍ଞାନୀ ମନୁଷ୍ୟ ଯଥାର୍ଥ ବୁଝେ ନାହିଁ ।। ୧୮-୧୬ ।।)

**ଯସ୍ୟ ନାହଂକୃତୋ ଭାବୋ ବୁଦ୍ଧିର୍ଯସ୍ୟ ନ ଲିପ୍ୟତେ ।**
**ହତ୍ୱାଽପି ସ ଇମାଁଲ୍ଲୋକାନ୍ନ ହନ୍ତି ନ ନିବଧ୍ୟତେ ।। ୧୮-୧୭।।**

(ଯେଉଁ ପୁରୁଷଙ୍କ ମନରେ ମୁଁ କର୍ତ୍ତା ବୋଲି ଭାବ ନାହିଁ, ତଥା ଯାହାଙ୍କ ବୁଦ୍ଧି ସାଂସାରିକ ପଦାର୍ଥରେ ଓ କର୍ମରେ ଲିପ୍ତ ହୁଏ ନାହିଁ, ସେହି ପୁରୁଷ ଏହିସବୁ ଲୋକଙ୍କୁ ମାରିଦେଲେ ମଧ୍ୟ, ବାସ୍ତବରେ ମାରନ୍ତି ନାହିଁ, କି ପାପରେ ବାନ୍ଧି ହୁଅନ୍ତି ନାହିଁ ।। ୧୮-୧୭ ।।)

**ଜ୍ଞାନଂ ଜ୍ଞେୟଂ ପରିଜ୍ଞାତା ତ୍ରିବିଧା କର୍ମଚୋଦନା ।**
**କରଣଂ କର୍ମ କର୍ତେତି ତ୍ରିବିଧଃ କର୍ମସଂଗ୍ରହଃ ।। ୧୮-୧୮।।**

(ଜ୍ଞାତା, ଜ୍ଞାନ ଓ ଜ୍ଞେୟ - ଏହା ହେଉଛି ତ୍ରିବିଧ କର୍ମ-ପ୍ରେରଣା ଏବଂ କର୍ତ୍ତା, କରଣ ଓ କ୍ରିୟା - ଏହା ହେଉଛି ତ୍ରିବିଧ କର୍ମ-ସଂଗ୍ରହ ।। ୧୮-୧୮ ।।)

**ଜ୍ଞାନଂ କର୍ମ ଚ କର୍ତା ଚ ତ୍ରିଧୈବ ଗୁଣଭେଦତଃ ।**
**ପ୍ରୋଚ୍ୟତେ ଗୁଣସଙ୍ଖ୍ୟାନେ ଯଥାବଚ୍ଛୃଣୁ ତାନ୍ୟପି ।। ୧୮-୧୯।।**

(ଗୁଣମାନଙ୍କ ସଂଖ୍ୟା ନିରୁପଣ କରୁଥିବା ଶାସ୍ତ୍ରରେ ଜ୍ଞାନ, କର୍ମ ଏବଂ କର୍ତ୍ତା - ଗୁଣଭେଦରେ ତିନି ପ୍ରକାରର ବୋଲି କୁହାଯାଇଛି; ତାହା ମଧ୍ୟ ତୁମେ ମୋଠାରୁ ଭଲଭାବରେ ଶୁଣ ।। ୧୮-୧୯ ।।)

Not For Commercial Use

**ସର୍ବଭୂତେଷୁ ଯେନୈକଂ ଭାବମବ୍ୟୟମୀକ୍ଷତେ ।**
**ଅବିଭକ୍ତଂ ବିଭକ୍ତେଷୁ ତଜ୍ଜ୍ଞାନଂ ବିଦ୍ଧି ସାତ୍ତ୍ୱିକମ୍ ।। ୧୮-୨୦।।**

(ଯେଉଁ ଜ୍ଞାନ ଦ୍ୱାରା ମନୁଷ୍ୟ ପୃଥକ୍ ପୃଥକ୍ ସକଳ ପ୍ରାଣୀଙ୍କ ଠାରେ ଏକ ଅବିନାଶୀ ପରମାତ୍ମାଭାବକୁ ଅବିଭକ୍ତ ହୋଇ ସମଭାବରେ ରହିଥିବାର ଦେଖେ, ସେହି ଜ୍ଞାନକୁ ତୁମେ ସାତ୍ତ୍ୱିକ ବୋଲି ଜାଣ ।। ୧୮-୨୦ ।।)

**ପୃଥକ୍ତ୍ୱେନ ତୁ ଯଜ୍ଜ୍ଞାନଂ ନାନାଭାବାନ୍ପୃଥଗ୍‌ବିଧାନ୍ ।**
**ବେତ୍ତି ସର୍ବେଷୁ ଭୂତେଷୁ ତଜ୍ଜ୍ଞାନଂ ବିଦ୍ଧି ରାଜସମ୍ ।। ୧୮-୨୧।।**

(କିନ୍ତୁ ଯେଉଁ ଜ୍ଞାନ ଦ୍ୱାରା ମନୁଷ୍ୟ ସକଳ ଭୂତଙ୍କ ଠାରେ ଭିନ୍ନ ଭିନ୍ନ ପ୍ରକାରର ନାନା ଭାବକୁ ଭିନ୍ନ ଭିନ୍ନ ବୋଲି ବୁଝେ, ସେହି ଜ୍ଞାନକୁ ତୁମେ ରାଜସ ବୋଲି ଜାଣ ।। ୧୮-୨୧ ।।)

**ଯତ୍ତୁ କୃତ୍ସ୍ନବଦେକସ୍ମିନ୍‌-କାର୍ଯ୍ୟେ ସକ୍ତମହୈତୁକମ୍ ।**
**ଅତତ୍ତ୍ୱାର୍ଥବଦଲ୍‌ପଂ ଚ ତତ୍ତାମସମୁଦାହୃତମ୍ ।। ୧୮-୨୨।।**

(ଯେଉଁ ଜ୍ଞାନ ଦ୍ୱାରା ମନୁଷ୍ୟ ଏକମାତ୍ର କାର୍ଯ୍ୟରୂପେ ଶରୀରରେ ହିଁ ସଂପୂର୍ଣ୍ଣରୂପେ ଆସକ୍ତ ହୋଇଥାଏ ଏବଂ ଯାହା ଅଯୌକ୍ତିକ, ତାତ୍ତ୍ୱିକ ଅର୍ଥରୁ ଦୂରରେ ତଥା ତୁଚ୍ଛ, ତାହାକୁ ତାମସ ବୋଲି କୁହାଯାଏ ।। ୧୮-୨୨ ।।)

**ନିୟତଂ ସଙ୍ଗରହିତମରାଗଦ୍ୱେଷତଃ କୃତମ୍ ।**
**ଅଫଲପ୍ରେପ୍ସୁନା କର୍ମ ଯତ୍ତତ୍-ସାତ୍ତ୍ୱିକମୁଚ୍ୟତେ ।। ୧୮-୨୩।।**

(ଯେଉଁ କର୍ମ ଶାସ୍ତ୍ରବିଧି ଦ୍ୱାରା ନିୟତ ଏବଂ କର୍ତ୍ତାପଣର ଅଭିମାନରୁ ମୁକ୍ତ ହୋଇ ଫଳ ଇଚ୍ଛା କରୁ ନ ଥିବା ପୁରୁଷଙ୍କ ଦ୍ୱାରା ବିନା ରାଗ-ଦ୍ୱେଷରେ କରାଯାଏ, ତାହାକୁ ସାତ୍ତ୍ୱିକ କର୍ମ କୁହାଯାଏ ।। ୧୮-୨୩ ।।)

Not For Commercial Use

**ଯତ୍ତୁ କାମେପ୍ସୁନା କର୍ମ ସାହଂକାରେଣ ବା ପୁନଃ ।**
**କ୍ରିୟତେ ବହୁଲାୟାସଂ ତଦ୍ରାଜସମୁଦାହୃତମ୍ ।। ୧୮-୨୪।।**

(ପରନ୍ତୁ ଯେଉଁ କର୍ମ ପରିଶ୍ରମ ବହୁଳ ହୋଇଥାଏ ତଥା ଭୋଗ ଇଚ୍ଛା କରୁଥିବା ପୁରୁଷ ଦ୍ୱାରା ବା ଅହଂକାରଯୁକ୍ତ ପୁରୁଷ ଦ୍ୱାରା କରାଯାଏ, ସେହି କର୍ମକୁ ରାଜସ କର୍ମ କୁହାଯାଏ ।। ୧୮-୨୪ ।।)

**ଅନୁବନ୍ଧଂ କ୍ଷୟଂ ହିଂସାମନପେକ୍ଷ୍ୟ ଚ ପୌରୁଷମ୍ ।**
**ମୋହାଦାରଭ୍ୟତେ କର୍ମ ଯତ୍ତତ୍ତାମସମୁଚ୍ୟତେ ।। ୧୮-୨୫।।**

(ଯେଉଁ କର୍ମ ପରିଣାମ, କ୍ଷତି, ହିଂସା ଓ ସାମର୍ଥର ବିଚାର ନ କରି କେବଳ ଅଜ୍ଞାନ ବଶତଃ ଆରମ୍ଭ କରାଯାଏ, ତାହା ତାମସ ବୋଲି କୁହାଯାଏ ।। ୧୮-୨୫ ।।)

**ମୁକ୍ତସଙ୍ଗୋଽନହଂବାଦୀ ଧୃତ୍ୟୁତ୍-ସାହସମନ୍ୱିତଃ ।**
**ସିଦ୍ଧ୍ୟସିଦ୍ଧ୍ୟୋର୍ନିର୍ବିକାରଃ କର୍ତା ସାତ୍ତ୍ୱିକ ଉଚ୍ୟତେ ।। ୧୮-୨୬।।**

(ଯେଉଁ କର୍ତ୍ତା ସଙ୍ଗମୁକ୍ତ ବା ଆସକ୍ତିମୁକ୍ତ, ଯିଏ ଅହଂକାରଯୁକ୍ତ କଥା କହନ୍ତି ନାହିଁ, ଧୈର୍ଯ୍ୟ ଓ ଉତ୍ସାହଯୁକ୍ତ ଅଟନ୍ତି, ତଥା କାର୍ଯ୍ୟର ସିଦ୍ଧି ଓ ଅସିଦ୍ଧିରେ ହର୍ଷଶୋକାଦି ବିକାରରୁ ମୁକ୍ତ, ସିଏ ସାତ୍ତ୍ୱିକ କୁହାଯାଆନ୍ତି ।। ୧୮-୨୬ ।।)

**ରାଗୀ କର୍ମଫଲପ୍ରେପ୍ସୁର୍ଲୁବ୍ଧୋ ହିଂସାତ୍ମକୋଽଶୁଚିଃ ।**
**ହର୍ଷଶୋକାନ୍ୱିତଃ କର୍ତା ରାଜସଃ ପରିକୀର୍ତିତଃ ।। ୧୮-୨୭।।**

(ଯେଉଁ କର୍ତ୍ତା ଆସକ୍ତିଯୁକ୍ତ, ଯିଏ କର୍ମଫଳ ଇଚ୍ଛା କରେ, ଯିଏ ଲୋଭୀ ତଥା ଅନ୍ୟକୁ କଷ୍ଟ ଦିଏ, ଯିଏ ଅଶୁଦ୍ଧାଚାରୀ ଓ ହର୍ଷଶୋକରେ ଲିପ୍ତ ରହେ, ତାକୁ ରାଜସ କର୍ତ୍ତା କୁହାଯାଏ ।। ୧୮-୨୭ ।।)

Not For Commercial Use

**ଅୟୁକ୍ତଃ ପ୍ରାକୃତଃ ସ୍ତବ୍ଧଃ ଶଠୋ ନୈଷ୍କୃତିକୋଽଲସଃ ।**
**ବିଷାଦୀ ଦୀର୍ଘସୂତ୍ରୀ ଚ କର୍ତା ତାମସ ଉଚ୍ୟତେ ।। ୧୮-୨୮।।**

(ଯେଉଁ କର୍ତ୍ତା ଅଯୁକ୍ତ, ଅଶିକ୍ଷିତ, ଅଭିମାନୀ, ଧୂର୍ତ୍ତ, ପରଜୀବିକା ନାଶକାରୀ ତଥା ବିଶାଦଗ୍ରସ୍ତ, ଆଳସ୍ୟ ପରାୟଣ ଓ ଦୀର୍ଘସୂତ୍ରୀ, ତାକୁ ତାମସ କୁହାଯାଏ ।। ୧୮-୨୮ ।।)

**ବୁଦ୍ଧେର୍ଭେଦଂ ଧୃତେଶ୍ଚୈବ ଗୁଣତସ୍ତ୍ରିବିଧଂ ଶୃଣୁ ।**
**ପ୍ରୋଚ୍ୟମାନମଶେଷେଣ ପୃଥକ୍ତ୍ୱେନ ଧନଂଜୟ ।। ୧୮-୨୯।।**

(ହେ ଧନଂଜୟ ! ବୁଦ୍ଧି ଓ ଧୃତି [ଧାରଣଶକ୍ତି] ମଧ୍ୟ ଗୁଣ ଅନୁସାରେ ତିନି ପ୍ରକାର; ତାହା ମୁଁ ସଂପୂର୍ଣ୍ଣ ଭାବରେ ବିଭାଗପୂର୍ବକ କହୁଛି; ତୁମେ ଶୁଣ ।। ୧୮-୨୯ ।।)

**ପ୍ରବୃତ୍ତିଂ ଚ ନିବୃତ୍ତିଂ ଚ କାର୍ୟାକାର୍ୟେ ଭୟାଭୟେ ।**
**ବନ୍ଧଂ ମୋକ୍ଷଂ ଚ ୟା ବେତ୍ତି ବୁଦ୍ଧିଃ ସା ପାର୍ଥ ସାତ୍ତ୍ୱିକୀ ।। ୧୮-୩୦।।**

(ହେ ପାର୍ଥ ! ଯେଉଁ ବୁଦ୍ଧି ପ୍ରବୃତ୍ତିମାର୍ଗ ଓ ନିବୃତ୍ତିମାର୍ଗକୁ, କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ, ଭୟ ଓ ଅଭୟକୁ, ତଥା ବନ୍ଧନ ଓ ମୋକ୍ଷକୁ ଯଥାର୍ଥରୂପେ ଜାଣେ, ସେହି ବୁଦ୍ଧି ସାତ୍ତ୍ୱିକୀ ଅଟେ ।। ୧୮-୩୦ ।।)

**ୟୟା ଧର୍ମମଧର୍ମଂ ଚ କାର୍ୟଂ ଚାକାର୍ୟମେବ ଚ ।**
**ଅୟଥାବତ୍-ପ୍ରଜାନାତି ବୁଦ୍ଧିଃ ସା ପାର୍ଥ ରାଜସୀ ।। ୧୮-୩୧।।**

(ହେ ପାର୍ଥ ! ମନୁଷ୍ୟ ଯେଉଁ ବୁଦ୍ଧି ଦ୍ୱାରା ଧର୍ମ ଓ ଅଧର୍ମକୁ ତଥା କର୍ତ୍ତବ୍ୟ ଓ ଅକର୍ତ୍ତବ୍ୟକୁ ବି ଯଥାର୍ଥରୂପେ ଜାଣେ ନାହିଁ, ସେହି ବୁଦ୍ଧି ରାଜସୀ ଅଟେ ।। ୧୮-୩୧ ।।)

**ଅଧର୍ମଂ ଧର୍ମମିତି ୟା ମନ୍ୟତେ ତମସାବୃତା ।**
**ସର୍ବାର୍ଥାନ୍-ବିପରୀତାଂଶ୍ଚ ବୁଦ୍ଧିଃ ସା ପାର୍ଥ ତାମସୀ ।। ୧୮-୩୨।।**

(ହେ ଅର୍ଜୁନ ! ଅଜ୍ଞାନ ଦ୍ୱାରା ଆବୃତ ହୋଇଥିବା ଯେଉଁ ବୁଦ୍ଧି ଅଧର୍ମକୁ ଧର୍ମ ବୋଲି ମାନିନିଏ, ତଥା ଅନ୍ୟ ସକଳ ପଦାର୍ଥକୁ ବି ଏହିପରି ବିପରୀତରୂପେ ଧରିନିଏ, ସେହି ବୁଦ୍ଧି ତାମସୀ ଅଟେ ।। ୧୮-୩୨ ।।)

Not For Commercial Use

**ଧୃତ୍ୟା ଯୟା ଧାରୟତେ ମନଃପ୍ରାଣେନ୍ଦ୍ରିୟକ୍ରିୟାଃ ।**
**ଯୋଗେନାବ୍ୟଭିଚାରିଣ୍ୟା ଧୃତିଃ ସା ପାର୍ଥ ସାତ୍ତ୍ୱିକୀ ।। ୧୮-୩୩।।**

(ହେ ପାର୍ଥ ! ଯେଉଁ ଅବ୍ୟଭିଚାରିଣୀ ଧୃତିଦ୍ୱାରା ମନୁଷ୍ୟ ଧ୍ୟାନଯୋଗ ସାଧନାରେ ମନ, ପ୍ରାଣ ଓ ଇନ୍ଦ୍ରିୟମାନଙ୍କର କ୍ରିୟାମାନଙ୍କୁ ଧାରଣ କରେ, ସେହି ଧୃତି ସାତ୍ତ୍ୱିକୀ ଅଟେ ।। ୧୮-୩୩ ।।)

**ଯୟା ତୁ ଧର୍ମକାମାର୍ଥାନ୍-ଧୃତ୍ୟା ଧାରୟତେଽର୍ଜୁନ ।**
**ପ୍ରସଙ୍ଗେନ ଫଲାକାଂକ୍ଷୀ ଧୃତିଃ ସା ପାର୍ଥ ରାଜସୀ ।। ୧୮-୩୪।।**

(ପରନ୍ତୁ ହେ ପୃଥାପୁତ୍ର ଅର୍ଜୁନ ! ଫଳ ଇଚ୍ଛା କରୁଥିବା ମନୁଷ୍ୟ ଯେଉଁ ଧୃତିଦ୍ୱାରା ଅତ୍ୟନ୍ତ ଆସକ୍ତିର ସହିତ ଧର୍ମ, ଅର୍ଥ ଏବଂ କାମକୁ ଧାରଣ କରେ, ସେହି ଧୃତି ରାଜସୀ ଅଟେ ।। ୧୮-୩୪ ।।)

**ଯୟା ସ୍ୱପ୍ନଂ ଭୟଂ ଶୋକଂ ବିଷାଦଂ ମଦମେବ ଚ ।**
**ନ ବିମୁଞ୍ଚତି ଦୁର୍ମେଧା ଧୃତିଃ ସା ପାର୍ଥ ତାମସୀ ।। ୧୮-୩୫।।**

(ହେ ପାର୍ଥ ! ଦୁଷ୍ଟବୁଦ୍ଧି ମନୁଷ୍ୟ ଯେଉଁ ଧୃତିଦ୍ୱାରା ନିଦ୍ରା, ଭୟ, ଚିନ୍ତା ଓ ଦୁଃଖ ତଥା ଉନ୍ମତ୍ତତାକୁ ମଧ୍ୟ ଛାଡେ ନାହିଁ ଅର୍ଥାତ ଧରିରଖେ, ସେହି ଧୃତି ତାମସୀ ଅଟେ ।। ୧୮-୩୫ ।।)

**ସୁଖଂ ତ୍ୱିଦାନୀଂ ତ୍ରିବିଧଂ ଶୃଣୁ ମେ ଭରତର୍ଷଭ ।**
**ଅଭ୍ୟାସାଦ୍ରମତେ ଯତ୍ର ଦୁଃଖାନ୍ତଂ ଚ ନିଗଚ୍ଛତି ।। ୧୮-୩୬।।**
**ଯତ୍ତଦଗ୍ରେ ବିଷମିବ ପରିଣାମେଽମୃତୋପମମ୍ ।**
**ତତ୍-ସୁଖଂ ସାତ୍ତ୍ୱିକଂ ପ୍ରୋକ୍ତମାତ୍ମବୁଦ୍ଧିପ୍ରସାଦଜମ୍ ।। ୧୮-୩୭।।**

(ହେ ଭରତଶ୍ରେଷ୍ଠ ! ବର୍ତ୍ତମାନ ତିନି ପ୍ରକାର ସୁଖକୁ ମଧ୍ୟ ମୋଠାରୁ ଶୁଣ । ସାଧନ, ଭଜନ, ଧ୍ୟାନ ଓ ସେବାଦି ଅଭ୍ୟାସ କରିବା ଦ୍ୱାରା ଯେଉଁ ସୁଖରେ ରମଣ କରନ୍ତି ଏବଂ ଯାହାଦ୍ୱାରା ସକଳ ଦୁଃଖ ନାଶ ହୁଏ, ସେହି ଯେଉଁ ସୁଖ ଆରମ୍ଭରେ ଯଦିଓ ବିଷପରି ଲାଗେ, କିନ୍ତୁ ପରିଣାମରେ ଅମୃତତୁଲ୍ୟ ହୋଇଥାଏ, ପରମାତ୍ମବିଷୟକ ବୁଦ୍ଧିର ପ୍ରସାଦରୁ ଉତ୍ପନ୍ନ ହେଉଥିବା ସେହି ସୁଖକୁ ସାତ୍ତ୍ୱିକ ସୁଖ କୁହାଯାଏ ।। ୧୮-୩୬, ୧୮-୩୭ ।।)



Not For Commercial Use

**ବିଷୟେନ୍ଦ୍ରିୟସଂୟୋଗାଦ୍‌ୟତ୍ତଦଗ୍ରେଽମୃତୋପମମ୍ ।**
**ପରିଣାମେ ବିଷମିବ ତତ୍-ସୁଖଂ ରାଜସଂ ସ୍ମୃତମ୍ ।। ୧୮-୩୮।।**

(ଯେଉଁ ସୁଖ ବିଷୟ ଓ ଇନ୍ଦ୍ରିୟର ସଂଯୋଗରୁ ହୁଏ, ତାହା ପ୍ରଥମେ ଭୋଗକାଳରେ ଅମୃତତୁଲ୍ୟ ପ୍ରତୀତହେଲେ ମଧ୍ୟ, ପରିଣାମରେ ବିଷତୁଲ୍ୟ ଅଟେ; ଏଣୁ ସେହି ସୁଖକୁ ରାଜସ କୁହାଯାଏ ।। ୧୮-୩୮ ।।)

**ଯଦଗ୍ରେ ଚାନୁବନ୍ଧେ ଚ ସୁଖଂ ମୋହନମାତ୍ମନଃ ।**
**ନିଦ୍ରାଲସ୍ୟପ୍ରମାଦୋତ୍ଥଂ ତତ୍ତାମସମୁଦାହୃତମ୍ ।। ୧୮-୩୯।।**

(ଯେଉଁ ସୁଖ ଭୋଗକାଳରେ ତଥା ପରିଣାମରେ ମଧ୍ୟ ଆତ୍ମାର ମୋହକାରକ ଅଟେ, ନିଦ୍ରା, ଆଳସ୍ୟ ଓ ପ୍ରମାଦରୁ ଉତ୍ପନ୍ନ, ସେହି ସୁଖକୁ ତାମସ ବୋଲି କୁହାଯଏ ।। ୧୮-୩୯ ।।)

**ନ ତଦସ୍ତି ପୃଥିବ୍ୟାଂ ବା ଦିବି ଦେବେଷୁ ବା ପୁନଃ ।**
**ସତ୍ତ୍ୱଂ ପ୍ରକୃତିଜୈର୍ମୁକ୍ତଂ ଯଦେଭିଃ ସ୍ୟାତ୍ତ୍ରିଭିର୍ଗୁଣୈଃ ।। ୧୮-୪୦।।**

(ପୃଥିବୀରେ ବା ଆକାଶରେ ଅଥବା ଦେବତାମାନଙ୍କ ଠାରେ ତଥା ଏମାନଙ୍କ ବ୍ୟତୀତ ଅନ୍ୟ କେଉଁଠାରେ ବି ଏପରି କୌଣସି ପ୍ରାଣୀ କିମ୍ବା ପଦାର୍ଥ ନାହିଁ, ଯାହାକି ପ୍ରକୃତିରୁ ଉତ୍ପନ୍ନ ଏହି ତିନିଗୁଣରୁ ମୁକ୍ତ ହୋଇଥାଏ ।। ୧୮-୪୦ ।।)

**ବ୍ରାହ୍ମଣକ୍ଷତ୍ରିୟବିଶାଂ ଶୂଦ୍ରାଣାଂ ଚ ପରନ୍ତପ ।**
**କର୍ମାଣି ପ୍ରବିଭକ୍ତାନି ସ୍ୱଭାବପ୍ରଭବୈର୍ଗୁଣୈଃ ।। ୧୮-୪୧।।**

(ହେ ପରନ୍ତପ ! ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ ଓ ଶୁଦ୍ରମାନଙ୍କର କର୍ମଗୁଡିକ ସ୍ୱଭାବରୁ ଉତ୍ପନ୍ନ ଗୁଣମାନଙ୍କ ଦ୍ୱାରା ବିଭକ୍ତ କରାଯାଇଛି (କୁଳରେ ଜନ୍ମ ଅନୁସାରେ ନୁହେଁ) ।। ୧୮-୪୧ ।।)



Not For Commercial Use

**ଶମୋ ଦମସ୍ତପଃ ଶୌଚଂ କ୍ଷାନ୍ତିରାର୍ଜବମେବ ଚ ।**
**ଜ୍ଞାନଂ ବିଜ୍ଞାନମାସ୍ତିକ୍ୟଂ ବ୍ରହ୍ମକର୍ମ ସ୍ୱଭାବଜମ୍ ।। ୧୮-୪୨।।**

(ଅନ୍ତଃକରଣକୁ ନିଗ୍ରହ କରିବା, ଇନ୍ଦ୍ରିୟମାନଙ୍କୁ ଦମନ କରିବା, ଧର୍ମପାଳନ ପାଇଁ କଷ୍ଟ ସହିବା, ବାହାରେ ଓ ଭିତରେ ଶୁଦ୍ଧ ରହିବା, ଅନ୍ୟର ଅପରାଧ କ୍ଷମା କରିବା; ମନ, ଇନ୍ଦ୍ରିୟ, ଶରୀରକୁ ସରଳ ରଖିବା; ବେଦ, ଶାସ୍ତ୍ର, ଈଶ୍ୱର ଓ ପରଲୋକ ଆଦିରେ ଶ୍ରଦ୍ଧା ରଖିବା, ବେଦାଦି ଶାସ୍ତ୍ରମାନଙ୍କର ଅଧ୍ୟୟନ-ଅଧ୍ୟାପନା କରିବା ଏବଂ ପରମାତ୍ମା ତତ୍ତ୍ୱକୁ ଅନୁଭବ କରିବା - ଏସବୁ ହେଉଛି ବ୍ରାହ୍ମଣମାନଙ୍କର ସ୍ୱାଭାବିକ କର୍ମ (ଜ୍ଞାନୀ ଓ ତ୍ୟାଗୀ) ।। ୧୮ -୪୨ ।।)

**ଶୌର୍ଯ୍ୟଂ ତେଜୋ ଧୃତିର୍ଦାକ୍ଷ୍ୟଂ ଯୁଦ୍ଧେ ଚାପ୍ୟପଲାୟନମ୍ ।**
**ଦାନମୀଶ୍ୱରଭାବଶ୍ଚ କ୍ଷାତ୍ରଂ କର୍ମ ସ୍ୱଭାବଜମ୍ ।। ୧୮-୪୩।।**

(ଶୂରବୀରତା, ତେଜ, ଧୈର୍ଯ୍ୟ, ଦକ୍ଷତା ଏବଂ ଯୁଦ୍ଧରୁ ପଳାଇ ନ ଯିବା, ଦାନ ଦେବା ଏବଂ ସ୍ୱାମିତ୍ୱ – ଏସବୁ ହେଉଛି କ୍ଷତ୍ରିୟମାନଙ୍କର ସ୍ୱାଭାବିକ କର୍ମ ।। ୧୮-୪୩ ।।)

**କୃଷିଗୌରକ୍ଷ୍ୟବାଣିଜ୍ୟଂ ବୈଶ୍ୟକର୍ମ ସ୍ୱଭାବଜମ୍ ।**
**ପରିଚର୍ଯ୍ୟାତ୍ମକଂ କର୍ମ ଶୂଦ୍ରସ୍ୟାପି ସ୍ୱଭାବଜମ୍ ।। ୧୮-୪୪।।**

(କୃଷି, ଗୋପାଳନ, ଏବଂ ବାଣିଜ୍ୟ ଆଦି ସତ୍ୟବ୍ୟବହାର ହେଉଛି ବୈଶ୍ୟମାନଙ୍କର ସ୍ୱାଭାବିକ କର୍ମ, ତଥା ସବୁ ବର୍ଣ୍ଣର ସେବା କରିବା ହେଉଛି ଶୁଦ୍ରମାନଙ୍କର ସ୍ୱାଭାବିକ କର୍ମ ।। ୧୮-୪୪ ।।)

**ସ୍ୱେ ସ୍ୱେ କର୍ମଣ୍ୟଭିରତଃ ସଂସିଦ୍ଧିଂ ଲଭତେ ନରଃ ।**
**ସ୍ୱକର୍ମନିରତଃ ସିଦ୍ଧିଂ ଯଥା ବିନ୍ଦତି ତଚ୍ଛୃଣୁ ।। ୧୮-୪୫।।**

(ନିଜ-ନିଜର ସ୍ୱାଭାବିକ କର୍ମରେ ତତ୍ପରତାର ସହିତ ଲାଗିରହିଥିବା ମନୁଷ୍ୟ ଭଗବତ ପ୍ରାପ୍ତିରୂପକ ପରମସିଦ୍ଧି ପାଇଥାଏ । ନିଜର ସ୍ୱାଭାବିକ କର୍ମରେ ଲାଗିରହିଥିବା ମନୁଷ୍ୟ କର୍ମ କରି କିପରି ପରମ ସିଦ୍ଧି ପାଇଥାଏ, ତାହା ତୁମେ ଶୁଣ ।। ୧୮-୪୫ ।।)

Not For Commercial Use

**ଯତଃ ପ୍ରବୃତ୍ତିର୍ଭୂତାନାଂ ଯେନ ସର୍ବମିଦଂ ତତମ୍ ।**
**ସ୍ୱକର୍ମଣା ତମଭ୍ୟର୍ଚ୍ୟ ସିଦ୍ଧିଂ ବିନ୍ଦତି ମାନବଃ ।। ୧୮-୪୬।।**

(ଯେଉଁ ପରମେଶ୍ୱରଙ୍କ ଠାରୁ ସମସ୍ତ ପ୍ରାଣୀ ଉତ୍ପନ୍ନ ହୋଇଛନ୍ତି ଏବଂ ଯାହାଙ୍କ ଦ୍ୱାରା ଏହି ସମସ୍ତ ଜଗତ ପରିବ୍ୟାପ୍ତ ହୋଇଛି, ସେହି ପରମେଶ୍ୱରଙ୍କୁ ନିଜର ସ୍ୱାଭାବିକ କର୍ମମାନଙ୍କ ଦ୍ୱାରା ପୂଜାକରି ମନୁଷ୍ୟ ପରମସିଦ୍ଧି ପାଇଥାଏ ।। ୧୮-୪୬ ।।)

**ଶ୍ରେୟାନ୍ସ୍ୱଧର୍ମୋ ବିଗୁଣଃ ପରଧର୍ମାତ୍-ସ୍ୱନୁଷ୍ଠିତାତ୍ ।**
**ସ୍ୱଭାବନିୟତଂ କର୍ମ କୁର୍ବନ୍ନାପ୍ନୋତି କିଲ୍-ବିଷମ୍ ।। ୧୮-୪୭।।**

(ଭଲଭାବରେ ଆଚରଣ କରାଯାଇଥିବା ପରମଧର୍ମ ଠାରୁ ନିଜର ସ୍ୱାଭାବିକ ଧର୍ମ ଗୁଣସହିତ ନ ହେଲେ ମଧ୍ୟ ଶ୍ରେଷ୍ଠ ଅଟେ; କାରଣ ସ୍ୱାଭାବ ଦ୍ୱାରା ନିୟତ କରାଯାଇଥିବା ସ୍ୱଧର୍ମରୂପକ କର୍ମ ଆଚରଣ କରୁଥିବା ମନୁଷ୍ୟ ପାପଭାଗୀ ହୁଏ ନାହିଁ ।। ୧୮-୪୭ ।।)

**ସହଜଂ କର୍ମ କୌନ୍ତେୟ ସଦୋଷମପି ନ ତ୍ୟଜେତ୍ ।**
**ସର୍ବାରମ୍ଭା ହି ଦୋଷେଣ ଧୂମେନାଗ୍ନିରିବାବୃତାଃ ।। ୧୮-୪୮।।**

(ଅତଏବ ହେ କୁନ୍ତିପୁତ୍ର ! ଦୋଷଯୁକ୍ତ ହେଲେ ମଧ୍ୟ ସ୍ୱାଭାବିକ କର୍ମ ତ୍ୟାଗ କରିବା ଉଚିତ ନୁହେଁ; କାରଣ ଅଗ୍ନି ଯେପରି ଧୂଆଁଦ୍ୱାରା ଆବୃତ ହୋଇଥାଏ, ସମସ୍ତ କର୍ମ ସେହିପରି କୌଣସି ନା କୌଣସି ଦୋଷରେ ଯୁକ୍ତ ହୋଇଥାଏ ।। ୧୮-୪୮ ।।)

**ଅସକ୍ତବୁଦ୍ଧିଃ ସର୍ବତ୍ର ଜିତାତ୍ମା ବିଗତସ୍ପୃହଃ ।**
**ନୈଷ୍କର୍ମ୍ୟସିଦ୍ଧିଂ ପରମାଂ ସଂନ୍ୟାସେନାଧିଗଚ୍ଛତି ।। ୧୮-୪୯।।**

(ସର୍ବତ୍ର ଆସକ୍ତିଶୂନ୍ୟ, ବୁଦ୍ଧିସମ୍ପନ୍ନ ତଥା ନିଃସ୍ପୃହ ହୋଇ ଅନ୍ତଃକରଣକୁ ଜୟକରିଥିବା ପୁରୁଷ ସାଙ୍ଖ୍ୟଯୋଗ ଦ୍ୱାରା ସେହି ପରମ ନୈଷ୍କର୍ମ୍ୟସିଦ୍ଧି ପ୍ରାପ୍ତ ହୁଅନ୍ତି ।। ୧୮-୪୯ ।।)

Not For Commercial Use

**ସିଦ୍ଧିଂ ପ୍ରାପ୍ତୋ ଯଥା ବ୍ରହ୍ମ ତଥାପ୍ନୋତି ନିବୋଧ ମେ ।**
**ସମାସେନୈବ କୌନ୍ତେୟ ନିଷ୍ଠା ଜ୍ଞାନସ୍ୟ ଯା ପରା ।। ୧୮-୫୦।।**

(ଯାହା ଜ୍ଞାନଯୋଗର ପରାନିଷ୍ଠା ଅଟେ, ସେହି ନୈଷ୍କର୍ମ୍ୟସିଦ୍ଧିକୁ ଯେଉଁ ପ୍ରଣାଳୀରେ ଲାଭ କରି ମନୁଷ୍ୟ ବ୍ରହ୍ମପ୍ରାପ୍ତ ହୁଏ, ହେ କୁନ୍ତିପୁତ୍ର ! ସେହି ପ୍ରଣାଳୀ ତୁମେ ମୋଠାରୁ ସଂକ୍ଷେପରେ ବୁଝିନିଅ ।। ୧୮-୫୦ ।।)

**ବୁଦ୍ଧ୍ୟା ବିଶୁଦ୍ଧୟା ଯୁକ୍ତୋ ଧୃତ୍ୟାତ୍ମାନଂ ନିୟମ୍ୟ ଚ ।**
**ଶବ୍ଦାଦୀନ୍-ବିଷୟାଂସ୍ତ୍ୟକ୍ତ୍ୱା ରାଗଦ୍ୱେଷୌ ବ୍ୟୁଦସ୍ୟ ଚ ।। ୧୮-୫୧।।**
**ବିବିକ୍ତସେବୀ ଲଘ୍ୱାଶୀ ଯତବାକ୍କାୟମାନସଃ ।**
**ଧ୍ୟାନଯୋଗପରୋ ନିତ୍ୟଂ ବୈରାଗ୍ୟଂ ସମୁପାଶ୍ରିତଃ ।। ୧୮-୫୨।।**
**ଅହଂକାରଂ ବଲଂ ଦର୍ପଂ କାମଂ କ୍ରୋଧଂ ପରିଗ୍ରହମ୍ ।**
**ବିମୁଚ୍ୟ ନିର୍ମମଃ ଶାନ୍ତୋ ବ୍ରହ୍ମଭୂୟାୟ କଳ୍ପତେ ।। ୧୮-୫୩।।**

(ବିଶୁଦ୍ଧବୁଦ୍ଧିରେ ଯୁକ୍ତ ହୋଇଥିବା, ସରଳ-ସାତ୍ତ୍ୱିକ-ନିୟମିତ ଆହାର କରୁଥିବା, ଶବ୍ଦାଦି ବିଷୟ ତ୍ୟାଗ କରି ଏକାନ୍ତ ଓ ପବିତ୍ର ସ୍ଥାନରେ ନିବାସ କରୁଥିବା, ସାତ୍ତ୍ୱିକ ଧାରଣଶକ୍ତି ଦ୍ୱାରା ଅନ୍ତଃକରଣ ଓ ଇନ୍ଦ୍ରିୟମାନଙ୍କୁ ସଂଯମ କରି ମନ, ବାଣୀ ଏବଂ ଶରୀରକୁ ବଶରେ ରଖିଥିବା, ରାଗଦ୍ୱେଷକୁ ସର୍ବଥା ନଷ୍ଟ କରି ଦୃଢ ବୈରାଗ୍ୟର ଆଶ୍ରୟ ନେଇଥିବା, ତଥା ଅହଂକାର, ବଳ, ଗର୍ବ, କାମ, କ୍ରୋଧ ଓ ପରିଗ୍ରହ ତ୍ୟାଗ କରି ନିରନ୍ତର ଧ୍ୟାନଯୋଗରେ ପରାୟଣ ହୋଇ ରହୁଥିବା ମମତ୍ୱଶୂନ୍ୟ ଓ ପ୍ରଶାନ୍ତଚିତ୍ତ ପୁରୁଷ ବ୍ରହ୍ମରେ ଅଭିନ୍ନଭାବରେ ଅବସ୍ଥିତ ହେବାର ପାତ୍ର ହୁଅନ୍ତି ।। ୧୮-୫୧, ୧୮-୫୨, ୧୮-୫୩ ।।)

**ବ୍ରହ୍ମଭୂତଃ ପ୍ରସନ୍ନାତ୍ମା ନ ଶୋଚତି ନ କାଂକ୍ଷତି ।**
**ସମଃ ସର୍ବେଷୁ ଭୂତେଷୁ ମଦ୍-ଭକ୍ତିଂ ଲଭତେ ପରାମ୍ ।। ୧୮-୫୪।।**

(ପୁଣି ସେହି ବ୍ରହ୍ମରେ ଏକୀଭାବରେ ସ୍ଥିତ ପ୍ରସନ୍ନଚିତ୍ତ ଯୋଗୀ କାହାରି ପାଇଁ ଶୋକ କରନ୍ତି ନାହିଁ, କି କିଛି ଆକାଂକ୍ଷା କରନ୍ତି ନାହିଁ । ସମସ୍ତ ପ୍ରାଣୀଙ୍କ ଠାରେ ସମଭାବ ରଖୁଥିବା ସେହି ଯୋଗୀ ମୋର ପରାଭକ୍ତି ଲାଭ କରନ୍ତି ।। ୧୮-୫୪ ।।)

Not For Commercial Use

**ଭକ୍ତ୍ୟା ମାମଭିଜାନାତି ଯାବାନ୍ୟଶ୍ଚାସ୍ମି ତତ୍ତ୍ୱତଃ ।**
**ତତୋ ମାଂ ତତ୍ତ୍ୱତୋ ଜ୍ଞାତ୍ୱା ବିଶତେ ତଦନନ୍ତରମ୍ ।। ୧୮-୫୫।।**

(ସେହି ପରାଭକ୍ତି ଦ୍ୱାରା ସେ, 'ମୁଁ କ'ଣ ଓ କେଉଁପରି ପ୍ରଭାବ ବିଶିଷ୍ଟ', ତାହା ଠିକ ସେହିପରି ତତ୍ତ୍ୱତଃ ଜାଣିପାରନ୍ତି ଏବଂ ସେହି ଭକ୍ତି ଦ୍ୱାରା ମୋତେ ତତ୍ତ୍ୱତଃ ଜାଣି ସେହିକ୍ଷଣି ମୋ ଭିତରେ ପ୍ରବିଷ୍ଟ ହୋଇଯାଆନ୍ତି ଅର୍ଥାତ, ମୋ ସହିତ ଏକ ହୋଇଯାଆନ୍ତି ।। ୧୮-୫୫ ।।)

**ସର୍ବକର୍ମାଣ୍ୟପି ସଦା କୁର୍ବାଣୋ ମଦ୍ବ୍ୟପାଶ୍ରୟଃ ।**
**ମତ୍-ପ୍ରସାଦାଦବାପ୍ନୋତି ଶାଶ୍ୱତଂ ପଦମବ୍ୟୟମ୍ ।। ୧୮-୫୬।।**

(ମୋର ପରାୟଣ ହୋଇଥିବା କର୍ମଯୋଗୀ ସଦାସର୍ବଦା ସକଳ କର୍ମ କରୁଥିଲେ ମଧ୍ୟ ମୋ କୃପାରୁ ସନାତନ ଅବିନାଶୀ ପରମପଦ ପ୍ରାପ୍ତ ହୋଇଯାଆନ୍ତି ।। ୧୮-୫୬ ।।)

**ଚେତସା ସର୍ବକର୍ମାଣି ମୟି ସଂନ୍ୟସ୍ୟ ମତ୍ପରଃ ।**
**ବୁଦ୍ଧିଯୋଗମୁପାଶ୍ରିତ୍ୟ ମଚ୍ଚିତ୍ତଃ ସତତଂ ଭବ ।। ୧୮-୫୭।।**

(ମନଦ୍ୱାରା ମୋଠାରେ ସମସ୍ତ କର୍ମ ଅର୍ପଣ କରିଦେଇ ତଥା ସମବୁଦ୍ଧିରୂପକ ଯୋଗ ଅବଲମ୍ବନ କରି ମୋର ପରାୟଣ ହୋଇଯାଅ ଏବଂ ନିରନ୍ତର ମୋଠାରେ ଯୁକ୍ତଚିତ୍ତ ହୋଇଯାଅ ।। ୧୮-୫୭ ।।)

**ମଚ୍ଚିତ୍ତଃ ସର୍ବଦୁର୍ଗାଣି ମତ୍-ପ୍ରସାଦାତ୍ତରିଷ୍ୟସି ।**
**ଅଥ ଚେତ୍ତ୍ୱମହଂକାରାନ୍ନ ଶ୍ରୋଷ୍ୟସି ବିନଙ୍କ୍ଷ୍ୟସି ।। ୧୮-୫୮।।**

(ଉପରୋକ୍ତ ପ୍ରକାରେ ମୋଠାରେ ଯୁକ୍ତଚିତ୍ତ ହୋଇ ତୁମେ ମୋରି କୃପାରୁ ଅନାୟାସରେ ସମସ୍ତ ସଙ୍କଟରୁ ପାର ହୋଇଯିବ ଏବଂ ଯଦି ଅହଂକାରହେତୁ ମୋ କଥା ଶୁଣିବ ନାହିଁ, ତେବେ ନଷ୍ଟ ହୋଇଯିବ ଅର୍ଥାତ, ପରମାର୍ଥରୁ ଭ୍ରଷ୍ଟ ହୋଇଯିବ ।। ୧୮-୫୮ ।।)

Not For Commercial Use

**ଯଦହଂକାରମାଶ୍ରିତ୍ୟ ନ ଯୋତ୍ସ୍ୟ ଇତି ମନ୍ୟସେ ।**
**ମିଥ୍ୟୈଷ ବ୍ୟବସାୟସ୍ତେ ପ୍ରକୃତିସ୍ତ୍ୱାଂ ନିୟୋକ୍ଷ୍ୟତି ।। ୧୮-୫୯।।**

(ତୁମେ ଯଦି ଅହଂକାରକୁ ଆଶ୍ରୟ କରି "ମୁଁ ଯୁଦ୍ଧ କରିବି ନାହିଁ", ବୋଲି ଧରି ବସିଛ; ତୁମର ସେହି ସିଦ୍ଧାନ୍ତ ମିଥ୍ୟା; କାରଣ ତୁମର ପ୍ରକୃତି ତୁମକୁ ବଳପୂର୍ବକ ଯୁଦ୍ଧରେ ଲଗାଇଦେବ ।। ୧୮-୫୯ ।।)

**ସ୍ୱଭାବଜେନ କୌନ୍ତେୟ ନିବଦ୍ଧଃ ସ୍ୱେନ କର୍ମଣା ।**
**କର୍ତ୍ତୁଂ ନେଚ୍ଛସି ଯନ୍ମୋହାତ୍-କରିଷ୍ୟସ୍ୟବଶୋଽପି ତତ୍ ।। ୧୮-୬୦।।**

(ହେ କୁନ୍ତିପୁତ୍ର ! ତୁମେ ମୋହହେତୁ ଯେଉଁ କର୍ମ କରିବାକୁ ଇଚ୍ଛା କରୁନାହଁ; ତାହା ମଧ୍ୟ ନିଜର ପୂର୍ବକୃତ ସ୍ୱାଭାବିକ କର୍ମଦ୍ୱାରା ବାନ୍ଧିହୋଇ, ପରବଶ ହୋଇ କରିବ ।। ୧୮-୬୦ ।।)

**ଈଶ୍ୱରଃ ସର୍ବଭୂତାନାଂ ହୃଦ୍ଦେଶେଽର୍ଜୁନ ତିଷ୍ଠତି ।**
**ଭ୍ରାମୟନ୍ସର୍ବଭୂତାନି ଯନ୍ତ୍ରାରୂଢାନି ମାୟୟା ।। ୧୮-୬୧।।**

(ହେ ଅର୍ଜୁନ ! ଶରୀରରୂପକ ଯନ୍ତ୍ରରେ ଆରୁଢ ହୋଇଥିବା ସମସ୍ତ ପ୍ରାଣୀଙ୍କୁ ନିଜର ମାୟା ଦ୍ୱାରା ସେମାନଙ୍କର କର୍ମାନୁସାରେ ଚାଳିତ କରାଇ ଅନ୍ତର୍ଯାମୀ ପରମେଶ୍ୱର ସମସ୍ତ ପ୍ରାଣୀଙ୍କ ହୃଦୟରେ ନିବାସ କରନ୍ତି ।। ୧୮-୬୧ ।।)

**ତମେବ ଶରଣଂ ଗଚ୍ଛ ସର୍ବଭାବେନ ଭାରତ ।**
**ତତ୍-ପ୍ରସାଦାତ୍-ପରାଂ ଶାନ୍ତିଂ ସ୍ଥାନଂ ପ୍ରାପ୍-ସ୍ୟସି ଶାଶ୍ୱତମ୍ ।। ୧୮-୬୨।।**

(ହେ ଭାରତ ! ତୁମେ ସର୍ବତୋଭାବେ ସେହି ପରମେଶ୍ୱରଙ୍କ ଶରଣ ହୋଇଯାଅ । ସେହି ପରମାତ୍ମାଙ୍କ କୃପାରୁ ତୁମେ ପରମ ଶାନ୍ତି ତଥା ସନାତନ ପରମଧାମ ପ୍ରାପ୍ତ ହେବ ।। ୧୮-୬୨ ।।)

Not For Commercial Use

**ଇତି ତେ ଜ୍ଞାନମାଖ୍ୟାତଂ ଗୁହ୍ୟାଦ୍-ଗୁହ୍ୟତରଂ ମୟା ।**
**ବିମୃଶ୍ୟୈତଦଶେଷେଣ ଯଥେଚ୍ଛସି ତଥା କୁରୁ ।। ୧୮-୬୩।।**

(ଏହିପରି ଭାବରେ ଗୋପନୀୟ ଠାରୁ ମଧ୍ୟ ଅତି ଗୋପନୀୟ ଏହି ଜ୍ଞାନ ମୁଁ ତୁମକୁ କହିଦେଲି । ବର୍ତ୍ତମାନ ତୁମେ ଏହି ରହସ୍ୟଯୁକ୍ତ ଜ୍ଞାନକୁ ପୂର୍ଣ୍ଣରୂପେ ଭଲଭାବରେ ବିଚାର କରି, ଯେପରି ଇଚ୍ଛା କରୁଛ, ସେପରି କର ।। ୧୮-୬୩ ।।)

**ସର୍ବଗୁହ୍ୟତମଂ ଭୂୟଃ ଶୃଣୁ ମେ ପରମଂ ବଚଃ ।**
**ଇଷ୍ଟୋଽସି ମେ ଦୃଢମିତି ତତୋ ବକ୍ଷ୍ୟାମି ତେ ହିତମ୍ ।। ୧୮-୬୪।।**

(ସକଳଗୋପନୀୟ ଠାରୁ ଅଧିକ ଗୋପନୀୟ ମୋର ପରମ ରହସ୍ୟଯୁକ୍ତ ବଚନ ତୁମେ ପୁଣି ଥରେ ଶୁଣ । ତୁମେ ମୋର ଅତ୍ୟାଧିକ ପ୍ରିୟ; ତେଣୁ ତୁମକୁ ଏହି ପରମ ହିତକର ବଚନ ପୁନର୍ବାର କହିବି ।। ୧୮-୬୪ ।।)

**ମନ୍ମନା ଭବ ମଦ୍-ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ ।**
**ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋଽସି ମେ ।। ୧୮-୬୫।।**

(ହେ ଅର୍ଜୁନ ! ତୁମେ ମୋଠାରେ ମନ ଲଗାଅ; ମୋର ଭକ୍ତ ହୋଇଯାଅ; ମୋର ପୂଜକ ହୋଇଯାଅ; ମୋତେ ପ୍ରଣାମ କର । ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ; ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି; କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ ।। ୧୮-୬୫ ।।)

**ସର୍ବଧର୍ମାନ୍‌ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।**
**ଅହଂ ତ୍ୱା ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।। ୧୮-୬୬।।**

(ସମସ୍ତ ଧର୍ମମାନଙ୍କୁ ଅର୍ଥାତ, ସମସ୍ତ କର୍ତ୍ତବ୍ୟକର୍ମମାନଙ୍କୁ ମୋଠାରେ ତ୍ୟାଗ କରିଦେଇ ତୁମେ ମୋର ଶରଣକୁ ଆସିଯାଅ । ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିଦେବି; ତୁମେ ଶୋକ କର ନାହିଁ ।। ୧୮-୬୬ ।।)

Not For Commercial Use

**ଇଦଂ ତେ ନାତପସ୍କାୟ ନାଭକ୍ତାୟ କଦାଚନ ।**
**ନ ଚାଶୁଶ୍ରୂଷବେ ବାଚ୍ୟଂ ନ ଚ ମାଂ ଯୋଽଭ୍ୟସୂୟତି ।। ୧୮-୬୭।।**

(ଏହି ଗୀତାରୂପକ ରହସ୍ୟମୟ ଉପଦେଶ କୌଣସି କାଳରେ ବି ତପସ୍ୟା ବିହୀନ ମନୁଷ୍ୟକୁ କହିବା ଉଚିତ ନୁହେଁ; ଭକ୍ତିଶୂନ୍ୟ ମନୁଷ୍ୟକୁ ଏବଂ ଶୁଣିବାକୁ ଅନିଚ୍ଛୁକ ମନୁଷ୍ୟକୁ ମଧ୍ୟ କହିବା ଉଚିତ ନୁହେଁ । ଯିଏ ମୋଠାରେ ଦୋଷଦୃଷ୍ଟି ରଖେ, ତାକୁ ତ କଦାପି କହିବା ଉଚିତ ନୁହେଁ ।। ୧୮-୬୭ ।।)

**ୟ ଇଦଂ ପରମଂ ଗୁହ୍ୟଂ ମଦ୍-ଭକ୍ତେଷ୍ୱଭିଧାସ୍ୟତି ।**
**ଭକ୍ତିଂ ମୟି ପରାଂ କୃତ୍ୱା ମାମେବୈଷ୍ୟତ୍ୟସଂଶୟଃ ।। ୧୮-୬୮।।**

(ଯେଉଁ ପୁରୁଷ ମୋଠାରେ ପରମପ୍ରେମ କରି ଏହି ପରମ ରହସ୍ୟଯୁକ୍ତ ଗୀତୋପଦେଶ ମୋର ଭକ୍ତମାନଙ୍କ ମଧ୍ୟରେ କହିବ, ସେ ମୋତେ ହିଁ ପ୍ରାପ୍ତ ହେବେ; ଏଥିରେ କୌଣସି ସନ୍ଦେହ ନାହିଁ ।। ୧୮-୬୮ ।।)

**ନ ଚ ତସ୍ମାନ୍ମନୁଷ୍ୟେଷୁ କଶ୍ଚିନ୍ମେ ପ୍ରିୟକୃତ୍ତମଃ ।**
**ଭବିତା ନ ଚ ମେ ତସ୍ମାଦନ୍ୟଃ ପ୍ରିୟତରୋ ଭୁବି ।। ୧୮-୬୯।।**

(ତାଙ୍କ ଠାରୁ ବଡ ହୋଇ ପ୍ରିୟକାର୍ଯ୍ୟ କରୁଥିବା ବ୍ୟକ୍ତି ମନୁଷ୍ୟମାନଙ୍କ ମଧ୍ୟରେ ଆଉ କେହି ନାହିଁ; ତଥା ସମଗ୍ର ପୃଥିବୀରେ ତାଙ୍କ ଠାରୁ ବଳି ମୋର ଅନ୍ୟ କେହି ପ୍ରିୟ ବ୍ୟକ୍ତି ଭବିଷ୍ୟତରେ ମଧ୍ୟ ହେବ ନାହିଁ ।। ୧୮-୬୯ ।।)

**ଅଧ୍ୟେଷ୍ୟତେ ଚ ୟ ଇମଂ ଧର୍ମ୍ୟଂ ସଂବାଦମାବୟୋଃ ।**
**ଜ୍ଞାନୟଜ୍ଞେନ ତେନାହମିଷ୍ଟଃ ସ୍ୟାମିତି ମେ ମତିଃ ।। ୧୮-୭୦।।**

(ଯେଉଁ ପୁରୁଷ ଆମ ଦୁହିଁଙ୍କର ଏହି ଧର୍ମମୟ ସଂବାଦରୂପକ ଗୀତାଶାସ୍ତ୍ର ଅଧ୍ୟୟନ କରିବେ, ତାଙ୍କ ଦ୍ୱାରା ମଧ୍ୟ ମୁଁ ଜ୍ଞାନଯଜ୍ଞରେ ପୂଜିତ ହେବି; ଏହା ମୋର ମତ ।। ୧୮-୭୦ ।।)

Not For Commercial Use

**ଶ୍ରଦ୍ଧାବାନନସୂୟଶ୍ଚ ଶୃଣୁୟାଦପି ୟୋ ନରଃ ।**
**ସୋଽପି ମୁକ୍ତଃ ଶୁଭାଁଲ୍ଲୋକାନ୍ପ୍ରାପ୍ନୁୟାତ୍ପୁଣ୍ୟକର୍ମଣାମ୍ ।। ୧୮-୭୧।।**

(ଯେଉଁ ମନୁଷ୍ୟ ଶ୍ରଦ୍ଧାଯୁକ୍ତ ଏବଂ ଦୋଷଦୃଷ୍ଟି ମୁକ୍ତ ହୋଇ ଏହି ଗୀତାଶାସ୍ତ୍ର ଶ୍ରବଣମାତ୍ର କରିବେ, ସେ ମଧ୍ୟ ପାପମୁକ୍ତ ହୋଇ ଉତ୍ତମ କର୍ମକାରୀମାନଙ୍କର ଶ୍ରେଷ୍ଠ ଲୋକମାନଙ୍କୁ ପ୍ରାପ୍ତ ହେବେ ।। ୧୮-୭୧ ।।)

**କଚ୍ଚିଦେତଚ୍ଛ୍ରୁତଂ ପାର୍ଥ ତ୍ୱୟୈକାଗ୍ରେଣ ଚେତସା ।**
**କଚ୍ଚିଦଜ୍ଞାନସମ୍ମୋହଃ ପ୍ରନଷ୍ଟସ୍ତେ ଧନଂଜୟ ।। ୧୮-୭୨।।**

(ହେ ପାର୍ଥ ! କଣ ଏହି ଗୀତାଶାସ୍ତ୍ରକୁ ତୁମେ ଏକାଗ୍ରଚିତ୍ତରେ ଶ୍ରବଣ କରିଛ ? ଏବଂ ହେ ଧନଂଜୟ କ'ଣ ତୁମର ଅଜ୍ଞାନ ଜନିତ ମୋହ ନଷ୍ଟ ହୋଇଗଲା ? ।। ୧୮-୭୨ ।।)

**। ଅର୍ଜୁନ ଉବାଚ ।**

**ନଷ୍ଟୋ ମୋହଃ ସ୍ମୃତିର୍ଲବ୍ଧା ତ୍ୱତ୍-ପ୍ରସାଦାନ୍ମୟାଚ୍ୟୁତ ।**
**ସ୍ଥିତୋଽସ୍ମି ଗତସନ୍ଦେହଃ କରିଷ୍ୟେ ବଚନଂ ତବ ।। ୧୮-୭୩।।**

(ଅର୍ଜୁନ କହିଲେ - ହେ ଅଚ୍ୟୁତ ! ଆପଣଙ୍କ କୃପାରୁ ମୋର ମୋହ ନଷ୍ଟ ହୋଇଗଲା ଏବଂ ମୁଁ ସ୍ମୃତି ପାଇଗଲି; ମୁଁ ବର୍ତ୍ତମାନ ସଂପୂର୍ଣ୍ଣ ନିଃସଂଶୟ ହୋଇଗଲି; ତେଣୁ ମୁଁ ଆପଣଙ୍କ ଆଜ୍ଞା ପାଳନ କରିବି ।। ୧୮-୭୩ ।।)

**। ସଂଜୟ ଉବାଚ ।**

**ଇତ୍ୟହଂ ବାସୁଦେବସ୍ୟ ପାର୍ଥସ୍ୟ ଚ ମହାତ୍ମନଃ ।**
**ସଂବାଦମିମମଶ୍ରୌଷମଦ୍-ଭୁତଂ ରୋମହର୍ଷଣମ୍ ।। ୧୮-୭୪।।**

(ସଂଜୟ କହିଲେ - ଏହିପରି ମୁଁ ଶ୍ରୀବାସୁଦେବଙ୍କର ଏବଂ ମହାତ୍ମା ଅର୍ଜୁନଙ୍କର ଏହି ଅଦ୍-ଭୁତ ରହସ୍ୟଯୁକ୍ତ ରୋମାଞ୍ଚକର ସମ୍ବାଦ ଶୁଣିଲି ।। ୧୮-୭୪ ।।)



Not For Commercial Use

**ବ୍ୟାସପ୍ରସାଦାଚ୍ଛ୍ରୁତବାନେତଦ୍ଗୁହ୍ୟମହଂ ପରମ୍ ।**
**ଯୋଗଂ ଯୋଗେଶ୍ୱରାତ୍‌କୃଷ୍ଣାତ୍-ସାକ୍ଷାତ୍-କଥୟତଃ ସ୍ୱୟମ୍ ।। ୧୮-୭୫।।**

(ଶ୍ରୀବ୍ୟାସଦେବଙ୍କ କୃପାରୁ ଦିବ୍ୟଦୃଷ୍ଟି ପାଇ ମୁଁ ଏହି ପରମ ଗୋପନୀୟ ଯୋଗ ଅର୍ଜୁନଙ୍କୁ କହୁଥିବା ସ୍ୱୟଂ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣଙ୍କ ମୁଖରୁ ପ୍ରତ୍ୟକ୍ଷ ଶୁଣିଲି ।। ୧୮-୭୫ ।।)

**ରାଜନ୍‌ସଂସ୍ମୃତ୍ୟ ସଂସ୍ମୃତ୍ୟ ସଂବାଦମିମମଦ୍-ଭୁତମ୍ ।**
**କେଶବାର୍ଜୁନୟୋଃ ପୁଣ୍ୟଂ ହୃଷ୍ୟାମି ଚ ମୁହୁର୍ମୁହୁଃ ।। ୧୮-୭୬।।**

(ହେ ରାଜନ୍ ! ଭଗବାନ ଶ୍ରୀକୃଷ୍ଣ ଏବଂ ଅର୍ଜୁନଙ୍କର ଏହି ରହସ୍ୟମୟ, କଲ୍ୟାଣକର ଏବଂ ଅଦ୍-ଭୁତ ସମ୍ବାଦ ସ୍ମରଣ କରି କରି ମୁଁ ବାରମ୍ବାର ହର୍ଷିତ ହେଉଛି ।। ୧୮-୭୬ ।।)

**ତଚ୍ଚ ସଂସ୍ମୃତ୍ୟ ସଂସ୍ମୃତ୍ୟ ରୂପମତ୍ୟଦ୍-ଭୁତଂ ହରେଃ ।**
**ବିସ୍ମୟୋ ମେ ମହାନ୍ ରାଜନ୍‌ହୃଷ୍ୟାମି ଚ ପୁନଃ ପୁନଃ ।। ୧୮-୭୭।।**

(ହେ ରାଜନ ! ଶ୍ରୀହରିଙ୍କର ସେହି ଅତ୍ୟନ୍ତ ଅଦ୍-ଭୁତ ରୂପ ସ୍ମରଣ କରି କରି ମୋର ଚିତ୍ତରେ ବଡ ବିସ୍ମୟ ଜାତ ହେଉଛି ଏବଂ ମୁଁ ବାରମ୍ବାର ହର୍ଷିତ ହେଉଛି ।। ୧୮-୭୭ ।।)

**ଯତ୍ର ଯୋଗେଶ୍ୱରଃ କୃଷ୍ଣୋ ଯତ୍ର ପାର୍ଥୋ ଧନୁର୍ଧରଃ ।**
**ତତ୍ର ଶ୍ରୀର୍ବିଜୟୋ ଭୂତିର୍ଧ୍ରୁବା ନୀତିର୍ମତିର୍ମମ ।। ୧୮-୭୮।।**

(ହେ ରାଜନ୍ ! ଯେଉଁଠାରେ ଯୋଗେଶ୍ୱର ଭଗବାନ ଶ୍ରୀକୃଷ୍ଣ ଅଛନ୍ତି ଏବଂ ଯେଉଁଠାରେ ଗାଣ୍ଡିବ ଧନୁଧାରୀ ଅର୍ଜୁନ ଅଛନ୍ତି, ସେଠାରେ ଶ୍ରୀ, ବିଜୟ, ବିଭୂତି ଏବଂ ଅଟଳ ନୀତି ରହିଛି; ଏହା ମୋର ମତ ।। ୧୮-୭୮ ।।)

**ଓଁ ତତ୍ସଦିତି ଶ୍ରୀମଦ୍-ଭଗବଦ୍-ଗୀତାସୂପନିଷତ୍ସୁ**
**ବ୍ରହ୍ମବିଦ୍ୟାୟାଂ ଯୋଗଶାସ୍ତ୍ରେ ଶ୍ରୀକୃଷ୍ଣାର୍ଜୁନସଂବାଦେ**
**ମୋକ୍ଷସଂନ୍ୟାସଯୋଗୋ ନାମ ଅଷ୍ଟାଦଶୋଽଧ୍ୟାୟଃ ।। ୧୮।।**

Not For Commercial Use

ୟଦକ୍ଷରପଦଭ୍ରଷ୍ଟଂ ମାତ୍ରାହୀନଂ ତୁ ୟଦ୍-ଭବେତ୍ ।
ତତ୍-ସର୍ବ କ୍ଷମତାଂ ଦେବ ନାରାୟଣ ନମୋଽସ୍ତୁତେ ।।
ବିସର୍ଗବିନ୍ଦୁମାତ୍ରାଣି ପଦପାଦାକ୍ଷରାଣି ଚ ।
ନ୍ୟୂନାନି ଚାତିରିକ୍ତାନି କ୍ଷମସ୍ୱ ପୁରୁଷୋତ୍ତମ ।।

ଓଁ ତତ୍ ସତ୍ । ସର୍ବମ୍ ଶ୍ରୀ କୃଷ୍ଣାର୍ପଣାମସ୍ତୁ ।
ଓଁ ଶାନ୍ତିଃ ଶାନ୍ତିଃ ଶାନ୍ତିଃ ।

**ଓଁ**

ଶାନ୍ତାକାରଂ ଭୁଜଗଶୟନଂ ପଦ୍ମନାଭଂ ସୁରେଶମ୍ ।
ବିଶ୍ୱାଧାରଂ ଗଗନସଦୃଶଂ ମେଘବର୍ଣ୍ଣଂ ଶୁଭାଙ୍ଗମ୍ ।
ଲକ୍ଷ୍ମୀକାନ୍ତଂ କମଲନୟନଂ ୟୋଗିଭିର୍ଧ୍ୟାନଗମ୍ୟମ୍ ।
ବନ୍ଦେ ବିଷ୍ଣୁଂ ଭବଭୟହରଂ ସର୍ବଲୋକୈକନାଥମ୍ ।।

---

ଏହି ପୁସ୍ତକରେ ବ୍ୟବହାର ହୋଇଥିବା ଶ୍ଲୋକ ମାନଙ୍କର ଓଡିଆ ଅର୍ଥ, ଶ୍ରୀ ଜୟଦୟାଲ ଗୋୟନ୍ଦକ ଙ୍କ ଦ୍ୱାରା "ଶ୍ରୀମଦ୍ ଭଗବଦ୍-ଗୀତା" (ଗୀତା ପ୍ରେସ୍, ଗୋରଖପୁର୍, #1100, ISBN-81-293-0066-4) ଓଡିଆ ପୁସ୍ତକରୁ ନିଆଯାଇଛି ।

ଭୁଲ୍ ସୁଧାର ଯୋଗାଯୋଗ – prakash.pradhan@hotmail.com

Not For Commercial Use



**ଶ୍ରୀମଦ୍ଭ ଭଗବଦ୍ ଗୀତା - ଓଡ଼ିଆ (ଅର୍ଥାନୁବାଦ ସହିତ)**